R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୧
ତିଥି: ଏକାଦଶୀ
୧୫ ଡିସେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 71
15 December 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur


## ସିଡ୍‌ନୀର ବଣ୍ଡି ବିଚରେ ଆଖିବୁଜା ଗୁଳିମାଡ଼

# ୧୨ ମୃତ, ୨୯ ଆହତ



ନୂଆଦିଲ୍ଲୀ,୧୪।୧୨: ଅଷ୍ଟ୍ରେଲିଆର ସିଡନୀ ବଣ୍ଡି ବିଚରେ ଆଖିବୁଜା ଗୁଳିଚାଳନା ଯୋଗୁଁ ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୯ରୁ ଅଧିକ ଆହତ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଦୁଇ ବନ୍ଧୁକଧାରୀ ରବିବାର ସନ୍ଧ୍ୟାରେ ସେଠାରେ ଏହି ଆକ୍ରମଣ କରିଛନ୍ତି। ଇହୁଦି ପର୍ବ ପାଳନ ବେଳେ ଏଭଳି କାଣ୍ଡ ଘଟିଛି। ନ୍ୟୁ ସାଉଥ ୱେଲ୍ସ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ସାରା ଅଞ୍ଚଳକୁ ସିଲ୍ କରିଛି।

ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷଙ୍କ କହିବା ଅନୁଯାଇ ୨ ବନ୍ଧୁକଧାରୀ ବ୍ୟକ୍ତି ବଣ୍ଡି ବିଚ ଗତିରେ ପହଞ୍ଚିଥିଲେ। ସେଠାରେ ଶତାଧିକ ଲୋକ ଏକାଠି ହୋଇ ୟୁଇଦି ପର୍ବ ପାଳନ କରୁଥିଲେ। ଏହି ସମୟରେ ସେମାନେ

- ଇହୁଦି ସମ୍ପ୍ରଦାୟର କାର୍ଯ୍ୟକ୍ରମ ବେଳେ ଅଘଟଣ
- ବନ୍ଧୁକଧାରୀ ବ୍ୟକ୍ତିଙ୍କୁ ଚିହ୍ନଟ କଲା ପୋଲିସ
- ଘଟଣାକୁ ନିନ୍ଦା କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ଆଖିବୁଜା ଗୁଳିଚାଳନା କରିଥିଲେ। ସେଠାରେ ପୋଲିସ୍ ମୁତୟନ କରାଯାଇଛି। ଉପସ୍ଥିତ ଲୋକଙ୍କୁ ଘଟଣାସ୍ଥଳ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଡନୀର ଜୈଶି ସମ୍ପ୍ରଦାୟୀ ପକ୍ଷରୁ ଏହି ଆକ୍ରମଣ କରାଯାଇଥିବା କୁହାଯାଉଛି। ଏହି ଆକ୍ରମଣରେ ଜଣେ ଶିଶୁ ଓ ପୋଲିସ ଅଧିକାରୀଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଜଣେ ଆକ୍ରମଣକାରୀଙ୍କୁ ପୋଲିସ୍ ଚିହ୍ନଟ କରିଛି। ତାର ନାମ ନଭେଦ ଆକ୍ରମଣ। ସିଡୀନର ବୋନିରିକ ଅଞ୍ଚଳରେ ତାର ଘର ଜଣେ ବନ୍ଧୁକଧାରୀଙ୍କୁ ଘଟଣାସ୍ଥଳରେ ପୋଲିସ୍ ଗୁଳିରେ ପ୍ରାଣ ହରାଇଛନ୍ତି ଓ ଅନ୍ୟ ଜଣଙ୍କୁ ଗିରଫ କରାଯାଇଛି। ପୋଲିସର ଗୁଳି ବାଜିବା ଯୋଗୁଁ ସେ ଗୁରୁତର ହୋଇଛି। ୨ ପୋଲିସ ଅଧିକାରୀ ମଧ ଆହତ ହୋଇଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ଏହି ଗଣହତ୍ୟାକୁ ବିଭିସିକା ବୋଲି କହିଛନ୍ତି। ଏହାକୁ ଏକ ଲକ୍ଷ୍ୟ ନେଇ ଆକ୍ରମଣ କରାଯାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ କିଛି ମୁହୂର୍ତ୍ତରେ ଗୁଳିର ଶବ୍ଦ ଶୁଭୁଥିଲା। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମ ରାଷ୍ଟ୍ରରେ ଘୃଣା, ହିଂସା ଓ ଆତଙ୍କବାଦର ସ୍ଥାନ ନାହିଁ। ଯେଉଁମାନେ ଘଟଣା ସହ ସମ୍ପୃକ୍ତ ସେମାନଙ୍କୁ ଚିହ୍ନଟ କରିବା ଲାଗି ତଦନ୍ତ ଆରମ୍ଭ ହୋଇଛି। ଜାତୀୟ ସୁରକ୍ଷା କମିଟି ସଂକ୍ରାନ୍ତୀୟ କ୍ୟାବନେଟ୍ ବୈଠକ ତୁରନ୍ତ ଡକାଯାଇଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, (୯ ପୃଷ୍ଠାରେ)

# ଶୀତରେ ଥରୁଛି ସାରା ରାଜ୍ୟ



ଭୁବନେଶ୍ୱର,୧୪।୧୨,(ସବ୍ୟୁ) : ରାଜ୍ୟରେ ସପ୍ତାହେରୁ ଉର୍ଦ୍ଧ୍ୱର୍ ହେବ ପ୍ରବଳ ଜାଡ଼ କଲବଲ କରୁଛି। ହାଡ଼ଭଙ୍ଗା ଶୀତ ବୟସ୍କ, ରୋଗୀ ଓ ଶିଶୁଙ୍କ ପାଇଁ ଏହା ଘାତକ ହୋଇଥିବା ବେଳେ ଥଣ୍ଡା, କାଶ, ଜ୍ୱର ସହ ବହୁ ଥଣ୍ଡାଜନିତ ଆଲର୍ଜିର ଶୀକାର ହେଉଛନ୍ତି। ଜାଡ଼ରେ ସାରା ଓଡ଼ିଶା ଥରୁଥିବା ବେଳେ ଜି. ଉଦୟଗିରିରେ ପାରଦସ୍ତର ଦୁଇଦିନ ହେଲା ୩.୧ ଡିଗ୍ରିରେ ରହିଛି। ରବିବାର ଭୋରରୁ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ ବିଭାଗର କହିବାନୁସାରେ,

- ୧୭ରୁ ପୁଣି ଅସମ୍ଭାଳ ଥଣ୍ଡା
- ଉପକୂଳ, ପଶ୍ଚିମରେ ସାମାନ୍ୟ ବଢ଼ିଲା ପାରଦ
- ଆଭ୍ୟନ୍ତରୀଣରେ ଏବେ ବି ପ୍ରବଳ ଜାଡ଼


ରାଜ୍ୟରେ ରାତିର ତାପମାତ୍ରା ସାମାନ୍ୟ ବଢ଼ିଥିବା ବେଳେ ଶୀତର ପ୍ରକୋପ କମିନି। ଆଭ୍ୟନ୍ତରୀଣରେ ତାପମାତ୍ରା ୦.୫ରୁ ୨ ଡିଗ୍ରୀ ଯାଏଁ ବୃଦ୍ଧି ପାଇଛି। କିନ୍ତୁ ବହୁ ଅଞ୍ଚଳରେ ୧୦ ଡିଗ୍ରୀ ତଳେ ରହିଛି ସର୍ବନିମ୍ନ ତାପମାତ୍ରା। ସେହିଭଳି ସେମିଳିଗୁଡ଼ାରେ ରାତି ତାପମାତ୍ରା ୬.୧ ଡଗ୍ରୀ ରହିଥିବା ବେଳେ ଫୁଲବାଣୀରେ ୬ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ, କୋରାପୁଟରେ ୭ ଡିଗ୍ରୀ, ଚିପିଲିମାରେ ୮.୬ ଡିଗ୍ରୀ, ରାଉରକେଲାରେ ୮.୨ ଡିଗ୍ରୀ, ଝାରସୁଗୁଡାରେ ୮.୯ ଡିଗ୍ରୀ, ଅନୁଗୁଳରେ ୯.୬ ଡିଗ୍ରୀ, ବୌଦ୍ଧରେ ୯.୮ ଡିଗ୍ରୀ, କେନ୍ଦୁଝରରେ ୧୦.୬ ଡିଗ୍ରୀ, ସମ୍ବଲପୁରରେ ୧୧.୮ ଡିଗ୍ରୀ, ହୀରାକୁଦରେ ୧୩ ଡିଗ୍ରୀ, ଭୁବନେଶ୍ୱରରେ ୧୩.୨ ଡିଗ୍ରୀ, ବାଲେଶ୍ୱରରେ ୧୪.୧ ଡିଗ୍ରୀ, ଚାନ୍ଦବାଲିରେ ୧୫ ଡିଗ୍ରୀ, ପାରାଦୀପରେ ୧୫.୫ ଡିଗ୍ରୀ ଓ ଗୋପାଳପୁରରେ ୧୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ସାରା ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଛି। ଭୁବନେଶ୍ୱରରେ ରାତିର ତାପମାତ୍ରା ୧୩.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ କଟକରେ ୧୩ ଡିଗ୍ରୀ ରହିଛି। ଗତକାଲି ତୁଳନାରେ ତାପମାତ୍ରା ୧ ଡିଗ୍ରୀ ବୃଦ୍ଧି ପାଇଛି। ହେଲେ ଶୀତ ଉପରେ କୌଣସି ପ୍ରଭାବ ପକାଇନି। ଅନ୍ୟପଟେ ଘନ କୁହୁଡ଼ି ଯୋଗୁଁ ରାଉରକେଲା ସକାଳୁ ଧଳା ଚାଦରରେ ଢାଙ୍କି ହୋଇ ରହୁଛି। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ, ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ଏହି ଥଣ୍ଡାରୁ ତ୍ରାହି ନାହିଁ। ଗତକାଲି ରାତିରେ ରାଜଧାନୀ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୧୨.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କଟକର ରହିଥିଲା ୧୨.୪ ଡିଗ୍ରୀ। ରବିବାର ପଶ୍ଚିମ ଓଡ଼ିଶାର ବହୁ ସ୍ଥାନରେ ରାତିର ତାପମାତ୍ରା ବୃଦ୍ଧି ପାଇବା ସହିତ ଶୀତ ସାମାନ୍ୟ କମିଛି।

ଆସନ୍ତା ୧୭ ତାରିଖରେ ପୁଣି ରାଜ୍ୟକୁ ଅସମ୍ଭାଳ (୯ ପୃଷ୍ଠାରେ)

# ସିଡ୍‌ନୀ ଘଟଣାକୁ ପ୍ରଧାନମନ୍ତ୍ରୀଙ୍କ ନିନ୍ଦା



ନୂଆଦିଲ୍ଲୀ,୧୪।୧୨: ଅଷ୍ଟ୍ରେଲିଆ, ସିଡୀନରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିଛନ୍ତି। ସେ ସୋସିଆଲ ମିଡ଼ିଆରେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ଏହି ଆକ୍ରମଣ ହନୁକା ପର୍ବ ପାଳନ କରୁଥିବା ୟୁଦି ଲୋକମାନଙ୍କୁ ଟାର୍ଗେଟ୍ କରାଯାଇଥିଲା। ଭାରତ ପକ୍ଷରୁ ମୁଁ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ଗଭୀର ସମବେଦନା ଜଣାଉଛି। ଏହି ଦୁଃଖଦ ମୁହୂର୍ତ୍ତରେ ଆମେ ଅଷ୍ଟ୍ରେଲିଆର ଲୋକଙ୍କ ସହ ଠିଆ ହୋଇଛୁ। ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ନୀତି ରହିଛି। ଆତଙ୍କବାଦର ସମସ୍ତ ପ୍ରକାର ଏବଂ ରୂପ ବିରୋଧୀ ଅଭିଯାନକୁ ଭାରତ ସମର୍ଥନ କରେ।

# ମାମଲାର ଆପୋଷ ସମାଧାନ ଉପରେ ସିଜେଆଇଙ୍କ ଗୁରୁତ୍ୱ




କଟକ,୧୪।୧୨(ସବ୍ୟୁ): ମାମଲା କୋର୍ଟକୁ ଆସିବା ପୂର୍ବରୁ ଯଦି ସମାଧାନର ବାଟ ତିଆରି ହୋଇ ପାରନ୍ତା ତାହେଲେ ଅଦାଲତ ଉପରେ କେବଳ ମାମଲାର ବୋଝ ହ୍ରାସ ଘଟନ୍ତା ନାହିଁ ସାଧାରଣ ଲୋକେ ମଧ୍ୟ ଏହାର ସୁଫଳ ପାଇପାରନ୍ତେ। ଏଥିପାଇଁ ମେଡିଏସନ୍‌କୁ ପ୍ରାଧାନ୍ୟ

- ନ୍ୟାୟପାଳିକା, ବ୍ୟବସ୍ଥାପିକା ମିଳିତ କାର୍ଯ୍ୟକଲେ ମାମଲା କମିବ
- ଆଇନଜୀବୀ ମଧ୍ୟସ୍ଥତା କରି ମାମଲା ସମାଧାନ କରନ୍ତୁ
- ୩୪ ଜଣ ବରିଷ୍ଠ ଅଧିବକ୍ତା ସମ୍ବର୍ଦ୍ଧିତ
- ସର୍ବଭାରତୀୟ ଜଜେସ ବ୍ୟାଡମିଣ୍ଟନ ଚାମ୍ପିଅନ ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ୍ ଭି. ନରସିଂହ ସମ୍ବର୍ଦ୍ଧିତ

ଦେବା ଆବଶ୍ୟକ ବୋଲି ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ମତବ୍ୟକ୍ତ କରିଛନ୍ତି। ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆଜି ସ୍ଥାନୀୟ ସହିଦ ଭବନଠାରେ 'ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ: ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି ଉର୍ଦ୍ଧ୍ୱ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ କୁମାର ମିଶ୍ରଙ୍କ (୯ ପୃଷ୍ଠାରେ)

# ନୀତିନ ନବୀନ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ



ନୂଆଦିଲ୍ଲୀ,୧୪।୧୨: ବିହାରରେ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ସରକାରରେ ମନ୍ତ୍ରୀ ଥିବା ନୀତିନ ନବୀନଙ୍କୁ ବିଜେପିର ଜାତୀୟ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ନୀତିନ ଏବେ ବିହାର ସରକାରରେ ରାସ୍ତା ନିର୍ମାଣର ମନ୍ତ୍ରୀ ଅଛନ୍ତି।

ବିଜେପିର ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂ ଏନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖ କରିଛନ୍ତି ଯେ, ବିଜେପି ସଂସଦୀୟ ବୋର୍ଡର ନିଷ୍ପତ୍ତିକ୍ରମେ ନୀତିନ-ନବୀନଙ୍କୁ ବିଜେପିର ଜାତୀୟ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀତିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ଉତ୍ସର୍ଗୀକୃତ ଭାବେ ସେ କାର୍ଯ୍ୟ କରିଥିବାର ଏକ ସ୍ୱତନ୍ତ୍ର ପରିଚୟ ତାଙ୍କର ଦଳରେ ରହିଛି। ସେ ଜଣେ ଯୁବକ ଓ କଠିନ ପରିଶ୍ରମୀ ନେତା। ତାଙ୍କର ସାଂଗଠନିକ କ୍ଷେତ୍ରରେ ବେଶ ଦକ୍ଷତା ରହିଛି। ସେ ବିଧାୟକ ଓ ମନ୍ତ୍ରୀ ଭାବେ ବିହାର ସରକାରରେ କାର୍ଯ୍ୟ କରିଛନ୍ତି। ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ତାଙ୍କର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା କରିଛି। ନୀତିନ-ନବୀନଙ୍କ କାର୍ଯ୍ୟ ଦକ୍ଷତା ଯୋଗୁଁ ବିଜେପି ଆହୁରି ଶକ୍ତିଶାଳୀ ହେବ ବୋଲି ତାଙ୍କର ବିଶ୍ୱାସ ରହିଛି ବୋଲି ମୋଦି କହିଛନ୍ତି। ବିହାରର ସେ ୫ ଥର ଏମ୍ଏଲରେ ରହିଛନ୍ତି। ସେ ସଂଗଠନର ପ୍ରତ୍ୟେକସ୍ତରରେ କାର୍ଯ୍ୟ କରିଛନ୍ତି। ଯୁବ ମୋର୍ଚ୍ଚାରୁ ସରାକର ଏବଂ ରାଷ୍ଟ୍ରୀୟ ସାଂଗଠନ ପର୍ଯ୍ୟନ୍ତ ତାଙ୍କର ଯାତ୍ରାକୁ ଦଳ ଭିତରେ ଭରଷାର ପ୍ରତୀକ ଭାବେ ଦେଖା ଦେଉଛି। ଜଣେ ଶୃଙ୍ଖଳିତ ସଂଗଠକ, ଦୃଢ଼ ରଣନୀତିଜ୍ଞ ଏବଂ ତୃଣମୂଳସ୍ତରରେ କର୍ମୀଙ୍କ ସହ ଯୋଡି ରହୁଥିବା ନେତା ଭାବରେ ସେ ଜଣାଶୁଣା। (୯ ପୃଷ୍ଠାରେ)

## ବାଣପୁର ଥାନାରେ ହାଜତ ମୃତ୍ୟୁ !

ବାଲୁଗାଁ ,୧୪।୧୨,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବାଣପୁର ଘଟଣା। ଥାନା ହାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଅଭିଯୋଗ ହୋଇଛି। ଚୋରା ମଦ କାରବାର ଅଭିଯୋଗରେ ଶନିବାର ରାତିରେ ବାଣପୁର ଏନଏସି ୱାର୍ଡ ନଂ ୨ର ବୋଡା ସାହିରେ ରହୁଥିବା ୪୫ ବର୍ଷ ବୟସ୍କ ଛବିନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଉଠାଇ ନେଇଥିଲା। ରାତିସାରା ତାଙ୍କୁ ହାଜତରେ ରଖାଯାଇଥିଲା। ରବିବାର ସକାଳୁ ସଂପୃକ୍ତ ଅଭିଯୁକ୍ତ ଛବିନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ପୋଲିସ ତରବରିଆ ଭାବେ ଛବିନ୍ଦ୍ରଙ୍କୁ ପ୍ରଥମେ ବାଣପୁର ହସ୍ପିଟାଲ ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। କିନ୍ତୁ କ୍ୟାପିଟାଲ ହସ୍ପିଟାଲର ସୂଚନା ଅନୁସାରେ ଛବିନ୍ଦ୍ରଙ୍କୁ ରିସିଭ ଡେଡ ବା ମୃତ ଗ୍ରହଣ କରାଯାଇଛି। ହାଜତ ଭିତରେ ଛବିନ୍ଦ୍ରଙ୍କୁ ଶାରିରୀକ ନିର୍ଯାତନାଦେବା ସହ ତାଙ୍କୁ ମାଡ଼ ମରାଯାଇଛି ବୋଲି ମୃତ ଛବିନ୍ଦ୍ରଙ୍କ ସ୍ତ୍ରୀ ଓ ପୁଅ ଅଭିଯୋଗ କରିଛନ୍ତି। (୯ ପୃଷ୍ଠାରେ)

## ଧାନ ଗଦାରୁ ନିଆଁ ଲିଭାଇବାକୁ ଯାଇ ଜଳିଗଲେ ଚାଷୀ

ଡେଲାଙ୍ଗ,୧୪।୧୨,(ସବ୍ୟୁ) :ଧାନ କଳେଇ ଗଦାରେ ନିଆଁ ଲିଭାଇବାକୁ ଯାଇ ପୁରୀଜିଲ୍ଲା ଡେଲାଙ୍ଗ ବ୍ଲକ ଅରିସଲ ପଞ୍ଚାୟତ ଅନ୍ତର୍ଗତ ସୁନାମଇଁ ଗ୍ରାମର ଗଜେନ୍ଦ୍ର ସ୍ୱାଇଁ (୬୨) ନାମକ ଚାଷୀ ଧାନଜମିରେ ପୋଡିଯାଇ ମୃତ୍ୟୁ ବରଣ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ନିଜ ଧାନ ଜମିରେ ପଡିଥିବା କୁଟାକୁ ଗଜେନ୍ଦ୍ର ରବିବାର ନିଆଁ ଲଗାଉଥିବା ବେଳେ ଜମିକୁ ଲାଗି ରହିଥିବା ଅନ୍ୟ ଜଣେ ଚାଷୀଙ୍କ ଜମିରେ କଟାହୋଇ ପଡିଥିବା ଧାନ କଳେଇ ଗଦାରେ ନିଆଁ ଲାଗିଯାଇଥିଲା। ଧାନ କଳେଇରୁ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସମୟରେ ଗଜେନ୍ଦ୍ର ନିଆଁରେ ପୋଡିଯାଇ ମୃତ୍ୟୁବରଣ କରିଥିଲେ। ଦେହରେ ନିଆଁ ଲାଗି ବିଲ ମଝିରେ ମୁଁହମାଡି ତଳେ ପଡିଥିଲେ। ତାଙ୍କର ଅକାଳ ବିୟୋଗ ପାଇଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛନ୍ତି। ମୃତକଙ୍କ ପୁଅ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଅଭିଯୋଗ ରେ ପିପିଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ସୁଚନା ଦେଇଛନ୍ତି।

## ରାମଲୀଳା ମୈଦାନରେ କଂଗ୍ରେସର ସମାବେଶ

# ସତ୍ୟ-ଅସତ୍ୟ ମଧ୍ୟରେ ଲଢ଼େଇ: ରାହୁଲ




ନୂଆଦିଲ୍ଲୀ,୧୪।୧୨: ସ୍ପେଶାଲ ଇନଟେନସିପ୍ ରିଭିଜନ୍ (ଏସଆଇଆର୍) ଓ ଭୋଟ ଚୋରୀ ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଦିଲ୍ଲୀର ରାମଲୀଲା ମୈଦାନରେ ଏକ ବିଶାଳ ସମାବେଶ କରାଯାଇଛି। କଂଗ୍ରେସ ନେତୃବୃନ୍ଦ ଏହି ସମାବେଶରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, କମିଶନର ସୁଖବୀର ସିଂ ସାନ୍ଧୁ ଓ ବିବେକ ଯୋଶୀକୁ ଟାର୍ଗେଟ୍ କରି ବିଜେପି ପାଇଁ କାର୍ଯ୍ୟ କରୁଥିବାର ଅଭିଯୋଗ କରିଛନ୍ତି। ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କହିଛନ୍ତି ଯେ ତାଙ୍କ ଦଳ ସତ୍ୟ ପଛରେ ଛିଡା ହୋଇଛି। ଏହି ଲଢ଼େଇ ଦେଶର ଲୋକତନ୍ତ୍ର ବଞ୍ଚାଇବା ପାଇଁ ଜାରି ରହିବ।

ରାମଲୀଲା ମୈଦାନରେ ସମଗ୍ର ଦେଶରୁ କଂଗ୍ରେସ ନେତା ଓ କର୍ମୀ ଏକାଠି ହୋଇଥିଲେ। ସମାବେଶକୁ ସମ୍ବୋଧନ କରି ରାହୁଲ ଗାନ୍ଧି କହିଥିଲେ ଯେ ନିର୍ବାଚନ କମିଶନର ବିଜେପି କାର୍ଯ୍ୟ କରୁଛନ୍ତି। ସେମାନେ କ୍ଷମତାରେ ଥିବାରୁ ଭୋଟ ଚୋରୀରେ ସମ୍ପୃକ୍ତ ଅଛନ୍ତି। ନିର୍ବାଚନ ସମୟରେ ୧୦,୦୦୦ ଟଙ୍କା ଲେଖାଏଁ ମତଦାତାଙ୍କ ଆକାଉଣ୍ଟକୁ ଗଲା। ମାତ୍ର ନିର୍ବାଚନ କମିଶନର (୯ ପୃଷ୍ଠାରେ)

## ଧାନ କିଣାରେ ଅବ୍ୟବସ୍ଥା

# ୧୯ରେ ସମ୍ବଲପୁର ବନ୍ଦ ଡାକରା



ସମ୍ବଲପୁର,୧୪।୧୨,(ସବ୍ୟୁ) :ସମ୍ବଲପୁରରେ ଧାନ କିଣାବିକାକୁ ନେଇ ଅଚଳାବସ୍ଥା ଲାଗି ରହିଛି। ଟୋକନ୍ ସମସ୍ୟା ଯୋଗୁଁ ଚାଷୀଙ୍କ ଧାନ ଖଳା ଓ ମଣ୍ଡିରେ ପଡି ରହିଛି। ସମସ୍ୟାର ସମାଧାନ ଲାଗି ରାଜନୈତିକ ଇଚ୍ଛା ଶକ୍ତି ନାହିଁ। ତେଣୁ ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସରକାରଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ଅଭିଯୋଗ କରିଛି।

## ରାସ୍ତାରେ ଧାନ ଗାଡି ରଖି ଚାଷୀଙ୍କ ପ୍ରତିବାଦ


ସ୍ଥାନୀୟ ବରେଇପାଲି ବଜାର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ବୈଠକରେ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ୧ ଓ ୧୨ ଡ଼ିସେମ୍ବର ଚାଷୀ ରାଜରାସ୍ତାକୁ ଓହ୍ଲାଇ ଥିବାବେଳେ ସରକାର ନିର୍ଦ୍ଦେଶରେ ପୋଲିସ ଚାଷୀଙ୍କୁ (୯ ପୃଷ୍ଠାରେ)

# ସ୍ୱପ୍ନ ଦେଉଛି ସାପ କାମୁଡାର ଆଭାସ



ସାପକୁ ଦେଖିଲେ ସମସ୍ତେ ଡରନ୍ତି କାଳେ ଏହା କାମୁଡିଦେବ, କାରଣ ସାପ ବିଷ ଖୁବ ଭୟଙ୍କର ହୋଇଥାଏ । ହେଲେ ସାପ କାମୁଡିବା ଆଗରୁ କିନ୍ତୁ କେହି ଜାଣିପାରି ନଥାନ୍ତି ତାଙ୍କୁ ଆଗକୁ ସାପ କାମୁଡିବ । ହେଲେ ଦୁନିଆରେ ଏଭଳି ଲୋକ ମଧ ଅଛନ୍ତି ଯିଏ ସାପ କାମୁଡିବା ଆଗରୁ ଏହାର ସନ୍ଧାନ ପାଇପାରୁଛନ୍ତି । ଏଭଳି ଜଣେ ବ୍ୟକ୍ତିଙ୍କ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ସୀତାରାମ ନାମକ ଜଣେ ବ୍ୟକ୍ତିଙ୍କୁ ସାପ କାମୁଡିବା ପୂର୍ବରୁ ସ୍ୱପ୍ନରେ ଏନେଇ ଖବର ମିଳୁଥିବା ସେ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ସାପ ଆକ୍ରମଣର ଦୁଇଦିନ ପୂର୍ବରୁ ତାଙ୍କୁ କିମ୍ବା ତାଙ୍କ ପତ୍ନୀଙ୍କୁ ଏନେଇ ସ୍ୱପ୍ନରେ ସୂଚନା ମିଳିଯାଇଥାଏ । ଯାହାପରେ ସେମାନେ ଆଲର୍ଟ ହୋଇଯାଆନ୍ତି । ସେହିଭଳି ସେମାନଙ୍କୁ ଯେତେଥର ବି ସାପ କାମୁଡିଛି ସେମାନଙ୍କ ଚିକିତ୍ସା ଡାକ୍ତରଖାନା ପରିବର୍ତ୍ତେ ଗ୍ରାମ ମନ୍ଦିରରେ ହୋଇଛି । ହେଲେ ଡାକ୍ତରଙ୍କ ଭାଷାରେ ଏଭଳି କିଛି ହୋଇପାରିବ ହିଁ ନାହିଁ । ବର୍ତ୍ତମାନ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ଯାଇ ଚିକିତ୍ସା କରାଇବାର ଆବଶ୍ୟକତା ରହିଛି । ତେଣୁ ସ୍ୱପ୍ନ ଉପରେ ଭରସା କରି ଉକ୍ତ ବ୍ୟକ୍ତିଙ୍କୁ ନରହିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ତାଙ୍କର ଯଥାଶୀଘ୍ର ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ଚିକିତ୍ସକ ମତ ଦେଇଛନ୍ତି ।

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ସର୍ଦ୍ଦାର ବଲ୍ଲଭଭାଇ ପଟେଲ



ଜଣେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ, ଓକିଲ, ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଭାବେ ପରିଚିତ ଥିଲେ ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସ୍ୱାଧୀନ ଭାରତର ସେ ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ସ୍ୱାଧୀନତାପରେ ସେ ଗଡ଼ଜାତଗୁଡ଼ିକର ମିଶ୍ରଣ ପ୍ରକ୍ରିୟା ସ୍ୱର୍ଗୀୟ ହରେକୃଷ୍ଣ ମହତାବଙ୍କ ସହାୟତାରେ କଟକରୁ ଆରମ୍ଭ କରିଥିଲେ । ତାଙ୍କର ସ୍ମୃତିରେ ୨୦୧୪ ମସିହାରୁ ପ୍ରତିବର୍ଷ ତାଙ୍କର ଜନ୍ମତିଥି ୩୧ ଅକ୍ଟୋବରକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ ହୋଇ ଆସୁଅଛି । ୩୧ ଅକ୍ଟୋବର ୨୦୧୮ ତାରିଖରେ ତାଙ୍କର ଏକ ୧୮୨ ମିଟର ପ୍ରତିମୂର୍ତ୍ତି ଉଦଘାଟନ କରାଯାଇଥିଲା । ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଭାବେ ସମ୍ବୋଧନ କରାଯାଉଛି, ଯାହା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି । ଏହି ମହାନ ଆତ୍ମାଙ୍କର ୧୫ ଡିସେମ୍ବର ୧୯୫୦ରେ ଦେହବାସନ ଘଟିଥିଲା ।

# ପୂଜା ଘରର ସତର୍କତା

**ସାଧାରଣତଃ ସମସ୍ତଙ୍କର ପୂଜାପାଠ ଉପରେ ବିଶ୍ୱାସ ରହିଥାଏ । ଘରେ ମଧ ସମସ୍ତଙ୍କର ପୂଜା ପାଠ କରାଯାଇଥାଏ । ଦିନର କାର୍ଯ୍ୟ ଆରମ୍ଭ ପୂଜା ପାଠରୁ ହୋଇଥାଏ । ତେବେ ହିନ୍ଦୁ ଧର୍ମରେ ଏହି ପୂଜା ପାଠର କେତେକ ନିୟମ ରହିଛି, ଯାହାକୁ ମାନିବା ନିତାନ୍ତ ଜରୁରୀ । ସେହିଭଳି କଥାକୁ ଧାନ ଦେବାର ରହିଛି । ଆସନ୍ତୁ ପଢିବା ସେହିଭଳି କିଛି ନିମୟ ବିଷୟରେ...**

- କେତେବେଳେ ବି ଭଗବାନ କିମ୍ବା ନିଜ ଠାରୁ ବଡଲୋକଙ୍କୁ ଗୋଟିଏ ହାଥରେ ପ୍ରଣାମ କରନ୍ତୁ ନାହିଁ । ଏହାସହ ଶୋଇଥିବା ବ୍ୟକ୍ତିଙ୍କୁ ମଧ କେବେ ବି ପ୍ରଣାମ କରନ୍ତୁ ନାହିଁ ।
- ଏହାସହ କୌଣସି ବି ପୂଜା ପାଠ ସରିବା ପରେ ପ୍ରଣାମ କରିବା ସମୟରେ ଡାହାଣ ପାଦକୁ ଡାହାଣ ହାତ ଓ ବାମକୁ ବାମ ହାତରେ ଛୁଇଁ ପ୍ରଣାମ କରନ୍ତୁ ।
- ଜପ କରିବା ସମୟରେ ଜିଭ କିମ୍ବା ଓଠ ହଲାନ୍ତୁ ନାହିଁ । ମନେମନେ ଠାକୁରଙ୍କୁ ସ୍ମରଣ କରନ୍ତୁ । ଏହାସହ ଜପ ପରେ ଭୂମି ଛୁଇଁ ପ୍ରଣାମ କରନ୍ତୁ । ଏପରି କରିବା ଦ୍ୱାରା ଜପର ପୂରା ଫଳ ମିଳିଥାଏ ।
- ସଂକ୍ରାନ୍ତି, ଦ୍ୱାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ରବିବାର ଓ ସନ୍ଧ୍ୟା ସମୟରେ ତୁଳସୀ ଛିଡାଇବା ବାରଣ ଅଟେ । ସେହିଭଳି କେବେ ବି ଗୋଟିଏ ଦୀପରୁ ଅନ୍ୟ ଦୀପ ଲଗାନ୍ତୁ ନାହିଁ ।
- ଶନିବାର ଦିନ ଅଶ୍ୱଥ ଗଛରେ ଜଳ ଦାନ କଲେ ଶୁଭ ହୋଇଥାଏ । ଜଳଦାନ କରି ୭ଥର ପରିକ୍ରମା କରିବା ଦରକାର ।
- ଦାନ କରିବା ସମୟରେ ସର୍ବଦା ଡାହାଣ ହାତରେ କରନ୍ତୁ । ଏପରି କରିବା ଦ୍ୱାରା ଦାନର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି ।
- ସେହିଭଳି ଘରେ ଶ୍ରାଦ୍ଧ, ପୂଜା ଥିଲେ ଓ ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମାରେ ଖିଅର ହେବାର ନିଷେଧ ରହିଥିବା ବିଭିନ୍ନ ଧର୍ମଗ୍ରନ୍ଥରେ ରହିଛି ।
- ସେହିଭଳି ସର୍ବଦା ଘିଅ ଦୀପକୁ ଠାକୁରଙ୍କର ଡାହାଣ ପଟେ ଓ ନିଜର ବାମ ପଟେ ରଖନ୍ତୁ । ଏହାସହିତ ଚାଉଳ ରଖି ଦୀପ ଜାଳିଲେ ଆଶୀର୍ବାଦ ପ୍ରାପ୍ତହୋଇଥାଏ ।

# ଶବ ଅଂଶବିଶେଷରୁ ଗଛ

ବିଭିନ୍ନ ଧର୍ମ ଅନୁସାରେ ଶବ ସତ୍କାରର ପ୍ରଣାଳୀ ଭିନ୍ନଭିନ୍ନ ହୋଇଥାଏ । କେଉଁଠି ନିଆଁରେ ପୋଡି ଶବ ସତ୍କାର କରାଯାଉଥିବା ବେଳେ କେଉଁଠି ଏହାକୁ ମାଟିରେ ପୋତି କରାଯାଇଥାଏ । ଏ ସମସ୍ତ କ୍ଷେତ୍ରରେ ସାଧାରଣ ସାମଗ୍ରୀକୁ ବ୍ୟବହାର କରାଯାଇଥାଏ । ତେବେ ଅର୍ଗାନିକ କବର କଥା କେହି କେବେ ଭାବିନଥିବେ । ହେଲେ ଇଟାଲିର ଏକ କମ୍ପାନୀ ଅର୍ଗାନିକ କବରର ଉପାୟ ବାହାର କରିଛି । ଏହି ବାୟୋଡିଗ୍ରେଡେବୁଲ୍ ଅର୍ଗାନିକ ପଡ୍‌ରେ ଶରୀରକୁ ପୋତାଯିବା ପରେ ଏହା ଗଛରେ ପରିଣତ ହେବ ବୋଲି କମ୍ପାନୀ ମତ ଦେଇଛି । ଏହି ପ୍ରକ୍ରିୟାରେ ବାୟୋଡିଗ୍ରେଡେବୁଲ୍ କ୍ୟାପସୁଲ୍‌ରେ ମୃତ ଶରୀରକୁ ରଖି ବନ୍ଦ କରିଦିଆଯିବ । ସମୟ ଗଡିବା ସହ ମୃତ ଶରୀରରେ ଥିବା ପୋଷକ ତତ୍ତ୍ୱକୁ ବ୍ୟବହାର କରି ଏକ ଗଛ ଲଗାଯାଇପାରିବ ବୋଲି କମ୍ପାନୀର ଅଧିକାରୀ ମତ ଦେଇଛନ୍ତି । ଏହି କ୍ୟାପସୁଲ୍‌କୁ ଇଟାଲିର ଦୁଇଜଣ ଡିଜାଇନର୍ ଡିଜାଇନ କରିଛନ୍ତି । ଏହି କ୍ୟାପସୁଲକୁ ଏକ ବାୟୋଡିଗ୍ରେଡେବୁଲ୍ ପ୍ଲାଷ୍ଟିକରୁ ପ୍ରସ୍ତୁତ କରାଯାଇଛି । ଏହାକୁ ଅଣ୍ଡା ଆକୃତିର ତିଆରି କରାଯାଇଛି । ଏହି ସେଲ୍‌ରେ ଶରୀର ପୋତାଯିବା ପରେ ସେଲ୍‌ଟି ଭାଙ୍ଗିଯିବା କାରଣରୁ ଏଥିରେ ଥିବା ବଳକା ଜିନିଷ ଏକ ଗଛକୁ ଜନ୍ମ ଦେବା ପାଇଁ ପ୍ରକୃଷ୍ଟ ହୋଇଥାଏ । ଏହି ସେଲ୍‌ରେ ବାୟୋଡିଗ୍ରେଡେବୁଲ୍ ବାୟୋ ଅର୍ଣ୍ଣ ରହିଛି ଯେଉଁଥିରେ ମଞ୍ଜି ପୋତାଯାଇଥାଏ । ଏହି ଅର୍ଣ୍ଣରେ ମାଟି ସହିତ ଶରୀର ଅଂଶ ବିଶେଷ ମଧ ଜମାହୋଇଥାଏ । ମଞ୍ଜିଟି ସମସ୍ତ ଦ୍ରବ୍ୟରୁ ପୋଷଣ ଗ୍ରହଣ କରି ଗଛରେ ପରିଣତ ହୋଇଥାଏ । ଲୋକମାନେ ନିଜ ହିସାବରେ ଏଥିରେ ମଞ୍ଜି ପୋତିପାରିବେ ବୋଲି କମ୍ପାନୀ ସୂଚନା ଦେଇଛି ।





# ଚର୍ଚ୍ଚାରେ କରିସ୍ମା

ନିକଟରେ ସୋସିଆଲ ମିଡିଆରେ ଅକ୍ଷୟ ଖାନା ଖୁବ ଚର୍ଚ୍ଚାରେ ଅଛନ୍ତି । ନିଜ ଫିଲ୍ମ ଧୁରନ୍ଧର ପାଇଁଦ୍ଧଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ଅଭିନେତା । ଅକ୍ଷୟଙ୍କର ଫିଲ୍ମର ଗୋଟିଏ ଗୀତ ରହିଛି ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଟ୍ରେଣ୍ଡ କରୁଛି । ତେବେ ଏହାପରେ ସୋସିଆଲ ମିଡିଆରେ ଅକ୍ଷୟଙ୍କର ପୁରୁଣା ଭିଡିଓ ମଧ ଭାଇରାଲ ହେବାରେ ଲାଗିଛି । ଏହି ତାଲିକାରେ ସାମିଲ ହୋଇଛି ଏକ ଭିଡିଓ ଯେଉଁଥିରେ କରୀଶ୍ମା କପୁରଙ୍କୁ ଦେଖିବାକୁ ମିଳୁଛି । ଏହାପରେ ବର୍ତ୍ତମାନ ଅକ୍ଷୟଙ୍କ ସହିତ କରୀଶ୍ମା ମଧ ଚର୍ଚ୍ଚାକୁ ଆସିଛନ୍ତି । ଭିଡିଓଟି କରୀଶ୍ମାଙ୍କ ବିବାହ ସମୟର, ଯେଉଁଥିରେ ଅକ୍ଷୟ କରୀଶ୍ମାଙ୍କ ହାତକୁ ଗେଲ କରି ତାଙ୍କୁ ବିବାହର ଶୁଭେଚ୍ଛା ଦେଉଥିବାର ଦେଖିବାକୁ ମିଳୁଛି । ଭିଡିଓରେ ଅକ୍ଷୟଙ୍କ ଭାଇ ରାହୁଲ ଖାନା ମଧ ଉପସ୍ଥିତ ଅଛନ୍ତି । ନବେଦଶକରେ ଉଭୟଙ୍କ ବିବାହକୁ ନେଇ ହୋଇଥିବା ଆଲୋଚନାକୁ ଏହା ଖୋରାକ ଯୋଗାଇଛି । ଉଭୟଙ୍କ ଡେଟିଂକୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚା ହେଉଛି । ତେବେ ଏହା ଖୁବ ପୁରୁଣା ଆଲୋଚନା ବର୍ତ୍ତମାନ ଉଭୟ ନିଜନିଜ ଜୀବନରେ ଆଗକୁ ବଢିସାରିଛନ୍ତି ।

**୧୮୩୨–** ଇଫିଲ ଟାୱାର ନିର୍ମାଣକାରୀ ଫ୍ରାନ୍ସ ଇଞ୍ଜିନିଅର ତଥା ଆର୍କିଟେକ୍ଟ ଗୁସ୍ତାବ ଇଫିଲଙ୍କ ଜନ୍ମ ।
**୧୯୫୦–** ଭାରତୀୟ ସ୍ୱତନ୍ତ୍ରତା ସେନାନୀ ତଥା ସ୍ୱତନ୍ତ୍ର ଭାରତର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରଲୋକ ।
**୧୯୫୩–** ସଂଯୁକ୍ତରାଷ୍ଟ୍ର ମହାସଭାର ଅଷ୍ଟମ ଅଧିବେଶନର ପ୍ରଥମ ଭାରତୀୟ ମହିଳା ଅଧକ୍ଷ ରୂପେ ଏସ୍ ବିଜୟଲକ୍ଷ୍ମୀ ପଣ୍ଡିତଙ୍କୁ ଚୟନ କରାଗଲା ।
**୧୯୬୧–** ବାଂଲାଦେଶରେ ଗଙ୍ଗାନଦୀ ତଟରେ ଆସିଥିବା ବାତ୍ୟା କାରଣରୁ ୧୫ହଜାର ଲୋକଙ୍କ ମୃତ୍ୟୁ ।
**୧୯୯୨–** ଲୋକପ୍ରିୟ ଫିଲ୍ମ ନିର୍ମାତା ସତ୍ୟଜିତ ରାୟଙ୍କୁ ସିନେଜଗତରେ ତାଙ୍କର ପ୍ରମୁଖ ଉପଲବ୍ଧି ପାଇଁ ସ୍ପେଶାଲ ଓସ୍କାର ପ୍ରଦାନ କରାଯାଇଥିଲା ।
**୧୯୯୭–** ଉପନ୍ୟାସ ଦି ଗାର୍ଡ ଅଫ୍ ସ୍ମଲ୍ ଥିଙ୍ଗ୍ସର ଲେଖିକା ଅରୁନ୍ଧତୀ ରାୟଙ୍କୁ ବ୍ରିଟେନର ସବୁଠୁ ପ୍ରତିଷ୍ଠିତ ସାହିତ୍ୟିକ ପୁରସ୍କାର ବୁକର ପୁରସ୍କାରରେ ସମ୍ମାନିତ କରାଗଲା ।
**୨୦୦୪–** ଦୂରଦର୍ଶନର ଫ୍ରି ଟୁ ଏୟାର୍ ଡିଟିଏଚ୍ ପ୍ଲସ୍‌ର ଶୁଭାରମ୍ଭ କରାଗଲା ।

# ସୋସିଆଲ କୋଟ୍ସ



"ନିର୍ଦ୍ଦେଶକ ହିସାବରେ କୌଣସି ଷ୍ଟାରଙ୍କ ସହ କାମ କରିବାବେଳେ ପ୍ରେସର ଅଧିକା ଥାଏ । ସେମାନଙ୍କ ଇମେଜ ନେଇ ଅଧିକ ଯତ୍ନବାନ ହୋଇ କାମ କରିବାକୁ ହୋଇଥାଏ । କାରଣ ତାଙ୍କ ଫ୍ୟାନବେଶ୍ ସବୁବେଳେ ଆକ୍ଟିଭ ଥାଆନ୍ତି ।

**ଅନୁରାଗ କଶ୍ୟପ, ଫିଲ୍ମମେକର**



"ମୋତେ ଟିଭି ଶୋ'ରୁ ଅନେକ ଫେମ୍ ମିଳିଛି । ଟେଲି ଶୋ ବିଗ୍ ବ୍ରଦ୍ରର ଟେଲି ଶୋରୁ ମୋତେ ଫିଲ୍ମରୁ ବି ଅଧିକ ପପୁଲାରିଟି ମିଳିଥିଲା । ଏହା ମୋ କ୍ୟାରିୟରକୁ ଖୁବ ମାଇଲେଜ ଦେଇଥିଲା ।

**ଶିଳ୍ପା ସେଟ୍ଟି, ଅଭିନେତ୍ରୀ**



"ରଣବୀରଙ୍କ ପାଖରେ କୌଣସି ପିଆର୍ କି ପାଆର୍ ଟିମ୍ ନାହାନ୍ତି । ତାଙ୍କର କେହି ମ୍ୟାନେଜର ମଧ ନାହାନ୍ତି, ଆଜି ସେ ଯାହା ବି ନିଜ ଦମ୍‌ରେ ।

**କରଣ ଜୋହର, ଫିଲ୍ମ ମେକର**





**୧୫-୧୨-୨୦୨୫ ସୋମବାର**
**ପୌଷମାସ କୃଷ୍ଣପକ୍ଷ ଏକାଦଶୀ**



ପଣ୍ଡିତ– ସତ୍ୟଶିବ ନନ୍ଦ (ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ) ମୋ:୮୯୧୭୨୮୪୩୩୮

**ମେଷ–** ସପ୍ତମ ଚନ୍ଦ୍ର ଭୋଗ ହେତୁ ପାରିବାରିକ ଖୁସି, ବିଭିନ୍ନ କାର୍ଯ୍ୟରେ ଉନ୍ନତି, ମାଲିମକଦ୍ଦମାରେ ବିଜୟ, ବ୍ୟବସାୟରେ ଲାଭ, ନୂତନ କର୍ମ, ଆର୍ଥିକ କାରବାର, ପ୍ରଶଂସା, ଉଚ୍ଚ ଆଶା ପୂରଣ, ରୋଗରୁ ମୁକ୍ତି, ଯାତ୍ରା ସାବଧାନ, ଭରଣୀମେଷ ସତର୍କ ରୁହନ୍ତୁ । ଆରାଧନା – ହନୁମାନ, ରଙ୍ଗ – ଲାଲ, ସଂଖ୍ୟା – ୬ ।

**ବୃଷ–** ବନ୍ଧୁ ସାହାଯ୍ୟ, ଦ୍ରବ୍ୟପ୍ରାପ୍ତି, ଶତ୍ରୁ ପ୍ରତି ସାବଧାନ, ପାରିବାରିକ ଖୁସି, ବ୍ୟବସାୟରେ ଅଳ୍ପ ଲାଭ, ଶୁଭକାର୍ଯ୍ୟରେ ଖୁସି, କର୍ମରେ ସଫଳତା, ଆର୍ଥିକ ଅବସ୍ଥାରେ ଉନ୍ନତି, ସଫଳତା, ସୁସମାଚାର, ଦାମ୍ପତ୍ୟ ଖୁସି, ଅସୁସ୍ଥତା । କୃତ୍ତିକା ବୃଷ ସତର୍କ ରୁହନ୍ତୁ । ଆରାଧନା – ମା ବଗଳାମୁଖି, ରଙ୍ଗ – ଧଳା, ଅଙ୍କ –୫ ।

**ମିଥୁନ–** ଘାତବାର ଯୋଗୁଁ ଶାରିରୀକ କଷ୍ଟ, ପରିବାରରେ କଳହ, ବ୍ୟବସାୟରେ ଅଳ୍ପ ଲାଭ, ଭୂମି ବାହନ ଲାଭ, ଶତ୍ରୁ ପରାଜିତ, କିଛି କାର୍ଯ୍ୟରେ ସହକର୍ମୀଙ୍କ ସହିତ ମନମାଳିନ୍ୟ, ଆର୍ଥିକସ୍ଥିତି ବିଗିଡିବ, ଗୃହରେ ଉତ୍ସବ, କିଛି ସମସ୍ୟା ରହିବ । ଆଦ୍ରା ମିଥୁନ ସତର୍କ ରୁହନ୍ତୁ । ଆରାଧନା – କାଳି, ରଙ୍ଗ – ଗୋଲାପି, ସଂଖ୍ୟା – ୨ ।

**କର୍କଟ–** ମନସ୍ତାପ, ଉଚ୍ଚରକ୍ତ ଚାପ, ବ୍ୟବସାୟରେ କଷ୍ଟ, ଶତ୍ରୁ ଦେଖାଦେବେ, ଆର୍ଥିକ ସ୍ଥିତି ସାମାନ୍ୟ, କର୍ମକ୍ଷେତ୍ରରେ ବାଧା, ପିଲାଙ୍କ ଚିନ୍ତା, ନିଷ୍ପତ୍ତିରେ ବିଳମ୍ବ, ମନକୁ ଶାନ୍ତ ରଖନ୍ତୁ । ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ପ୍ରଭୁଜଗନ୍ନାଥ, ରଙ୍ଗ – ନୀଳ, ସଂଖ୍ୟା– ୩ ।

**ସିଂହ–** ଅର୍ଥଲାଭ, ଅଶାନ୍ତି ଦୂର ହେବ, ଯାତ୍ରାରେ ଖୁସି, ଶରୀର ସୁସ୍ଥ, ବ୍ୟବସାୟରେ ଉନ୍ନତି, ଉତ୍ସବ ରହିବ, ଧନଖର୍ଚ୍ଚ, ସୁସମାଚାର, ନୂତନ ଦ୍ରବ୍ୟ କ୍ରୟ, ଲାଭ ମିଳିବ, ଉଚ୍ଚ ଆଶାରେ ବାଧା । ପୂର୍ବାଫାଲଗୁନି ସିଂହ ସତର୍କ ରୁହନ୍ତୁ । ଆରାଧନା – ବିଷ୍ଣୁ, ରଙ୍ଗ – ହଳଦୀ, ସଂଖ୍ୟା ୫ ।

**କନ୍ୟା–** ଶତ୍ରୁ ଲାଗିରହିବେ, ବ୍ୟବସାୟରେ ଲାଭ କମ, ପାରିବାରିକ ଖୁସି, ସୁସମାଚାର, ଋଣ ଯୋଗ, ସ୍ୱଜନରେ ବିବାଦ, ମାନସିକ ଅସ୍ଥିରତା, କର୍ମକ୍ଷେତ୍ରେ ବିଳମ୍ବ, ମୂଲ୍ୟବାନ ପଦାର୍ଥ ନଷ୍ଟ, ଧନକୁ ନେଇ ବିବାଦ, ମାଲିମକ୍କଦ୍ଦମାରେ ପଡିପାରନ୍ତି । ସ୍ୱାତୀ କନ୍ୟା ସତର୍କ ରୁହନ୍ତୁ । ଆରାଧନା – ମାଭଗବତୀ, ରଙ୍ଗ – କଫି, ସଂଖ୍ୟା–୨ ।

**ତୁଳା–** ମିଷ୍ଟାନ ଭୋଜନ, ମନରେ ପ୍ରସନ୍ନତା, ବଚନରେ ମଧୁରତା, ଶୁଭ ଖବର, ବ୍ୟବସାୟରେ ଲାଭ, ଶତ୍ରୁ କମ ରହିବେ, ଉଚ୍ଚଆଶା ପୂର୍ଣ୍ଣ, ଶରୀର ସୁସ୍ଥ, ଅଳ୍ପ ମାନସିକ ଅଶାନ୍ତି, ଉତ୍ସବ ପାଇଁ ଆଲୋଚନା । ଚିତ୍ରାତୁଳା ସତର୍କ ରୁହନ୍ତୁ । ଆରାଧନା – ଶିବ, ରଙ୍ଗ – ଧଳା, ସଂଖ୍ୟା–୯ ।

**ବିଛା–** ଅସମ୍ଭବ କାର୍ଯ୍ୟରେ ସଫଳତା, ଉଚ୍ଚଅଭିଳାଷ ପୂର୍ଣ୍ଣ, ଶରୀର ସୁସ୍ଥ, ସମ୍ମାନ ପ୍ରାପ୍ତି, ମକଦ୍ଦମାରେ ଖୁସି, ଶତ୍ରୁ କମ ରହିବେ, ପାରିବାରିକ ବିବାଦ, ଧର୍ମକାର୍ଯ୍ୟେ ମନ ରହିବ, ବ୍ୟବସାୟ ସନ୍ତୁଷ୍ଟି, ନୂଆ ଆଶା, ସୁସମାଚାର । ଜ୍ୟେଷ୍ଠା ବିଛା ସତର୍କ ରୁହନ୍ତୁ । ଆରାଧନା – ଶ୍ରୀଜଗନ୍ନାଥ, ରଙ୍ଗ – ହଳଦୀ, ସଂଖ୍ୟା– ୫ ।

**ଧନୁ–** ଅର୍ଥପ୍ରାପ୍ତି, ବାଣିଜ୍ୟରେ ଲାଭ, ସମ୍ମାନ ମିଳିବ, ଉତ୍ସବରେ ଆନନ୍ଦ, ଶତ୍ରୁ ଦେଖାଦେବେ, କାମରେ ବିଳମ୍ବ, ବନ୍ଧୁ ଦର୍ଶନ, ଦୂରସ୍ଥାନକୁ ଯାତ୍ରା, ମାଲିମକଦ୍ଦମାରେ ସମସ୍ୟା, ଜମି କିଣାବିକା, ସମାଜସେବା । ପ୍ରତିକାର – ଗାଈଙ୍କୁ ଖାଇବା ଦିଅନ୍ତୁ, ରଙ୍ଗ – ଧଳା, ସଂଖ୍ୟା –୨ ।

**ମକର–** କାର୍ଯ୍ୟେ ସଫଳ, ଶାରୀରିକ ସୁସ୍ଥ, ଶୁଭଖବର, ଉଚ୍ଚ ଆଶା ପୂର୍ଣ୍ଣ ହେବ, ବିବାଦର ସମାଧାନ, ବ୍ୟବସାୟରେ ଉନ୍ନତି, ଶତ୍ରୁ ଲାଗିରହିବେ, ଉତ୍ସବ ରହିବ, ଖୁସି ରହିବେ । ଶ୍ରବଣା ମକର ସତର୍କ ରୁହନ୍ତୁ । ଆରଧନା – ମା ଶାରଳା, ରଙ୍ଗ – ନୀଳ, ସଂଖ୍ୟା – ୬ ।

**କୁମ୍ଭ–** ସହଯୋଗ ବୃଦ୍ଧି, ନୂତନଦ୍ରବ୍ୟ କ୍ରୟ, ବ୍ୟବସାୟରେ ଉନ୍ନତି, ସନ୍ତାନ ଲାଭ, ଶରୀର ସୁସ୍ଥ, ଶୁଭ କାର୍ଯ୍ୟରେ ଧନବ୍ୟୟ, ବନ୍ଧୁ ସହଯୋଗ, ପାରିବାରିକ ଶାନ୍ତି, ବିଦ୍ୟାରେ ଉନ୍ନତି, ଶୁଭ ଖବର, ଅର୍ଥାଲାଭ, ସମ୍ମାନ ମିଳିବ । ଶତଭିଷାକୁମ୍ଭ ସତର୍କ ରହିବେ । ଆରଧନା – ପ୍ରଭୁ ହନୁମାନ, ରଙ୍ଗ– ବାଇଙ୍ଗଣୀ, ସଂଖ୍ୟା– ୫ ।

**ମୀନ–** କିଛି କାର୍ଯ୍ୟରେ ଅସ୍ଥିରତା, କାର୍ଯ୍ୟରେ ବିଳମ୍ବ, ଶତ୍ରୁବୃଦ୍ଧି, ଅଯଥା ଖର୍ଚ୍ଚାନ୍ତ, ବ୍ୟବସାୟରେ ସାମାନ୍ୟ ଲାଭ, ଗୃହଶତ୍ରୁ ରହିବେ । ଜାନବାହାନେ ସତର୍କତା, ଅପବାଦ, ଶାରିରିକ ଅସୁସ୍ଥତା, ଆତ୍ମବିଶ୍ୱାସ କମ । ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ମା ଉଗ୍ରତାରା, ରଙ୍ଗ – ହଳଦୀ, ସଂଖ୍ୟା – ୧ ।

## ୨୦ଲକ୍ଷ ଟଙ୍କାର ଦେଶୀ ମହୁଲି ମଦ ଜବତ, ମହିଳା ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ରବିବାର ବାଣପୁର ବ୍ଲକ ଅଧିନସ୍ଥ ଆଦିବାସୀ ମାଳ ଅଞ୍ଚଳରେ ଚଢ଼ାଉ କରାଯାଇ ୨୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ଦେଶୀ ମହୁଲି ମଦ ଓ ପୋଚ ଜବତ କରିବା ସହ ସମ୍ପୃକ୍ତ ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଗିରଫ ମହିଳା ହେଲେ କଟୁଆଳ ଗ୍ରାମର ଡୋମି ଶବର (୪୮) । ତେବେ ଚଢ଼ାଉ ବେଳେ ସମ୍ପୃକ୍ତ ଆଉ ୪ ମଦ ପ୍ରସ୍ତୁତକାରୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତିଙ୍ଫ । ଅବକାରୀ ବିଭାଗ ପକ୍ଷରୁ ଏ ନେଇ ପୃଥକ ଭାବେ ୫ ଗୋଟି ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ ନିମନ୍ତେ ଉଦ୍ୟମ ଜାରି ରହିଛି । ନୂତନ ବର୍ଷ ଉପଲକ୍ଷେ ବାଣପୁର ଆଦିବାସୀ ଅଧ୍ୟୁଷିତ କଟୁଆଳ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବ୍ୟାପକ ଦେଶୀ ମଦ ପ୍ରସ୍ତୁତ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ରବିବାର ସଦଳେବେଳେ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ । ତେବେ ଚଢ଼ାଉ ପୂର୍ବରୁ ସମ୍ପୃକ୍ତ ମଦ ପ୍ରସ୍ତୁତକାରୀ ମାନେ ଖସି ଯାଇଥିବା ବେଳେ ଜଣେ ମହିଳା ଧରାପଡ଼ିଥିଲେ ।

### ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

## ଶକ୍ତି ସଞ୍ଚୟ ହେଉଛି, ଶକ୍ତି ଉତ୍ପାଦନ : ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ସବ୍ୟୁ): ଶକ୍ତି ସଂରକ୍ଷଣକୁ କେବଳ ଏକ ଅଭ୍ୟାସ ଭାବରେ ନୁହେଁ, ବରଂ ଏକ ଜାତୀୟ କର୍ତ୍ତବ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ଘରେ ଆର୍ଥି କରିବା ଏବଂ ସ୍ମାର୍ଟ ମିଟରର ବ୍ୟାପକ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ ଦେଲେ ଶକ୍ତି କ୍ଷତି ହ୍ରାସ କରିବାର ସମ୍ଭାବନା ରଖେ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହା କହିଛନ୍ତି ।

ଲୋକସେବା ଭବନରେ ଆୟୋଜିତ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୨୦୨୫ କାର୍ଯ୍ୟକ୍ରମରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, ଓଡ଼ିଶା ସରକାର ଜଳବାୟୁ ସ୍ଥିରତା ଓ ସ୍ଥାୟୀ ବିକାଶ ଉପରେ ଜାତୀୟ ମିଶନ ସହିତ ସମନ୍ୱୟ ରଖି ଶକ୍ତି ଦକ୍ଷତା ଏବଂ ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବଦା ପ୍ରତିବଦ୍ଧ । ସକାଳେ ଉପମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଉଲ୍ଲେଖ କରିଥିଲେ ଯେ ଏକକାଳୀନ ଶକ୍ତି ଉତ୍ପାଦନ ଯୋଡିବା ସହିତ ଆମେ ଶକ୍ତି ସଂରକ୍ଷଣ ଉପରେ ଧ୍ୟାନ ଦେବା ଉଚିତ । ଯାହା ସବୁଠାରୁ ଶସ୍ତା, ସ୍ୱଚ୍ଛ ଉତ୍ସରୁ ଉତ୍ପାଦିତ । ନୀତି ସ୍ତରରେ ପମ୍ପଡ଼ ଷ୍ଟୋରେଜ ନୀତି ପୂର୍ବରୁ କାର୍ଯ୍ୟକାରୀ ହୋଇଛି ଓ ସମ୍ପ୍ରତି ଭାସମାନ ସୌର ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଯାହା ସୌର ପବନ, ଜଳ, ଇତ୍ୟାଦି କ୍ଷେତ୍ରରେ ଓଡ଼ିଶାର ନବୀକରଣୀୟ ଶକ୍ତି କ୍ଷମତାକୁ ତ୍ୱରାନ୍ୱିତ କରିପାରିବ ।

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ ଡ କେ. ମୁରୁଗେସନ ଶିକ୍ଷକମାନଙ୍କୁ ଶକ୍ତି ସଂରକ୍ଷଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବାକୁ କହିଥିଲେ । ସିପିଆରଆଇର ପୂର୍ବତନ ମହାନିର୍ଦ୍ଦେଶକ ଏ.କେ. ତ୍ରିପାଠୀ ଗ୍ରୀଡ୍ ସ୍ଥିରୀକରଣ ସହିତ ନବୀକରଣୀୟ ଶକ୍ତି କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଏସଡିଏ(ଓ) ମନୋଜ କୁମାର ତ୍ରିପାଠୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଶକ୍ତି ସଂରକ୍ଷଣ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଉପମୁଖ୍ୟମନ୍ତ୍ରୀ ସିପିପି/ଆଇପିପି, ଇସ୍ପାତ ଏବଂ ବିଦ୍ୟୁତ, ଏମ୍ଏସଏମଇ, ଶିକ୍ଷାନୁଷ୍ଠାନ ଇତ୍ୟାଦି ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର (ଓଏସଇସିଏ)ରେ ସମ୍ମାନିତ କରିଥିଲେ । ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଯେଉଁଥିରେ ସାରା ଓଡ଼ିଶାରେ ବ୍ଲକସ୍ତରୀୟ ଓ ଜିଲ୍ଲା ସ୍ତରରେ ୨.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ୮ମ, ୯ମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ଏବଂ ଶ୍ରେଷ୍ଠ ୩ ଜଣ ଛାତ୍ରଛାତ୍ରୀଙ୍କୁ ୮୦୦୦, ୫୦୦୦ ଏବଂ ୩୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ସ୍ମାରକୀ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ମୁଖ୍ୟ ଇଞ୍ଜିନିୟର ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶ୍ରୀମନ୍ଦିର ମେଘନାଦ ପାଚେରୀରୁ ଝରୁଛି ପାଣି

## ମରାମତି ପାଇଁ ଏଏସ୍ଆଇକୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ, (ସବ୍ୟୁ): ଶ୍ରୀମନ୍ଦିର ମେଘନାଦ ପାଚେରୀ ରେ ଦେଖା ଦେଇଛି ଫାଟ । ମେଘନାଦ ପ୍ରାଚୀରରୁ ଝରୁଛି ପାଣି । ବିପଦରେ ରହିଛି ଶ୍ରୀମନ୍ଦିର ମେଘନାଦ ପାଚେରୀ । ମେଘନାଦ ପାଚେରୀ ଯୋଡେଇ ଦେଇ ଝରୁଛି ଆନନ୍ଦ ବଜାରର ମଇଳା ପାଣି । ପାଚେରୀ ଉପରେ ଶିଉଳି ଚରିଗଲାଣି । ବର୍ଷେ ତଳେ ଏଏସଆଇ ପକ୍ଷରୁ ଗ୍ରାଉଟିଂ କରାଯାଇ ମରାମତି ହୋଇଥିଲା । ଫଳରେ ପାଣି ଝରିବା ବନ୍ଦ ହୋଇଯାଇଥିଲା । ହେଲେ ବର୍ଷେ ନ ପୁରୁଣୁ ପୁଣି ପାଚେରୀ ଯୋଡେଇରୁ ପାଣି ଝରୁଛି । ଶ୍ରୀମନ୍ଦିରକୁ ସୁରକ୍ଷା ଦେଉଥିବା ମେଘନାଦ ପ୍ରାଚୀର ଏବେ ଅସୁରକ୍ଷିତ ହୋଇ ପଡ଼ିଛି । ଯାହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଜଗନ୍ନାଥ ପ୍ରେମୀ । ସେପଟେ କେଉଁ କାରଣ ପାଇଁ ପାଣି ମେଘନାଦ ପାଚେରୀରୁ ଝରୁଛି ତାହା ଅନୁଧ୍ୟାନ କରାଯାଉଛି । ଏହି ଘଟଣା ଜଣା ପଡ଼ି ପରେ ଏହାକୁ ଗୁରୁତ୍ୱ ସହ ନେଇଛି ମନ୍ଦିର ପ୍ରଶାସନ । ପାଣି ଝରୁ ଥିବା ସ୍ଥାନକୁ ତୁରନ୍ତ ଅନୁଧ୍ୟାନ କରି ବୈଜ୍ଞାନିକ ପଦ୍ଧତିରେ ଏହାର ଆବଶ୍ୟକୀୟ ମରାମତି ପାଇଁ ଏ ଏସଆଇକୁ ଚିଠି ଲେଖିଛନ୍ତି ମୁଖ୍ୟ ପ୍ରଶାସକ । ରାମଦୟା ପରିଷଦ ପଛ ପାର୍ଶ୍ୱରେ ଥିବା ମେଘନାଦ ପାଚେରୀରେ ଆନନ୍ଦ ବଜାରର ମଇଳା ପାଣି ମେଘନାଦ ପାଚେରୀ ଯୋଡେଇ ଦେଇ ପାଣି ଝରୁଛି । ଯାହାକି ମେଘନାଦ ପାଚେରୀ ପ୍ରତି ବିପଦ ସୃଷ୍ଟି କରିଛି । ଏକ ବର୍ଷ ତଳେ ଆଇନମନ୍ତ୍ରୀ କହିଥିଲେ ମେଘନାଦ ପାଚେରୀର ସ୍ଥାୟୀ ମରାମତି ହେବ । ହେଲେ ଆଜି ପର୍ଯ୍ୟନ୍ତ ତାହା ହୋଇ ପାରିଲା ନାହିଁ । କେବଳ ଏଏସଆଇ ଗ୍ରାଉଟିଂ କରି କାମଚଳା ଭାବେ କରି କାମ ସାରିଦେଇଛି । ୨୦୨୧ ମସିହାରୁ ଏହି ସମସ୍ୟା ସୃଷ୍ଟି ହୋଇଛି । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କଲେ ସରକାର । ହେଲେ ମେଘନାଦ ପାଚେରୀର ସୁରକ୍ଷା ନେଇ କୌଣସି ପଦକ୍ଷେପ ନେଲେ ନାହିଁ ସରକାର । ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱ ଏଏସଆଇ ଉପରେ ନ୍ୟସ୍ତ । ହେଲେ ଏଏସ ଆଇ ମେଘନାଦ ପାଚେରୀର ସ୍ଥାୟୀ ମରାମତି କାର୍ଯ୍ୟ କରୁନାହିଁ । ଯାହାକୁ ନେଇ ଜଗନ୍ନାଥ୍ ପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

### ଧର୍ମଶାଳାରେ ରାଜନୈତିକ ଗୋଷ୍ଠୀ ସଂଘର୍ଷ

## ୧୫ରୁ ଉର୍ଦ୍ଧ୍ୱ ଆହତ: ୬ ଗୁରୁତର, ଗାଡ଼ି ଭଙ୍ଗାରୁଜା

ଚଡେଇଧରା/ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଧୁପୁରଗଡ ପଞ୍ଚାୟତରେ ରବିବାର ଅପରାହ୍ନରେ ରାଜନୈତିକ ଗୋଷ୍ଠୀ ସଂଘର୍ଷ ଘଟିଛି । କେତେକ ବିଜେଡି କର୍ମୀ ପ୍ରାକ୍ତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ମଧୁପୁରଗଡ ପଞ୍ଚାୟତର ପନ୍ତୁରୀ ସ୍ଥିତ ଫାର୍ମ ହାଉସରେ ବୈଠକ ଓ ବଣଭୋଜି କରୁଥିଲା ବେଳେ ଶତାଧିକ ଦୁର୍ବୃତ୍ତ ହଠାତ ସେଠାରେ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ସେଠାରେ ଭୟଙ୍କର ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିଲା । ଏହି ଗୋଷ୍ଠୀ ସଂଘର୍ଷରେ ୧୫ଜଣରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିଲା ବେଳେ ୬ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି । ଏହି ଗଣ୍ଡଗୋଳରେ ବହୁ କାର ଓ ମୋଟରସାଇକେଲ ଭଙ୍ଗାରୁଜା ହୋଇଛି । ଦୁର୍ବୃତ୍ତ ମାନେ ବିଜେଡି କର୍ମୀଙ୍କ ମୋବାଇଲ ଛଡାଇ ନେଇଥିବା ଅଭିଯୋଗ ହୋଇଛି । ଏହି ଗଣ୍ଡଗୋଳରେ ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁଶେଖର ସାହୁଙ୍କ ସମର୍ଥକ ମାନେ ସଂପୃକ୍ତ ବୋଲି ବିଜେଡି କର୍ମୀ ଅଭିଯୋଗ କରିଛନ୍ତ । ଗଣ୍ଡଗୋଳ ହେବା ପୂର୍ବରୁ ଜେନାପୁର ଥାନା ପୋଲିସକୁ ଖବର



ଦିଆଯାଇଥିଲେ ମଧ ପୋଲିସ ଠିକ ସମୟରେ ଘଟଣା ସ୍ଥଳରେ ପହଞ୍ଚି ନଥିଲା । ଏପରିକି ଥାନା ଅଧିକାରୀଣୀଙ୍କୁ ବାରମ୍ବାର କଲ କରାଯାଇଥିଲେ ମଧ ସେ ଫୋନ ରିସିଭ କରିନଥିବା ଅଭିଯୋଗ ହୋଇଛି । ଘଟଣାର ଦୁଇଘଣ୍ଟା ପରେ ଖବର ପାଇ ଜେନାପୁର ପୋଲିସ ଏବଂ ଯାଜପୁରରୋଡ଼ ଏସ ଡ଼ି ପି ଓ ପୋଲିସ ଫୋର୍ସ ସହିତ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବା ଜଣାପଡିଛି । ଏହି ଭୋଜିରେ କେନ୍ଦ୍ରାପଡା ଅଞ୍ଚଳର ଜୟଦେବ ଲେଙ୍କା ନାମକ ଜଣେ ଯୁବକ ଯୋଗ ଦେଇଥିବା ଜାଣି ତାହାକୁ ବିଧାୟକ ହିମାଂଶୁଶେଖର ସାହୁଙ୍କ ସମର୍ଥକମାନେ ବିରୋଧ କରି ସେଠାରେ ପହଞ୍ଚି ଥିବା କୁହାଯାଉଛି । ଯାହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇ ଶେଷରେ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିବା ଜଣାପଡିଛି । ଏହି ସଂଘର୍ଷରେ ଆହତ ହୋଇଥିବା ୧୫ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା ବେଳେ ସେଥିରୁ ୬ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ତେବେ ଜଣେ ସ୍ୱାଧିନ ବିଧାୟକଙ୍କ ସମର୍ଥକ ଗୁରୁତର ହୋଇଥିବା କୁହାଯାଇଛି । ଗଣ୍ଡଗୋଳ ପରେ କିଏ କୁଆଡେ ପଳାଇ ଯାଇଥିବାରୁ ଆହତ ମାନଙ୍କ ପ୍ରକୃତ ପରିଚୟ ମିଳିପାରି ନାହିଁ । ଅଧିକ ଗଣ୍ଡଗୋଳର ଆସଂଙ୍କାକରି ପୋଲିସ ପକ୍ଷରୁ ଘଟଣା ଉପରେ ତିଖଣ ନଜର ରଖାଯାଇଥିବା ଯାଜପୁରରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି ।

## ଶିଶୁ ସାହିତ୍ୟ ମୋହରେ ଯୁବପିଢ଼ି, ସେଲ୍ଫି ପଏଣ୍ଟ ଆକର୍ଷଣର କେନ୍ଦ୍ର

ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଛି ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ । ରବିବାରର ଶୀତୁଆ ସନ୍ଧ୍ୟାରେ ପୁସ୍ତକ କିଣିବାକୁ ପ୍ରଦର୍ଶନୀ ପଡ଼ିଆରେ ପାଠକମାନଙ୍କର ବେଶ୍ ଭିଡ଼ ଜମିଥିଲା । ତେବେ ଚଳିତବର୍ଷର ପୁସ୍ତକ ମହୋତ୍ସବରେ ଶିଶୁ ସାହିତ୍ୟ, ଗ୍ରାଫିକ ଉପନ୍ୟାସର ଚାହିଦା ବେଶ୍ ବଢ଼ିଛି ।

ଚଳିତ ଥରର ପୁସ୍ତକ ମହୋତ୍ସବରେ ଆକର୍ଷଣର କେନ୍ଦ୍ର ସାଜିଛି ସେଲ୍ଫି ପଏଣ୍ଟ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସେଲ୍ଫି ପଏଣ୍ଟ ନିର୍ମାଣ କରାଯାଇଛ । ସେଲ୍ଫି ପଏଣ୍ଟରେ ମହାକବି ସାରଳା ଦାସଙ୍କ କୁଟୀର ଠାରୁ ନେଇ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, କବି ରମାକାନ୍ତଙ୍କ ରଚିତ ଶ୍ରୀରାଧା, କାଳଜୟୀ କବିତା ଚିଲିକା, ଉପନ୍ୟାସ ଯାଜ୍ଞସେନୀ, ପୁସ୍ତକ ନର କିନ୍ନର, ଯନ୍ତ୍ରାରୂଢ଼, ବୈଦେହୀଶ ବିଳାସ, ବୁକର ପୁରସ୍କାର ପ୍ରାପ୍ତ ପୁସ୍ତକ ଦ ସେଭେନ ମୁନ୍ସ ଅଫ୍ ମାଲି ଅଲମେଡ଼ା ଆଦିର ଫୋଟୋଚିତ୍ରକୁ ସେଲଫି ପଏଣ୍ଟରେ ସ୍ଥାନିତ କରାଯାଇଛି । ସେଲ୍ଫି ପଏଣ୍ଟରେ ପାଠକମାନେ ଫୋଟୋ ଉଠାଇ ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ ହାଚ୍ ଟ୍ୟାଗ ବ୍ୟବହାର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରୁଛନ୍ତି । ଯୁବପିଢ଼ିଙ୍କ ମଧ୍ୟରେ ବହି କିଣିବା ଓ ବହି ପିବାର ପରମ୍ପରାକୁ ଲୋକପ୍ରିୟ କରିବା ନିମନ୍ତେ ସେଲ୍ଫି ପଏଣ୍ଟ ତିଆରି ହେବା ଏବଂ ସେଠାରେ ଆମ ସାହିତ୍ୟ ଜଗତର ସାରସ୍ୱତ କୃତିକୁ ସ୍ଥାନିତ କରିବା ଏକ ସୁନ୍ଦର ପ୍ରୟାସ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ପୁସ୍ତକ ମହୋତ୍ସବରେ ପ୍ରୀତମ୍ ପ୍ରକାଶନ ଏବଂ ସ୍କୋଲାଷ୍ଟିକ ଇଣ୍ଡିଆ ପ୍ରକାଶନ ତରଫରୁ ସ୍ୱତନ୍ତ୍ର ଭାବେ ଶିଶୁ ସାହିତ୍ୟ ଓ ଗ୍ରାଫିକ ଉପନ୍ୟାସକୁ ନେଇ ଷ୍ଟଲ ନିର୍ମାଣ କରାଯାଇଛି । ସାଇମନ ଓ ସୁଷ୍ଟର ପ୍ରକାଶନ ତରଫରୁ




ମଧ ଗ୍ରାଫିକ ଉପନ୍ୟାସର ଷ୍ଟଲ ରହିଛି । ଏହିସବୁ ଷ୍ଟଲମାନଙ୍କରେ ଶିଶୁ ପାଠକ ଏବଂ ଯୁବପିଢ଼ିଙ୍କର ବେଶ୍ ଭିଡ଼ ଜମୁଛି । ଆଜିର ମୋବାଇଲ ଯୁଗରେ ମଧ ଶିଶୁ ସାହିତ୍ୟର ଚାହିଦା କିଛି କମିନି, ବରଂ ଶିଶୁ ସାହିତ୍ୟ ପୁସ୍ତକ ସାହିତ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ବିଶେଷ ଭାବରେ ଯୁବପିଢ଼ି ଶିଶୁ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ଶିଶୁ ସାହିତ୍ୟର ସ୍ୱର୍ଣ୍ଣିମ ଭବିଷ୍ୟତକୁ ସୂଚିତ କରୁଛି ।

ସେହିପରି ଭାବେ ସ୍କୋଲାଷ୍ଟିକ ଇଣ୍ଡିଆ ଏବଂ ସାଇମନ ଓ ସୁଷ୍ଟର ପ୍ରକାଶନ ଷ୍ଟଲରେ ଗ୍ରାଫିକ ଉପନ୍ୟାସକୁ ସ୍ଥାନିତ କରାଯାଇଛି । ସ୍କୋଲାଷ୍ଟିକ ଇଣ୍ଡିଆ ଷ୍ଟଲରେ ଗେରୋନିମୋ ଷ୍ଟିଲଟନ ଶୃଙ୍ଖଳାର ଶିଶୁ ସାହିତ୍ୟ ପୁସ୍ତକ ରଖାଯାଇଛି । ଯାହାକୁ ଶିଶୁ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି । ରଙ୍ଗୀନ କାଗଜ ଓ ସୁନ୍ଦର ଚିତ୍ରର ଦୁନିଆ ଶିଶୁ ପାଠକଙ୍କ ମନ ମୋହିବାରେ ବେଶ୍ ସଫଳ ହୋଇପାରିଛି । ପୁସ୍ତକ ମହୋତ୍ସବରେ ବିଭିନ୍ନ ପୁସ୍ତକ ବିକ୍ରେତାଙ୍କ ଷ୍ଟଲରେ ୫୦ ଟଙ୍କା, ୧୦୦ ଟଙ୍କା ଓ ୨୦୦ ଟଙ୍କା ମୂଲ୍ୟରେ ପ୍ରସିଦ୍ଧ ଲେଖକମାନଙ୍କର ପୁରୁଣା ବହି ସବୁ ଉପଲବ୍ଧ ହେଉଛି । ପାଠକମାନେ ବହି କିଣିବା ସହ କୋରାପୁଟ କଫିର ମଜା ନେଉଛନ୍ତି । ଫୁଡ଼ ଷ୍ଟଲରେ ମିଲେଟ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ସୁସ୍ୱାଦୁ ଖାଦ୍ୟକୁ ବେଶ୍ ପସନ୍ଦ କରୁଛନ୍ତି ।

### ରାଜ୍ୟସ୍ତରୀୟ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

## ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ପ୍ରଜ୍ଞାଦୀପ୍ତ ପୁରୁଷ

ଭୁବନେଶ୍ୱର, (ସବ୍ୟୁ): ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଥିଲେ ସଂଗ୍ରାମୀ, ସଂସ୍କାରକ ଓ ସମାଜସେବକ । ସେ ଥିଲେ ପ୍ରଜ୍ଞାଦୀପ୍ତ ପୁରୁଷ । ସେ ଓଡ଼ିଆ ପତ୍ରପତ୍ରିକା ଓ ଭାଷା ଆନ୍ଦୋଳନର ଭିତ୍ତି ସ୍ଥାପନ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ତାଙ୍କ ଉଦ୍ୟମ ତାଙ୍କୁ ଏହି ଆନ୍ଦୋଳନର ପ୍ରମୁଖ ବିନ୍ଧାଣୀ ଭାବରେ ସ୍ମରଣୀୟ ରଖିଛି । ତାଙ୍କର ଗଭୀର ବୁଦ୍ଧି ଏବଂ ନେତୃତ୍ୱ ଅନେକ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକଜୁଟ କରିବା ସହିତ ଏକ ପୃଥକ ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ପ୍ରେରଣା ଦେଇଥିଲା । ତାଙ୍କର ଜ୍ଞାନ ଏବଂ ନିଷ୍ଠା କେବଳ ବ୍ରିଟିଶ ସରକାରଙ୍କୁ ଆହ୍ୱାନ କରି ନଥିଲା ବରଂ ଅଗଣିତ ବ୍ୟକ୍ତିଙ୍କ ହୃଦୟ ଜିତିଥିଲା ବୋଲି ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ତଥା ରାଜ୍ୟସ୍ତରୀୟ ସଂଗ୍ରାମୀ, ସମାଜସେବୀ, ସାହିତ୍ୟିକ ଏବଂ ସମ୍ପାଦକ ଥିଲେ । ସେ ଓଡ଼ିଆ ପତ୍ରପତ୍ରିକା ଓ ଭାଷା ଆନ୍ଦୋଳନର ଭିତ୍ତି ସ୍ଥାପନ କରିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରି ସେ ଓଡ଼ିଆ ଅସ୍ମିତାଙ୍କୁ ମଜବୁତ କରିଛନ୍ତି ଇତିହାସରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ।

ବିଶିଷ୍ଟ ଶିକ୍ଷାବିତ,ଗବେଷକ ତଥା ଲେଖକ ଓଡ଼ିଶା ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବେ




ଯୋଗଦେଇ ବିଦ୍ୟାରତ୍ନଙ୍କ ଜୀବନୀ ଓ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀୟ ଅତିଥିଭାବେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଂପାଦକ ଡା. କୃଷ୍ଣକେଶବ ଷଡଙ୍ଗୀ ପଣ୍ଡିତ ବିଦ୍ୟାରତ୍ନଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ କହିଲେ ଯେ ବିଦ୍ୟାରତ୍ନ ଥିଲେ ସାମ୍ବାଦିକତାର ଭୀଷ୍ମ ପିତାମହ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ( ବୈଷୟିକ ) ଗୁରବୀର ସିଂହ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଯେ ଓଡ଼ିଶା ନବଜାଗରଣର ଅନନ୍ୟ ଅଗ୍ରଦୂତ ଭାବେ ପରିଚିତ ପଣ୍ଡିତ ବିଦ୍ୟାରତ୍ନଙ୍କ ଚିନ୍ତା, ଚେତନା, ଲେଖନୀ ଓ କର୍ମଧାରା ଆଜି ବି ଆମକୁ ପଥ ପ୍ରଦର୍ଶନ କରୁଛି । ଓଡ଼ିଶା ନବଜାଗରଣର ଅନନ୍ୟ ଅଗ୍ରଦୂତ ଭାବେ ପରିଚିତ ପଣ୍ଡିତ ବିଦ୍ୟାରତ୍ନଙ୍କ ଚିନ୍ତା, ଚେତନା, ଲେଖନୀ ଓ କର୍ମଧାରା ଆଜି ବି ଆମକୁ ପଥ ପ୍ରଦର୍ଶନ କରୁଛି ବୋଲି ଶ୍ରୀ ସିଂହ କହିଥିଲେ । ସଭା ପ୍ରାରମ୍ଭରେ ଅତିଥିମାନେ ପଣ୍ଡିତ ବିଦ୍ୟାରତ୍ନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ଲୋକ ସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗୀୟ ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କହିଲେ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ଥିଲେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଜଣେ ଦେଶପ୍ରେମୀ, ସ୍ୱାଧୀନତା । ରାଜ୍ୟରେ ସାଂସ୍କୃତିକ ଜାଗରଣ ଏବଂ ସମାଜ ସଂସ୍କାରକ ଭାବେ ତାଙ୍କ କୃତି ଓ ସ୍ୱୀକୃତିକୁ ଏ ଜାତି ଆଜି ବି ସ୍ମରଣ କରୁଛି । ସେ ଓଡ଼ିଆ ଭାଷା ସାହିତ୍ୟର ପୃଷ୍ଠପୋଷକ ଥିଲେ । ଜଣେ ପ୍ରଜ୍ଞାଦୀପ୍ତ ପୁରୁଷ ଭାବେ ଓଡ଼ିଆ ଜାତି ତାଙ୍କୁ ସବୁଦିନ ପାଇଁ ମନେ ରଖିବା ସହିତ ଓଡ଼ିଶା

## ସତ୍ୟ ଓ ଅସତ୍ୟର ଲଢ଼େଇରେ ସତ୍ୟ ହିଁ ଜିତିବ: ରାହୁଲ

ଭୁବନେଶ୍ୱର,(ସବ୍ୟୁ): ସାମ୍ବିଧାନିକ ବିଧିବ୍ୟବସ୍ଥା ପ୍ରତି ବିପଦ ଦେଖାଦେଇଛି । ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ଦଳିମକଚି ନଷ୍ଟ କରିବାକୁ ଉଦ୍ୟମ କରାଯିବା ଦ୍ୱାରା ସ୍ୱାଧୀନତା ସଂଗ୍ରାମୀମାନଙ୍କ କଷ୍ଟଲବ୍ଧ ସ୍ୱାଧୀନତା ମଧ ବିପଦାପନ୍ନ ହୋଇଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି । ରବିବାର ଅପରାହ୍ନରେ ଦିଲ୍ଲୀର ରାମଲୀଳା ମଇଦାନରେ "ଭୋଟ୍ ଚୋର ଗାଦି ଛାଡ଼' ସମାବେଶରେ ଯୋଗଦେବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଲକ୍ଷଲକ୍ଷ କଂଗ୍ରେସ ନେତା ଓ କର୍ମୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି, ନିର୍ବାଚନ ଆୟୋଗ ପରି ଏକ ପ୍ରମୁଖ ତଥା ପବିତ୍ର ସାମ୍ବିଧାନିକ ଅନୁଷ୍ଠାନ ମଧ ଆଜି ଶାସକ ଦଳ ବିଜେପିର ବଚସ୍କର ସାଜିଛି । ମୁଖ୍ୟ ନିର୍ବାଚନ କମିସନର ଓ ଏହି ଆୟୋଗର ଅନ୍ୟ କମିସନର ପଦବିରେ ଯେପରି ନିଜ ବୋଲ ମାନୁଥିବା ଲୋକଙ୍କୁ ରଖାଯାଇପାରିବ, ସେ ବ୍ୟବସ୍ଥା ମଧ କେନ୍ଦ୍ର ସରକାର କରିଦେଇଛନ୍ତି । ପୂର୍ବରୁ ଏହି ଆୟୋଗ ଗଠନ କରିବାକୁ ଦେଶର ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଓ ଲୋକସଭା ବିରୋଧୀ ଦଳ ନେତାଙ୍କୁ ନେଇ ତିନିଜଣିଆ କମିଟି ରହିଥିଲା । ନୂଆ ବ୍ୟବସ୍ଥାରେ ପ୍ରଧାନ ବିଚାରପତିଙ୍କ ସ୍ଥାନରେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରଖାଯିବା ଦ୍ୱାରା ମୋଦୀଙ୍କ ଅଭିପ୍ରାୟ ସ୍ପଷ୍ଟ ହୋଇଛ । ଏହାର ଅର୍ଥ ହେଲା, ଏଣୁଏଣିକି ଦେଶର ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟ ଦୁଇଜଣ କମିସନର ପଦବିରେ କିଏକିଏ ବସୁଛନ୍ତି, ତାହା ମୋଦୀ-ଶାହା ନିଷ୍ପତ୍ତି ନେଉଛନ୍ତି । ବିରୋଧୀ ଦଳ ନେତା ଭାବେ ରାହୁଲଙ୍କ ଅସହମତିର କୌଣସି ଅର୍ଥ ରହୁନାହ । ବିଜେପି-ସିଇସି ମଧୁଚନ୍ଦ୍ରିକା ଜରିଆରେ ଦେଶରେ ହେଉଥିବା ଭୋଟ ଚୋରି ରୋକା ନ ଗଲେ ଦେଶରେ ଗଣତନ୍ତ୍ର ବିପଦାପନ୍ନ ହୋଇପଡ଼ିବ ବୋଲି ସେ କହିଥିଲେ । ଦେଶବ୍ୟାପୀ ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ନିମନ୍ତେ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଗୁଡ଼ିକୁ ଆଗେଇ ନେଇଯିବାକୁ ସେ ସମବେତ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ସେ ଆହୁରି କହିଥିଲେ, ସତ୍ୟ ଓ ଅସତ୍ୟର ଲଢ଼େଇରେ ସତ୍ୟ ହିଁ ଜିତିବ । ସେ ପ୍ରଶ୍ନ କରିଥିଲେ, ସିଇସି ଜ୍ଞାନେଶଙ୍କୁ ଗୃହରେ ସୁରକ୍ଷା ଦେଲାବେଳେ ଗୃହମନ୍ତ୍ରୀଙ୍କ ହାତ କମ୍ପୁଥିଲା କାହିଁକି? ମୋଦୀଙ୍କ ଖେଳ ସରିଯାଇଛି । ଆମେ ଶାସନକୁ ଆସିଲେ, ତ୍ରୁଟିପୂର୍ଣ୍ଣ ଆଇନକୁ ବଦଳାଇବୁ । ଜ୍ଞାନେଶ, ସାନ୍ଧୁ ଓ ଯୋଶୀଙ୍କ ବାନ୍ଧିବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଭୋଟ ଚୋରି ବିରୋଧରେ ଦେଶର କୋଣଅନୁକୋଣରୁ ସଂଗୃହୀତ ୫ କୋଟି ଲୋକଙ୍କ ଦସ୍ତଖତ ସମ୍ବଳିତ ନଥିପତ୍ରର ପ୍ୟାକେଟ ଗୁଡ଼ିକୁ ରାହୁଲ ପ୍ରଦର୍ଶିତ କରିଥିଲେ । ସେଗୁଡ଼ିକୁ ରାଷ୍ଟ୍ରପତି ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ । ଏହି ସମାବେଶରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଅନ୍ୟ ନେତୃବୃନ୍ଦ ଭାଷଣ ଦେଇଥିଲେ । ଉପରୋକ୍ତ କାର୍ଯ୍ୟକ୍ରମ ପାଇଁ ପ୍ରାୟ ସପ୍ତାହେ ହେଲା ଦିଲ୍ଲୀରେ ଥିବା ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି, ""ଏହି ମହାରାଲି ପାଇଁ ସାରା ଦେଶରୁ ଲକ୍ଷେ ଲୋକଙ୍କ ସମାଗମ ନିମନ୍ତେ ଯୋଜନା ହୋଇଥିଲା । ତେବେ ରାମଲୀଳା ମଇଦାନ ଭିତରେ ଯେତିକି ଲୋକ ଥିଲେ ବାହାରେ ତା'ଠାରୁ ଢେର ଅଧିକ ଲୋକ ଥିଲେ । ତେଣୁ ରାହୁଲ ଜୀ ଓ ଖଡ୍‌ଗେ ଜୀ'ଙ୍କ ଡାକରାରେ ଦିଆଯାଇଥିବା "ସମ୍ବିଧାନ ବଞ୍ଚାଅ', "ଭୋଟ୍ ଚୋର ଗାଦି ଛାଡ଼' ଆହ୍ୱାନ ସପକ୍ଷରେ ଦେଶବ୍ୟାପୀ ସମର୍ଥନ ରହିଥିବା ରବିବାରର ମହାରାଲିରୁ ପ୍ରମାଣିତ ହୋଇଛି ।

## ସ୍ମୃତିଚାରଣ ସଭା

ଫୁଲନଖରା,(ସବ୍ୟ): : ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁରସ୍ଥିତ ପ୍ରଜାପତି ଈଶ୍ୱରୀୟ ବିଶ ବିଦ୍ୟାଳୟ ସେବା କେନ୍ଦ୍ରରେ ରାଜଯୋଗିନୀ ବ୍ରହ୍ମକୁମାରୀ ଡାଃ କମଳେଶ ଦିଦିଙ୍କର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଡାଃ କମଳେଶ ଦିଦିଙ୍କର ଗତ ନଭେମ୍ବର ୨୨ ତାରିଖରେ ଦେହାନ୍ତ ହୋଇଯାଇଛି । ଡାଃ କମଳେଶ ନିଜ ପ୍ରଚେଷ୍ଟାରେ ସେତେବେଳେ ୧୩ ଗୋଟି ଜିଲ୍ଲାରେ କାର୍ଯ୍ୟାଳୟ ଓ ସବ ଡିଭିଜନ କାର୍ଯ୍ୟାଳୟ ଖୋଲିଥିଲେ ୯ ଓଡିଶା କୋଣାନୁକୋଣରୁ ପ୍ରାୟ ୧୦ ହାଜରରୁ ଉର୍ଦ୍ଧ ବ୍ରହ୍ମ କୁମାର ଓ କୁମାରୀମାନେ ଯୋଗ ଦେଇଥିଲେ । କମଳେଶ ଦିଦି ସର୍ବଦା ସଂସାରରେ ଶାନ୍ତି ସ୍ଥାପନ ଦିଗରେ ନିଜକୁ ନିୟୋଜିତ ରଖି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ମଞ୍ଚାସୀନ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି ।

### ଟାଉନ ଥାନା ଦ୍ୱାରା ୫୦ ଗ୍ରାମ ବ୍ରାଉନ ସୁଗର ଜବତ

# ଡ୍ରଗସ ସପ୍ଲାୟର ସହ ୨ ନିଶା ବେପାରୀ ଗିରଫ



ପୁରୀ, (ସବ୍ୟ): ବେଆଇନ ବ୍ରାଉନ ସୁଗର ଧର ପଗଡ "ଚକ୍ର" ଅଭିଯାନରେ ପୁରୀ ଟାଉନ ଥାନା ପୋଲିସକୁ ମିଳିଛି ବଡ ସଫଳତା। ନିଶା କାରବାର ଅଭିଯୋଗରେ ଟାଉନ ଥାନା ପୋଲିସ ରବିବାର ଦିନ ସ୍ଥାନୀୟ ପାରାନୋଳିଆ ସାହିର ବାବାଜୀ ପୋଖରୀ ନିକଟରୁ ପଚାଶ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ଜବତ ହୋଇ ଥିବା ବ୍ରାଉନ ସୁଗାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଏହି ନିଶା କାରବାର ଅଭିଯୋଗରେ ପୋଲିସ ଜଣେ ବ୍ରାଉନ ସୁଗାର ସପ୍ଲାଅର ସମେତ ଦୁଇ ଜଣ ନିଶା ବେପାରଙ୍କୁ ଗିରଫ କରିଛି। ଗିରଫ ହୋଇ ଥିବା ବ୍ରାଉନ ସୁଗାର ସପ୍ଲାର ପରିଚୟ ହେଲା ଟାଉନ ଥାନା ଅଧୀନ ପାରାନୋଳିଆ ସାହିର ରାଜୁ ଓରଫ ଭବାନୀ ଶଙ୍କର ନାୟକ (୪୬) ଓ ଅନ୍ୟ ଦୁଇ ଜଣ ନିଶା ବେପାରୀ ହେଲେ ଏହି ଥାନା ଅଧୀନ ହରଚଣ୍ଡି ସାହି ଦାମୋଦର ରୋଡର ବଳି ଓରଫ ବଳଭଦ୍ର ଜେନା(୨୩) ଓ ପଞ୍ଚବଟି ଜାଗା, ଶ୍ରୀରାମନଗର ଚିଣ୍ଟି ଓରଫ ଭଗବାନ ମଲ୍ଲିକ (୧୯) ଅଟନ୍ତି। ଅଭିଯୁକ୍ତଙ୍କ ଠାରୁ ପୋଲିସ ନଗଦ ୨୫ ଶହ ଟଙ୍କା, ଏକ ବଜାଜ ପଲ୍ସର୍ ମୋଟର ସାଇକେଲ ଓ ୨ ଗୋଟି ସ୍ମାର୍ଟଫୋନ ଜବତ କରିଛି। ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସଙ୍କ ସୁଚନା ମୁତାବକ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଥିଲା ଯେ ଏହି ଥାନା ଅନ୍ତର୍ଗତ ପାରା ନୋଳିଆ ସାହି, ବାବାଜୀ ପୋଖରୀ ନିକଟରେ ଗିରଫ ହୋଇ ଥିବା ଅଭିଯୁକ୍ତ ରାଜୁ ଓରଫ ଭବାନୀ ଶଙ୍କର ନାୟକ କେତେକ ନିଶା ବେପାରୀଙ୍କୁ ବ୍ରାଉନ ସୁଗାର ସପ୍ଲାଇ କରିବା ପାଇଁ ଆସୁଛି। ଅଭିଯୁକ୍ତ ଙ୍କୁ ଧରିବା ପାଇଁ ଜିଲ୍ଲା ଏସପି ପ୍ରତୀକ ସିଂ ଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ ସେଠାରେ ଛକି ରହି ଥିଲା। ରାଜୁ ଅନ୍ୟ ନିଶା ବେପାରୀ ଦୁଇ ଜଣଙ୍କୁ ବ୍ରାଉନ ସୁଗାର ପ୍ୟାକେଟ ବଢାଉ ଥିବା ବେଳେ ସେଠାରେ ପୂର୍ବରୁ ଲୁଚି ରହି ଥିବା ପୋଲିସ ଟିମ ସେମାନଙ୍କୁ ମାଡି ବସି ଥିଲା। ସବଇନସ୍ପେକ୍ଟର ଅମିୟ ରଞ୍ଜନ ମହାପାତ୍ରଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ କେଶ ନମ୍ବର ୬୯୯/୨୫ ବଳରେ ଏନଡିପିଏସ ଆକ୍ଟର ଧାରା ଅନୁସାରେ ଏକ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରି ଥିଲା। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରି ଜେଲକୁ ପଠାଇ ଦେଇଛନ୍ତି। ଗିରଫ ହୋଇ ଥିବା ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ପୁରୀ ଟାଉନ ଥାନା, ବାସେଳୀ ସାହି ଓ ବଳିଆ ପଣ୍ଡା ଆଦି ଥାନା ମାନଙ୍କରେ ସଙ୍ଗୀନ ଅପରାଧିକ ମାମଲା ରହିଛି ବୋଲି କହିଛନ୍ତି ଆଇଆଇସି ଶ୍ରୀ ଦାସ।

## କଟକ ସତସଙ୍ଗ ବିହାର ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ

କଟକ, (ସ୍ୱପ୍ର) : ସତସଙ୍ଗର ପ୍ରଧାନ ଆଚାର୍ଯ୍ୟଦେବଙ୍କ ପୁତ ଆଶୀର୍ବାଦ ବହନ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶୁଭ ୧୩୮ ତମ ଆବିର୍ଭାବ ମହୋତ୍ସବ, ଶ୍ରୀଶ୍ରୀ ବଡ଼ଦାଦାଙ୍କର କଟକ ଶୁଭଗମନ ଓ କଟକ ସତସଙ୍ଗ ବିହାର ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଓ କଟକ ଜିଲ୍ଲା ସତସଙ୍ଗ ମହୋତ୍ସବ କଟକ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଓଘର ସତସଙ୍ଗ ସମ୍ପାଦକ ଡ଼ା ବିନାୟକ ମହାପାତ୍ର, ଦିଲ୍ଲୀ ସତସଙ୍ଗ ବିହାର ସଚିବ ଯତୀନ୍ଦ୍ରନାଥ ମହାନ୍ତି, ଶ୍ରୀଧର ସୁନ୍ଦର ମିଶ୍ର କଟକ ଜିଲ୍ଲାର ତଥା ଓଡିଶାର ବହୁ ପ୍ରାନ୍ତର ବହୁ ଶିଳ୍ପପତି, ବୁଦ୍ଧିଜୀବୀ, ଶିକ୍ଷାବିତ, ସିନେମାଶିଳ୍ପୀ, ସମାଜସେବୀ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ପରେଶ୍ୱର ଜେନା, ଲକ୍ଷ୍ମୀଧର ନାୟକ, ସୁରେନ୍ଦ୍ର ସ୍ୱାଇଁ, ଗୁରୁଚରଣ ପରିଡ଼ା, ବିଜୟ କୁମାର ମହାପାତ୍ର, ଅମରନାଥ ବାନାର୍ଜୀ, ନଗେନ୍ଦ୍ରନାଥ ସ୍ୱାଇଁ, ଡ଼ମ୍ବରୁଧର ଦାସ, ଉମାକାନ୍ତ ସାହୁ, ଯୁଧିଷ୍ଠିର ବିଶ୍ୱାଳ, ପାଣ୍ଡ ପ୍ରଧାନ ସୁରେଶ ଚନ୍ଦ୍ର ଦଳାଇ, ପ୍ରତାପ ଚନ୍ଦ୍ର ବେହେରା, ପ୍ରତିଭା ମିଶ୍ର, ସୁରେନ୍ଦ୍ରନାଥ ପଣ୍ଡା ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଅନେକ ବର୍ଷୀୟାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି ବିଶାଳ ସତସଙ୍ଗ ମହାକୁମ୍ଭରୁ ଫେରୁଥିବା ଶ୍ରଦ୍ଧାଳୁ ମାନଙ୍କ ମୁଖରୁ ଆଜି ଏକ ଅଦିନିଆ ବାଲିଯାତ୍ରା ସୃଷ୍ଟି ହୋଇଥିଲା ବୋଲି ଶୁଣିବାକୁ ମିଳୁଥିଲା । ଆୟୋଜକ ମାନଙ୍କ ମଧ୍ୟରେ ଯୁବ, କର୍ମଠ ଡ଼ି. ପି. କର୍ମୀବୃନ୍ଦ ବହୁ ଶ୍ରମ ଓ ସେବା ନେଇ ଉତ୍ସବ ସଫଳତା ପାଇଁ ଅଣ୍ଟା ଭିଡ଼ିଥିଲେ । ଉତ୍ସବ ଅବସରରେ ଉର୍ଜାବିଭା ପତ୍ରିକା ଡ଼ା ବିନାୟକ ମହାପାତ୍ର ଉନ୍ମୋଚିତ କରିଥିଲେ ।




## ଶ୍ରମିକଙ୍କ ସୁରକ୍ଷିତ ଭବିଷ୍ୟତ ଲାଗି ଏସପିଡି କନଷ୍ଟ୍ରକ୍ସନର ମିନି ମାରାଥନ୍



ଭୁବନେଶ୍ୱର,(ସବ୍ୟ): ଶ୍ରମିକଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ଅଧିକ ସଚେତନତା ଓ ଏହା ପ୍ରାଥମିକ ଦାୟିତ୍ୱ ଭାବେ ଏସପିଡି କନଷ୍ଟ୍ରକ୍ସନ ଲିମିଟେଡ୍ ପକ୍ଷରୁ ରବିବାର ଏକ ସେଫଟି ମିନି ମାରାଥନ ଆୟୋଜିତ ହୋଇଛି । ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଅଂଶଗ୍ରହଣ କରିଥିଲେ । ଖଣ୍ଡଗିରି ନିକଟସ୍ଥ ଜୟଦେବ ବାଟିକାରୁ ଦୌଡ଼ ଆରମ୍ଭ ହୋଇ ସମ୍ ହସ୍ପିଟାଲ ନିକଟରେ ସୋଆ କ୍ରିକେଟ୍ ପଡ଼ିଆରେ ଶେଷ ହୋଇଥିଲା ଏହି ମାରାଥନ । ଏହି କାର୍ଯ୍ୟକ୍ରମକୁ ଏସପିଡି କନଷ୍ଟ୍ରକ୍ସନର ପରିଚାଳନା ନିର୍ଦ୍ଦେଶକ ସୌରଭ ଖୈତାନ ଉଦଘାଟିତ କରିଥିଲେ । ତାଙ୍କ ସହିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିରାଗ ଖୈତାନ ଏବଂ ନିର୍ଦ୍ଦେଶକ ସଞ୍ଜୟ ଜାଲାନ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଶିଳ୍ପରେ ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ଏସପିଡି କନଷ୍ଟ୍ରକ୍ସନର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ରକ୍ତଦାନ ମହାସେବା ସଫଳ ଅଭିଯାନର ବାର୍ତ୍ତା ପ୍ରଚାରକ ଦୁଇ କୁନି ପ୍ରତିଭା

କଟକ,(ସବ୍ୟ): ରକ୍ତଦାନ ମହତ୍ ଦାନ ଏହାର ବିକଳ୍ପ ନାହିଁ । ଏହି ମହତ୍ ସେବା ଅଭିଯାନର ମହନୀୟ ବାର୍ତ୍ତା ପ୍ରଚାର ଅଭିଯାନରେ ସାମିଲ ତଥା ବହୁବିଧ ସମାଜସେବା କାର୍ଯ୍ୟରେ ଅନୁପ୍ରାଣୀତ ଦୁଇ ଶିଶୁ ପ୍ରତିଭା ଅର୍ପିତା ବେଉରା ଓ ତାଙ୍କ କନିଷ୍ଠ ଭ୍ରାତା ଭାଗବତ ବେଉରା ଉଚ୍ଚ ପ୍ରଶଂସା ଲାଭ କରିଛନ୍ତି । ସୂଚନାଯୋଗ୍ୟ ଅର୍ପିତା କଟକ ନେତାଜୀ ନଗର ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନ ସେଣ୍ଟର ଚତୁର୍ଥ ଶ୍ରେଣୀର ଛାତ୍ରୀ ଓ ଭାଗବତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ନୂଆବଜାର ମଣ୍ଡେଶ୍ୱରି ୱାନରେ ଶିକ୍ଷା ଗ୍ରହଣ କରୁଥିବା ଏହି ଦୁଇ ଶିଶୁ ପ୍ରତିଭା ସରସ୍ୱତୀ କଳା ପରିଷଦ କନ୍ଦରପୁର ଓ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା (ବିସିଟି) ସହ ସମ୍ପାଦକ ସମାଜସେବୀ ଇଂ.ସେବକ ଶ୍ରୀକାନ୍ତ ଓ ରକ୍ତଦାତା ଝୁନାରାଣୀ ବେଉରାଙ୍କ ପୁତ୍ର କନ୍ୟା ଅଟନ୍ତି । ପିଲାଦିନୁ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା,ଆଶ୍ରମ ସେବା,ଧାର୍ମିକ କାର୍ଯ୍ୟ ଆଦିରେ ଖୁବ୍ ରୁଚି ରଖିଛନ୍ତି ଏଥିସହ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇ ବିଦ୍ୟାଳୟ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିପାରିଛନ୍ତି ।

## ନାବାଳିକାକୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟ) : ନାବାଳିକାକୁ ବଳାତ୍କାର କରିବା ଅଭିଯୋଗରେ ମହିଳା ଥାନା ପୋଲିସ କଳିଙ୍ଗନଗର ଅଞ୍ଚଳର ଅଭିଯୁକ୍ତ ନରେଶ ମହାନ୍ତିକୁ ଗିରଫ କରି କୋର୍ଟଚାଲାଣ କରିଛି । ଗଞ୍ଜାମ ଜିଲ୍ଲାରେ ପୀଡିତାଙ୍କ ଘର । ସେ ବାପ-ମା'ଙ୍କ ସହ ଭୁବନେଶ୍ୱର ଆସି କଳିଙ୍ଗନଗରରେ ଥିବା ନରେଶଙ୍କ ଘରେ ଭଡାରେ ରହୁଥିଲେ । ବାପା ଏକ ଜଳଖିଆ ଦୋକାନରେ କାମ କରୁଥିବା ବେଳେ ମା'ଘରୋଇ କାମ କରିବାକୁ ଯାଆନ୍ତି । ଝିଅର ବୟସ ୧୧ବର୍ଷ ହୋଇଥିବାରୁ ସେ ସ୍କୁଲକୁ ପଢିବାକୁ ଯାଏ । ବହୁ ସମୟରେ ସେ ଘରେ ଏକାକୀ ରୁହେ । ୨/୩ଦିନ ତଳେ ଘର ମାଲିକ ନରେଶ କରିଥିବା ପାନ ଦୋକାନକୁ ବନ୍ଦ କରି ଆସି ନାବାଳିକାଙ୍କୁ ବଳାତ୍କାର କରିଥିଲା । ରକ୍ତସ୍ରାବ ହେବାରୁ ବାପ-ମା' ଜାଣିଥିଲେ । ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଆଣିବା ସହ ମହିଳା ଥାନାରେ ଏତଲା ଦାଏର କରିଥିଲେ । ପୀଡିତାଙ୍କ କହିବାନୁଯାୟୀ ଅଭିଯୁକ୍ତ ନରେଶ ତାଙ୍କୁ ବାରମ୍ବାର ବଳାତ୍କାର କରିଛି । ଯେଉଁଦିନ ରକ୍ତସ୍ରାବ ହେଲା ସେଦିନ ଗୁପ୍ତାଙ୍ଗ କ୍ଷତାକ୍ତ ହୋଇଯାଇଥିବାରୁ ବାପା-ମା' ଜାଣି ପିଲାକୁ ଘଟଣା ସମ୍ପର୍କରେ ପଚାରିଥିଲେ । ମହିଳା ଥାନା ପୀଡିତା ପରିବାର ଏତଲାକୁ ଭିତ୍ତିକରି ପୋକ୍‌ସୋ ଦଫାରେ ନରେଶକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଅବିଭକ୍ତ ଦପୁ ରେଳପଥ ଅର୍ବାନ ବ୍ୟାଙ୍କ ବୋର୍ଡ ଅଫ ଡିରେକ୍ଟର୍ସଙ୍କ ବୈଠକ




ଜଟଣୀ, (ସବ୍ୟ) : ଅବିଭକ୍ତ ଦପୁ ରେଳପଥ (ଦକ୍ଷିଣ ପୂର୍ବ,ପୂର୍ବତଟ ଓ ପୂର୍ବ କେନ୍ଦ୍ରୀୟ ରେଳପଥ ) ଅର୍ବାନ କୋପେରେଟିଭ ସୋସାଇଟି ବ୍ୟାଙ୍କ ପରିବର୍ତ୍ତନ ପାନେଲ ବୋର୍ଡ ଅଫ ଡିରେକଟରଙ୍କ ବୈଠକ ଅଧକ୍ଷ ଶୈଳେନ୍ଦ୍ର ପ୍ରତାପ ସିଂ ସଭାପତିତ୍ୱରେ ଗାର୍ଡେନରିଚ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନେକ ଗୁଡିଏ ଲୋକାଭିମୁଖୀ ନିଷ୍ପତି ନିଆଯାଇଥିଲା । ଏଣିକି ଅଂଶୀଦାର ମାନଙ୍କ ପୁନଃ ଲୋନ ପାଇଁ ତିନି ମାସ କିସ୍ତି କୋହଳ କରାଗଲା, ଅର୍ଥାତ ପୂର୍ବରୁ ଥିବା ଅଧା କିସ୍ତି ପରିଶୋଧ ପରେ ପୁନଃ ଲୋନ ମିଳୁଥିଲା, ବର୍ତମାନ ତିନିମାସ ପୂର୍ବରୁ ପାଇପାରିବେ । ଏକ ଜାନୁଆରୀ ଛବିଶରୁ ଫିକ୍ସ ଡିପୋଜିଟ, ରିକରିଙ୍ଗ ଡିପୋଜିଟ ଏବଂ ସେଭିଂ ଡିପୋଜିଟ ଅନ ଲାଇନି କରିପାରିବେ । ପ୍ରଥମ ଥର ପାଇଁ ବ୍ୟାଙ୍କର ମହିଳା କର୍ମଚାରୀ ଓ ମହିଳା ଡ଼େଲିଗେଟ ମାନଙ୍କୁ ନେଇ ଆସନ୍ତା ମହିଳା ଦିବସକୁ ପୁରୀ ଠାରେ ଧୁମଧାମରେ ପାଳନ କରାଯିବ । ଏହି ବୈଠକରେ ଖୋର୍ଦ୍ଧାରୋଡ ଅର୍ବାନ ବ୍ୟାଙ୍କ ଡିରେକଟର ନିରଞ୍ଜନ ମିଶ୍ର,ଜଗମୋହନ ଖୁଣ୍ଟିଆଙ୍କ ସମେତ ସମସ୍ତ ଡିରେକଟର ମାନେ ଉପସ୍ଥିତ ଥିଲେ ବୋଲି ଶ୍ରମିକ କଂଗ୍ରେସ ମିଡିଆ ସେଲ ମୁଖ୍ୟ ଏଲ ଡି ମହାନ୍ତି ସୂଚନା ଦେଇଛନ୍ତି ।

## ବାଣୀବିହାର ୮୦ ର ବାର୍ଷିକ ଅଧିବେଶନ



ଭୁବନେଶ୍ୱର (ସବ୍ୟ): ରବିବାର ପୂର୍ବାହ୍ନରେ ବାଣୀବିହାର ୮୦ରର ବାର୍ଷିକ ଅଧିବେଶନ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶହେ ପନ୍ଦର ଜଣ ସଭ୍ୟ ସଭ୍ୟା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସି ଯୋଗଦାନ କରିଥିଲେ । ଅନୁଷ୍ଠାନର ସ୍ମରଣିକା ଏହି କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇଥିଲା । ଏହା ସହିତ ସମ୍ପାଦକ କବି ଆଶୁତୋଷ ଦାଶଙ୍କର ଦ୍ୱିତୀୟ କବିତା ସଂକଳନ "ଭିନ୍ନ ରାଗିଣୀ" ଓ କବି ଅଲେଖ ନନ୍ଦୀଙ୍କର କବିତା ସଂକଳନ " ଏହି ଅଧିବେଶନରେ ଲୋକାର୍ପିତ ହୋଇଥିଲା । ସଭାପତି ପ୍ରତୀପ ମିଶ୍ର ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ । ସଭ୍ୟ ସଭ୍ୟାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା ।ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ ନୀହାରିକା ମିଶ୍ର, ଦ୍ୱିତୀୟ :ମିଳିତ ଭାବେ ସମୀର ମିଶ୍ର ଓ ସୁଜାତା ଦାଶ ଓ ତୃତୀୟ: ମୀନା ନାୟକ । ଦଶଜଣଙ୍କୁ ଅଧିବେଶନରେ ପ୍ରଥମେ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଥିବାରୁ "ସହଳ ବିହଙ୍ଗ" ପୁରସ୍କାର ପ୍ରଦାନ କରାଯାଇଥିଲା । ଅଧିବେଶନରେ ସଭାପତି ଓ ସମ୍ପାଦକଙ୍କୁ ସହାୟତା କରିଥିଲେ ସହ ସମ୍ପାଦକ ନରହରି ଶିଅଳ, କୋଷାଧକ୍ଷ ପରେଶ ମହାନ୍ତି, ବରିଷ୍ଠ ସଭ୍ୟ କ୍ଷମା କର ସ୍ୱାଇଁ ଓ ଶରତ ଦାଶ ।




ଗୀତଗୋବିନ୍ଦ ଭବନ ଠାରେ ଶନିବାର ଆୟୋଜିତ ପୁସ୍ତକ ପାଠକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଡ. ରବି ନାରାୟଣ ସେନାପତି ଓ ଅନ୍ୟ ଅତିଥିମାନେ ରମାକାନ୍ତ ଲେଙ୍କାଙ୍କ ରମ୍ୟ ରଚନା 'ଷଣ୍ଢକୁ ରୁଟି'ର ଉନ୍ମୋଚନ କରୁଛନ୍ତି ।

## କମାଗୁରୁରେ କ୍ଲଷ୍ଟର୍ ସ୍ତରୀୟ ଶିକ୍ଷା ସଚେତନତା ସଭା

ନିରାକାରପୁର ,(ସବ୍ୟ): : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଚ୍ୟୁତପୁର କ୍ଲଷ୍ଟର ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ କମାଗୁରୁ ଠାରେ କ୍ଲଷ୍ଟର୍ ସ୍ତରୀୟ ଶିକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଅଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଅଚ୍ୟୁତପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ,ସହକାରୀ ଶିକ୍ଷକ ବିଦ୍ୟାଳୟ ପରିଚାଳନା ଶିକ୍ଷା କମିଟି ସ୍ଥାନୀୟ ଜନପ୍ରତିନିଧି କମାଗୁରୁ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ଚଂପତି ସମିତି ସଭ୍ୟ, ବିଦ୍ୟାଳୟ କମିଟି ସଭାପତି ପବିତ୍ର ମହାରଣା ଉପସ୍ଥିତ ରହି ସଭାର ମୁଖ୍ୟ ଉଦ୍ଦେଶ୍ୟ ସାକ୍ଷରତା ଓ କର୍ମକୁଶଳତା ଉପରେ ସଚେତନତା କରିଥିଲେ । ଅଚ୍ୟୁତପୁର କ୍ଲଷ୍ଟର୍ ସି ଆର ସି ସି ବିଜୟ କୁମାର ମାନସିଂହ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ।ପ୍ରଧାନ ଶିକ୍ଷକ ମଧୁସୂଦନ ସୁନ୍ଦରାୟ, ବିରଞ୍ଚି ନାରାୟଣ ନିଶଙ୍କ, ସୋମନାଥ ବେହେରା, ସୁକାନ୍ତ ନାୟକ,ପ୍ରଭାତୀ ଜେନା, ହର୍ଷମଣୀ ଦେଇ, ସୁନୀତା ବଳ ଶ୍ରୀଚନ୍ଦନ, ଜ୍ଞାନ ରଞ୍ଜନ ମହାନ୍ତି ଆଦି ଯୋଗଦେଇ ନିଜର ମତ ରଖିଥିଲେ ।ଶିକ୍ଷକ ଗୋପାଳକୃଷ୍ଣ ଲେଙ୍କା, ଅଧିକାରୀ ସାହୁ ଓ ପୂର୍ଣ୍ଣଚନ୍ଦ୍ର ମାଝି ଆଦି ସହଯୋଗ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ସୌଦାମିନୀ ଗୁମାନ ସିଂ ଓ ଧନ୍ୟବାଦ ଅର୍ପଣ କରିଥିଲେ ସସ୍ମିତା ପ୍ରଧାନ ।

### ଧର୍ମଶାଳାରେ ସମ୍ପତ୍ତି ହଡପ ପାଇଁ ହତ୍ୟା

# ଘଟଣାର ଚାରିମାସ ପରେ ଏତଲା ପଞ୍ଜିକରଣ କଲା ପୋଲିସ

ଚଣ୍ଡିଖୋଲ/ଚଡେଇଧରା,(ସବ୍ୟ) ଯାଜପୁର ଜିଲ୍ଲାର ଧର୍ମଶାଳା ଥାନା ଗଙ୍ଗାଧରପୁର ଗ୍ରାମରେ କୋଟିକୋଟି ଟଙ୍କାର ପୈତୃକ ସମ୍ପତ୍ତି ହଡପ କରିନେବା ପରେ ଘଟଣାକୁ ଚାପିଦେବା ପାଇଁ ଜଣେ ଯୁବକକୁ ତାଙ୍କ ବଡଭାଇ,ଭଉଣୀ ଓ ପରିବାର ଲୋକେ ମିଳିମିଶି ସୁଚିନ୍ତିତ ଭାବେ ହତ୍ୟା କରିଥିବା ପରି ଜଘନ୍ୟ ଘଟଣାର ଏତଲାକୁ ପୋଲିସ ଚାରିମାସ ଧରି ଚାପିରଖିବା ପରେ ଗତ ଦୁଇଦିନ ତଳେ ମାମଲାକୁ ପଞ୍ଜିକରଣର କରିଛି। ଗତ ଅଗଷ୍ଟ ମାସ ୨ ତାରିଖରେ ସମ୍ପତ୍ତି ହଡପ ପରେ ଅଗଷ୍ଟ ୧୫ ତାରିଖରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯିବା ଘଟଣାକୁ ନେଇ ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକଙ୍କ ବିଧବା ପତ୍ନୀ ଦେଇଥିବା ଏତଲାର ବିଷୟ ବସ୍ତୁ ଆଧାରରେ ଧର୍ମଶାଳା ଥାନାରେ ଚଳିତ ଡିସେମ୍ବର ମାସ ୧୦ ତାରିଖରେ ପୋଲିସ ନରହତ୍ୟା ଓ ସମ୍ପତ୍ତି ହଡପ ଦଫା ଲଗାଇ ମାମଲା ପଞ୍ଜିକରଣ କରିଛି। ତେବେ ଏତେବଡ ଘଟଣାର ଏତଲାକୁ ଧର୍ମଶାଳା ଥାନାର ତତ୍କାଳୀନ ଥାନା ଅଧିକାରୀ କାହିଁକି ଚାପିରଖି ଅଭିଯୁକ୍ତ ମାନଙ୍କୁ ଘଣ୍ଟ ଘୋଡାଇ ଚାଲିଥିଲେ ତାହାର ତଦନ୍ତ କରାଯାଇ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପିଡିତା ଓ ତାଙ୍କ ପରିବାର ଦାବି କରିଛନ୍ତି। ତତ୍କାଳୀନ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନକୁମାର ମାଝୀଙ୍କର ଏପରି କାର୍ଯ୍ୟଧାରାକୁ ନେଇ ସମଗ୍ର ପୋଲିସ ପ୍ରଶାସନ ସାଧାରଣରେ ସମାଲୋଚିତ ହୋଇଥିବା ଆଲୋଚନା ହେଉଛି। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ଜେନାପୁର ଥାନା ରାମଚନ୍ଦ୍ରପୁର ଗ୍ରାମର ବିକ୍ରମ ବେହେରାଙ୍କ ଭଉଣୀ ଝରଣା ଧର୍ମଶାଳା ଥାନା ଗଙ୍ଗାଧରପୁର ଗ୍ରାମର ମକରଧ୍ୱଜ ସାହୁଙ୍କ ପୁଅ ପ୍ରଶାନ୍ତ ସାହୁଙ୍କୁ ବିବାହ କରିଥିଲେ। ପ୍ରଶାନ୍ତ ଓ ଝରଣାଙ୍କର ଏବେ ଗୋଟିଏ ୧୬ ବର୍ଷର ପୁଅ ଓ ୧୯ ବର୍ଷର ଝିଅ ଅଛନ୍ତି। ଶାଶୁ ଘରଲୋକେ ସ୍ୱାମୀକୁ ହାତକରି ଝରଣାଙ୍କ ଉପରେ ଅତ୍ୟାଚାର କରିବା ଯୋଗୁଁ ସେ ଜୀବନ ବିକଳରେ ଶାଶୁଘରୁ ଚାଲିଆସି ପୁଅଝିଅ ସହିତ ଗତ ୫/୬ ମାସ ହେବ ବାପଘରେ ରହୁଥିଲେ। ଝରଣାଙ୍କ ସ୍ୱାମୀ ମଧ୍ୟ ଶଶୁର ଘରକୁ ନିୟମିତ ଆସି ସ୍ତ୍ରୀ ଓ ପିଲାମାନଙ୍କ ସହିତ ମିଶିବା ସହ ସେମାନଙ୍କ ଭଲମନ୍ଦ ବୁଝୁଥିଲେ। ଗତ ଜୁଲାଇ ୨୦ ତାରିଖରେ ଶେଷଥର ପାଇଁ ପ୍ରଶାନ୍ତ ଶଶୁର ଘରକୁ ଆସି ନିଜ ପିଲାମାନଙ୍କ ସହ କଥାହୋଇ କିଛିଦିନ ମଧ୍ୟରେ ସମସ୍ତଙ୍କୁ ତାଙ୍କ ଘରକୁ ନେଇ ଯିବାକୁ କହି ଯାଇଥିଲେ।

### ତତ୍କାଳୀନ ଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିକଲେ ପିଡିତା

ତେବେ ଅଭିଯୋଗ କାରିଣୀ ଦୁଇ ପିଲାଙ୍କ ସହ ତାଙ୍କ ବାପାଘରେ ଥିବା ସମୟରେ ଗତ ଅଗଷ୍ଟ ମାସ ୨ ତାରିଖରେ ତାଙ୍କ ଘରଡିହ ସହ ଧର୍ମଶାଳା ତହସିଲର ଜାରକା ନୂଆଗାଁ ମୌଜାରେ ଥିବା ୨ଏକର ୨୨ ଡେସମିଲ,ଗଙ୍ଗାଧରପୁର ମୌଜାରେ ଥିବା ୬୪ ଡେସମିଲ ଓ ପଲାର ମୌଜାରେ ଥିବା ୩୯ ଡ଼ଡେସିମିଲ (ମୋଟ ୩ଏକର୨୫ ଡେସମିଲ) ପରିମିତ ବହୁକୋଟି ଟଙ୍କାର ପୈତୃକ ସମ୍ପତ୍ତିକୁ ଚଞ୍ଚକତା କରି ତାଙ୍କ ବିବାହିତା ନଣନ୍ଦ ଓ ଦେଢଶୁର ନିଜ ନାମରେ କରାଇନେଇଥିଲେ ଏବଂ ଜମି କବଲା ହେବାର ୧୩ ଦିନ ପରେ ଅଗଷ୍ଟ ୧୫ ତାରିଖରେ ନଣନ୍ଦଙ୍କ ଘରେ ତାଙ୍କ ସ୍ୱାମୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଯେଉଁ ନଣନ୍ଦ ଚଞ୍ଚକତା କରି ତାଙ୍କ ସମ୍ପତ୍ତି ହଡପ କରିଛନ୍ତି ତାଙ୍କରି ଘରେ ସ୍ୱାମୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବାରୁ ସମ୍ପତ୍ତି ହଡପ ପାଇଁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେ ଜାଣି ବାପାରିଥିଲେ। ଏପରିକି ତାଙ୍କ ସ୍ୱାମୀ ପଢାଲେଖା ଜାଣିଥିବା ସହ ନିଜର ଦୁଇ ପିଲା ଓ ସ୍ତ୍ରୀ ଥାଉଥାଉ ସେ କିପରି ନିଜର ଘରଡିହ ସହିତ ସମସ୍ତ ପୈତୃକ ସମ୍ପତ୍ତିକୁ ଅନ୍ୟ ନାମରେ କବଲା କରିଦେଲେ ଓ ହୋଇଥିବା କବଲାରେ ଦସ୍ତଖତ ବଦଳରେ ସେ କିପରି କେବଳ ଟିପଚିହ୍ନ ଦେଇ ସମ୍ପତ୍ତି ହସ୍ତାନ୍ତର କଲେ ତାହା ଧିକ ସନ୍ଦେହ ସୃଷ୍ଟି କରିଥିଲା। ଯାହାକୁ ନେଇ ଝରଣା ଧର୍ମଶାଳା ଥାନାରେ ସେପ୍ଟେମ୍ବର ୩୦ତାରିଖରେ ଏତଲା ଦେଇଥିଲେ। ଏହା ଉପରେ କିଛି କାର୍ଯ୍ୟାନୁଷ୍ଠାନ ନହେବାରୁ ପୁନର୍ବାର ଅକ୍ଟୋବର ୧୦ ତାରିଖରେ ଧର୍ମଶାଳା ଥାନାରେ ଆଉଏକ ଏତଲା ଦେଇ ତାଙ୍କୁ ଓ ତାଙ୍କୁ ଦୁଇ ପିଲାଙ୍କୁ ନ୍ୟାୟ ଦେବାକୁ ଥାନା ଅଧିକାରୀ ରଞ୍ଜନ ମାଝୀଙ୍କୁ ଅନୁରୋଧ କରିଥିଲେ। ଏହାପରେ ମଧ୍ୟ ପୋଲିସ ତାଙ୍କ ଏତଲା ପଞ୍ଜିକରଣ କରି ତଦନ୍ତ କରୁନଥିବାରୁ ଝରଣା ସାହୁ ଯାଜପୁର ଏସପିଙ୍କୁ ଅକ୍ଟୋବର ୨୫ ତାରିଖରେ ଶାକ୍ଷାତକରି ଲିଖିତ ଅଭିଯୋଗ ଦେବା ସହ ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ନେହୁରା ହୋଇଥିଲେ। ଏହା ଭିତରେ ଅଭିଯୋଗ କାରିଣୀ ଓ ତାଙ୍କ ପରିବାର ୧୫ଥରରୁ ଉର୍ଦ୍ଧ୍ୱ ଥାନାକୁ ଯାଇ ପୋଲିସକୁ ନ୍ୟାୟଭିକ୍ଷା କରିଥିଲେ ମଧ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପରିବର୍ତ୍ତେ ଘଟଣାର ରଫାଦଫା କରିବା ପାଇଁ ପୋଲିସ ତାଙ୍କ ଉପରେ ଚାପ ପକାଇ ଚାଲିଥିଲା ।ଯାହାକୁ ନେଇ ନ୍ୟାୟ ଦେବାପାଇଁ ଝରଣା ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଜ୍ୟ ପୋଲିସ ଡିଜିଙ୍କୁ ଚିଠିଲେଖିବା ସହ ନ୍ୟାୟ ନମିଳିଲେ ଦୁଇ ପିଲାଙ୍କ ସହ ଯାଜପୁର ଏସପିଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବାକୁ ନଭେମ୍ବର ୨୫ରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ଏହି ସ୍ପର୍ଶକାତର ଘଟଣାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ଗୃହ ବିଭାଗ ଉକ୍ତ ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋଲିସ ଡିଜି ଓ ଯାଜପୁର ଏସପିଙ୍କୁ ନିର୍ଦ୍ଦେଶ ଦେବାପରେ ଯାଜପୁର ଜିଲ୍ଲା ପୋଲିସ ଚେଏଙ୍କ ଉଠିଛି। ଘଟଣାର ୪ମାସ ପରେ ଅଭିଯୋଗ କାରିଣୀ ଝରଣା ସାହୁଙ୍କୁ ଅଗତ୍ୟା ଧର୍ମଶାଳା ଥାନାକୁ ଡକାଇ ଗତ ଡିସେମ୍ବର ମାସ ୯ ତାରିଖରେ ତାଙ୍କ ଏତଲାକୁ ଥାନା କେଶ ନଂ ୭୪୩/୨୫ରେ ପଞ୍ଜିକୃତ କରିବା ସହ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ନରହତ୍ୟା ଓ ମିଳିତ ଷଡଯନ୍ତ୍ର କରି ସମ୍ପତ୍ତି ହଡପ ପରି ବିଏନଏସର ୧୦୩(୧),୨୯୬,୩୫୧(୨),୩୧୮(୪),୩(୫) ଦଫା ଲଗାଇଥିବା ଜଣାପଡିଛି । ତେବେ ଏତେବଡ ଜଘନ୍ୟ ଘଟଣାରେ ଧର୍ମଶାଳା ଥାନା ଅଧିକାରୀ କାହିଁକି ଓ କେଉଁ ସ୍ୱାର୍ଥରେ ଦୀର୍ଘ ଚାରିମାସ ଧରି ଏତଲାକୁ ପଞ୍ଜିକୃତ ନକରି ଘଟଣାକୁ ଚପାଇ ରଖିଲେ ଓ ଅଭିଯୁକ୍ତ ମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ତାଙ୍କୁ ଓ ତାଙ୍କ ଦୁଇ ପିଲାଙ୍କୁ ମାନଶିକ ଯନ୍ତ୍ରଣା ଦେଲେ ତାହାର ଉପଯୁକ୍ତ ତଦନ୍ତ ସହ ସଂପୃକ୍ତ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିବା ସହ କେଶ ପଞ୍ଜିକରଣ ନକରି ଦୀର୍ଘ ଚାରିମାସ ହେବ ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ପୋଲିସ ସମୟ ଦେଇଥିବାରୁ ସେମାନେ ବହୁ ପ୍ରମାଣ ନଷ୍ଟ କରିଦେବାରେ ସଫଳ ହୋଇଥାଇ ପାରନ୍ତି ବୋଲି ଝରଣା ସନ୍ଦେହ କରି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

# ପୌରାଞ୍ଚଳ ବାସିନ୍ଦାଙ୍କୁ ଘରବାଡି ପଟ୍ଟା ପ୍ରଦାନରେ ବିଳମ୍ବ : ଆନ୍ଦୋଳନ ସଜବାଜ

ଆସିକା, (ସବ୍ୟୁ): ଆସିକା ପୌରାଞ୍ଚଳ ସାତ ରାଜସ୍ୱ ଗ୍ରାମ ବାସିନ୍ଦାଙ୍କୁ ଘରବାଡି ପଟ୍ଟା ପ୍ରଦାନରେ ଅହେତୁକ ବିଳମ୍ବ ଓ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବି ନେଇ ସ୍ଥାନୀୟ ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଗଙ୍ଗାଧର ଶତପଥିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ସରକାରଙ୍କୁ ଆସିକା ପୌରାଞ୍ଚଳର ସମସ୍ତ ସାତ ମୌଜାର ଅଧିବାସୀଙ୍କୁ ସ୍ଥାୟୀ ଭୂ-ବନ୍ଦୋବସ୍ତ (ସର୍ଭେର ସେଟେଲମେଣ୍ଟ) ରାଜସ୍ୱ ରୟତି ପଟ୍ଟା ଯୋଗାଇ ଦେବା ନେଇ ଆଲୋଚନା କରାଯାଇଥିଲା । ରାଜସ୍ୱ ପ୍ରଶାସନ ଜାଣି ଶୁଣି ବିଳମ୍ବ କରୁଥିବା ପ୍ରତିବାଦରେ ଅତିଶୀଘ୍ର ନାଗରିକମାନଙ୍କର ଏକ ଶାନ୍ତି ଶୋଭାଯାତ୍ରା ନଗର ପରିକ୍ରମା କରି ଆସିକା ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳ ଓ ରାଜସ୍ୱ ଉପରିସ୍ଥ କର୍ମକର୍ତ୍ତାଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଥିଲା ।

ପୌରାଞ୍ଚଳର ରାଜସ୍ୱ ପଟ୍ଟା କାର୍ଯ୍ୟକ୍ରମକୁ ଚଳାଇବା ପାଇଁ ଆସିକା ନାଗରିକ କମିଟି ଗଠନ କରାଯାଇ ସଭାପତି ଭାବେ ଆଇନଜୀବୀ ଛବିଳରାମ ମିଶ୍ର, ସମ୍ପାଦକ ଶକ୍ତିପ୍ରସାଦ କର, ଉପଦେଷ୍ଟା ଭାବେ ସତ୍ୟନାରାୟଣ ରଥ, ଆଇନଜୀବୀ ବିନୋଦ ପାଣିଗ୍ରାହୀ, ଆଇନଜୀବୀ ନାରାୟଣ ମୁନୀ, ଅମଳା ସଂଘ ନେତା ପ୍ରସନ୍ନ କୁମାର ତ୍ରିପାଠୀ, ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ, ଆଇନଜୀବୀ ଦିଲିପ କୁମାର ପାଣିଗ୍ରାହୀ, ନିରୋଜ କୁମାର ପାଢୀ, ପଣ୍ଡିତ ଗଙ୍ଗାଧର ଶତପଥି, ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର, ପଞ୍ଚାନନ ବିଷୋୟୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି ।

ବୈଠକରେ ପୌରାଞ୍ଚଳର ସମସ୍ତ ୱାର୍ଡରେ ରାଜସ୍ୱ ପଟ୍ଟା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି କରାଯାଇଛି । ସୁନାମ୍ବ ସାହି ୱାର୍ଡ ନଂ ୯ର ୱାର୍ଡ କମିଟିରେ କାହ୍ନୁଚରଣ ପାତ୍ର, ଅନୋଜ କୁମାର ପାଣିଗ୍ରାହୀ, ମନୋଜ କୁମାର ସାହୁ, ମନୋରଞ୍ଜନ ସାହୁ, ନିରଞ୍ଜନ ପଣ୍ଡା, ବଜେନ୍ଦ୍ର କୁମାର ପାତ୍ର, ବୃନ୍ଦାବନ ସାହୁଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ଶେଷରେ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ ଗାଁ ଆମ ପରିବାର ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ




ବ୍ରହ୍ମପୁର, (ସବ୍ୟୁ): ରବିବାର ଦିନ ସ୍ଥାନୀୟ ଗୋସାଇଁ ନୂଆଗାଁ ଆମ ଗାଁ ଆମ ପରିବାର ତରଫରୁ ବିଧାୟକଙ୍କ ହାତ ପାଣ୍ଠିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହେବା ସହ ଉଦଘାଟନ ମଧ୍ୟ କରାଯାଇଛି । ବହୁମୁଖୀ ଭବନ ଗୃହ, ଡାମଣା ସାହି ଓ କୌତୁକି ନଗର ଠାରେ ଯଥା କ୍ରମେ ଦୁଇଟି ଅଙ୍ଗନବାଡି କେନ୍ଦ୍ର, ଧୋବା ସାହି ଠାରେ କୋଠ ଘର, ଉତ୍ତରେଶ୍ୱର ହରେକୃଷ୍ଣ ମଣ୍ଡଳୀ ଉପର କୋଠା ନିର୍ମାଣ ଏବଂ ଚାଚା ନେହେରୁ ବ୍ୟାୟମ କେନ୍ଦ୍ର ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ରାଜୀବନଗର ସ୍ଥିତ ଅଙ୍ଗନବାଡି କେନ୍ଦ୍ରର ନୂତନ କୋଠା ଓ ମେନ ରୋଡ ସ୍ଥିତ ସତ୍ୟବାଦୀ ପାଠଗାରର କୋଠା ଉଦଘାଟନ ବିଧାୟକ କେ. ଅନିଲ କୁମାର ଓ ମେୟର ସଂଘମିତ୍ରା ଦଳେଇଙ୍କ କରକମଳରେ ଭିତ୍ତିପ୍ରସ୍ତର ଓ ଶୁଭ ଉଦଘାଟନ ମାନ କରାଯାଇଥିଲା । ପରିଶେଷରେ ଚାଚା ନେହରୁ କ୍ଲବ ପରିସରରେ ଗୋସାଇଁ ନୂଆଗାଁ ଗ୍ରାମର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ, ମେୟରଙ୍କ ସମେତ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ସରୋଜ ସାବତ ଓ ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଯୋଜନ ଦୂରରେ ବିକାଶ ଚିତ୍ର

# ମୌଳିକ ସମସ୍ୟା ଘେରରେ କୁଟୁଣିଗଣ୍ଡା



ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର ସାବା ପଞ୍ଚାୟତ ଅନ୍ତର୍ଗତ କୁଟୁଣିଗଣ୍ଡା ଗାଁ ସମସ୍ୟା ଘେରରେ ଛନ୍ଦି ହୋଇ ରହିଥିବା ଦେଖିବାକୁ ମିଳିଛି । ଏଠାରେ ବିକାଶ ଚିତ୍ର ଠାରୁ ଅଞ୍ଚଳବାସୀ ବହୁତ ଦୂରରେ ଅଛନ୍ତି । କୁଠୁଣିଗଣ୍ଡାରେ ପୂରଣ ହୋଇନି ମୌଳିକ ସମସ୍ୟା । ପ୍ରାୟ ୩୦ ଗୋଟି ପରିବାରର ୧୫୦ ରୁ ଅଧିକ ଲୋକ ଏଠାରେ ବାସ କରନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା, ଗମନା ଗମନ ଭଳି ମୌଳିକ ସୁବିଧାରୁ ଗାଁର ଅଧିବାସୀମାନେ ବଞ୍ଚିତ ହୋଇ ରହିଥିବା ଦେଖିବାକୁ ମିଳିଛି । ଢଉପଦା ଠାରୁ ନାକତିରି ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର କୁସୁମବସା ଠାରୁ ପାହାଡିଆ ରାସ୍ତାରେ ଚାରି କିମି ଚାଲିବା ପରେ ପଡ଼େ ଏହି ଗାଁ ।

ନିତିଦିନିଆ ରାସ୍ତାଟିଏ ନଥିବା ଯୋଗୁଁ ଏଠାକାର ଲୋକେ ବାହାର ଦୁନିଆ ଦେଖିବା ଠାରୁ ବେଶ ଦୂରରେ ରହିଛନ୍ତି । ଗାଁ ଲୋକମାନେ ସ୍ୱାସ୍ଥ୍ୟ ଖରାପ ହେଲେ ବହୁ ଦୂରରେ ଥିବା ଶେରଗଡ ଉପରେ ନିର୍ଭର କରୁଥିବା ବେଳେ ପିଲାମାନେ ବିଦ୍ୟାଳୟ ବନ୍ଦ ଥିବାରୁ ସାବା ସେବାଶ୍ରମ ବିଦ୍ୟାଳୟରେ ନିଜ ନିଜର ପିଲାଙ୍କୁ ରଖି ପାଠ ପଢ଼ାଉଛନ୍ତି । ସେହିପରି ଅଙ୍ଗନୱାଡ଼ି କେନ୍ଦ୍ର ନଥିବାରୁ ପଟାଶାଳ କେନ୍ଦ୍ର ଉପରେ ଲୋକେ ନିର୍ଭର କରନ୍ତି । ସୋଲାର ଚାଳିତ କଳର ପାଣି ପିଇବା ପାଇଁ ବ୍ୟବହାର କରୁଥିବା ବେଳେ ଗାଧୁଆ ପାଧୁଆ ପାଇଁ ନାଳ ଉପରେ ନିର୍ଭର କରନ୍ତି । ଏଣୁ ମ୍ୟାଲେରିଆ ଭଳି ଜ୍ୱରଜନିତ ରୋଗରେ ଅଧିକାଂଶ ଆକ୍ରାନ୍ତ ହେଉଥିବା ଜଣାଯାଇଛି । ଜନା, ସୁଆଁ, ମାଣ୍ଡିଆ, ମକା ଚାଷ କରି ଲୋକମାନେ ନିଜ ପରିବାର ଚଳାନ୍ତି ।

ସଂପ୍ରତି ଏହି ଗାଁକୁ ବିଡିଓ ସଂଗ୍ରାମ କେଶରୀ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ପିଇଓ ରମେଶ ଚନ୍ଦ୍ର ପୃଷ୍ଟି, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ ପ୍ରମୁଖ ଏହି ଗାଁରେ ପହଞ୍ଚି ସ୍ଥିତି ପରଖିଛନ୍ତି ।

କୁଟୁଣିଗଣ୍ଡା ଗାଁର ସ୍ଥିତାବସ୍ଥା ସମ୍ପର୍କରେ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ସହ ଯୋଗାଯୋଗ ବେଳେ ଆଗରୁ ଏନଆରଇଜିସ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା । କିନ୍ତୁ ପାହାଡିଆ ଅଞ୍ଚଳ ହୋଇଥିବାରୁ ବର୍ଷା ଦିନେ ଏହି ରାସ୍ତା ଧୋଇ ହୋଇଯାଇଛି, ସଂପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ କୁସୁମବସା ଠାରୁ ଜାମୁଝୋଳି ଭାୟା ଅଶୋକ ପଲ୍ଲୀ କୁଟୁଣିଗଣ୍ଡା ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ସରିଛି, ଖୁବଶୀଘ୍ର ରାସ୍ତାକାମ ଆରମ୍ଭ ହେବ ଏବଂ ଗାଁ ଲୋକମାନଙ୍କ ଦୁଃଖ ଦୂର ହେବ ବୋଲି ପ୍ରକାଶ କରିଛନ୍ତି ।

କେବେ ତିଆରି ହେବ ରାସ୍ତା, କେବେ ବଦଳିବ ଲୋକଙ୍କ ସ୍ଥିତାବସ୍ଥା ତାହା ଦେଖିବାକୁ ବାକି ରହିଲା ।

# ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

ଛତ୍ରପୁର, (ସବ୍ୟୁ): ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଛତ୍ରପୁର ଶାଖା ତରଫରୁ ବୈଠକ ସଭାପତି ସୁରେନ୍ଦ୍ରନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସମ୍ପାଦକ ସୋମନାଥ ସାହୁ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପାଢ଼ୀ, ଉପସଭାପତି ଡ଼ଃ ପ୍ରଶାନ୍ତ କୁମାର ଶତପଥୀ, କୋଷାଧକ୍ଷ ଜି. ପାପା ରାଓ, ସମୀକ୍ଷକ ଦଣ୍ଡପାଣି ରାଉଳ ମଞ୍ଚାସୀନ ରହି ନିଜ ଅଭିଭାଷଣରେ ସମାଜ ପ୍ରତି ଅବସରପ୍ରାପ୍ତ କର୍ମଚାରୀ ସଂଘର ଆବଶ୍ୟକତା ଓ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଜି. କ୍ରିଷ୍ଣାରାଓଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ଛତ୍ରପୁର ରେଳ ଷ୍ଟେସନର ରେମ୍ପ ଆଧୁନିକ କାରଣ ନାମରେ ବହୁଦିନ ହେଲା ଭଙ୍ଗା ଯାଇଥିବାରୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ରେଳରେ ଯିବା ଆସିବା ପାଇଁ ବହୁତ ଅସୁବିଧାର ହେଉଥିବା ବହୁ ସଦସ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଏହାର ତୁରନ୍ତ ସୁଧାର ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଅବଗତି ନିମନ୍ତେ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଗଲା । କାର୍ଯ୍ୟକ୍ରମରେ ନିରଞ୍ଜନ ତ୍ରିପାଠୀ, ଅଶ୍ୱିନୀ କୁମାର ଚୌଧୁରୀ, ଜି. ସେସୁ ରେଡ୍ଡୀ, କାସିରାମ ସାହୁ, ସୂର୍ଯ୍ୟ ନାରାୟଣ ଦାସ, ଏ. ବିଶ୍ୱମ୍ବର, ପ୍ରକାଶ ଚନ୍ଦ୍ର ଦାସ, ପ୍ରଦୀପ ପଣ୍ଡା, କେ. ହୃଷିକେଶ ରାଓ, ନରସିଂହ ରେଡ୍ଡୀ, ଘନଶ୍ୟାମ ବେହେରା, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ପାଇଁ ଏକ ରାଲି ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏମ୍ପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା ଠାରୁ ଉକ୍ତ ରାଲିଟି ଆରମ୍ଭ ହୋଇ ବାରିପଦା ସହର ପରିକ୍ରମା କରିଥିଲା । ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଶକ୍ତି ସଂରକ୍ଷଣ ଉପରେ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶକ୍ତି କ୍ଲବର ଦାୟିତ୍ୱ ବାହକ ବିଶେଶ୍ୱର ଦ୍ୱିବେଦୀ, ଶକ୍ତି କ୍ଲବର ରାଜ୍ୟ ସାଧନ କର୍ମୀ ସୁଲୋଚନା ମଙ୍ଗରାଜ, ଶିକ୍ଷକ ମନୋଜ ପରିଡା, ଦୀପକ ରାମ, ଶିକ୍ଷୟିତ୍ରୀ ବିଦୁସ୍ମିତା ସାହୁ ଓ ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିବା ଭଞ୍ଜସେନାର ଲକ୍ଷ୍ୟ

# ମିଳିବ ଆକର୍ଷଣୀୟ ପୁରସ୍କାର, ହେବ ରିଲ୍ସ ପ୍ରତିଯୋଗିତା

### ୟୁଟ୍ୟୁବର ଲବ ହାଁସଦା ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସଡ଼ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଐତିହ ସ୍ଥଳୀ ଗୁଡିକର ଉନ୍ନତିକରଣ କରି ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଏବଂ ବନ୍ୟଜାତ ଦ୍ରବ୍ୟର ଉଚିତ୍ ବ୍ୟବସାୟୀକରଣ ତଥା କେବଳ ମୟୂରଭଞ୍ଜ ଜିଲ୍ଲାରେ ହେଉଥିବା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଭଳି କୁଟୀର ଶିଳ୍ପ ମାଧ୍ୟମରେ ଜିଲ୍ଲାବାସୀ କିଭଳି ସ୍ୱାବଲମ୍ବୀ ହୋଇପାରିବେ ଏବଂ ଜିଲ୍ଲା ଅର୍ଥନୀତିର କିପରି ଅଭିବୃଦ୍ଧି ହୋଇପାରିବ, ସେହିଭଳି ଏକ ଗମ୍ଭୀର ବିଷୟ ବସ୍ତୁକୁ ନେଇ ଭଞ୍ଜସେନା ପକ୍ଷରୁ ଏକ ଅଭିନବ ଉପାୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହିତ ସରକାରଙ୍କ ସମ୍ମୁଖରେ ଏହି ସମସ୍ତ ଦାବିଗୁଡିକୁ ପହଞ୍ଚାଇବା ଲକ୍ଷ୍ୟରେ ଉକ୍ତ ବିଷୟବସ୍ତୁ ଗୁଡ଼ିକୁ ନେଇ ଆକର୍ଷଣୀୟ ପୁରସ୍କାର ରାଶି ସହିତ ଦୁଇପ୍ରକାରର ଏକ ରିଲ୍ସ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହାର ପୁରସ୍କାର ରାଶି ପ୍ରତିଯୋଗୀ ମାନଙ୍କୁ ଜାନୁଆରୀ ୨୩, ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସରେ ତଥା ଭଞ୍ଜସେନାର ୨୮ ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରଦାନ କରାଯିବ ।

ମୟୂରଭଞ୍ଜରେ ଜନ୍ମି ମାଆ ମାଟିର ପ୍ରଚାର ପାଇଁ ସଦାସର୍ବଦା ଚେଷ୍ଟିତ ତଥା ଜିଲ୍ଲାର ପର୍ଯ୍ୟଟନ ଓ ହସ୍ତଶିଳ୍ପ ମାଧ୍ୟମରେ ଜିଲ୍ଲାବାସୀ କିଭଳି ସ୍ୱାବଲମ୍ବୀ ହୋଇପାରିବେ ତାକୁ ନେଇ ଅୟୋଜିତ ହେବାକୁ ଯାଉଥିବା ରିଲ୍ସ ପ୍ରତିଯୋଗୀତାର ପ୍ରଚାର ପ୍ରସାର ପାଇଁ ଆନ୍ତର୍ଜାତୀୟ ୟୁଟ୍ୟୁବର ତଥା ବ୍ଲୋଗର ଲବ ହାଁସଦାଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ଭାବେ ସଂଗଠନ ପକ୍ଷରୁ ଚୟନ କରାଯାଇଛି । ଉକ୍ତ ପ୍ରତିଯୋଗିତାର ରୁପରେଖା ଓ ପୁରସ୍କାର ରାଶିର ବିବରଣୀ ଉକ୍ତ ବିଷୟବସ୍ତୁକୁ ନେଇ କେବଳ ମୟୂରଭଞ୍ଜ ଜିଲ୍ଲାର ଆଧାର କାର୍ଡ ଆଧାରରେ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରସ୍ତୁତ ରିଲ୍ସ ପୁରସ୍କାର ରାଶି ପ୍ରଥମ ପୁରସ୍କାର ରାଶି ୧,୦୦,୦୦୦/- ଟଙ୍କା, ଦ୍ୱିତୀୟ ପୁରସ୍କାର ରାଶି-୫୦,୦୦୦/- ଟଙ୍କା, ତୃତୀୟ ପୁରସ୍କାର ରାଶି-୨୫,୦୦୦/- ଟଙ୍କା। ଉଚ୍ଛ ବିଷୟବସ୍ତୁକୁ ନେଇ ମୟୂରଭଞ୍ଜ ଜିଲ୍ଲା ବାହାର ସର୍ବଭାରତୀୟ ପ୍ରତିଯୋଗୀ ମାନଙ୍କୁ ନେଇ ଓଡିଆ କିମ୍ବା ହିନ୍ଦୀ କିମ୍ବା ଇଂରାଜୀ ଭାଷାକୁ ନେଇ ପ୍ରତିଯୋଗୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହେବା ଉକ୍ତ ଦାବୀ ଗୁଡ଼ିକୁ ପୂରଣ କରିବା ସକାଶେ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ଦାବୀ କରିଆସୁଥିଲେ ସୁଦ୍ଧା ସେଭଳି କିଛି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ । ସବୁ ସମ୍ବଳ ଥିବା ସତ୍ତ୍ୱେ ତାର ପ୍ରକୃତ ଉନ୍ନତିକରଣ ତଥା ବ୍ୟବସାୟିକରଣ ଅଭାବରୁ ଜିଲ୍ଲାବାସୀ ଜିଲ୍ଲାରୁ କୌଣସି ପ୍ରକାରର ସୁଫଳ ନପାଇ ରୋଜଗାର ଆଶାରେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ଏବଂ ଅତ୍ୟନ୍ତ ଦୁଖଦାୟକ ପରିସ୍ଥିତିରେ ନିଜର ଜୀବନ ନିର୍ବାହ କରୁଛନ୍ତି, ଏଣୁ ସରକାରଙ୍କୁ ଏବାବଦରେ ଅବଗତ କରେଇବା ଲକ୍ଷ୍ୟ ନେଇ ଏକ ଅଭିନବ ଉପାୟରେ ଏହି ରିଲ୍ସ ପ୍ରତିଯୋଗୀତା ଆୟୋଜନ କରାଯାଉଅଛି।

ଆନ୍ଦୋଳନ ସହିତ ବିଭିନ୍ନ ଉପାୟରେ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ ଚାଲୁରହିବ, ପୁଣି ଆଗାମୀ ୩/୪ ମାସ ପରେ ଜିଲ୍ଲାବାସୀଙ୍କୁ ପାନୀୟ ଜଳ, ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଆନ୍ଦୋଳନ ସହିତ ରିଲ୍ସ ମାଧ୍ୟମରେ ସରକାରଙ୍କୁ ବାସ୍ତବତାକୁ ଦେଖାଇବା ପାଇଁ ପ୍ରୟାସ ଜାରିରହିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏକ ପ୍ରେସ ବିବୃତିରେ ମାଧ୍ୟମରେ ଜଣାଇଛନ୍ତି ।

# ଶ୍ରୀରାମଚନ୍ଦ୍ର ଲାଇବ୍ରେରୀରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ କୁଇଜ୍

ବାରିପଦା, (ସବ୍ୟୁ) : ବାରିପଦାର ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ (ଜୁବିଲୀ ଲାଇବ୍ରେରୀ) ପ୍ରାଙ୍ଗଣରେ ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ତରଫରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନ, ପ୍ରଶାସନିକ ଦୃଷ୍ଟିକୋଣ, ଐତିହାସିକ ଅବଦାନ ଓ ଦୀର୍ଘସ୍ଥାୟୀ ଐତିହ୍ୟକୁ ଉଜାଗର କରାଇବାକୁ ସ୍ଥାନୀୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

ଏହି ପ୍ରତିଯୋଗିତାରେ ସରକାରୀ ମହିଳା ମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା ମହାବିଦ୍ୟାଳୟ ସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି କୁଇଜ୍ ପ୍ରତିଯୋଗିତା ଲାଇବ୍ରେରୀର ଅନ୍ୟତମ ସଦସ୍ୟ ଆର୍କିଟେକ୍ଟ ମନୋଜ କୁମାର କୁଅଁର ବାବୁଙ୍କ ଦ୍ୱାରା ପ୍ରାୟୋଜିତ ଓ ପରିଚାଳିତ ହୋଇଥିଲା। ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ପରିଚାଳନା ପରିଷଦର ସଦସ୍ୟ ଏବଂ ସଭ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ପ୍ରତିଯୋଗିତାକୁ ସଫଳ କରାଇଥିଲେ । ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ୧୭ଡିସେମ୍ବର ୨୦୨୫ ତାରିଖଦିନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ ପ୍ରଥମ ତିନିଜଣ ବିଜେତାଙ୍କୁ ବିଜେତା ପ୍ରମାଣପତ୍ର ପ୍ରଦାନ କରାଯିବ । ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ଏହି




କାର୍ଯ୍ୟକ୍ରମ ପ୍ରତି ମିଳିଥିବା ଉତ୍ସାହପୂର୍ଣ୍ଣ ସାଦର ସମ୍ମିଳନକୁ ସ୍ୱାଗତ କରି ଆଗାମୀ ଦିନରେ ସ୍ଥାନୀୟ ଐତିହ୍ୟ ଓ ସଂସ୍କୃତି ସଚେତନତା ପ୍ରଚାର ପାଇଁ ଏପରି ଶିକ୍ଷାମୂଳକ ପଦକ୍ଷେପ ଜାରି ରଖିବାର ପ୍ରତିବଦ୍ଧତା ପୁନଃନିଶ୍ଚିତ କରିଛି ।

# ଏଫଏଣ୍ଡଏ ଫିଟନେସ ଜିମ୍‌କୁ ଉଦ୍‌ଘାଟନ କଲେ ବିଧାୟକ

ଛତ୍ରପୁର, (ସବ୍ୟୁ): ସୁନ୍ଦର ଶରୀର ଓ ନିରୋଗ ସ୍ୱାସ୍ଥ୍ୟ ପାଇଁ ଆଜିକା ଦିନରେ ବ୍ୟାୟାମ ନିହାତି ଆବଶ୍ୟକ । ଆଜି ଗଞ୍ଜାମ ଜିଲ୍ଲା ଛତ୍ରପୁର ଷ୍ଟେସନ ରୋଡ଼ କୃଷକ ବଜାର ନିକଟରେ ଏକ ଉନ୍ନତ ମାନର ଟେକ୍ନୋଲୋଜି ଥିବା ଏଫଏଣ୍ଡଏ ଫିଟନେସ ଜିମ୍‌କୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ।

ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି.ପାପା ରାଓ, ୩ ନଂ ଓ୍ୱାର୍ଡ କାଉନସିଲର ମାମା ସେଠି, ସୁନାମଧନ୍ୟ ବଡିବିଲଡର ନାରାୟଣ ସାହୁ, ରାଜେଶ ବାବୁ ଆଚାରୀ, ଅଜିତ କୁମାର ପାତ୍ର, ପ୍ରାଣ କୃଷ୍ଣ ସାହୁ ଓ ପିଙ୍କି ବେହେରା ପ୍ରମୁଖ ଏହି ଉଦଘାଟନ ଉତ୍ସବରେ ଉପସ୍ଥିତ ରହିଥିଲେ ।

ଏହି ଜିମ୍ ବା ବ୍ୟାୟାମ କେନ୍ଦ୍ର ଆଗାମୀ ଦିନରେ ସମସ୍ତ ବର୍ଗ ଲୋକଙ୍କ ମନ ଜିଣିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ଜିମ ସହାୟକ ହେବ ବୋଲି ପରିଶେଷରେ ଏଫଏଣ୍ଡଏ ଫିଟନେସ ଜିମ୍‌ର ପରିଚାଳକ ଜଲାଲ ଖାନ କହିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ରଗବୀ ଏକ କୌଶଳ ଓ ଦ୍ରୁତଗତି ଦକ୍ଷତାର ଖେଳ : ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଫାଉଣ୍ଡେସନ, ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଜାତୀୟ ସ୍ତରୀୟ ମହାରାଜା ସେଭେନସ ରଗବୀ ଟୁର୍ଣ୍ଣାମେଣ୍ଟ ବାରିପଦା ଷ୍ଟାଡିୟମ ପଡିଆରେ ଉଦ୍‌ଯାପିତ ହୋଇଯାଇଛି।

ପ୍ରଥମଥର ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ୯ଟି ଦଳ ଅଂଶଗ୍ରହଣ କରିଥିବା ବେଳେ କୋଲକାତାର ଫିଉଚର ହୋପ ହାରିକୁଇନ୍ସ ଚମ୍ପିୟାନ ହୋଇଥିବା ବେଳେ ମୟୂରଭଞ୍ଜ, ଓଡିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ରନର୍ସ ଅପ ଏବଂ ମହିଳା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମୟୂରଭଞ୍ଜ, ଓଡିଶାର ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଚମ୍ପିୟାନ, କୋଲକାତାର ଫିଉଚର ହୋପ ହାରିକୁଇନ୍ସ ରନର୍ସ ଅପ ହୋଇ ପୁରସ୍କୃତ ହୋଇଥିଲେ ଓ ଚମ୍ପିୟାନ ଦଳକୁ ୫୦ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୩୦ହଜାର ପ୍ରୋତ୍ସାହନ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ଫାଉଣ୍ଡେସନର ଅଧକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ପୁରସ୍କାର ବିତରଣ କରିବା ସହ ଖେଳାଳିମାନଙ୍କୁ ଉଦ୍ଦେଶ୍ୟରେ କହିଥିଲେ ଯେ, ରଗବୀ ଏକ କୌଶଳ ଓ ଦ୍ରୁତଗତି ଦକ୍ଷତାର ଖେଳ ଓ ଅନ୍ୟ ମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସକ୍ଷରସକଣା ବିଧାୟକ ଭାଦବ ହାଁସଦାଃ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଜିଲ୍ଲାପାଳ ହେମକାନ୍ତ ସୟ, ଆରସିସିଏଫ ପ୍ରକାଶ ଚାନ୍ଦ ଗୋଗିନାନି, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଓ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟବଲ ସମ୍ପାଦକ ଅମର କୁମାର ସେଠୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଓ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ସହ ଆୟୋଜକ ଦିବ୍ୟ ରଞ୍ଜନ ଦାସ, ବିଭୁଦତ୍ତ ଦାସ ଓ ମଙ୍ଗଲ ହାଁସଦାଃଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଜାତୀୟ ଖେଳାଳି, ସମସ୍ତ ରେଫେରୀ, ପ୍ରଯୋଜକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

नालको NALCO
National Aluminium Company Limited
(A Government of India Enterprise)

NALCO Bhawan, Plot No.-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

**NOTICE TO SHAREHOLDERS**

**TRANSFER OF EQUITY SHARES TO INVESTOR EDUCATION & PROTECTION FUND**

This Notice is published pursuant to Section 124(6) of the Companies Act, 2013 read with the Investor Education and Protection Fund Authority (Accounting, Audit, Transfer and Refund) Rules, 2016 ("the Rules"), as amended.

The Rules, inter-alia, provide for transfer of all shares in respect of which dividend has not been encashed or claimed by the shareholders for seven consecutive years, to the Investor Education and Protection Fund (IEPF), set up by the Central Government. The Company is in the process of sending individual communications to the shareholders at their latest available addresses whose shares are liable to be transferred to IEPF under the said Rules. The Company has uploaded the details of such shareholders and shares due for transfer to IEPF on its website at **www.nalcoindia.com**. Shareholders are requested to refer to the Investor Services page on the Company's website to verify the details of the shares liable to be transferred to IEPF.

Notice is hereby given to all such shareholders to make application to the Company's Registrar (M/s. Bigshare Services Private Limited) by **25.03.2026** to claim their unpaid Interim dividend for the year 2018-19 onwards so that the shares are not transferred to the IEPF. It may please be noted that if no claim is made by 25.03.2026, the Company will with a view to comply with the requirements of the IEPF Rules, transfer the dividend amount and shares to IEPF Account by the due date i.e 01.04.2026 as per the procedure stipulated in the Rules, without any further notice by following the due process in the rules as under:

i) **Shares held in demat mode:** The Company shall inform the Depositories to execute the corporate action and debit the shares lying in the demat account of the shareholder(s) and transfer such shares in favour of the IEPF Authority;

ii) **Shares held in physical mode:** The physical shares will be converted in to demat form and will be transferred in favour of the IEPF Authority on completion of necessary formalities. The original share certificate(s) which stand registered in the name of the shareholder(s) will be deemed cancelled and non-negotiable.

It may also be noted that the shares transferred to IEPF, including all benefits accruing on such shares, if any, can be claimed back from the IEPF Authority after following the procedure prescribed under the Rules.

For any clarification on the matter, please contact the Company's Registrar and Transfer Agents: M/s. Bigshare Services Private Limited, Office No S6-2, 6th floor Pinnacle Business Park, Next to Ahura Centre, Mahakali Caves Road Andheri (East) Mumbai – 400093, Email: alisterl@bigshareonline.com / vikas@bigshareonline.com, Customer Number: 022-62638200, RTA Website: https://www.bigshareonline.com.

For **National Aluminium Company Limited**
Sd/-
**( B. K. Sahu )**
**Company Secretary**

**Place : Bhubaneswar**
**Date : 15.12.2025**

# ବଳଦେବ ଜୀଉଙ୍କ ସମ୍ପତ୍ତି ଉପରେ ବେନିୟମ ଭାବେ ଗୃହ ନିର୍ମାଣ : କାର୍ଯ୍ୟ ବନ୍ଦ କଲେ ତହସିଲଦାର

ନିଶ୍ଚିନ୍ତକୋଇଲି ,(ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ରସ୍ଥିତ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ସମ୍ପତି ଉପରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ବେନିୟମ ଭାବେ ସ୍ଥାୟୀ ଗୃହ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି । ଏହି ଅଭିଯୋଗ ଉପରେ ନିଶ୍ଚିନ୍ତକୋଇଲି ତହସିଲଦାର ଘଟଣାସ୍ଥଳରେ ପହଂଚି ଗୃହ ନିର୍ମାଣ କାର୍ଯ୍ୟ ଉପରେ ରୋକ ଲଗାଇଛନ୍ତି । ଜିଗ୍ନିପୁରସ୍ଥିତ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର ଗତ ସରକାରଙ୍କ ଶାସନକାଳ ସମୟରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିଲା । ଠାକୁରଙ୍କ ନିତ୍ୟସେବା କାର୍ଯ୍ୟ ସ୍ଥାନୀୟ ଜିଗ୍ନିପୁର ବସୁପଦା, ଛୁଆଳିଆ ଓ ଲାଲବାଗ ପ୍ରଜାଙ୍କ ଦ୍ୱାରା କରାଯାଇଥାଏ । ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ ହେବ ସ୍ଥାନୀୟ ଅଂଚଳର ଜଣେ ବ୍ୟକ୍ତି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟିରୂପେ କାର୍ଯ୍ୟ କରୁଛନ୍ତି । ସମ୍ପୃକ୍ତ ମ୍ୟାନେଜିଂ ଟ୍ରଷ୍ଟି ବେଆଇନ ଭାବେ ବାହାର ଅଂଚଳର ଲୋକଙ୍କୁ ସ୍ଥାୟୀ କୋଠାଘର ନିର୍ମାଣ ନିମନ୍ତେ ଠାକୁରଙ୍କ ଜମି ହସ୍ତାନ୍ତର କରୁଥିବାର ଅଭିଯୋଗ ହୋଇଛି । ଠାକୁରଙ୍କ ୨୧ ଦିନିଆ ଚନ୍ଦନ ଯାତ୍ରା ହେଉଥିବା ପୁଷ୍କରିଣୀ ସନ୍ନିକଟ ଜାଗାକୁ ବାହାର ଅଂଚଳର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାର ଅଭିଯୋଗ ହୋଇଛି । ସମ୍ପୃକ୍ତ ବ୍ୟକ୍ତିମାନେ ଏହି ଠାକୁରଙ୍କ ଜମି ଉପରେ ସ୍ଥାୟୀ ପାକାଗୃହ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି । ପ୍ରତିବର୍ଷ ଦୋଳ,ଚନ୍ଦନଯାତ୍ରା ସମୟରେ ଏହି ସ୍ଥାନରେ ଅସ୍ଥାୟୀ ଭାବେ ଅନେକ ଦୋକାନବଜାର ଖୋଲାଯାଇଥାଏ । ଏବଂ ଏହି ସ୍ଥାନ ଭକ୍ତଙ୍କ ସମାବେଶରେ ଭରପୁର ହୋଇଯାଇଥାଏ । ଏହି ପୋଖରୀର ସମ୍ମୁଖ ଭାଗ ଖାତା ନଂ ୨୩୦ ପ୍ଲଟ ନଂ ୧୯୬୫ କିସମ ପତିତ ଏହି ଜମିକୁ ହସ୍ତାନ୍ତର କରାଯାଇଥିବାର ଅଭିଯୋଗ ହୋଇଛି । ଯାହାର ଖାତା ନଂ ୬୭୬ ପ୍ଲଟ ନଂ ୨୦୦୪ କିସମ ଗୋଚର ଅଟେ ।

ତେବେ ଏହି ମନ୍ଦିର ପରିଚାଳନା କମିଟିରେ ୪ଜଣ ସଭ୍ୟ ରହିଛନ୍ତି । ୨ଜଣ ସଭ୍ୟ ଦୀର୍ଘ ଦିନ ହେଲା ବିଭିନ୍ନ କାରଣରୁ ଅନୁପସ୍ଥିତ ରହୁଛନ୍ତି । ଠାକୁରଙ୍କ ବାର୍ଷିକ ଆୟ କେତେ ହେଉଛି ଏବଂ ତାହା କେଉଁଠି ଜମା ହୋଇ ରହୁଛି ବୋର୍ଡ ସଭ୍ୟ କିମ୍ବା ପ୍ରଜାମାନେ ଜାଣି ପାରୁନାହାନ୍ତି । ସେହିପରି ଭାବେ ମନ୍ଦିରରେ ହେଉଥିବା ବିବାହ ବ୍ରତ,ମାନସିକ ପୂଜା,ବଜାର ଘର ଭଡା,ମାଛଚାଷ ପାଇଁ ପୋଖରୀ ନିଲାମ, ଗଛବିକ୍ରି ଆୟ,ଭକ୍ତଙ୍କ ଲକ୍ଷାଧିକ ଟଙ୍କା ଦାନ ସମ୍ପର୍କରେ ଲୋକେ ଅଜ୍ଞ ରହିଛନ୍ତି । କିନ୍ତୁ ବେଆଇନ ଭାବେ ମନ୍ଦିର ସମ୍ପତି କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ ସ୍ଥାନୀୟ ଜିଗ୍ନିପୁର ସରପଞ୍ଚ ତିଳୋତମା ରାଉତଙ୍କ ସମେତ ଠାକୁରଙ୍କ ସେବାକାରୀ ଓ ଗ୍ରାମବାସୀ ରାଜ୍ୟ ଦେବୋତର କମିସନର ଭୁବେନଶ୍ୱର,ଦେବୋତର ସହ କମିସନର କଟକ, କଟକ ଜିଲ୍ଲାପାଳ ଓ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ଏହି ଅଭିଯୋଗ ଉପରେ ନିଶ୍ଚିନ୍ତକୋଇଲି ତହସିଲାଦ ଦମୟନ୍ତୀ ସାହୁ ଘଟଣାସ୍ଥଳରେ ପହଂଚି ନିର୍ମାଣ କାର୍ଯ୍ୟ ଉପରେ ରୋକ ଲଗାଇଛନ୍ତି । ତେବେ ଏହି ମନ୍ଦିରରେ ରାଜସ୍ୱ ଓ ଦେବସ୍ୱକୁ ନିଜସ୍ୱରେ ପରିଣତ କରିଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଜୀବନ ସୁରକ୍ଷା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା



ପାଣିକୋଇଲି, (ସବ୍ୟୁ):: କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ଗୁରୁସାହିର ମିନାକ୍ଷୀ ଗୁରୁ ତାଙ୍କ ସହିତ ତାଙ୍କ ସ୍ୱାମୀଙ୍କ ଜୀବନ ସୁରକ୍ଷା ପାଇଁ ରବିବାର ଦିନି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଯେ ମୁଗୁପାଳ ଗୁରୁସାହିର ମିନାକ୍ଷୀ ଗୁରୁ ସେକ ରହିମୁଦ୍ଦିନ ନାମକ ଜଣେ ମୁସଲିମ ଯୁବକଙ୍କୁ ବିବାହ କରିଛନ୍ତି। ତାଙ୍କ ସାହିର କିଛି ଅସାମାଜିକ ଯୁବକ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ବାରମ୍ବାର ମାଡ ମାରିବା ସହ ଗୁରୁସାହି ଛାଡି ଚାଲିଯିବାକୁ ଧମକ ଦେଉଛନ୍ତି। ଏମିତିକି ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଛନ୍ତି।

ଏଭଳି କାର୍ଯ୍ୟ ଅନେକ ବାର କରିବା ସହିତ ଗତ ୯ତାରି ତାଙ୍କ ସ୍ୱାମୀ ହରିପୁର ହାଟରୁ ଫେରୁଥିବା ବେଳେ ଲାଲା ଗୁରୁ, ଉମାକାନ୍ତ ଦାସ, ସଂଜୟ ଗୁରୁ, ପବିତ୍ର ଗୁରୁ, ମିଟୁ ଗୁରୁ, ବିଜୟ ଗୁରୁ, ଟିଂଟୁ ଗୁରୁ, ଦାଦୁ ଦାସ ପ୍ରମୁଖ ମିଳିତ ଭାବେ ସଂଘବଦ୍ଧ ହୋଇ ତାଙ୍କ ସ୍ୱାମୀଙ୍କୁ ମାଡମାରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ମିନାକ୍ଷୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମୁସଲିମକୁ ବିବାହ କରିଥିବାରୁ ଗୁରୁସାହି ଛାଡି ଦେବାକୁ ଧମକ ଦେଇଥିଲେ। ଏନେଇ ଗତ ୧୦ ତାରିଖ ମିନାକ୍ଷୀ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର କୁଆଖିଆ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାଁ ଯାହା ଫଳରେ ମିନାକ୍ଷୀ ଓ ତାର ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ରହିଛି। ନିଜର ସୁରକ୍ଷା ପାଇଁ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରବିବାର ଦିନ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ଏସପିଙ୍କ ନିକଟରେ ସୁରକ୍ଷା ଦାବି କରିଛନ୍ତି।

# ଖଣି ଅଞ୍ଚଳରେ ବିଜେପିର ମିଶ୍ରଣ ପର୍ବ

ବ୍ୟାସନଗର ,(ଜିପ୍ର) : କାଳିଆପାଣି ଖଣି ଅଂଚଳରେ ବିଜେପି ପକ୍ଷରୁ କଲରଙ୍ଗିଅତା ସୌରିକ ଦୁର୍ଗା ପଡ଼ିଆରେ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସମବାୟ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ନବାଗତ କର୍ମୀଙ୍କୁ ଦଳୀୟ



ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ସୁକିନ୍ଦା ରିଜିଅନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ଏକଦା ପୂର୍ବତନ ମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ତାଙ୍କ ପରିବାରର ଅନୁଗତ ଥିବା ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀରଙ୍କୁ ମନ୍ତ୍ରୀ ଶ୍ରୀ ବଳସାମନ୍ତ ସ୍ୱାଗତକରି ତାଙ୍କୁ ତାଙ୍କ ନେତୃତ୍ୱାଧୀନ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ (ଓଏମାଡବ୍ଲ୍ୟୁୟୁ)ର ବରିଷ୍ଠ ଉପସଭାପତି (କାର୍ଯ୍ୟକାରୀ ସଭାପତି) ଘୋଷଣା କରିଥିଲେ । ଶ୍ରୀ ଧୀରଙ୍କ ନେତୃତ୍ୱରେ କଅଁସ ସମିତିସଭ୍ୟା ନିତିମା ମୁଣ୍ଡା, ପୂର୍ବତନ ସରପଞ୍ଚ ବିଶ୍ୱଜିତ ମହାନ୍ତି ଓ ଲିଲିମଣି ମହାନ୍ତ, ପୂର୍ବତନ ପଞ୍ଚାୟତ ସଭାପତି ବୈକୁଣ୍ଠ ମହାନ୍ତ, ସଞ୍ଜୟ ମହାନ୍ତ, ଦେବେନ ମହାନ୍ତ, ଅଶୋକ ପ୍ରଧାନ, ଶ୍ୟାମ ପ୍ରସାଦ ମହାରଣା, ପୀତବାସ ଦେହୁରୀ, ଖଗେଶ୍ୱର ପ୍ରଧାନ, ସୁବାସିନୀ ମହାନ୍ତ, ମଞ୍ଜୁଲତା ମହାନ୍ତ, ସର୍ଦ୍ଦାର ପୂର୍ତି, ହୀରାଲାଲ୍ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ଅଜୁ ମହାନ୍ତ ପ୍ରମୁଖଙ୍କ ସମେତ ସହସ୍ରାଧିକ କର୍ମୀ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ ।

ଖଣିଅଂଚଳ ମଣ୍ଡଳ ସଭାପତି ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ପରିଚାଳିତ ଏହି ସମାବେଶରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ, ଓଏମାଡବ୍ଲ୍ୟୁୟୁ ସଭାପତି ଇଂ ସବ୍ୟସାଚୀ ବଳସାମନ୍ତ, ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା, ବିଜେପି ନେତା ପ୍ରଶାନ୍ତ ରାୟ, ଶେଖର ମହାନ୍ତି, ବିଦ୍ୟାଧର ପାତ୍ର, ସୁଧାଂଶୁ ଭଞ୍ଜ, ପୁଷ୍ପକ ମହାପାତ୍ର, ପ୍ରତାପ ଚନ୍ଦ୍ର ଧୀର, ରମଣୀ ରଞ୍ଜନ ବଳସାମନ୍ତ, ରାଜେନ୍ଦ୍ର କାଲୁଣ୍ଡିଆ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ କେଶରୀ ପଟ୍ଟନାୟକ, ମାନସ ମହାନ୍ତି, ରବୀନ୍ଦ୍ର ମୋହନ ଜେନା, ବେଣୁଧର ମହାନ୍ତ, ହୃଦାନନ୍ଦ ମହାନ୍ତ, ଦୀପକ ପାତ୍ର, ରବୀନ୍ଦ୍ର କୁମାର ସାହୁ, ଧୀରେନ୍ଦ୍ର ଦେହୁରୀ, ଯଦୁମଣି ମହାନ୍ତ, ଲମ୍ବୋଦର ମହାନ୍ତ, ଅଭିଜିତ ପାତ୍ର, ନରୋତମ ମହାନ୍ତ, ସଚ୍ଚିଦାନନ୍ଦ ମୁର୍ମୁ, ଶିବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜାନୁଆରୀ ୮ରୁ ୧୨ ବଡଚଣା ମହୋତ୍ସବ



ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଠାରେ ଚଳିତ ବର୍ଷ ଦଶମ ବଡଚଣା ମହୋତ୍ସବ ଅନୁଷ୍ଠିତ ହେବ । ବଡଚଣାର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରା ତଥା ପୂଜ୍ୟପୂଜାକୁ ବିକାଶ କରିବା ଓ ଏହାକୁ ସର୍ବଜନରେ ଆଦୃତ କରିବା ପାଇଁ ଆସନ୍ତା ଜାନୁଆରୀ ୮ରୁ୧୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ । ପ୍ରତ୍ୟେକ ବର୍ଷ ଠାରୁ ଚଳିତ ବର୍ଷର ମହୋତ୍ସବକୁ ଅଧିକ ସରଶ ଓ ସୁନ୍ଦର କରିବା ପାଇଁ ରବିବାର ଦିନ ମହୋତ୍ସବ ପଡିଆରେ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ସର୍ବଶେଷ ପ୍ରସ୍ତୁତି କରାଯାଇଥିଲା । ବଡଚଣା ମହୋତ୍ସବ କମିଟି ସଭାପତି ମନୋରମା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କମିଟି ସମ୍ପାଦକ ରବିନ୍ଦ୍ର ରଣା ସୂଚନା ପ୍ରଦାନ କରାଥିଲା ବେଳେ ବଡଚଣା ନିର୍ବାଚନ ମଣ୍ଡଳୀର ୪୩ ପଞ୍ଚାୟତରୁ ବହୁ ସଂଖ୍ୟାରେ ନେତୃବୃନ୍ଦ ଓ ମହୋତ୍ସବ କମିଟିର ସଦସ୍ୟ ମାନେ ଏଥିରେ ଯୋଗଦେଇ କୌଣସି ବାଧାବିଘ୍ନକୁ ପ୍ରଶ୍ରୟ ନଦେଇ ଶାନ୍ତି ଶୃଙ୍ଖଳା ସହିତ ଚଳିତ ବର୍ଷର ମହୋତ୍ସବ ପାଳନ ପାଇଁ ନିଷ୍ପତ୍ତି ନେଇଥିଲେ ।ଏହି ବୈଠକକୁ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ସଂଚାଳନ କରିଥିଲା ବେଳେ ଏଥିରେ ବିଜୟ ପ୍ରଧାନ, ଯୁବନେତା ପ୍ରକାଶ ପ୍ରଧାନ,ନିରଞ୍ଜନ ବିଶ୍ୱାଳ,ବଡଚଣା ବିଜେଡି ସଭାପତି ତାପସ ରାୟ,ସମିତି ସଭ୍ୟ ଜଗନ୍ନାଥ ମୁଦୁଲି,ବିବେକରଞ୍ଜନ ସୁବୁଦ୍ଧି, ଅଭୟକୁମାର ଦାସ,ଦିଲିପ ସାମଲ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀ,ନଗେସ ଜେନା,ଯୁବନେତା ଆଶିଷରଞ୍ଜନ ଚୌଧୁରୀ,ପବନେଶ୍ୱଳ ଜେନା,ମନୁ ସାହେବରାୟଙ୍କ ସହ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଶେଷରେ ପୂର୍ବତନ ସରପଞ୍ଚ ଗଣେଶ୍ୱର ସାମଲ ଧନ୍ୟବାଦ ଦେଇଥିଲେ । ତେବେ କିଛିଦିନ ପୂର୍ବରୁ ଆମ ବଡଚଣା ମହୋତ୍ସବ ନାମରେ ଆଉଏକ କମିଟିର ପ୍ରସ୍ତୁତି ବୈଠକ ଏହି ପଡିଆରେ ଆୟୋଜିତ ହୋଇଥିଲା ବେଳେ ଏଥିରେ ବଡଚଣା ବିଧାୟକ ଯୋଗଦେଇ ଥିଲେ ଓ ଆସନ୍ତା ଜାନୁୟାରୀ ୭ରୁ୧୩ ତାରିଖ ପର୍ଯ୍ୟନ୍ତ ଏହି ସମାନ ସ୍ଥାନରେ ମହୋତ୍ସବ ହେବବୋଲି ଘୋଷଣା କରିଯାଇଥିଲା । ଏହି ଗୋଟିଏ ସ୍ଥାନ ଓ ସମାନ ତାରିଖ ମଧ୍ୟରେ ଦୁଇ ଦୁଇଟି ମହୋତ୍ସବ ହେବାର ଘୋଷଣାକୁ ନେଇ ସାଧାରଣରେ ଆଲୋଚନା ଯୋର ଧରିଛି ।ତେବେ ବଡଚଣାର ସ୍ୱାଭିମାନ ଓ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସମସ୍ତେ ଏକାଠି ହୋଇ ଶାନ୍ତି ଶୃଙ୍ଖଳାର ସହ ବଡଚଣା ମହୋତ୍ସବ ପାଳନ କରନ୍ତୁ ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।

# ପାନୀୟ ଜଳ ସମସ୍ୟା ସମାଧାନ ଚିନ୍ତାରେ ବତୀଘର ବାସୀ

ମହାକାଳପଡ଼ା,(ସବ୍ୟୁ): ଉପାନ୍ତ ବତୀଘର ପଞ୍ଚାୟତରେ ଦିନକୁ ଦିନ ପାନୀୟ ଜଳ ସମସ୍ୟା ଘନଉଥିବା ବେଳେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ପ୍ରୟାସ ଅବ୍ୟର୍ଥ ଯାଉଛି ।ଉପାନ୍ତ ପଞ୍ଚାୟତ ର ୧୪ଗୋଟି ଓ୍ୱାର୍ଡ କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥିତ ହୋଇପାରୁନଥିବା ବେଳେ ନଳକୂପ ଉପରେ ନିର୍ଭର କରି ଦିନ କାଟୁଛନ୍ତି । ଏନେଇ ପଞ୍ଚାୟତ ରେ ସମୁଦାୟ ୨୭ ନଳକୂପ ଅବସ୍ଥାପିତ ହୋଇଥିବା ବେଳେ ଦିନକୁ ଦିନ ଅନେକ ର ଜଳ ଲବଣାକ୍ତ ହେବାରୁ ବ୍ୟବହାର ଅନୁପଯୁକ୍ତ ହୋଇପଡୁଛି । ଯାହା ନେଇ ଅନେକ ପରିବାର ଲୋକଙ୍କୁ ଗରା ମାଠିଆ ଯୋଗେ ଅନେକ ଦୂରରୁ ପିଇବା ପାଣି ସଂଗ୍ରହ କରିବାକୁ ପଡୁଛି । ସ୍ଥାନୀୟ ଲୋକଙ୍କ ପାନୀୟ ଜଳ ସମସ୍ୟା ରେ ସୁଧାର ଆଣିବା ଲକ୍ଷ୍ୟରେ ବିଭାଗୀୟ କର୍ତ୍ତୃପକ୍ଷ କୋଚିଳା ବେଲାରୀ ରେ ଦୁଇଟି ଓ କଜଳ ପାତିଆ ରେ ଗୋଟିଏ ନୂତନ ନଳକୂପ ଖନନ ପରେ ଲୁଣା ପାଣି ଉତ୍ତୋଳନ ହେବାରୁ ବିମୁଖ ହୋଇପଡିଛନ୍ତି । ଉଲ୍ଲେଖ ଥାଉକି ଉକ୍ତ ପଞ୍ଚାୟତ ର ଚତୁଃପାଶ୍ୱର୍ରେ ନଦୀ ମୁହାଣ ଘେରି ରହୁଥିବାରୁ ପାଖ ପଞ୍ଚାୟତ ରୁ ପାନୀୟ ଜଳ ଯୋଗାଇଦେବା ସମ୍ଭବ ହେଉନି । ଗ୍ରୀଷ୍ମ ରିତୁ ଅବ୍ୟହିତ ପୂର୍ବରୁ ପାନୀୟ ଜଳ ସମସ୍ୟା ମୁଣ୍ଡ ଟେକୁଥିବା ବେଳେ ଖୋଦ ଗ୍ରୀଷ୍ମ ରତୁରେ ଏହାର ସମାଧାନ ନେଇ ପ୍ରଶାସନ ଗଭୀର ଚିନ୍ତା ପ୍ରକଟ କରିବାକୁ ଦାବି ହେଉଛି ।

# ଏଥର ପୁସ୍ତକମେଳାର ନୂଆ ଆକର୍ଷଣ ଯୁବ ସ୍ପନ୍ଦନ



କେନ୍ଦ୍ରାପଡା (ସବ୍ୟୁ): ଆସନ୍ତା ଜାନୁୟାରୀ ୬ ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ତେଇଶିତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳାର ନୂତନ ଆକର୍ଷଣ ଯୁବ ସ୍ପନ୍ଦନ ହେବ ବୋଲି ଏହାର ଆୟୋଜକ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜରସ୍ (କେମ୍) ପ୍ରକାଶ କରିଛି । ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ରାଜ୍ୟ ଏବଂ ରାଜ୍ୟ ବାହାରର ପୁସ୍ତକ ପ୍ରକାଶକ ଓ ବିକ୍ରେତାମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରାଯିବା ବୋଲି ସଭାପତି ଅକ୍ଷୟ ପାଣି, ମୁଖ୍ୟ ସଂଯୋଜକ ବଂଶୀଧର ମହାନ୍ତି ଓ ସମ୍ପାଦକ ମହମ୍ମଦ ଜାହିଦ୍ ଖାନ୍ ପ୍ରକାଶ କରିଛନ୍ତି । ବିଶେଷ କରି ଯୁବବର୍ଗଙ୍କ ପଠନ ରୁଚିକୁ ଗୁରୁତ୍ୱ ଦିଆଯିବା ସହ ପୁସ୍ତକମେଳା ପରିସରରେ ଜାନୁୟାରୀ ୭ ଓ ୮ ତାରିଖ ଦୁଇ ଦିବସ ବ୍ୟାପୀ ଜିଲ୍ଲାସ୍ତରୀୟ କଳା, ସାଂସ୍କୃତିକ ଓ ବୌଦ୍ଧିକ ଯୁବ ମହୋତ୍ସବ ଯୁବ ସ୍ପନ୍ଦନଅନୁଷ୍ଠିତ ହେବ । କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତ୍ୟେକ ଓ ଯୁବ ସାଂସ୍କୃତିକ ସଂଗଠନମାନଙ୍କୁ ଏଥିରେ ସାମିଲ ହେବାପାଇଁ ଅଗ୍ରାଧିକାର ଭତ୍ତିରେ ସୁଯୋଗ ଦିଆଯିବ । କ୍ଷୁଦ୍ର ନାଟକ, ଏକକକଳା ଅଭିନୟ, ବକ୍ତୃତା, ଦଳଗତ ଆଲୋଚନା, ସଙ୍ଗୀତ ଓ ନୃତ୍ୟ ପରି ବିବିଧ ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ କରାଯାଇ ସଫଳ ଯୁବ ଛାତ୍ର ଛାତ୍ରୀଙ୍କୁ ଯୁବ ସ୍ପନ୍ଦନର ପ୍ରଶସ୍ତିପତ୍ର ପ୍ରଦାନ କରାଯିବ ବୋଲି ସଂଯୋଜିକା ଅମ୍ରିନ୍ ସାହାଦ ପ୍ରକାଶ କରିଛନ୍ତି । ପୁସ୍ତକମେଳାର ଏହି ପ୍ରଗତି ବୈଠକରେ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ଉପସଭାପତି ପ୍ରତାପ ସ୍ୱାଇଁ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶିବ ଚରଣ ସାମଲ, ଶୁଭଙ୍କର ନାୟକ, କ୍ଷୀରୋଦ କର, ଜ୍ୟୋତିରଞ୍ଜନ ନାୟକ, ସଞ୍ଜୟ ଜେନା, ଶେଷଦେବ ପ୍ରସାଦ ଦାସ ଓ ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିଲେ ।

# ରିଜିଓନାଲ ଡିଗ୍ରୀ କଲେଜରେ ଛାତ୍ରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଯାଜପୁର , (ସବ୍ୟୁ): ରିଜିଓନାଲ ଡିଗ୍ରୀ କଲେଜର ଅଡିଟୋରିୟମ ହଲ୍‌ରେ (ଆଇ.ସି.ସି)ର ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ସାମାଜିକ ସୁରକ୍ଷା ଓ ନିରାପତ୍ତା ସଂକ୍ରାନ୍ତୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବରେ ଅଧ୍ୟାପକ ଡଃ ବିଶ୍ୱରଂଜନ ଦାସ, ଓଡ଼ିଆ ବିଭାଗ ମୁଖ୍ୟ (ବି.ଏନ୍.ଇ.ଏ. ମହାବିଦ୍ୟାଳୟ) ପାଳିଆବିନ୍ଧା, ଭଦ୍ରକ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ବାର୍ ଆସୋସିଏସ୍‌ର ସଦସ୍ୟ ଆଡ୍‌ଭୋକେଟ୍ ଚିନ୍ମୟୀ ଜେନା ଓ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ତଥା ସମାଜସେବୀ ଅଭିମନ୍ୟୁ ରାଉତ ଏବଂ ରିଜିଓନାଲ କଲେଜର ଅଧ୍ୟକ୍ଷ ଡଃ ଶାନ୍ତନୁ କୁମାର ନାୟକ ଯୋଗଦେଇ ଛାତ୍ରୀମାନଙ୍କର ସୁରକ୍ଷା ଓ ସାମାଜିକ ନିରାପତ୍ତା ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ । (ଆଇ.ସି.ସି)ର ସଭାପତି ଅଧ୍ୟାପକ ଶୁଭେନ୍ଦୁ ମହାପାତ୍ର ଛାତ୍ରୀମାନଙ୍କର ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ । (ଆଇ.ସି.ସି)ର ସଂଯୋଜିକା ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦାଶ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ।

(ଆଇ.ସି.ସି)ର ସଦସ୍ୟା ଅଧ୍ୟାପିକା ବିଜୟିନୀ ପାକିଜା ସାମଲ, ଅଧ୍ୟାପିକା ଡଃ ମାନସୀ ମହାନ୍ତି ଓ ଅଧ୍ୟାପିକା ସଙ୍ଗୀତା ପତି ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ / ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ସର୍ବଶେଷରେ ଅଧ୍ୟାପକ ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ପର୍କ ଯୋଡ଼େ ମହୋତ୍ସବ

ବରୀ, (ସବ୍ୟୁ) : କଳା ସାହିତ୍ୟ ଓ ସଂସ୍କୃତି ପରିଷଦ ବରୀ ପକ୍ଷରୁ ଅନୁଷ୍ଠିତ ଚତୁର୍ଥ ଦିନର ବରୀ ଲୋକ ମହୋତ୍ସବ ଡକ୍ଟର ରାଜ କିଶୋର ପଣ୍ଡା ଙ୍କ ସଭାପତିତ୍ୱରେ ବାଲିଆପାଳ ସ୍ଥିତ ବିଧାନଚନ୍ଦ୍ର ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ଆୟୋଜିତ ଗଣମାଧ୍ୟମ ସମାବେଶରେ ବରୀ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

ସେହିପରି ସଂଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡକଟର ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇ ବରୀର ଇତିହାସ ବିଷୟରେ ବିସ୍ତୃତ ଆଲୋଚନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୀତିକାର ଦିଲ୍ଲୀପ ଜେନା ଯୋଗ ଦେଇ କଳା ସାହିତ୍ୟ ସଂସ୍କୃତି ଆମର ପରିଚୟ ବୋଲି କହିଥିଲେ । ମଞ୍ଚ ପକ୍ଷରୁ ସାମ୍ବାଦିକ ପ୍ରଭାତ କୁମାର ମହାନ୍ତିଙ୍କୁ ବରୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ହାଡ ଭଙ୍ଗା ଶୀତୁଆ ରାତିରେ ବିଭିନ୍ନ ଦୋକାନ ବଜାର ସାଙ୍ଗକୁ ଦୋଳି ଖେଳ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି ଦର୍ଶକ ମାନେ ।

# ଜମିବାଡି ବିବାଦ: ମାଆ-ପୁଅଙ୍କୁ ମରଣାନ୍ତକ ଆକ୍ରମଣ




ନିଶ୍ଚିନ୍ତକୋଇଲି ,(ସବ୍ୟୁ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତ ଦିକ୍ଷିତପଡା ଗ୍ରାମରେ ଜମିବାଡି ବିବାଦକୁ ନେଇ ମାଆପୁଅଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି । ଦିକ୍ଷିତପଡା ଗ୍ରାମର ଲକ୍ଷ୍ମୀଧର ସିଂ ଓ ସୁବାଷ ବେଜଙ୍କ ପରିବାର ମଧ୍ୟରେ ଜମିବାଡି ସତ୍ୱକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରାଯାଇଥିଲା । ଶନିବାର ସନ୍ଧ୍ୟାରେ ଥାନାରେ ଏହି ବିବାଦର ଆପୋଷ ଶାନ୍ତିପୂର୍ଣ୍ଣ ସମାଧାନ କରାଯାଇଥିଲା । ଉଭୟ ପକ୍ଷ ଘରକୁ ଫେରିଥିଲେ ।

ତେବେ ଘରକୁ ଫେରିବା ପରେ ସ୍ଥାନୀୟ ଗ୍ରାମର ମନୋରଞ୍ଜନ ବାରିକଙ୍କ ଘର ସମ୍ମୁଖରେ ସୁବାଷ ବେଜ ଓ ମଂଟୁ ବେଜ ଅତ୍ୟନ୍ତ ଆଶାଳୀନ ଭାଷାରେ ଗାଳିଗୁଲଜ କରୁଥିଲେ । ତାଙ୍କ ଘର ସମ୍ମୁଖରେ ମଦ ବୋତଲ ଭଙ୍ଗାରୁଜା କରୁଥିଲେ । ପରିସ୍ଥିତି ଅଣାୟତ ହେବାରୁ ତାଙ୍କ ପରିବାର ଘଟଣାସ୍ଥଳରେ ପହଂଚି ଏହାର ପ୍ରତିବାଦ କରିଥିଲେ । ତେବେ ଏଥିରେ ପ୍ରତିହିଂସା ପରାୟଣ ହୋଇ ସୁବାଷ ଓ ମଂଟୁ ମନୋରଞ୍ଜନ ବାରିକଙ୍କ ପନୀ ସଂଯୁକ୍ତା ବାରିକ ଏବଂ ତାଙ୍କର ପୁତ୍ର ଉପରେ ଖୁର ଓ ପନିକି ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ମାଆ ପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।

ଏ ସ ମ୍ପ ର୍କ ରେ ସଂଯୁକ୍ତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଥାନା ପୋଲିସ ତରଫରୁ ଏହି ଘଟଣା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାର ଅଭିଯୋଗ ହୋଇଛି । ପୋଲିସ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏହି ଗାଁରେ ଏକ ବଡ ଧରଣର ଅଘଟଣ ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ବାଲି ଚୋରିକୁ ନେଇ ସଦର ଥାନାରେ ଏତଲା

ଜଗତସିଂହପୁର,(ସବ୍ୟୁ): ଜଗତସିଂହପୁର ଜିଲା ଖଣି ଅଧିକାରୀଙ୍କ ନାଁରେ ସଦର ଥାନାରେ ଏତାଲା ହୋଇଛି ।ଖଣି ଅଧିକାରୀ ସତୀଶ ତରାଇଙ୍କ ନାଁରେ ଜିଲାପାଳ ଜେ ସୋନାଲଙ୍କ ନିର୍ଦେଶକ୍ରମେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଏତାଲା ଦେଇଛନ୍ତି । ବାଲି ମାଫିଆଙ୍କ ସହିତ ସମ୍ପର୍କ ସହ ବହୁ ଦୁର୍ନୀତିରେ ଜଡିତ ଥିବା ଅଭିଯୋଗକୁ ନେଇ ଖଣି ଅଧିକରୀଙ୍କ ନାଁରେ ଏତାଲା ହୋଇଥିବାର ଜଣାଯାଇଛି ।

ଖଣି ଅଧିକାରୀ ବାଲି ମାଫିଆଙ୍କ ସହିତ ଜଡିତ ହୋଇ ବେଆଇନ ବାଲି ଚୋରିରେ ସାମିଲ ହେବା ଭଳି ଠୋସ ସୁରାଗ ଜିଲ୍ଲା ପ୍ରଶାସନ ହାତରେ ଲାଗିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏତଲା ଦିଆଯାଇଥିବା ଜଣାଯାଇଛି । ଜିଲାରେ ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ପ୍ରଶାସନ ଅପରେସନ ବାଲୁ ବ୍ରଜ କୁ ନେଇ ଗୋଟିକ ପରେ ଗୋଟିଏ ବାଲି ଘାଟ ଉପରେ ଛଡାଉ ଜାରି ରଖିଥିବା ବେଳେ ଏପଟେ ଜିଲା ଖଣି ଅଧିକାରୀଙ୍କ କାର୍ଯ୍ୟକଳାପ କୁ ନେଇ ସନ୍ଦେହ ରେ ଥିଲା ପ୍ରଶାସନ । ଗତକିଛି ଦିନ ପୂର୍ବରୁ ଡିଆଇଜି ସତ୍ୟଜିତ ନାୟକ, ଜିଲ୍ଲାପାଳ ଜେ ସୋନାଲ,ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ବିଳମ୍ବିତ ରାତିରେ କିଲିପାଳ ବାଲିଘାଟ ଉପରେ ଚଡ଼ାଉ କରି ୪୮ଟି ବାଲି ବୋଝେଇ ହାଇବା ସହିତ ୩ ପୋକଲିନ ମେସିନକୁ ଜବତ କରିଥିଲେ । ଏହାର କିଛି ଦିନ ବ୍ୟବଧାନ ପରେ ଉପ ଜିଲ୍ଲାପାଳ ଗତ ୧୧ ତାରିଖରେ ଜଇପୁର ବାଲି ଘାଟ ଉପରେ ଚଢ଼ାଉ କରି ୩୫ ବାଲି ବୋଝେଇ ହାଇବା ଓ ୩ ପୋକଲିନ ମେସିନ କୁ ଜବତ କରିଥିଲେ ।

# ଅଭିଯୋଗର ସ୍ଥିତି ପରଖିଲେ ବିଧାୟିକା ସୁଜାତା ସାହୁ

ମଙ୍ଗଳପୁର,(ସବ୍ୟୁ) : କୁଆଖିଆ-ଧାମରା ୨୦ନଂ ଜାତୀୟ ରାଜପଥ ବଉଳାଙ୍ଗ ଛକ ନିକଟରେ ବାଇପାସର ଅଡୁଆ ଏଯାଏଁ ସରୁନି । ବନ୍ଦ ରହିଛି ରାସ୍ତା ମରାମତି କାର୍ଯ୍ୟ । ବଉଳାଙ୍ଗ ଛକ ବାଇପାସକୁ ନେଇ ଏବେବି ଅଡୁଆରେ ପଡିଚି ଏନ.ଏଚ.ଆଇ ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତର ବୋଉଳାଙ୍ଗ ଠାରେ ବେଆଇନ ଭାବେ ଗାଁ ମଝିରେ ଯାଉଥିବା ବାଇପାସ ପାଇଁ ଗତ ଶୁକ୍ରବାର ଦିନ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁଙ୍କ ସହ ଏନ.ଏଚ.ଆଇର ଅଧିକାରୀମାନେ ପୋଲିସ ଫୋର୍ସ ଆଣି ଜାଗା ମୂଲ୍ୟାୟନ କରିଥିଲେ ।ହେଲେ ଗ୍ରାମ ବାସୀ ବିରୋଧ କରିଥିଲେ ମଧ୍ୟ ଶୁଣିନଥିଲେ ଅଧିକାରୀ । ଏହାକୁ ନେଇ ଗ୍ରାମବାସୀ ଯାଜପୁର ବିଧାୟିକାଙ୍କ ନିକଟରେ ଅଭିଯୋଗ କରିବାରୁ ରବିବାର ଅପରାହ୍ନରେ ଯାଜପୁର ବିଧାୟିକା ସୁଜାତା ସାହୁ ଗାଁକୁ ଆସି ବାଇପାସର ଅନୁଧ୍ୟାନ କରିଥିଲେ । ଗ୍ରାମ ବାସୀଙ୍କ ଠାରୁ ସବୁ ଅଭିଯୋଗ ଶୁଣିବା ପରେ ବିଧାୟିକା ଆରମ୍ଭରୁ ଶେଷ ଯାଏଁ ଚାଲି ଚାଲି ନୂତନ ବାଇପାସ ଟିକୁ ଦେଖିଥିଲେ ।

ଏହା ଉପରେ ଅଧିକ ତର୍ଜମା କରିବାସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଲୋକଙ୍କ ସରକାର ବୋଲି କହୁଥିବା ଲୋକଙ୍କ ସରକାରଙ୍କ ପାଖକୁ ଲୋକଙ୍କୁ ନେଇକି ଯିବି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଏବିଷୟରେ ଆଲୋଚନା କରିବା ସହ କିଭଳି ଏହାର ସମାଧାନ ହେଇପାରିବ ସେ ଉପରେ ନିଶ୍ଚିତ ପଦକ୍ଷେପ ନେବି କହିଥିଲେ ।

ଲୋକଙ୍କ ଅଭିଯୋଗ କି ୨୦ ନମ୍ବର ଜାତୀୟ ରାଜପଥ ସିଧା ସଳଖ ଗଲେ ମାତ୍ର ୫୦ ମିଟର ରାସ୍ତା ହେବ ଏବଂ ଯାହାକି ସରକାରୀ ଜମିରେ ହେଇ ପାରିବ, ସେଠାରେ ୨୦୦ ମିଟରର ବାଇପାସ କରାଇ ସଓ୍ୱାଧୀନତା ପୂର୍ବର ୧୯୩୧ ମସିହାର ବିଦ୍ୟାଳୟ,ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଗାଁ ସ୍ମଶାନ ମଧ୍ୟ ଉଛେଦ କରିବା ସହ ସାତ ପୁରୁଷର ଭିଟା ମାଟିକୁ ଏନ.ଏଚ.ଆଇ ଉଛେଦ କରୁଥିବା ନେଇ ବିଧାୟିକାଙ୍କ ପାଖରେ ଅଭିଯୋଗ କରିଥିଲେ ଗ୍ରାମବାସୀ ଯାହାକୁ ନେଇ ପୂର୍ବରୁ ସ୍ଥାନୀୟ ଲୋକ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି । ଶୁଭ୍ରାଂଶୁ ଶେଖର ବାରିକ, କ୍ଷୀରୋଦ କୁମାର ସାହୁ, ଖଗେଶ୍ୱର ବାରିକ, ବାଳାକ୍ରୀଷ୍ଣା ସାହୁ, ଅକ୍ଷୟ କୁମାର ସାହୁ, ପଦ୍ମନାଭ ସାହୁ,ର୍ମି ଇସଲାମ,ର୍ମି ରମଜାନ,ର୍ମି ଉସ୍ମାନ ପ୍ରମୁଖ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ସରକାରୀ ଜମି ମହଜୁଦ ଥିବା ବେଳେ ଏବେକାର ଜାତୀୟ ରାଜପଥ ଦେଇ ରାସ୍ତା ଯାଉ ବୋଲି ବିଧାୟିକା ସୁଜାତା ସାହୁଙ୍କୁ ଅଭିଯୋଗ କରିଛନ୍ତି



# ଚନ୍ଦକା ଅଭୟାରଣ୍ୟକୁ ଆସିଲା ଉଦ୍ଧାର ହାତୀଛୁଆ

ବାରଙ୍ଗ,(ସବ୍ୟୁ): ଚନ୍ଦକା ଅଭୟାରଣ୍ୟକୁ ରବିବାର ସଂଧ୍ୟାରେ କେଉଁଝରରୁ ୪ ମାସ ର ଗୋଟିଏ ଅଣ୍ଡିରା ହାତୀ ଛୁଆ ଉଦ୍ଧାର ହୋଇ ଆସିଛି । ଅଣ୍ଡିରା ହାତୀ ଛୁଆଟି ଜଙ୍ଗଲରେ ମା ସହ ବୁଲୁଥିବା ବେଳେ ମା ହାତୀ ଠାରୁ ଛୁଆ ହାତୀ ଟି ଅଲଗା ହୋଇଯାଇଥିଲା । ଛୁଆ ହାତୀ ଟି ମା ଛେଉଣ୍ଡ ହୋଇ କେଉଁଝର ବିଜେପି ରେଞ୍ଜ ନିକଟରେ ଏଣେତେଣେ ବୁଲୁଥିଲା । ବନ କର୍ମଚାରୀମାନେ



ହାତୀ ଛୁଆଟିକୁ ଗତ ୭ ତାରିଖରେ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଜାରି ରଖିଥିଲେ । ଛୁଆ ହାତୀଟି ଟିକେ ସୁସ୍ଥ ହେବା ପରେ ରବିବାର ଦିନ ଚନ୍ଦକା ଅଭୟାରଣ୍ୟ କୁମାରଖୁଣ୍ଟି ରେ ଛାଡିଛନ୍ତି ।

# ସହୀଦ ଜିତେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବୀ

ନିମାପଡା, (ସବ୍ୟୁ): ଗତ ୧୯୯୩ ମସିହାରେ ମଧ ପ୍ରଦେଶ ବସ୍ତର ଜିଲ୍ଲାରେ ନିର୍ବାଚନ ଡ୍ୟୁଟି ସାରି ଫେରୁଥିବା ବେଳେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଶହୀଦ ହୋଇଥିବା ଜବାନଙ୍କ ମଧ୍ୟରୁ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଶଗଡା ପଞ୍ଚାୟତ ଘୋଡାଶାଳିଆ ଗ୍ରାମର ଯବାନ ଜିତେନ୍ଦ୍ର କୁମାର ପ୍ରଧାନ ଶହୀଦ ହୋଇଥିଲେ। ତାଙ୍କର ଶ୍ରାଦ୍ଧ ଦିବସ ଶ୍ରୀମୁଖ ଘୋଡାଶାଳିଆ ଆଶ୍ରମ ଠାରେ ପାଳିତ ହୋଇଯାଇଛି। ଏଥିରେ ଡି.ଆଇ.ଜି ଉରତ କୃଷ୍ଣସେଠୀ,ଏସ୍.ଆଇ.ଜି.ଡି ପୁରୁଷତମ କର ପ୍ରମୁଖ ଅତିଥିଭାବେ ଯୋଗଦେଇ ମାତୃଭୂମି ପାଇଁ ତାଙ୍କ ବଳିଦାନ ସ୍ମରଣରେ ମନେରଖିବେ ବୋଲି କହିଥିଲେ।ଦେବେନ୍ଦ୍ର ନାଥ ପ୍ରଧାନ,ସରପଞ୍ଚ ମଧୁସ୍ମିତା ସାହୁ,ସମିତିସଭ୍ୟ ତପନ କୁମାର ପ୍ରଧାନ,ସରପଞ୍ଚଙ୍କ ପ୍ରତିନିଧି ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ସହୀଦ ଜିତେନ୍ଦ୍ରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରିଥିଲେ।

# ଆଦର୍ଶ ଶିଶୁ ନିକେତନର ବାର୍ଷିକ କ୍ରୀଡା

ବାଲିପାଟଣା ,(ସବ୍ୟୁ): ବନ ମାଳିପୁର ସ୍ଥିତ ଆଦର୍ଶ ଶିଶୁ ନିକେତନର ୨୫ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ଏହି କ୍ରୀଡା ପ୍ରତିଯୋଗିତାରେ ବିଦ୍ୟାଳୟର ୧୭୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।ଉକ୍ତ ପ୍ରତିଯୋଗିତାରେ ନର୍ସରୀ କ୍ଲାସ ଠାରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୨୦ଟି ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ।ସେଗୁଡିକ ମଧ୍ୟରୁ ଲମ୍ବ ଡିଆଁ, ଉଚ୍ଚ ଡିଆଁ,ଗଣିତ ଖେଳ, କଙ୍ଗାରୁ ଡିଆଁ, ଅଖା ଦୌଡ଼, ମିଉଜିକ ଚେୟାର,ସାଇକେଲ ଚାଳନା, ବ୍ୟାଗ ସନ୍ତୁଳନ ଦୌଡ଼, ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ବଛା ଯାଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଭାପୁର ସରପଞ୍ଚ ଲିପିପ୍ରିୟା ସାହୁ,ସମ୍ମାନୀତ ଅତିଥି ଭାବରେ ନାଏବ ସରପଞ୍ଚ ଝୁନା ରାଣୀ ସାହୁ, ସମିତି ସଭ୍ୟ ସନାତନ ବୈଶାଖ, ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ ଓ ଅଧକ୍ଷା ଶୈଳବାଳା ମେକାପ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ ।କ୍ରୀଡା ପରିଚାଳନା କରିଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ।

# ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ : ପତ୍ନୀ ଅଟକ

ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଲିସାହି ପଞ୍ଚାୟତ ଅଧୀନ ବାସୁଦେବପୁର ଗ୍ରାମରେ ଜଣେ ନବବିବାହିତ ଯୁବକଙ୍କ ସନ୍ଦେହ ଜନକ ଭାବେ ଆକସ୍ମିକ ମୃତ୍ୟୁ ଘଟିଛି । ଖବର ପାଇ ପୋଲିସ ଶବ ଜବତ କରିବା ସହ ମୃତକଙ୍କ ପନିଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ବାସୁଦେବପୁର ଗ୍ରାମର ମଧୁସୂଦନ ମହାପାତ୍ରଙ୍କ ଏକମାତ୍ର ପୁତ୍ର ବାପୁନି କୁମାର ମହାପାତ୍ର ଓରଫ ଆଲିଭ(୩୫) ଗତ ଛଅମାସ ତଳେ ଜଟଣୀ ଅଞ୍ଚଳର ଶଶିରେଖା ନାୟକ ଓରଫ ଲକିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ମଧୁସୂଦନଙ୍କ ପରିବାର ଗତ ୩ଦିନ ହେବ ଏକ ଶୁଦ୍ଧି କ୍ରିୟାରେ ଯୋଗ ଦେବାପାଇଁ ଅନ୍ୟତ୍ର ଯାଇଥିବା ବେଳେ ଘରେ କେବଳ ପୁଅ ଓ ବୋହୂ ଥିଲେ । ଶୁକ୍ରବାର ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ପୁଅର ଆତ୍ମହତ୍ୟା ଖବର ବୋହୂଠାରୁ ଫୋନ ଯୋଗେ ପାଇ ସପରିବାର ସେହି ରାତିରେ ଗାଡିକରି ଆସି ଶନିବାର ସକାଳୁ ଘରେ ପହଞ୍ଚି ପୁଅ ଦେହରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଓ ଗ୍ରାମବାସୀଙ୍କ ସହାୟତାରେ ପୁଅକୁ



ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ଶୁଣିଥିଲେ ।ଘଟଣା ସଂପର୍କରେ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ହତ୍ୟା ସନ୍ଦେହ ଘେରରେ ଥିବା ନବବିବାହିତା ବୋହୂ ଲକିଙ୍କୁ ଥାନାକୁ ଆଣିବା ସହ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ସାଇଣ୍ଟିଫିକ ଟିମ ସହିତ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି । ତେବେ ଘରେ କେହି ନଥିବାରୁ ସୁଯୋଗ ନେଇ ସ୍ତ୍ରୀ ନିଜ ହାତରେ ସ୍ୱାମୀର ତଣ୍ଟି ଚିପି ମାରି ଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ଜଣା ପଡ଼ିବ ବୋଲି ପୋଲିସ କହିଛି ।

# ଅବସରକାଳୀନ ସେବା ନିବୃତ ସମ୍ବର୍ଦ୍ଧନା ସଭା

ରଣପୁର (ସବ୍ୟୁ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସମନଓ୍ୱୟ ସମିତି ପକ୍ଷରୁ ବାବା ଆଖଣ୍ଡଳମଣି କଲ୍ୟାଣ ମଣ୍ଡପ ପରିସରମଧରେ ଅବସରନେଇଥିବା ୩୪ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସେବା ନିବୃତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମିଳିତ ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ଅନିଲ କୁମାର ପାଇକରାୟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟତ୍ରୀଅନଙ୍କୁ ମାନପତ୍ର ସହ ଉପଢୌକନ ପ୍ରଧାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ



ବ୍ଲକ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ଲକ୍ଷ୍ମୀ ଦେଇ , ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ମହାସଚିବା ଜ୍ୟୋତି ରଞ୍ଜନ ଦାଶ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଶ୍ୱରଞ୍ଜନ ମହାପାତ୍ର, ବ୍ଲକଗ୍ରାଣ୍ଟ ଶିକ୍ଷକ ସଂଘ ସଭାପତି ସ୍ମୃତି ରଞ୍ଜନ ଦାଶ, ନୂତନ ପେନସନ ଯୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ସଭାପତି ବିଜୟ କୁମାର ସାହୁ ଯୋଗଦେଇ ଥିଲେ ।ସମନ୍ୱୟ ସମିତି ସମ୍ପାଦକ ତଥା ଏନପିଏସ ସଭାପତି ଜ୍ୟୋତି ରଞ୍ଜନ କର ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ପ୍ରଧାନ,ଅଜୟ କୁମାର ସାହୁ,ବିଭୂତି ମିଶ୍ର,ବସନ୍ତ କୁମାର ବେହୁରା,ନୀଳକଣ୍ଠ ରଥ,ମହେନ୍ଦ୍ର କୁମାର ସୁବୁଦ୍ଧି,ଅଶୋକ ବେହେରା,ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସକ୍ରିୟ ସହଯୋଗ କରିଥିଲେ ।

# ନିମାପଡା ଏନ୍‌ଏସିରେ ଫେଲ ମାରିଛି ଆଲୋକୀକରଣ ବ୍ୟବସ୍ଥା

ନି ମା ପ ଡ ା , ( ସ ବୁ ୍ୟ ) : ନିମାପଡା ଏନ୍‌ଏସି ଅଂଚଳରେ ଆଲୋକୀକରଣ ବ୍ୟବସ୍ଥା ପ୍ରହସନ ତଥା ଫେଲ ମାରିଥିବା ନେଇ ସ୍ଥାନୀୟ ଅଂଚଳ ବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ନିମାପଡା ଏନଏସିରେ ୧୧ ଗୋଟି ଓ୍ୱାର୍ଡ ରହିଛି। ପ୍ରତ୍ୟେକ ୱାର୍ଡ ଓ ଛକ ବଜାର ମଧ୍ୟରେ ଆଲୋକୀକରଣ ପାଇଁ ଷ୍ଟ୍ରିଟ ଲାଇଟ ଲଗାଯାଇଛି। ତେବେ ଯେତିକି ଖୁଣ୍ଟ ପୋତାଯାଇ ଲାଇଟ ଲଗାଯାଇଛି ତାହା ପର୍ଯ୍ୟାପ୍ତ ହେଉନଥିବା ବେଳେ କେଉଁଠି ଖୁଣ୍ଟରେ ୨୪ ଘଣ୍ଟା ଆଲୋକ ଜଳୁଛି ତ ଆଉ କେଉଁଠି ଏଲଇଡି ବଲ ଖରାପ ହେବା ପରେ ସେହି ସ୍ଥାନ ଅନ୍ଧାର ମଧ୍ୟରେ ରହୁଥିବା ଦେଖିବାକୁ ମିଳୁଛି। ଏହା ଦିନେ କି ମାସକର ସମସ୍ୟା ନୁହେଁ ବରଂ ବର୍ଷ ବର୍ଷ ଧରି ଏଭଳି ଅବସ୍ଥା ନିମାପଡା ଏନ୍‌ଏସିରେ ଲାଗିରହିଛି। ଏପରିକି ସାହି,କଲୋନୀ,ବସ୍ତି ଓ ମୁଖ୍ୟ ରାସ୍ତାଗୁଡିକର ଆବଶ୍ୟକ ସ୍ଥଳରେ ଷ୍ଟ୍ରିଟ ଲାଇଟ ଲଗାନଯାଇ ଅନାବଶ୍ୟକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଗୁଡିକ ଲାଗିଥିବା ଦେଖିବାକୁ ମିଳେ। ବିଜ୍ଞାପିତ ପରିଷଦ ଅଂଚଳରେ ୪ହଜାରରୁ ଉର୍ଦ୍ଧ୍ୱ ଖୁଂଟରେ ଲାଇଟ ଲାଗିଛି। ତେବେ ସେଥି ମଧ୍ୟରୁ ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ଖୁଂଟରେ ଲାଇଟ ଜଳୁନଥିବାରୁ ସେହି ସବୁ ଅଂଚଳ ଅନ୍ଧାକାର ରହୁଛି। ନିମାପଡା ଏନ୍‌ଏସିରେ ଷ୍ଟ୍ରିଟ ଲାଇଟ ପରିଚାଳନା ଦାୟିତ୍ୱ ନିବ୍ ଏନର୍ଜି ସଂସ୍ଥାକୁ ଦିଆଯାଇଛି। ଉକ୍ତ ସଂସ୍ଥା ବିଦ୍ୟୁତ ପରିଚାଳନା ପାଇଁ କରିଥିବା ଏଗ୍ରିମେଂଟର ବେଖାତିର ଓ ଅବମାନନା କରିଆସୁଥିବା ଏବଂ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱର୍ ଖୁଂଟରେ ୨୪ ଘଣ୍ଟା ଲାଇନ ଜଳୁଥିବାରୁ ସେଥିଲାଗି ଅଯଥା ବିଲ୍ ପରିଷଦ ପକ୍ଷରୁ ଦିଆଯାଉଥିବା ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ପ୍ରକାଶ କରିଛନ୍ତି। ବିଦ୍ୟୁତ ପରିଚାଳନା ଦାୟିତ୍ୱ ନେଇଥିବା ଉକ୍ତ ସଂସ୍ଥାର ଅବହେଳାକୁ ନେଇ ବାରମ୍ବାର ନୋଟିସ କରାଗଲେ ମଧ ସେ ଏହାର ଉତ୍ତର ଦେଉନଥିବାରୁ ମେଂଟନାନ୍ସ ବାବଦ ପାଇବାକୁ ଥିବା ବିଲକୁ ବନ୍ଦ କରାଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦାସ କହିଛନ୍ତି। ଏନ୍‌ଏସିର ସାହି, ବସ୍ତି, କଲୋନୀ, ନଦୀ, ନାଳ ବନ୍ଧ ରାସ୍ତାର ଅନେକ ସ୍ଥାନରେ ଆଲୋକ ନଥିବାରୁ ଅନ୍ଧାର ପଡୁଥିବା ବେଳେ ଏନ୍‌ଏସି ପକ୍ଷରୁ ଲାଗିଥିବା ପଂଚାୟତ ସୀମା ଭିତରକୁ ବିଦ୍ୟୁତ ଖୁଂଟ ପୋତାଯାଇ ଲାଇଟ ଲଗାଯାଇଛି। ଏନ୍‌ଏସି ଅଂଚଳରେ ଆଲୋକୀରଣ ବ୍ୟବସ୍ଥାରେ ବହୁ ଘୋଟାଲା ହୋଇଥିବା ନେଇ ଅଭିଯୋଗ ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବୀ ହେଉଛି।

# ବୃତ୍ତି ପାଇବାକୁ ଛାତ୍ରୀ ଯୋଗ୍ୟ ବିବେଚିତ



କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ସରକାରୀ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଅଡ଼ଶପୁରସ୍ଥିତ ସରସ୍ୱତୀ ଶିଶୁ ବିଦା ମନ୍ଦିରର ଛାତ୍ରୀ ନିର୍ଲୀପ୍ତା ସାହୁ ତୃତୀୟସ୍ଥାନ ଅଧିକାର କରି ବୃତ୍ତିପାଇବାକୁ ଯୋଗ ବିବେଚିତ ହୋଇଛନ୍ତି । ଏହି ସଫଳତା ପାଇଁ ସେ ନିଜ ଶିକ୍ଷାନୁଷ୍ଠାନର ଗୁରୁଜୀ, ଗୁରୁମା ଓ ଘରୋଇ ଶିକ୍ଷକଙ୍କୁ ନିଜର ଶ୍ରେୟ ଦେଇଛନ୍ତି । ପିତା ହୃଦାନନ୍ଦ ସାହୁ ଓ ମାତା ସୁଚିସ୍ମିତା ଦାସଙ୍କ କନା ନିର୍ଲୀପ୍ତା ଜଣେ ମେଧାବୀ ଛାତ୍ରୀଭାବେ ବିଦ୍ୟାଳୟରେ ଏକାଧିକ ସଫଳତା ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଗୋଡ଼ିପଡା ଟୋଲ ପ୍ଲାଜାରେ ସଡ଼କ ସୁରକ୍ଷା ସଚେତନତା

ନିରାକାରପୁର, (ସବ୍ୟୁ) ଖୋର୍ଦ୍ଧା ଜିଲ୍ଲା ଗୋଡ଼ିପଡା ପ୍ଲାଜାରେ ଦୁଇ ଦିନ ଧରି ଏକ ସଡ଼କ ସୁରକ୍ଷା ସଚେତନତା ଓ ଯାନବାହାନ ପଛ ପଟେ ରେଟ୍ରୋ ରିଫ୍ଲେକଫିଭ ଫିତା ଲଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କ୍ୟାଲାର୍କ ଇନଫ୍ରା ଇଞ୍ଜିନିୟର ପ୍ରାଇଭେଟ ଲିମିଟେଡ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟୋଲ ପ୍ଲାଜା ଦେଇ ଅତିକ୍ରମ କରୁଥିବା ଯାନବାହାନ ଚାଳକ ଓ ଯାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଇ ଯାତାୟତ ସମୟରେ



ସିଟ ବେଲଫ, ହେଲମେଟ ପିନ୍ଧିବା, ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ଓ ମଦ୍ୟପାନ କରି ଗାଡି ନ ଚଳାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଟୋଲ ପ୍ଲାଜା କର୍ମକର୍ତ୍ତା ଓ କର୍ମଚାରୀ ମାନେ ସଡ଼କ ଦୁର୍ଘଟଣା କମାଇବା ପାଇଁ ଯାତାୟତ କରୁଥିବା ଗାଡି ପଛ ପାଖରେ ରେଟ୍ରୋ ରିଫ୍ଲେକ୍ଟିଭ ଫିତା ଲଗାଇଥିଲେ । ଏହାଫଳରେ ଗାଡି ପଛରୁ ଆସୁଥିବା ଗାଡ଼ିର ଲାଇଟ ପଡ଼ିଲେ ଆଗରେ କେତେ ଦୂରରେ ଅନ୍ୟ ଗାଡି ଯାଉଛି ତାହା ସହଜରେ ଜଣାପଡ଼ିବ । ଯାହାଦ୍ୱାରା ଦୁର୍ଘଟଣା କମାଇବା ସମ୍ଭବ ହୋଇପାରିବ ବୋଲି ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କମ୍ପାନୀ ମ୍ୟାନେଜର ଦୀପକ କୁମାର ଓ ମାନବ ସମ୍ବଳ ଅଧିକାରୀ ଅମନ କୁମାରଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଯାତ୍ରୀମାନେ ଉଚ୍ଚ ପ୍ରଶଂସା କରିଥିଲେ ।

# ଲକ୍ଷ୍ମୀ ବସ ଧକ୍କାରେ ବାଇକ ଚାଳକ ମୃତ

ନିମାପଡା,(ସବ୍ୟୁ) : ରବିବାର ପୂର୍ବାହ୍ନ ୧୧ଟାରେ ଚାରିଛକ-ଗୋପ ରାସ୍ତାର ଛଣିଜଙ୍ଗ-ଅଳକୁଣ୍ଡ ଛକ ମଧ ଭାଗରେ ଲକ୍ଷ୍ମୀ ବସ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ,ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ କରମଙ୍ଗ ଗ୍ରାମର ଦିଲ୍ଲୀପ ରାଉତ(୪୬) ବାଇକରେ ଗୋପ ପଟୁ ଆସୁଥିବା ବେଳେ ଚାରିଛକ ପଟୁ ଲକ୍ଷ୍ମୀବସ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବସ ଧକ୍କାରେ ବାଇକଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ଘଟଣା ସ୍ଥଳରେ ଦିଲ୍ଲୀପଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଘଟଣା ସ୍ଥଳରେ ଚାରିଛକ ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଲକ୍ଷ୍ମୀ ବସ ଓ ବାଇକକୁ ଜବତ କରିବା ସହିତ ଦିଲ୍ଲୀପଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। କୋଣାର୍କ ବାଲିଘାଇ ଠାରେ ଥିବା କଲେଜରେ ପୁଅକୁ ଛାଡି ଦିଲ୍ଲୀପ ବାଇକରେ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟି ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

# ମାସିକ ପତ୍ରିକା ମାନବିକତାର କଥା ବାର୍ଷିକ ଉତ୍ସବ

ଭୁବନେଶ୍ୱର , (ସବ୍ୟୁ) :ଡିସେମ୍ବର ୧୦ବିଶ୍ୱ ମାନବାଧିକାର ଦିବସ ଅବସରରେ ରାଜ୍ୟ ସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନ ମାନବାଧିକାର ମଞ୍ଚ ଭୁବନେଶ୍ୱର ଆନୁକୂଲ୍ୟରେ ବିଶ୍ୱ ମାନବାଧିକାର ଦିବସ ଓ ମାନବାଧିକାର ମଞ୍ଚର ମୁଖ୍ୟ ପତ୍ରିକା ମାନବିକତାର କଥ ର ଦ୍ୱାଦଶ ବାର୍ଷିକ ଉତ୍ସବଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟୟୁନିଟ ୯ସ୍ଥ ରେଡ଼କ୍ରସ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦକ ବରିଷ୍ଠ ଆଇନଜୀବୀ ନଟବର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ନ୍ୟାୟମୂର୍ତ୍ତୀ ପ୍ରମଥ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ଓ ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ଓ ଦର୍ଶନୀକ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି, ପ୍ରାକ୍ତନ ବରିଷ୍ଠ ପ୍ରଶାସକ ଗାନ୍ଧୀ ଦର୍ଶନ ପ୍ରବକ୍ତା ଜୟନ୍ତ କୁମାର ଦାସ ଯୋଗଦେଇଥିଲେ । ଏହି ଅବସରରେ




ମଞ୍ଚର ମୁଖ୍ୟପତ୍ର ମାନବାଧିକାର କଥାର ଏକ ବିଶେଷ ସଂଖ୍ୟା ଉନ୍ମୋଚିତ କରିଥିଲେ ଓ ମଞ୍ଚ ତରଫରୁ ସୁସ୍ଥ ସମାଜ ଗଠନରେ ନାଗରିକଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନା ରଖି ସୁଚିନ୍ତିତ ମତାମତ ରଖିଥିଲେ । ମଞ୍ଚର ସଭାପତି ନଟବର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ବିଶିଷ୍ଟ ଆଇନୀଜୀବୀ ପ୍ରଦୀପ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମାନବିକତା କଥାରେ ପ୍ରକାଶିତ ଲେଖା ର ପାଠକୀୟ ସ୍ୱୀକୃତି ଲାଭ କରିଥିବା ୩ଜଣ ଲେଖକ ଓ ସାରସ୍ୱତ ସାଧକଙ୍କୁ ସାରସ୍ୱତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା ।ଏଥି ସହ ମାଇକ୍ରୋଲିଟା ଗବେଷଣା ଓ ସଓ୍ୱାସ୍ଥ୍ୟ ସେବା କେନ୍ଦ୍ର ଭୁବନେଶ୍ୱରକୁ ମାନବିକତା କଥା ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା । ମଞ୍ଚର ସମ୍ପାଦକ ଆଇନୀଜୀବୀ ନଟବର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶିକ୍ଷାବିତ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସଭାର ସମସ୍ତ କାର୍ଯ୍ୟକୁ ପ୍ରସନ୍ନ କୁମାର ରଥ, ସୁପ୍ରିତୀ ମହାନ୍ତି, ଅଜୟ କୁମାର ମହାପାତ୍ର ଓ ଅମୀର ସାହୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସମାଜସେବୀ, ସାମ୍ବାଦିକ ଓ ଆଇନୀଜୀବୀ ଯୋଗଦେଇଥିଲେ ।

# ନାମ ଲେଖାଇଲେ ପାଠ ଛାଡିଥିବା ୬ ଛାତ୍ରଛାତ୍ରୀ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ବିଶ୍ୱମ୍ବର କ୍ଲଷ୍ଟର ପକ୍ଷରୁ ବିଶ୍ୱମ୍ବର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଂକିଆ ଗଡ଼ସାହି ପରିସରରେ ଶିକ୍ଷା ସଭା ଆୟୋଜନ କରାଯାଇଥିଲା ।ଏହି ସଭାରେ ୩ରୁ ୧୮ ବର୍ଷ ଅଧାରୁ ପାଠ ଛାଡିଥିବା ଛାତ୍ର ଛାତ୍ରୀଙ୍କୁ ସଚେତନତା କରାଯାଇଥିଲା ।ଏହା ସହିତ ଅଧାରେ ପାଠ ଛାଡିଥିବା ୬ ଜଣ ଛାତ୍ର ଛାତ୍ରୀ ନାମ ଲେଖାଇବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସିଆରସିସି ଜ୍ୟୋତିକୃଷ୍ଣ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଶିକ୍ଷା ସଭାରେ ଜଂକିଆ ଗଡ଼ସାହି ବିଦ୍ୟାନିକେତନର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମହାପାତ୍ର ସଭାପତିବ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ବିଦ୍ୟାଳୟ ସଭାପତି ସୁନିଲ କୁମାର ଶ୍ରୀଚନ୍ଦନ, ପ୍ରଧାନ ଶିକ୍ଷୟତ୍ରୀ ଅମ୍ରିତା କୁମାରୀ ପ୍ରଧାନ,ଦୁର୍ଗା ପ୍ରସନ୍ନ ବଳିଆରସିଂହ,ଚପଳା ସ୍ୱାଇଁ,ଭୂତି ବଳିଆରସିଂହ ,ଛବିନା ରଣସିଂହ,ସଞ୍ଜୀୟ କୁମାର ମଲ୍ଲିକ, ଓ୍ୱାଡସଭ୍ୟ ସୁମନ୍ତ ବେହେରା ଓ ନାରାୟଣ ଭୋଇ ପ୍ରମୁଖ ଯୋଗଦେଇ ଆସ ସ୍କୁଲ ଯିବା ଅଭିଯାନର ଲକ୍ଷ୍ୟ,ଉଦ୍ଦେଶ୍ୟ ଓ ସଫଳତା ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ ।ଏହି ଅବସରରେ ସାକ୍ଷରତା, ସଂଖ୍ୟାଜ୍ଞାନ, ନିପୁଣ ଓଡ଼ିଶା କୋଣ ପ୍ରଦର୍ଶନ କରାଯାଇଥିଲା ।ଆସ ସ୍କୁଲ ଯିବା ଅଭିଯାନକୁ ସଫଳ କରିବା ନିମନ୍ତେ ଉପସ୍ଥିତ ବ୍ୟକ୍ତିମାନେ ଶପଥ ପାଠ କରିଥିଲେ ।

# ବିଧାୟକ ଓ ମନ୍ତ୍ରୀଙ୍କ ଦରମା ,ଭତ୍ତା ବୃଦ୍ଧିକୁ ବିରୋଧ

ସାକ୍ଷୀଗୋପାଳ ,(ସବ୍ୟୁ): ମନ୍ତ୍ରୀ ବିଧାୟକ ବାଚସ୍ପତି, ଉପ ବାଚସ୍ପତି, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ ଙ୍କ ଦରମା ଓ ଅବସରକାଳୀନ ଭତ୍ତା ବୃଦ୍ଧିକୁ ନେଇ ସବୁ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି । ଓଡ଼ିଶା ରାଜ୍ୟ ସମିତି ସଭ୍ୟ ଓ ସମିତି ସଭ୍ୟା ମଞ୍ଚର ଭୁବନେଶ୍ୱର ର ସାଧାରଣ ସମ୍ପାଦକ ତଥା ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ଏହାକୁ ତୀବ୍ର ନିନ୍ଦା କରିଛନ୍ତି । ବର୍ତ୍ତମାନ ରାଜ୍ୟରେ ଅନେକ ଗୁଡ଼ିଏ ସଂଗଠନ ଦୀର୍ଘ ଦିନ ଧରି ଭୁବନେଶ୍ୱର ଲୋୟର ପିଏମଜି ଠାରେ ସେମାନଙ୍କର ନ୍ୟାର୍ଯ୍ୟ ଦାବୀ ପୂରଣ ନିମନ୍ତେ ଆନ୍ଦୋଳନ କରି ଆସୁଛନ୍ତି । ମାତ୍ର ସରକାର ସେମାନଙ୍କ ପ୍ରତି ଏକ ପ୍ରକାର ଆଖି ବନ୍ଦ କରିଦେଇଛନ୍ତି । ଯେଉଁ ଆଧାରରେ ମନ୍ତ୍ରୀ ଓ ବିଧାୟକ ମାନେ କେବଳ ନିଜ ପଦବୀର ସମ୍ମାନ ପାଇଁ ମୁଖ୍ୟ ଶାସନ ସଚିବ ପାଉଥିବା ଦରମା ଓ ଭତ୍ତା ଠାରୁ ଅଧିକ ପାରିଶ୍ରମିକ ରାଶି ବୃଦ୍ଧି କରିଛନ୍ତି ସେହି ଆଧାରରେ ଜିଲ୍ଲା ପାଳଙ୍କ ଠାରୁ ଜିଲ୍ଲା ପରିଷଦ ସଭାପତି ପଦବୀ ମଧ ବଡ଼ । ବ୍ଲକ ସ୍ତରରେ ବିଡ଼ିଓ ଙ୍କ ଠାରୁ ବ୍ଲକ ଅଧ୍ୟକ୍ଷ ଙ୍କ ପଦବୀ ବ । ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଏଇଇ ଙ୍କ ଠାରୁ ଜିଲ୍ଲା ପରିଷଦ ସଦସ୍ୟଙ୍କ ପଦବୀ ବଡ଼ । ତେଣୁ ଏମାନଙ୍କ କ୍ଷେତ୍ରରେ ଉକ୍ତ ଆଇନି କାହିଁକି ଲାଗୁ କରାଯାଉନାହିଁ । ଅନ୍ୟପଟେ ମନ୍ତ୍ରୀ ଓ ବିଧାୟକ ମାନେ ଫୋନ ଓ ବହି କିଣା ନିମନ୍ତେ ଯେଉଁ ଭତ୍ତା ନେଉଛନ୍ତି ତାହା ସେମାନେ ବ୍ୟବହାର କରୁଥିବା ଧାର୍ଯ୍ୟ ରାଶି ଠାରୁ ଯଥେଷ୍ଟ ଅଧିକ ରହିଛି ।ଏଣୁ ସରକାର କେବଳ ନିଜ କଥା ଚିନ୍ତା ନକରିବା ସହ ନିଆଯାଇଥିବା ନିଷ୍ପତ୍ତି ର ପୁନଃ ବିଚାର ସହ ରାଜ୍ୟର ମଙ୍ଗଳ ହେବା ଭଳି ସକାରତ୍ମକ ଚିନ୍ତା ଧାରା କରିବା ଉଚିତ । ନଚେତ ସାଧାରଣ ଲୋକମାନେ ଏହି ମନ୍ତ୍ରୀ ଓ ବିଧାୟକଙ୍କୁ ନିଜ ନିଜ ଅଞ୍ଚଳରେ ତୀବ୍ର ସମାଲୋଚନା କରି ବିରୋଧ କରିବା ସହ ସରକାରଙ୍କୁ କଟୁ ସମାଲୋଚନା କରିବେ ବୋଲି କହିଛନ୍ତି ସମ୍ପାଦକ ସୁନିଲ କୁମାର ପଣ୍ଡା ।

# ମନ୍ଦିର ପୂଜକଙ୍କ ପରଲୋକ

କଣ୍ଟିଲୋ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମର ଅଧିଷ୍ଠିତ ଜଗନ୍ନାଥ ମନ୍ଦିର ପୂଜକ ସୁବାସ ଚନ୍ଦ୍ର କର(୬୮) ଙ୍କର ରବିବାର ଦିନ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସେ ୪ଦିନ ତଳେ ହଠାତ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପ୍ରଥମେ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ସ୍ୱାସ୍ଥ୍ୟବସ୍ଥା ଶଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା । ସେଠାରେ



ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ । ଜଗନ୍ନାଥ ମନ୍ଦିର ପୂଜକ ଭାବେ ଗ୍ରାମ ରେ ପରିଚିତ ସୁବାସ ଜଣେ ଅମାୟିକ, ପରୋପକାରୀ, ଧର୍ମପ୍ରାଣ,ବ୍ୟକ୍ତି ରୂପେ ଅଞ୍ଚଳରେ ଲୋକପ୍ରିୟ ଥିଲେ । ରାମାୟଣ, ମହାଭାରତ ପୁରାଣ ଆଦି ଗାୟକ ରୂପେ ଅଞ୍ଚଳ ରେ ସୁଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ଗ୍ରାମ ରେ ଶୋକ ପ୍ରକାଶ ପାଇଛି । ଶେଷକୃତ୍ୟ ଗ୍ରାମ ମହାନଦୀ କୂଳ ଶଶ୍ମାନରେ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ଆଶୁତୋଷ ମୁଖାଗ୍ନି ଦେଇଥିଲେ ।

# କଗ୍ନିଜାଣ୍ଟ ପକ୍ଷରୁ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଲ୍ୟାବ ଓ କଗ୍ନିଜାଣ୍ଟ ମୋମେଣ୍ଟଟିଏମ ଷ୍ଟୁଡିଓ ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): କଗ୍ନିଜାଣ୍ଟ ପକ୍ଷରୁ ବେଙ୍ଗାଲୁରୁରେ ଏକ ନୂଆ କଗ୍ନିଜାଂଟ ମୋମେଂଟ ଷ୍ଟୁଡିଓ ସହିତ ଏହାର ଇଣ୍ଡିଆ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ଲ୍ୟାବର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଉଭୟ ଲ୍ୟାବ ଓ ଷ୍ଟୁଡିଓ , ପରବର୍ତ୍ତୀ ୩ ବର୍ଷରେ ଜେନେରେଟିଭ ଏଆଇ କ୍ଷେତ୍ରରେ ୧ ବିଲିୟନ ଡଲାର ନିବେଶ କରିବା ପାଇଁ ଲକ୍ଷ ରଖିଛନ୍ତି । ଏହି ଇଣ୍ଡିଆ ଲ୍ୟାବ ସାନ ଫ୍ରାନ୍ସିସ୍କୋରେ କଗ୍ନିଜାଂଟର ଏଆଇ ଲ୍ୟାବବିସ୍ତାର କରିଛି, ଯାହାକୁ ନିକଟରେ ଏହାର ୬୧ତମୟୁ.ଏସ. ପାଟେଂଟ ମଞ୍ଜୁର କରାଯାଇଛି । କଗ୍ନିଜାଣ୍ଟ ମୋମେଂଟ ଷ୍ଟୁଡିଓ କମ୍ପାନୀର ଡିଜିଟାଲ ଅନୁଭୂତି ଅଭ୍ୟାସର ଏକ ଅଂଶବିଶେଷ ଯାହା ଏହାର କ୍ଲାଏଂଟଙ୍କୁ ଗ୍ରାହକ ଅନୁଭୂତିକୁ ପୁନଃପରିକଳ୍ପନା କରିବା ଓ ଅଭିବୃଦ୍ଧିକୁ ପରିଚାଳନା କରିବା ପାଇଁ ଏଆଇର ବ୍ୟବହାରରେ ସାହାଯ୍ୟ କରୁଛି । ମିଳିତ ଭାବେ ଏହି ଲ୍ୟାବ ଓ ଷ୍ଟୁଡିଓ ବ୍ୟବସାୟ-ପ୍ରସ୍ତୁତ ମଲଫି-ଏଜେଂଟ ସିଷ୍ଟମ, ଏଆଇ ନିଷ୍ପତି କ୍ଷମତା, ଦାୟିତ୍ୱପୂର୍ଣ୍ଣ ଏଆଇ ଓ ଏଆଇ-ଫର-ଗୁଡ ଅଭିଯାନଗୁଡିକୁ ବିକଶିତ କରିବା ଉପରେ ଗୁରୁତ୍ୱ ଦେବେ ।ଏସମ୍ପର୍କରେ କଗ୍ନିଜାଂଟର ସିଇଓ ରବି କୁମାର ଏସ କହିଛନ୍ତି, ବେଙ୍ଗାଲୁରୁରେ ଆମର ଇଣ୍ଡିଆ ଏଆଇ ଲ୍ୟାବ ଓ କଗ୍ନିଜାଂଟ ମୁମେଂଟ ଷ୍ଟୁଡିଓ ଉଦ୍ୟୋଗଗୁଡିକ ପାଇଁ ନିର୍ଭରଶୀଳ ନିଷ୍ପତି ଗ୍ରହଣରେ ସଂଯୋଗ କରୁଥିବା ଇଂଟେଲିଜେଂଟ ସିଷ୍ଟମ ତିଆରି କରିବା ପାଇଁ ଆଗ୍ନେଟିକ ଆର୍କିଟେକCର, ଏଆଇ ଟ୍ରଷ୍ଟ ଓ ପରବର୍ତ୍ତୀ ପିଢିର ଉପଭୋକ୍ତା ଅନୁଭୂତି କ୍ଷେତ୍ରରେ ଅନୁସନ୍ଧାନ ପ୍ରଦାନ କରିବ । ଲ୍ୟାବର ଟିମରେ ସାମିଲ ଥିବା ପିଏଚ୍‌ଡି-ସ୍ତରୀୟ ବୈଜ୍ଞାନିକ ଓ ଏଆଇ ଇଞ୍ଜିନିୟରମାନେ ମଲଫି-ଏଜେଂଟ ଏଆଇ, ଡିସିସନିଙ୍ଗ ସିଷ୍ଟମ ଓ ଦାୟିତ୍ୱପୂର୍ଣ୍ଣ ଏଆଇ କ୍ଷେତ୍ରରେ ପ୍ରୟୋଗିକ ଗବେଷଣାକୁ ଆଗକୁ ବଢାଇବେ ।ସେହିପରି କଗ୍ନିଜାଂଟର ମୁଖ୍ୟ ଏଆଇ ଅଧିକାରୀ ବାବକ ହୋଡKାଟ କହିଛନ୍ତି, ଏହି ଇଣ୍ଡିଆ ଏଆଇ ଲ୍ୟାବ କଗ୍ନିଜାଂଟର ଗବେଷଣା କ୍ଷେତ୍ର ଏବଂ ଏଆଇ ଉଦ୍ଭାବନର ପରବର୍ତ୍ତୀ ଲହରକୁ ଆଗକୁ ବଢାଇବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରମୁଖ ବିସ୍ତାର ଅଟେ । ସେହିଭଳି କଗ୍ନିଜାଂଟ ମୁମେଂଟର ଗ୍ଲୋବାଲ ହେଡ ବେଞ୍ଜାମିନ ଓ୍ୱିନର କହିଛନ୍ତି, ଇଣ୍ଡିଆ ଏଆଇ ଲ୍ୟାବ ଓ କଗ୍ନିଜାଂଟ ମୁମେଂଟ ଷ୍ଟୁଡିଓ ଆମର ଗ୍ରାହକଙ୍କୁ ବାଧାହୀନ ଭାବେ ପ୍ରଦାନ କରାଯାଉଥିବା ଉତ୍କୃଷ୍ଟ, ଶକ୍ତିଶାଳୀ ଓ ପ୍ରଭାବୀ ଡିଜିଟାଲ ଅନୁଭୂତିଗୁଡ଼ିକର ଏକ ନୂଆ ପିଢି ସୃଷ୍ଟି କରିବା ପାଇଁ ବୈଷୟିକ ବିଶେଷଜ୍ଞତାକୁ ମାନବ ତଥ୍ୟ ସହ ମିଶ୍ରଣ କରୁଛି । ଇଣ୍ଡିଆ ଏଆଇ ଲ୍ୟାବ ଦେଶବ୍ୟାପୀ ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡିକ ସହ ସହଭାଗିତା କରିବ, ଯାହା ପ୍ରୟୋଗାତ୍ମକ ଏଆଇ କ୍ଷେତ୍ରରେ ବିଦ୍ୱାନଙ୍କ ପାଇଁ ଯୁଗ୍ମ ଅନୁସନ୍ଧାନ ଅଭିଯାନ, ବାସ୍ତବ-ଦୁନିଆର ପରୀକ୍ଷଣ ଓ ଇଂଟର୍ଣ୍ଣସିପ ସୁଯୋଗକୁ ସକ୍ଷମ କରିବ ।

# ବ୍ଲକସ୍ତରୀୟ ଶିଶୁ ମେଳା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ ଓଷ୍ଟା ଆନୁକୁଲ୍ୟରେ ରାମଚନ୍ଦ୍ର ବିଦ୍ୟାନିକେତନ ରମବିଲି ରେ ୪୨ ତମ ବ୍ଲକ ସ୍ତରୀୟ ଶିଶୁ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଅଛି ।ଉକ୍ତ ଶିଶୁ ମେଳାରେ ଟାଙ୍ଗୀ ବ୍ଲକ ଓଷ୍ଟା ର ସଭାପତି ତଥା ରାମଚନ୍ଦ୍ର ବିଦ୍ୟାନିକେତନ ପ୍ରଧାନଶିକ୍ଷକ ବଳରାମ ପାଇକରାୟଙ୍କ ସଭାପତିତ୍ୱରେ ଉ"ାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାମଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଜିଲ୍ଲାପରିଷଦ ଅଧ୍ୟକ୍ଷ, ଖୋର୍ଦ୍ଧା, ମୁଖ୍ୟ ବକ୍ତା ଭାବରେ ପଦ୍ମନାଭ ବିଶ୍ୱାଳ , ପ୍ରାକ୍ତନ ସଭାପତି ରାଜ୍ୟ ଓଷ୍ଟା, ବିଶିଷ୍ଟ ଅତିଥି ଭାବରେ ରିଶ୍ମା ମାନ୍ଧାତା, ବ୍ଲକ ଅଧ୍ୟକ୍ଷା, ଟାଙ୍ଗି ସମ୍ମାନିତ ଅତିଥି ଭାବରେ ରମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦକ, ଓଷ୍ଟା, ସନ୍ତୋଷ ଚନ୍ଦ୍ର କର, ଉପଦେଷ୍ଟା ଓଷ୍ଟା ଖୋର୍ଦ୍ଧା ଜିଲ୍ଲା, ସାର୍ଥକ ସାମନ୍ତରାୟ, ଶାଖା ପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଛଣଗିରି ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଉଦଯାପନୀ ଉତ୍ସବରେ ଡକଫର ଦିଲ୍ଲୀପ ଶ୍ରୀଚନ୍ଦନ, ସମାଜସେବୀ ଡ ସଞ୍ଜୀୟ ପଟ୍ଟନାୟକ ଯୋଗଦେଇ ଟାଙ୍ଗି ବ୍ଲକ ସମସ୍ତ ଉଚ୍ଚବିଦ୍ୟାଳୟ ରୁ ୪୦ ଜଣ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଦାବରୀଶ ସାମନ୍ତସିଂହାର , ନାରାୟଣ ପାତ୍ର, ନରେନ୍ଦ୍ର ପାଇକରାୟ,ମୂରଲୀଧର ହରିଚନ୍ଦନ, ସୁକାନ୍ତି ବିଶ୍ୱାଇ , ଶରତ ଚନ୍ଦ୍ର ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଟାଙ୍ଗି ବ୍ଲକ ଓଷ୍ଟା ସମ୍ପାଦକ ଅଜୟ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

### ଅର୍ଜ୍ଜୁନ-ବିଷାଦଯୋଗଃ

ଅର୍ଜ୍ଜୁନ ଉବାଚ

**ତସ୍ମାନ୍ନାର୍ହା ବୟଂ ହନ୍ତୁଂ ଧାର୍ତ୍ତରାଷ୍ଟ୍ରାନ୍ ସ୍ୱବାନ୍ଧବାନ୍ ।**
**ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ।। ୩୭।।**

ତସ୍ମାତ୍ ବୟଂ ସ୍ୱବାନ୍ଧବାନ୍ ଧାର୍ତ୍ତରାଷ୍ଟ୍ରାନ୍ ହନ୍ତୁଂ ନ ଅର୍ହାଃ, ହେ ମାଧବ ! ହି (ଯସ୍ମାତ୍) (ବୟଂ) ସ୍ୱଜନଂ ହତ୍ୱା କଥଂ ସୁଖିନଃ ସ୍ୟାମ (ଭବେମ) ।। ୩୭ ।।

**(ଶ୍ରୀମଦ୍ଭଗବଦ୍ ଗୀତା ୧/୩୭)**

# ଭାରତ-ଆମେରିକା ସମ୍ପର୍କ

୧୯୪୭ରେ ଭାରତ ସ୍ୱାଧୀନତା ଲାଭ କରିବାଠାରୁ ଭାରତ-ଆମେରିକା ସମ୍ପର୍କ ଗଢ଼ି ଉଠିଥିଲା । ଏହି ସମ୍ପର୍କ ପରବର୍ତ୍ତୀ କାଳରେ ମଧ୍ୟ ସୁଦୃଢ଼ ହୋଇଥିଲା । ଚଳିତ ୨୦୨୫ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନ କାଳରେ ଭାରତ-ଆମେରିକା ବାଣିଜ୍ୟ ଓ ବିଦ୍ୟୁତ ଶକ୍ତି ଚୁକ୍ତି ଓ ଟାରିଫ୍‌କୁ ନେଇ ଅବଶ୍ୟ କେତେକ ମତଭେଦ ସୃଷ୍ଟି ହୋଇଥିଲା । ତେଣୁ ଉଭୟ ଦେଶ ମଧ୍ୟରେ ତିକ୍ତ-ମଧୁର ସମ୍ପର୍କ ଅନେକ ସମୟରେ ପରିଲକ୍ଷିତ ହୋଇଛି । ଗାଲପଙ୍କ ଦ୍ୱାରା ପ୍ରସ୍ତୁତ ବାର୍ଷିକ ବିଶ୍ୱ ବ୍ୟାପର ସର୍ବେକ୍ଷଣ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ଭାରତ ସହିତ ଉତ୍ତମ ସମ୍ପର୍କ ରଖିଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥାନ ଷଷ୍ଠରେ । ପୁଣି ୨୦୧୫ ମସିହାରେ ୭୧ ପ୍ରତିଶତ ଆମେରିକା ବାସିନ୍ଦା ଭାରତକୁ ସୁଦୃଷ୍ଟିରେ ଦେଖିଆସୁଥିଲେ । ସେହିପରି ୨୦୧୭ରେ ୭୪ ପ୍ରତିଶତ, ୨୦୧୯ରେ ୭୨ ପ୍ରତିଶତ ଆମେରିକା ବାସିନ୍ଦା ଭାରତକୁ ସୁଦୃଷ୍ଟିରେ ଦେଖିଆସୁଥିଲା ବେଳେ, ୨୦୨୦ରେ ୭୫ ପ୍ରତିଶତ ଓ ୨୦୨୨ରେ ୭୭ ପ୍ରତିଶତ ଭାରତକୁ ଆମେରିକାନମାନେ ସୁଦୃଷ୍ଟିରେ ଦେଖିଆସୁଥିଲେ । 'ମର୍ଣିଙ୍ଗ କନସଲ୍ଟ ଭୋଟ' ଯାହା ୨୦୨୧ ଅଗଷ୍ଟ ମାସରେ ଆଫଗାନିସ୍ତାନର ପତନ ପରେ ଅନୁଷ୍ଠିତ ହୋଇଥିଲା, ସେଥିରୁ ଜଣାପଡ଼ିଥିଲା ଯେ ୭୯ ପ୍ରତିଶତ ଭାରତୀୟ ଯୁକ୍ତରାଷ୍ଟ୍ର ଆମେରିକାକୁ ସୁଦୃଷ୍ଟିରେ ଦେଖିଥା'ନ୍ତି, ଯଦିଓ ୧୦ ପ୍ରତିଶତ ଭାରତୀୟ ଆମେରିକାକୁ ସୁଦୃଷ୍ଟିରେ ଦେଖନ୍ତି ନାହିଁ ।

୧୯୫୦ ପରବର୍ତ୍ତୀ ଅବସ୍ଥାରେ ଭାରତ ଓ ଚୀନ ମଧ୍ୟରେ ଭଲ ସମ୍ପର୍କ ନ ଥିଲା । ଏହାର ସୁଯୋଗ ନେଇ ଆମେରିକା ଭାରତ ସହିତ ବନ୍ଧୁତା ବାନ୍ଧିଥିଲା, ଚୀନ ବିରୋଧରେ ।

> **ଗତ ୨୦୦୫ରେ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କୁ ଆମେରିକା ଯିବା ଲାଗି ତତ୍କାଳୀନ ମନମୋହନ ସିଂଙ୍କ କଂଗ୍ରେସ ସରକାର ତାଙ୍କୁ ଭିସା ପ୍ରଦାନ କରି ନ ଥିଲେ । ମାତ୍ର ୨୦୧୪ରେ ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଭାରତର ପଡ଼ୋଶୀ ରାଜ୍ୟମାନଙ୍କ ସମେତ ରୁଷ ଓ ଆମେରିକା ପ୍ରଭୃତି ରାଷ୍ଟ୍ରଗୁଡ଼ିକ ସହିତ ସେ ସୁସମ୍ପର୍କ ରଖିବାକୁ ଉଦ୍ୟମ କରି ସଫଳ ମଧ୍ୟ ହୋଇଥିଲେ ।**

ପରବର୍ତ୍ତୀ ଅବସ୍ଥାରେ ଏହି ଦ୍ୱିପାକ୍ଷିକ ଓ ବାଣିଜ୍ୟିକ ସମ୍ପର୍କରେ ଉନ୍ନତି ଓ ଅବନତି ପରିଲକ୍ଷିତ ହୋଇଛି । ଉଭୟ ରାଷ୍ଟ୍ରର ବନ୍ଧୁତାକୁ ଭିତ୍ତିକରି 'ସ୍ପାନ' ନାମକ ଏକ ଆକର୍ଷଣୀୟ ଇଂରାଜୀ ପତ୍ରିକା ଭାରତର ଆମେରିକା ଦୂତାବାସରୁ ପ୍ରକାଶ ପାଇଆସୁଥିଲା । ପରେ ପରେ ହିନ୍ଦୀ ଓ ଉର୍ଦ୍ଦୁରେ ମଧ୍ୟ ଏହି ସଚିତ୍ର ପତ୍ରିକା ପ୍ରକାଶ ପାଉଥିଲା । ଏବେ ସେ ସବୁର ପ୍ରକାଶନ ସ୍ଥଗିତ ରହିଛି । ଅବଶ୍ୟ ଡିଜିଟାଲ ଯୁଗରେ ସେପରି ପ୍ରକାଶନ ବାଧାପ୍ରାପ୍ତ ହୋଇଥିବ । ମାତ୍ର ଏହି ପତ୍ରିକା ବନ୍ଦ ହୋଇଯିବାର ଅନ୍ୟତମ କାରଣ ଭାରତ-ଆମେରିକା ମଧ୍ୟରେ ପୂର୍ବପରି ସୁସମ୍ପର୍କ ନଥିଲା ବୋଲି ମଧ୍ୟ କୁହାଯାଇପାରେ ।

ଗତ ୨୦୦୫ରେ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କୁ ଆମେରିକା ଯିବା ଲାଗି ତତ୍କାଳୀନ ମନମୋହନ ସିଂଙ୍କ କଂଗ୍ରେସ ସରକାର ତାଙ୍କୁ ଭିସା ପ୍ରଦାନ କରି ନ ଥିଲେ । ମାତ୍ର ୨୦୧୪ରେ ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଭାରତର ପଡ଼ୋଶୀ ରାଜ୍ୟମାନଙ୍କ ସମେତ ରୁଷ ଓ ଆମେରିକା ପ୍ରଭୃତି ରାଷ୍ଟ୍ରଗୁଡ଼ିକ ସହିତ ସେ ସୁସମ୍ପର୍କ ରଖିବାକୁ ଉଦ୍ୟମ କରି ସଫଳ ମଧ୍ୟ ହୋଇଥିଲେ । ୨୦୧୫ ଜାନୁଆରୀ ୨୫, ୨୬ ଓ ୨୭ ତାରିଖରେ ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ବାରାକ ଓବାମାଙ୍କ ଭାରତ ଗସ୍ତ ସେତେବେଳେ ସାରା ଭାରତରେ କେବଳ ନୁହେଁ, ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । ଭାରତ ସେତେବେଳେ ଆମେରିକା ଜରିଆରେ ଚତୁର୍ଭୁଜୀୟ ସାମରିକ ଅକ୍ଷରେ ସଦସ୍ୟ ହେବା ସହିତ ଭାରତ-ଆମେରିକା ସାମରିକ ପ୍ରଯୁକ୍ତି କ୍ଷେତ୍ରରେ ଅନେକ ବାଣିଜ୍ୟିକ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇ ପାରିଥିଲା । ଅବଶ୍ୟ ପୂର୍ବରୁ ଭାରତ-ଆମେରିକା ସମ୍ପର୍କ ଭଲ ଥିଲେ ମଧ୍ୟ ଅନେକ ସମୟରେ ତାହା ସନ୍ଦେହାଚ୍ଛନ୍ନ ଥିଲା । ଜେଫରି ଟି. ରିଚେଲସନଙ୍କ ଲିଖିତ SPYING ON THE BUMP ପୁସ୍ତକ ପଢ଼ିଲେ ଅନେକ ତଥ୍ୟ ଜଣାପଡ଼ିଥାଏ । ତତ୍କାଳୀନ ଭାରତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (CIA)ର ଗୋଇନ୍ଦା ସଂସ୍ଥା ସମ୍ପର୍କରେ ୧୯୭୯ ନଭେମ୍ବର ୯ ତାରିଖରେ କାନପୁରଠାରେ ପ୍ରକାଶ କରିଥିଲେ ଯେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି କିସିଞ୍ଜରଙ୍କୁ ତାଙ୍କ ମନ୍ତ୍ରିମଣ୍ଡଳର ଜଣେ ସଦସ୍ୟ, ୧୦୭୧ରେ ପାକିସ୍ତାନ ଉପରେ ଭାରତ କରିବାକୁ ଥିବା ଆକ୍ରମଣ ସମ୍ପର୍କରେ ସୂଚନା ଦେଇଥିଲେ ।

ଗତ ଡିସେମ୍ବର ୧୧ (୨୦୨୫)ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ କଥାବାର୍ତ୍ତାରୁ ଜଣାପଡ଼ିଲା ଯେ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତି ଚୂଡ଼ାନ୍ତ ହେବା ଉପରେ । ମାତ୍ର ରୁଷର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଆମ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ନିବିଡ଼ ବନ୍ଧୁତା ଓ ବାଣିଜ୍ୟିକ ଚୁକ୍ତି ପରେ ଯେ ଭାରତ-ଆମେରିକା ସମ୍ପର୍କ ଆଉ ପାଦେ ଆଗେଇଲା, ଏଥିରେ ସନ୍ଦେହ ନାହିଁ ।

### ସ୍ୱଚ୍ଛ ହୃଦୟ

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)

samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବେକାରୀ ସମସ୍ୟା ଓ ଚାକିରି ଜାଲିଆତି



**ସୁଧୀର କୁମାର ନାୟକ**

**ଭା**ରତ ପରି ଜନସଂଖ୍ୟା ବହୁଳ ରାଷ୍ଟ୍ରରେ ଉତ୍କଟ ବେକାରୀ ସମସ୍ୟା ବଡ଼ ଚିନ୍ତାର ବିଷୟ। ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ବିଭିନ୍ନ ଶିକ୍ଷାନୁଷ୍ଠାନର ଉତ୍ତୀର୍ଣ୍ଣ ହୋଇଥାନ୍ତି। ତେବେ ସୁରକ୍ଷା ଏବଂ ସ୍ଥାୟୀତ୍ୱ ଦୃଷ୍ଟିରୁ ସରକାରୀ ଚାକିରି ପାଇଁ ପ୍ରାୟ ଆଶାୟୀ। ଏପରି ଲକ୍ଷ ଲକ୍ଷ ଉଚ୍ଚ ଡିଗ୍ରୀ ଧାରୀ ଯୁବକ ଯୁବତୀ ଚାକିରି ପାଇଁ ବର୍ଷ ବର୍ଷ ଧରି ନିଜର ପ୍ରତିଯୋଗିତାମୂଳକ ପ୍ରସ୍ତୁତି ସହ ସଂଘର୍ଷ କରୁଛନ୍ତି। ନିଜ ଇଚ୍ଛା ବା ଯୋଗ୍ୟତା ଆଧାରରେ ଯଦି ଚାକିରି ନ ମିଳିଲା ବାଧ୍ୟ ହୋଇ ଅନ୍ୟ କୌଣସି ବୃତ୍ତିରେ ନିୟୋଜିତ ହୋଇଥାନ୍ତି। ସମସ୍ୟା ଏହିପରି କି ଯଦି କୌଣସି ସରକାରୀ କାର୍ଯ୍ୟାଳୟରେ ପିଅନ, ଚପରାସୀ, ହୋମଗାର୍ଡ଼, ଝାଡୁଦାର, ସିକ୍ୟୁରିଟି ପୋଷ୍ଟ ବାହାରୁଛି ତେବେ ନିମ୍ନ ଶିକ୍ଷାଗତ ଯୋଗ୍ୟତା କଥା କ'ଣ କହିବା ଏମ୍.ଫିଲ୍ ପି.ଏଚ୍ ଡ଼ି. ସ୍ନାତକ, ସ୍ନାତକୋତ୍ତର, ଇଞ୍ଜିନିୟରିଂ ଡ଼ିଗ୍ରୀ ଧାରୀ ପିଲାମାନେ ଅତ୍ୟନ୍ତ ବିକଳତାର ସହ ଆବେଦନ କରୁଛନ୍ତି। ଅନ୍ୟାନ୍ୟ ବେସରକାରୀ କିମ୍ବା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଏଜେନ୍ସିଗୁଡ଼ିକ ଚାକିରି ଦେବା ଆଳରେ ବେକାର ପିଲାମାନଙ୍କୁ ବିଭିନ୍ନ ଦିଗରେ ଶୋଷଣ କରିଥାନ୍ତି। ଏହି ପରିସ୍ଥିତିରେ ଓଡ଼ିଶା ପୁଲିସ ଏସ୍.ଆଇ. ଚାକିରି ନିଯୁକ୍ତି ପାଇଁ ଲକ୍ଷ ଲକ୍ଷ ଟଙ୍କାରେ ବିଭିନ୍ନ ଦଲାଲ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ବିକ୍ରି କରିବାର ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ୧୧୪ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯିବା ସହ ଚାରିଜଣ ଦଲାଲଙ୍କୁ ମଧ୍ୟ ଗିରଫ କରାଯାଇ ଜେଲକୁ ପଠାଯାଇଛି। ଏହା ବର୍ତ୍ତମାନ ଲକ୍ଷ ଲକ୍ଷ ବେକାର ପିଲାମାନଙ୍କୁ ହତାଶ କରିଛି। ସରକାରଙ୍କ ନିଯୁକ୍ତି ପରିଚାଳନା କାର୍ଯ୍ୟାଳୟ ଉପରେ କେଉଁ ଭରସା ଓ ବିଶ୍ୱାସ ରହିବ ବୋଲି ସେମାନେ ଚିନ୍ତା କରିବା ସ୍ୱାଭାବିକ। ସରକାର ଯେତେ ପ୍ରକାରର ତଦନ୍ତ କଲେ ବି ଏହା ସ୍ୱୀକାର କରିବାକୁ ପଡ଼ିବ ଏପରି ଜାଲିଆତି ପଛରେ ନିଶ୍ଚୟ ବଡ଼ ବଡ଼ ବାବୁମାନଙ୍କର ହାତ ଅଛି। ତାହାର କାରଣ ହେଲା ପ୍ରଶ୍ନପତ୍ର ତିଆରି କରିବା, ଛପାଇବା, ବିଭିନ୍ନ କେନ୍ଦ୍ରକୁ ବିତରଣ କରିବା, ପରୀକ୍ଷା କେନ୍ଦ୍ର ଚୟନ କରିବା, ପରୀକ୍ଷା ଖାତା ମୂଲ୍ୟାଙ୍କନ ସହ, ଶାରିରୀକ ଓ ମୌଖିକ ପରୀକ୍ଷା ଦାୟିତ୍ୱ ସୀମିତ ଅଧିକାରୀଙ୍କ ହାତରେ ସମ୍ଭବପର ନୁହଁ।

ପରୀକ୍ଷା ପରିଚାଳନା ପାଇଁ ଆଇ.ଟି. ଆଇ. ଲିମିଟେଡ଼, ଟେଣ୍ଡର ପାଇଥିବା ବେଳେ, ପରବର୍ତ୍ତୀ ସମୟରେ ବିନା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ଼ ଅନୁମତିରେ ସିଲିକନ୍ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ଼କୁ ସବ୍ କଣ୍ଟ୍ରାକ୍ଟ ଦିଆଗଲା କିପରି? ଏଥିରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ଼ ମଧ୍ୟ ନୀରବ ରହିଥିଲା କାହିଁକି ? ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବାର ଦାୟିତ୍ୱ ବୋର୍ଡ଼ର ଥିଲେ ବି ଯେଉଁ ପରୀକ୍ଷାର୍ଥୀମାନେ ଆନ୍ଧ୍ରପ୍ରଦେଶ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ ଏ ବାବଦରେ ବୋର୍ଡ଼କୁ ସୂଚନା ମିଳିଲା ନାହିଁ କେମିତି? ଏଥିସହ ସିଲିକନ୍ ଓ ପଞ୍ଚସଫ୍ଟର ସିଧାସଳଖ ଜାଲିଆତି କାମରେ ସମ୍ପୃକ୍ତି ରହିଥିବାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି। ମୋଟ୍ ଏସ୍.ଆଇ. ପୋଷ୍ଟ୯୩୩ଟି ମଧ୍ୟରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପୋଷ୍ଟକୁ ବିଭିନ୍ନ ପ୍ରାର୍ଥୀମାନଙ୍କୁ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରିଥିବାର ଯାହା ଅନୁସନ୍ଧାନରୁ ଜଣାପଡୁଛି। ଏଥିରେ ବିଭିନ୍ନ ଜିଲ୍ଲାରେ ଦଲାଲମାନେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି। ବହୁ ମେଧାବୀ ପରୀକ୍ଷାର୍ଥୀମାନେ ବିଭିନ୍ନ ସରକାରୀ ଚାକିରୀ ପାଇଁ କଠିନ ପରିଶ୍ରମ କରି ପରୀକ୍ଷାରେ ଠିକ୍ ଉତ୍ତର ଦେଇ ମଧ୍ୟ କୃତକାର୍ଯ୍ୟ ହୋଇ ନ ଥାନ୍ତି। ଏପରି ବହୁ ପ୍ରାର୍ଥୀ ମଧ୍ୟ ଅଭିଯୋଗ କରିଥାନ୍ତି। ତେବେ ପରୀକ୍ଷାର୍ଥୀଟିଏ କେଉଁ ଭରସା ନେଇ ସରକାରୀ ଚାକିରି ପାଇଁ ପରୀକ୍ଷା ଦେବେ। ଆଜି ପ୍ରମାଣ ହେଉଛି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପ୍ରତିଭା ଥାଇ ମଧ୍ୟ ଚାକିରିରୁ ବଞ୍ଚିତ ହେଉଛନ୍ତି। ଏହା ମଧ୍ୟରେ ସାଧାରଣ କ୍ୟାଟେଗୋରୀ ପିଲାମାନଙ୍କର ବୟସ ସୀମା ମଧ୍ୟ ଅତିକ୍ରାନ୍ତ କରିଯାଉଛି। ନିକଟରେ ସ୍ୱତନ୍ତ୍ର ଓ.ଟି.ଇ.ଟି. ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ଦ୍ୱାରା ବୋର୍ଡ଼ର ଦୁଇଜଣ କର୍ମଚାରୀଙ୍କ ସଂପୃକ୍ତି ଥିବାରୁ ସେମାନଙ୍କୁ ଗିରଫ କରାଯାଇ ଜେଲରେ ଅଛନ୍ତି। ରାଜ୍ୟରେ ବହୁ ଉଚ୍ଚଶିକ୍ଷିତ ନିଜର ଯୋଗ୍ୟତା ଥାଇବି ଉପଯୁକ୍ତ ଚାକିରି ନ ପାଇ ବାହାର ରାଜ୍ୟ ବା ଦେଶକୁ ପଳାଉଛନ୍ତି। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ପ୍ରତ୍ୟେକ ବର୍ଷ ଆମ ରାଜ୍ୟରୁ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯେଉଁ ଦାଦନମାନେ ଯାଇଥାନ୍ତି ସେମାନଙ୍କ ମଧ୍ୟରେ ଅନେକ ଉଚ୍ଚଶିକ୍ଷିତ ଡିଗ୍ରୀଧାରୀ ଯୁବକ ଅଛନ୍ତି। ସେମାନଙ୍କର ଦାରିଦ୍ର୍ୟ ପରିବାର ବୋଝ ଓ ନିତିଦିନିଆ ଖର୍ଚ୍ଚକୁ ତୁଲାଇବା ପାଇଁ ଦାଦନ ଖଟିବାକୁ ବାଧ୍ୟ ହୋଇଥାନ୍ତି।

ଆମ ସରକାର ବିଶ୍ୱର ଏକ ଅଭିବୃଦ୍ଧିଶୀଳ ଦେଶ ଭାବେ ଭାରତକୁ ସ୍ଥାନ ଦେଇଛନ୍ତି, ଯେଉଁଠି ଖାଦ୍ୟ ସୁରକ୍ଷା ଯୋଜନା ଠାରୁ ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସବୁକିଛି ହିତାକାଧିକାରୀମାନଙ୍କୁ ମିଳୁଛି। ଶ୍ରମ ସୃଷ୍ଟିକାରୀ ଯୋଜନାଗୁଡ଼ିକ ଦ୍ୱାରା ଗ୍ରାମାଞ୍ଚଳ ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯାଉଛି ବୋଲି ଯଦିଓ ସରକାରୀ ତଥ୍ୟ ମିଳିଥାଏ ତେବେ ସେହି ସବୁ ଅଞ୍ଚଳରୁ ପ୍ରତ୍ୟେକ ବର୍ଷ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କାହିଁକି? ଦେଶରେ କେବଳ ଉଚ୍ଚଶିକ୍ଷିତ ବେକାରୀ ହାର ୩୦%ରୁ ଅଧିକ ଅଛି। ତେବେ ବେକାରୀଙ୍କ ସଂଖ୍ୟା ୬୫.୭%ରୁ ଅଧିକ ଅଛି। ଭାରତରେ ୧୫ରୁ ୩୦ ବର୍ଷର ବ୍ୟକ୍ତି ମଧ୍ୟରେ ବେକାରୀ ହାର ୮୦%ରୁ ଅଧିକ। ଜିଲ୍ଲାମାନଙ୍କରେ ଥିବା କର୍ମ ନିୟୋଜନ ସଂସ୍ଥା ଯେଉଁ ହାରରେ ପଞ୍ଜୀକୃତ ହୋଇଥାଏ ସେଥିରୁ ୧ ପ୍ରତିଶତ ବି ନିଯୁକ୍ତି ମିଳିବା ସମ୍ଭବ ହେଉନାହିଁ। ଅବଶ୍ୟ ସବୁ ଉଚ୍ଚ ଶିକ୍ଷିତଙ୍କୁ ସରକାରୀ ଚାକିରି ମିଳିବା ଆଦୌ ସମ୍ଭବ ନୁହେଁ। କିନ୍ତୁ ମେଧାବୀ ପରୀକ୍ଷାର୍ଥୀ ନିଯୁକ୍ତି ପ୍ରଶ୍ନପତ୍ରର ସଠିକ୍ ଉତ୍ତର ଦେଇ ମଧ୍ୟ ଚାକିରି ପାଇବା ସୁନିଶ୍ଚିତ ନୁହେଁ । କମ୍ପାନୀମାନଙ୍କରେ ବିଭିନ୍ନ ପଦବୀରେ ଯେଉଁ ନିଯୁକ୍ତି ମିଳିଥାଏ ତାହା ମଧ୍ୟ ନେତାବାବୁମାନଙ୍କ ସୁପାରିଶ ଦରକାର ।

ଆମ ଦେଶରେ ଅର୍ଥନୈତିକ ବୈଷମ୍ୟ ବଡ଼ ଚିନ୍ତାଜନକ । ଦିନକୁ ଦିନ ଦେଶରେ ଧନୀମାନଙ୍କ ସଂଖ୍ୟା ବଢୁଥିବାବେଳେ, ଗରିବ, ଅଭାବି, ଦିନ ମଜୁରିଆଙ୍କ ସଂଖ୍ୟା କମୁନାହିଁ। କ୍ଷୁଧା, ଅପପୃଷ୍ଟି, ନାନାଦି ରୋଗରୁ ମୁକ୍ତି ପାଇଁ ଦେଶରେ ୩୫ କୋଟିରୁ ଅଧିକ ଲୋକ ଅହରହ ସଂଘର୍ଷ କରୁଛନ୍ତି। ଆଜି ବି ଓଡ଼ିଶାର ଅନେକ ସ୍ଥାନରେ ଗୋତି ଶ୍ରମିକ ପ୍ରଥା ଚାଲୁଛି।

> **ଆମ ଦେଶରେ ଅର୍ଥନୈତିକ ବୈଷମ୍ୟ ବଡ଼ ଚିନ୍ତାଜନକ । ଦିନକୁ ଦିନ ଦେଶରେ ଧନୀମାନଙ୍କ ସଂଖ୍ୟା ବଢୁଥିବାବେଳେ, ଗରିବ, ଅଭାବି, ଦିନ ମଜୁରିଆଙ୍କ ସଂଖ୍ୟା କମୁନାହିଁ। କ୍ଷୁଧା, ଅପପୃଷ୍ଟି, ନାନାଦି ରୋଗରୁ ମୁକ୍ତି ପାଇଁ ଦେଶରେ ୩୫ କୋଟିରୁ ଅଧିକ ଲୋକ ଅହରହ ସଂଘର୍ଷ କରୁଛନ୍ତି। ଆଜି ବି ଓଡ଼ିଶାର ଅନେକ ସ୍ଥାନରେ ଗୋତି ଶ୍ରମିକ ପ୍ରଥା ଚାଲୁଛି।**

ଗତ ଦଶବର୍ଷ ମଧ୍ୟରେ ଲକ୍ଷ୍ୟ କରାଯାଏ ଦେଶରେ ବହୁ ଜ୍ଞାନୀ ଓ ଉଚ୍ଚ ଶିକ୍ଷା ଡିଗ୍ରୀଧାରୀ ଯୁବକ, ଯୁବତୀ, କୁଶଳୀ ବ୍ୟକ୍ତିମାନେ ନିଜ ଦେଶ ଛାଡ଼ି ବାହାର ଦେଶକୁ ଯାଇ ସେଠାରେ ଚାକିରି କରି ସ୍ଥାୟୀ ଭାବରେ ବସବାସ କରି ରହୁଛନ୍ତି। ଲଜ୍ଜାଜନକ କଥା ଯେ ଦେଶରେ ସବୁ କ୍ଷେତ୍ରରେ ଦଲାଲମାନଙ୍କର ହାକିମାତି ରହୁଛି। ଜମି କିଣାବିକା, ଡାକ୍ତରଖାନାରେ ରୋଗୀ ସେବା, ଶିକ୍ଷାନୁଷ୍ଠାନରେ ଆଡ଼ମିଶନ, ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟାର ସମାଧାନ, ସାମାଜିକ ଏବଂ ରାଜନୈତିକ ଓ ବର୍ତ୍ତମାନର ସରକାରୀ ନିଯୁକ୍ତି କ୍ଷେତ୍ରରେ ଦଲାଲମାନଙ୍କର ଭୂମିକା ଓ ପ୍ରାର୍ଦୁଭାବ ବଢ଼ିଯାଇଛି। ଏମାନଙ୍କୁ ଅସାଧୁ ସରକାରୀ ବାବୁ ଏବଂ କ୍ଷମତାଶାଳୀ ନେତାମାନେ ହାତ ବାରିଶି କରି ଜନତାଙ୍କ ଠାରୁ ଅନୈତିକ ଭାବେ ଅର୍ଥ ଲୁଟୁଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ରାଜ୍ୟ ଓ ଦେଶରେ ଯେଉଁ ସରକାରୀ ବିଭାଗ ଗୁଡ଼ିକରେ ଖାଲିଥିବା ପୋଷ୍ଟଗୁଡ଼ିକ ପାଇଁ ପ୍ରତିଯୋଗିତା ମୂଳକ ପରୀକ୍ଷା କରାଯାଉଛି, ସେଗୁଡ଼ିକରେ ସ୍ୱଚ୍ଛତା ରହିବା ନିତାନ୍ତ ଜରୁରୀ। ନିଯୁକ୍ତିର ଅନେକ ନୀତି ନିୟମ ଏବଂ ପରିଚାଳନା ବୋର୍ଡ଼ର ବର୍ତ୍ତମାନ ସମୟକୁ ନେଇ ସଂସ୍କାରର ଆବଶ୍ୟକତା ରହିଛି। ସମସ୍ତ ପରୀକ୍ଷାକୁ ଏସ୍.ଓ.ପି.ରେ ଧାର୍ଯ୍ୟ ବ୍ୟବସ୍ଥା କରାଯାଉ। ଆଉଟସୋର୍ସିଂକୁ ସବୁକ୍ଷେତ୍ରରେ ଦାୟିତ୍ୱ ଦେବାଟା ଠିକ୍ ନୁହେଁ। ତେବେ ରାଜ୍ୟରେ ପରିଚାଳିତ ହେଉଥିବା ଓଡ଼ିଶା ଷ୍ଟାଫ ସିଲେକ୍ସନ୍ କମିଶନ, ଓଏସ୍ ଏସ୍ ଏସସି, ରାଜ୍ୟ ସିଲେକ୍ସନ୍ ବୋର୍ଡ଼ , ଓଡ଼ିଶା ପୁଲିସ ମିନିଷ୍ଟେରିଆଲ ଷ୍ଟାଫ ସିଲେକ୍ସନ୍ ବୋର୍ଡ଼, ଓଡ଼ିଶା ସିଭିଲ୍ ସର୍ଭିସ୍ ଏବଂ ଜିଲ୍ଲା ମୁଖ୍ୟାଳୟରେ କରାଯାଉଥିବା ସମସ୍ତ ନିଯୁକ୍ତିଭିତ୍ତିକ ପରୀକ୍ଷାଗୁଡ଼ିକୁ ସ୍ୱତନ୍ତ୍ର ସି.ସି.ଟି.ଭି. ଦ୍ୱାରା ବ୍ୟବସ୍ଥା କରାଯାଇ ଅଭିଜ୍ଞ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଉ। ପରୀକ୍ଷା ସମ୍ବନ୍ଧୀୟ ତଥ୍ୟର ସୁରକ୍ଷା ଓ ବିଶ୍ୱସନୀୟତା ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। କୌଣସି ଅଧିକାରୀମାନଙ୍କ ବିରୋଧରେ ପୂର୍ବରୁ ଯଦି କିଛି ଅଭିଯୋଗ ଥାଏ କିମ୍ବା ସେମାନଙ୍କ କାର୍ଯ୍ୟକଳାପ ଉପରେ କିଛି ସନ୍ଦେହ ଆସିଥାଏ, ସେମାନଙ୍କୁ ଏପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରୁ ଅନ୍ତର କରାଯାଉ। ପରୀକ୍ଷାର୍ଥୀ ଯଦି ସୂଚନା ଅଧିକାର ଆଇନ ଦ୍ୱାରା ତାହାର ଉତ୍ତର ଖାତା ନକଲ ଚାହାନ୍ତି ତେବେ ଆଇନାନୁଯାୟୀ ତାଙ୍କୁ ଦିଆଯାଉ। କୌଣସି ବି ପରିସ୍ଥିତିରେ ବିଭିନ୍ନ ଆଳ ଦେଖାଇ ସେ ଅଧିକାରରୁ ବଞ୍ଚିତ କରା ନ ଯାଉ । ଉଲ୍ଲେଖନୀୟ ଯେ ଏସ୍.ଆଇ ପରୀକ୍ଷା କ୍ଷେତ୍ରରେ ହୋଇଥିବା ତ୍ରୁଟି ଉପରେ ସିବିଆଇ ତଦନ୍ତ କରି ଅନେକଙ୍କ ଗିରଫ କରିଛି ।

ନିଯୁକ୍ତି କ୍ଷେତ୍ରରେ ଜାଲିଆତି ଏହାର ପ୍ରଥମ କିମ୍ବା ନୂଆ ଘଟଣା ନୁହଁ।

କେନ୍ଦ୍ର ସରକାରଙ୍କ ରେଳ ବିଭାଗ, ଡାକ ବିଭାଗ, ସେଣ୍ଟ୍ରାଲ ପୁଲିସ ଅରଗାନାଇଜେସନ୍, ରାଜ୍ୟ ପୁଲିସ ନିଯୁକ୍ତି ବୋର୍ଡ଼, ବ୍ୟାଙ୍କିଂ, ସେକ୍ସନ ଅଫିସର, ଆର୍.ଆଇ. ଏ. ଆର୍.ଆଇ., ଏଲ୍. ଆଇ, ଏପରିକି ପିଅନ, ଚପରାସି, ହୋମଗାର୍ଡ଼ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଯୁକ୍ତି ସମୟରେ ନାନାଦି ବିଶୃଙ୍ଖଳା ହେବାର ଖବର ଆସିଥାଏ। କୌଣସି ପରିସ୍ଥିତିରେ ଯଦି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷମାନଙ୍କ ଅବହେଳା କିମ୍ବା ଜାଲିଆତି ଧରାପଡ଼େ, ତଥାପି ସେମାନଙ୍କ ପ୍ରତି ଅନେକ କ୍ଷେତ୍ରରେ କଠୋର ଦଣ୍ଡବିଧାନ ହୁଏନାହିଁ। ତଳଆଡୁ କିଛି କର୍ମଚାରୀଙ୍କୁ ଧରି ବଡ଼ ବଡ଼ିଆଙ୍କୁ ଖସାଇ ଦେବାର ଧାରା ଏବେ ଅଭ୍ୟାସ ହୋଇଯାଇଛି। ଉଲ୍ଲେଖନୀୟ ଯେ ୨୦୨୧ ମସିହା ଜୁଲାଇ ୩୦ ତାରିଖ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍‌ଙ୍କ ଜନୈକ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଧରିଥିଲା। ତାଙ୍କ ଘରୁ ୩.୫୧ କୋଟି ଟଙ୍କା ଜବଦ ହେବା ସହ ବହୁ ସୁନା ରୁପା ଅଳଙ୍କାର, ଗାଡ଼ି, ପ୍ଲଟ ଠାବ କରାଯାଇ ତାଙ୍କୁ ଗିରଫ କରାଗଲା। ତାଙ୍କ ଘରୁ ବିଭିନ୍ନ ପରୀକ୍ଷାର ପରୀକ୍ଷାର୍ଥୀମାନଙ୍କ ଆଡ଼ମିଟ କାର୍ଡ଼ ମଧ୍ୟ ଜବତ୍ କରାଯାଇଥିଲା। ଏ ସବୁ ଘଟଣାକୁ ଲକ୍ଷ୍ୟ କଲେ ସାଧାରଣ

**ଶ୍ୟାମପୁର, ଧାମନଗର, ଭଦ୍ରକ**
**ମୋ: ୯୯୩୮୦୮୦୨୯୪**

# କ୍ରୋଧ ଓ ସହିଷ୍ଣୁତାର କ୍ଷେତ୍ର



**ଯଚିଦାନନ୍ଦ ଦାଶ**

**ସା**ଧାରଣତଃ କ୍ରୋଧ ଓ ସହିଷ୍ଣୁତା ଉଭୟେ ମଣିଷର ସହଜାତ ପ୍ରବୃି । ପ୍ରତ୍ୟେକ ସାଂସାରିକ ମଣିଷ ଅଳ୍ପେ, ବହୁତ କ୍ରୋଧ ଓ ସହିଷ୍ଣୁତାର ସମନ୍ୱୟର ବଶର୍ବୀ । ମାତ୍ର ଖାଲି କ୍ରୋଧକୁ ଅନୁସରଣ କରିଥିବା ବ୍ୟକ୍ତିଟିକୁ ନକରାତ୍ମକ ଆଖ୍ୟା ଦିଆଯାଇପାରେ । ଏ ପ୍ରକାର ଲୋକଙ୍କ ପାଖରେ ସହିଷ୍ଣୁତାର ମହକ ଖୁବ୍ କମ୍ ପରିମାଣରେ ଦେଖାଯାଏ ନତୁବା ମୋଟେ ଦେଖା ଯାଏ ନାହିଁ । ଆଜିକାଲି କ୍ରୋଧୀ ଲୋକଙ୍କ ସଂଖ୍ୟା ସମାଜରେ ବହୁଳ ପରିମାଣରେ ଦେଖାଯାଉଛି । କ୍ରୋଧ ଅଗ୍ନି ସଂଙ୍ଗେ ସମାନ । କାରଣ ଅଗ୍ନି ଯେପରି ସବୁ ଜାଳି ଧ୍ୱଂସ କରିଦିଏ, ଠିକ୍ ସେହିପରି କ୍ରୋଧ ସମସ୍ତ ପ୍ରକାର ସ୍ନେହ ଓ ମମତାର ସଂପର୍କକୁ ନଷ୍ଟ କରିଦିଏ । କେହି କେହି କ୍ରୋଧକୁ ତରବାରୀର ଧାର ସଙ୍ଗେ ତୁଳନା କରନ୍ତି । ଯାହା ମଣିଷ ଜୀବନକୁ ନିମିଷକେ ଧ୍ୱଂସ କରିଦେଇପାରେ । ମୋଟ ଉପରେ କ୍ରୋଧ ମନର ଏକ ନକରାତ୍ମକ ଭାବପ୍ରବଣତା । ଠିକ୍ ସେହିପରି ବିପରୀତ କ୍ରମରେ କିଛି ଲୋକ ସହିଷ୍ଣୁତାର ଚରମ ସୀମାରେ ପହଞ୍ଚି ଯାଇଥାନ୍ତି । ଯେଉଁମାନଙ୍କୁ ସରଳ ଓ ସର୍ବ ସହିଷ୍ଣୁ ବୋଲାଯାଇପାରେ ଏବଂ ଏମାନଙ୍କୁ ସକରାତ୍ମକ ବ୍ୟକ୍ତି ଭାବରେ ଅନେକ ବିଚାର କରିଥାନ୍ତି । ପାଠକେ, ଏଥର ପ୍ରସଙ୍ଗଟିର ସାଂସାରିକ ଚଳଣିଭିକ ଅନୁଶୀଳନକୁ ଆସିବା । ଏକ ସାମାଜିକ ପ୍ରାଣୀ ଭାବରେ ସମାଜରେ ଚଳିବାକୁ ହେଲେ, ମଣିଷକୁ କ୍ରୋଧ, ସହନଶୀଳତା (ସହିଷ୍ଣୁତା), ନମ୍ରତା, ସୃଜନଶୀଳତା ଇତ୍ୟାଦି ଗୁଣର ବଶର୍ବୀ ହେବାକୁ ପଡ଼ିବ । ମାତ୍ର କ୍ରୋଧ କ୍ଷେତ୍ରରେ ଆତ୍ମମାନଙ୍କୁ ଜଗି ରଖିବାକୁ ହେବ, ଯେପରିକି ଆମେମାନେ ଅଯଥା ଛୋଟ ଛୋଟ କଥାରେ କ୍ରୋଧର ପରିପ୍ରକାଶ ନ କରୁ । ତତସଙ୍ଗେ ଉଚିତ୍ ବାଟରେ କ୍ରୋଧକୁ ଆପଣେଇବାର ପ୍ରଚେଷ୍ଟା କରୁ । ଏଥିରୁ ସ୍ପଷ୍ଟ ସିଦ୍ଧାନ୍ତରେ ଆମେ ଉପନୀତ ହେଉଛେ ଯେ, କ୍ରୋଧ ପାର୍ଥିବ ଜୀବନରେ ରହିବ । ମାତ୍ର ଏହାର ଉଚିତ୍ ପରିସ୍ଥିତି, ପରିବେଶ ଓ ସମୟକୁ ନେଇ ଠିକ୍ ଢ଼ଙ୍ଗରେ ପରିପ୍ରକାଶ ହେବା ଉଚିତ । ଆଧ୍ୟାତ୍ମିକ ପ୍ରବକ୍ତା ଜେ.ପି. ଭାସୱାନିଙ୍କ 'ବର୍ଣ୍ଣ ଆଙ୍ଗର ବିଫୋର ଆଙ୍ଗର ବର୍ଣ୍ଣ ୟୁ' ପୁସ୍ତକଟିରେ ଲେଖକ ଉପରୋକ୍ତ ପ୍ରକାର କ୍ରୋଧକୁ ମାର୍ଗୀୟ କ୍ରୋଧ ବା ଧାର୍ମିକ କ୍ରୋଧ ତଥା ଇଂରେଜୀରେ Righteous anger ଭାବେ ବର୍ଣ୍ଣନା କରିଛନ୍ତି । ଏହି ମାର୍ଗୀୟ କ୍ରୋଧକୁ ନେଇ କିଛି ଛୋଟ ଉଦାହରଣ ଉପସ୍ଥାପନା କରିବାକୁ ମନେ କରୁଛି । ପରିବାରରେ ପିଲାଟା ଦୁଷ୍ଟାମିର ଚରମ ସୀମାରେ ପହଞ୍ଚିଗଲାଣି । ସେ କ୍ଷେତ୍ରରେ ପିତାର ର୍କବ୍ୟ କ୍ରୋଧ ମାଧ୍ୟମରେ ଆକଟ କରିବା । ଏ ପ୍ରକାର କ୍ଷେତ୍ରରେ କ୍ରୋଧ ଅନିର୍ବାର୍ଯ୍ୟ ଏବଂ ଏହାକୁ ଏକ ନକରାତ୍ମକ ଭାବନାର ପରିପ୍ରକାଶ କୁହାଯାଇ ନ ପାରେ । ଅନ୍ୟ ଏକ ଦିଗକୁ ବିଚାରକୁ ନିଆଯାଉ । ବ୍ୟବସାୟଟିକୁ ଗୁଣ୍ଡାମାନେ ଆସି ଦାଦା ବଟି ପାଇଁ ଧମକ ଦେଉଛନ୍ତି । ସେ କିଛି ବଟି ନ ଦେବାରୁ ରାଗରେ ତାକୁ ମାରଧର କରିବାକୁ ପଛାଉ ନାହିଁ । ତେଣୁ ଏ ପ୍ରକାର କ୍ରୋଧଜନିତ କାର୍ଯ୍ୟକଳାପ ସମାଜ ପାଖରେ ଗ୍ରହଣୀୟ ନୁହେଁ ।

ଏପରି କ୍ଷେତ୍ରରେ ସାଧାରଣ ଜନତା ଗୁଣ୍ଡାମାନଙ୍କ ଜଘନ୍ୟ କୁକର୍ମ ପାଇଁ କ୍ରୋଧର ଆଶ୍ରୟ ନେବା ଉଚିତ । ଏବଂ ବ୍ୟବସାୟୀଟିକୁ ଦୁଷ୍କର୍ମୀମାନଙ୍କ କବଳରୁ ରକ୍ଷା କରିବା ଆମର ର୍କବ୍ୟ । ଏଠାରେ କ୍ରୋଧ ପ୍ରକଟ କରିବା ଅପରିହାର୍ଯ୍ୟ । ଭଗବାନ ଯୀଶୁ ମଧ୍ୟ ଦିନେ କ୍ରୋଧାନ୍ୱିତ ହୋଇଥିଲେ । ଥରେ ଚର୍ଚ୍ଚରେ ଥିବା ପକ୍ଷୀମାନଙ୍କୁ ପ୍ରିଷ୍ଟ ମାରି ଦେଉଥିଲେ ଓ ବାହାରେ ବିକ୍ରି କରି ଦେଉଥିଲେ । ଏଥିନେଇ ଯୀଶୁ ଭୀଷଣ କ୍ରୋଧାନ୍ୱିତ ହୋଇ ପକ୍ଷୀମାନଙ୍କୁ ଧରିବା ପାଇଁ ବାରଣ କରିଥିଲେ । ତେଣୁ ସ୍ଥାନ, କାଳ, ପରିସ୍ଥିତିକୁ ଆଖି ଆଗରେ ରଖି କ୍ରୋଧ ପ୍ରକଟ କରାଯିବା ଉଚିତ । ଯାହା ଏକ ଧର୍ତ୍ତବ୍ୟ ଅପରାଧ ନୁହେଁ । ଯଦି ଆଧ୍ୟାତ୍ମିକ ସ୍ତରକୁ ଯିବା, ସେ କ୍ଷେତ୍ରରେ କ୍ରୋଧକୁ ନିର୍ମଳେ ପରିତ୍ୟାଗ ଅବଶ୍ୟସମ୍ଭାବୀ । ଆଧ୍ୟାତ୍ମିକ ଚେତନାର ସ୍ତରରେ ରହି କ୍ରୋଧକୁ ଆହ୍ୱାନ କରି ହେବନାହିଁ । ଆଧ୍ୟାତ୍ମିକ ବାଦୀଙ୍କ ମନରେ ଏ ପ୍ରକାର ଭାବନା ଆସିଥାଏ ଯେ, ମୁଁ ଶାନ୍ତ ରହିବି । ଯିଏ କ୍ରୋଧ କରନ୍ତି, ଈଶ୍ୱର ତାକୁ ଦଣ୍ଡ ଦେବେ । କ୍ରୋଧକୁ ନେଇ ଏ ହେଉଛି ପାର୍ଥିବବାଦୀ ଓ ଆଧ୍ୟାତ୍ମିକବାଦୀଙ୍କ ମଧ୍ୟରେ ଫରକ୍ । ଆମ ପୂର୍ବ ମହାନ ବ୍ୟକ୍ତିତ୍ୱଙ୍କର କଥା ବିଚାରକୁ ନିଆଯାଉ । ଯଥା ମହାତ୍ମାଗାନ୍ଧୀ, ସ୍ୱାମୀ ବିବେକାନନ୍ଦ ଇତ୍ୟାଦି କ୍ରୋଧକୁ ସବୁ ସମୟରେ ନିୟନ୍ତ୍ରଣରେ ରଖିଥାନ୍ତି । ସେମାନଙ୍କ ପାଖରେ ଅଯଥା ଉତ୍ତେଜନା, ରାଗ, ହିଂସା, ସବୁକିଛି ନଥିଲା । ଥିଲା ଖାଲି ସହିଷ୍ଣୁତାର ଆଦର୍ଶ, ଯାହା ଫଳରେ ସେମାନେ ଲୋକଙ୍କ ମନ ଜିଣି ପାରୁଥିଲେ ।

ଆମର ପୂର୍ବପୁରୁଷମାନେ କ୍ରୋଧର ପରିଭାଷାକୁ ନିମ୍ନ ଭାବେ ବର୍ଣ୍ଣନା କରିଯାଇଛନ୍ତି । କ୍ରୋଧ ହେଉଛି, କୌଣସି ଶତ୍ରୁତା ବା ଦ୍ୱେଷ ଓ ଗ୍ରହଣ ବା ଅନୁମାନ କରି ଯାଇଥିବା ଆଘାତ ଓ ଧମକର ପ୍ରତିକ୍ରିୟା ଭିକ ଅନୁଭୂତି ଇତ୍ୟାଦିର ଦୃଢ଼ ଭାବ ପ୍ରବଣତାର ପରିପ୍ରକାଶ । ଶ୍ରୀମଦ ଭାଗବତ ଗୀତା ସୂଚାଇ ଦିଏ ଯେ, କ୍ରୋଧ ମଣିଷର ଆଧ୍ୟାତ୍ମିକ ଜୀବନର ଉନ୍ନତି ଓ ଅନ୍ତରର ଶାନ୍ତି ପ୍ରାପ୍ତିରେ ଏକ ଗୁରୁତ୍ୱ ପୂର୍ଣ୍ଣ ବାଧକ ସାଜିଥାଏ । ମଣିଷଠାରେ ଏହି କ୍ରୋଧ ବିଭିନ୍ନ ପ୍ରକାର ରୂପରେ ପ୍ରକାଶ ପାଇଥାଏ । କେହି କେହି ଲୋକ ସିଧାସଳଖ ଭାବରେ କ୍ରୋଧ ପ୍ରକାଶ ନ କରି ପରୋକ୍ଷରେ କ୍ରୋଧ ଭିଆଇଥାନ୍ତି ଏକ ଜଟିଳ ବ୍ୟବହାରିକ ଢଙ୍ଗରେ । କିଛି ଲୋକ ନିଜର କ୍ରୋଧର ମାତ୍ରାକୁ ସମ୍ମାନର ସହିତ ଏକ ସଂଗଠିତ ଉପାୟରେ ପ୍ରକାଶ କରିଥାନ୍ତି । ଆଉ କିଛି ଲୋକ ନିଜର କ୍ରୋଧକୁ ଜୋର ପାଟିତୁଣ୍ଡ ଓ ହୋହାଲା ମାଧ୍ୟମରେ ପ୍ରକାଶ କରିଥାନ୍ତି ।

ଏଥର ଆସନ୍ତୁ ସହନଶୀଳତା ବା ସହିଷ୍ଣୁତାର ତାପର୍ଯ୍ୟକୁ ବୁଝିବା । ଗୋଟିଏ ବ୍ୟକ୍ତିର, ଅନ୍ୟ ବ୍ୟକ୍ତି ଦେଇଥିବା ମତାମତ, କଥାର ବିଶ୍ୱାସ ଓ ବ୍ୟବହାର ଉପରେ ନକରାତ୍ମକ ଭାବେ ପ୍ରତିକ୍ରିୟାଶୀଳ ନ ହୋଇ ତାକୁ ଗ୍ରହଣ ବା ସହନ କରିବାର ଇଚ୍ଛା ଓ ସକ୍ଷମତାକୁ ସହିଷ୍ଣୁତା କୁହାଯାଏ । ଶ୍ରୀମଦ୍ ଭଗବତ ଗୀତା କହେ, ସହିଷ୍ଣୁତା ଆଧ୍ୟାତ୍ମିକ ଜୀବନ ଲାଭ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ। ମହାପଣ୍ଡିତ ଚାଣକ୍ୟଙ୍କ ନୀତି କହେ, ପାର୍ଥିବ ଜୀବନ ବା ସାଂସାରିକ ଜୀବନରେ ମଣିଷ ସବୁକିଛି ସହି ଯିବା ଉଚିତ ନୁହେଁ । କିଛି କିଛି କ୍ଷେତ୍ରରେ ସହିଷ୍ଣୁତାକୁ କୋମଳ କ୍ରୋଧଦ୍ୱାରା ଠୋକର ଦେବା ଉଚିତ । କ୍ରୋଧ ଓ ସହିଷ୍ଣୁତାକୁ ଭିକରି ଭଗବତ ଗୀତାରେ ମାନବିକ ମୂଲ୍ୟବୋଧକୁ ତିନି ପ୍ରକାରରେ ବିଭକ୍ତ କରାଯାଇଛି । ଯଥା - ସ୍ୱିକ ଚରିତ୍ର, ରାଜସିକ ଚରିତ୍ର ଓ ତାମସିକ ଚରିତ୍ର । ସ୍ୱିକ ଚରିତ୍ର ଭିକ ମାନବିକ ମୂଲ୍ୟବୋଧରେ କ୍ରୋଧର ପରାକ୍ରମ କମ୍ ଓ ସହିଷ୍ଣୁତାର ପରାକାଷ୍ଠା ଅଧିକ ସଂଶ୍ଳିଷ୍ଟ । ଏକ ସ୍ୱିକ ଚରିତ୍ରବାନ ଲୋକଠାରେ ସବୁ ପ୍ରକାର ଉପୁଜୁଥିବା ସମସ୍ୟାକୁ ଉଚ୍ଚଚେତନାସ୍ତରରେ ରହି ସମାଧାନ କରି ସହିଯିବାର ଶକ୍ତି ଅନ୍ତର୍ନିହିତ ଅଛି । ସ୍ୱାତ୍ତିକ ସହିଷ୍ଣୁତା ପରିପ୍ରକାଶ ହୋଇଥାଏ, ଯେତେବେଳେ ବ୍ୟକ୍ତିଟିର ଆତ୍ମା ଆନନ୍ଦମୟ ଅବସ୍ଥାରେ ଥାଏ । ଏହାକୁ ସହନଶୀଳତାର ସ୍ୱଚ୍ଛ ରୂପ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଏଥିରେ ସଂପୂର୍ଣ୍ଣ ସକରାତ୍ମକ ଭାବନା ଥାଏ । ରାଜସିକ ସହିଷ୍ଣୁତା ବିଷକୁମ୍ଭ ପୟୋମୁଖମ୍ ମୁଖରେ ସହିଷ୍ଣୁତାର ଅମୃତବାଣୀ, ମାତ୍ର ହୃଦୟରେ ବିଷମୟ କ୍ରୋଧ ପରି । ଏ ପ୍ରକାର ସହିଷ୍ଣୁତା ସମାଜରେ ବହୁତ ସାଧାରଣ । ତାମସିକ ଚରିତ୍ର ସମ୍ପନ୍ନ ବ୍ୟକ୍ତି ମନରେ ସହିଷ୍ଣୁତାର ଗନ୍ଧ ବି ନଥାଏ । ସାମୂହିକ ବା ବ୍ୟକ୍ତିଗତ କାର୍ଯ୍ୟ ହେଉ ସେଥିରେ ଏମାନେ ଭୁଲ ବାହାର କରି କ୍ରୋଧର ବଶର୍ବୀ ହୋଇଥାନ୍ତି । ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ସହଯୋଗ ଓ ସହିଷ୍ଣୁତା ପୁସ୍ତକଟିରେ ସହିଷ୍ଣୁତାର ଦର୍ଶନ ତ୍ୱକୁ ନିମ୍ନ ଭାବରେ ବର୍ଣ୍ଣର୍ନା କରାଯାଇଛି । ଯଥା - ପ୍ରତ୍ୟେକ ମନୁଷ୍ୟର ଦୃଢ଼କୋଣ, ବିଚାରଧାରା, ଅଭିଜ୍ଞତା, ଅଭ୍ୟାସ, ଜ୍ଞାନ, ସ୍ୱାର୍ଥ, ସଂସ୍କାର ଅଲଗା ଅଲଗା । ତେଣୁ ସମସ୍ତଙ୍କ ଚିନ୍ତାଧାରା ଏକ ପ୍ରକାର ହୋଇ ନପାରେ । ଏହି ତଥ୍ୟକୁ ହୃଦୟଙ୍ଗମ କରି ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ପ୍ରତି ସହିଷ୍ଣୁ ଓ ଉଦାର ହେବା ଆବଶ୍ୟକ । ପ୍ରକୃତରେ ବୁଝିବାକୁ ଗଲେ, ଏ ସମାଜରେ ମଣିଷ ଜୀବନ ଉଭୟେ କ୍ରୋଧ ଓ ସହିଷ୍ଣୁତାର ସମିଶ୍ରଣରେ ଗଢ଼ା । କିଛି କ୍ଷେତ୍ରରେ କ୍ରୋଧର ବଶର୍ବୀ ହେବା ଉଚିତ ଏବଂ ଆଉ କିଛି କ୍ଷେତ୍ରରେ ସହିଷ୍ଣୁତାକୁ ଆପଣେଇ ନେବା ଉଚିତ । କାରଣ ସଂସାରଟି କ୍ରୋଧ, ସହିଷ୍ଣୁତା, ଦୁଃଖ, ସୁଖ, ଭଲମନ୍ଦ, ଭୁଲଠିକ୍ ଇତ୍ୟାଦିକୁ ନେଇ ଗଠିତ ।

ଶେଷରେ ଆସନ୍ତୁନା, କ୍ରୋଧକୁ ନିୟନ୍ତ୍ରଣରେ ରଖି ଓ ସହିଷ୍ଣୁତାର ବାସନାରେ ମନ ନିର୍ମଳ କରି ସମାଜକୁ ଉନ୍ନତ ପଥରେ ଆଗେଇ ନେବାର ପ୍ରୟାସ ଜାରି ରଖିବା ।

**ସିଡିଏ, କଟକ**
**ମୋ: ୭୦୦୮୬୫୦୬୯୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୨ ମୃତ...

ମାସକ ପୂର୍ବରୁ ଏହି ଆକ୍ରମଣ ପାଇଁ ଯୋଜନା କରାଯାଇଥିଲା । କର୍ତ୍ତୃପକ୍ଷ ମଧ୍ୟ ଆଇଏଡି ବିସ୍ଫୋରକ ବ୍ୟବହାର ନେଇ ତଦନ୍ତ ଆରମ୍ଭ କରିଛନ୍ତି । ଅଷ୍ଟ୍ରେଲିଆ ଟେଲିଭିଜନରେ ଏହାର ଆକ୍ରମଣ ଫୁଟେଜ ପ୍ରସାରଣ ହୋଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଆକ୍ରମଣ ସମୟର ଦୃଶ୍ୟ ଅତ୍ୟନ୍ତ ଭୟଙ୍କର ଥିଲା । ତାଙ୍କ କହିବା ଅନୁଯାୟୀ ୧୦ ଜଣ ରକ୍ତରେ ଜୁଡୁବୁଡୁ ହୋଇ ତଳେ ପଡିଯାଇଥିଲେ । ଜଣେ ମହିଳା କହିଥିଲେ ଯେ, ତାଙ୍କ ଝିଅ ନିକଟସ୍ଥ ସୁଇମିଂପୁଲରେ ପହଁଞ୍ଚିଥିଲେ । ହଠାତ ସେ ସେଠାକୁ ଦୌଡିବାକୁ ଲାଗିଥିଲେ । କଳାପୋଷାକ ପିନ୍ଧିଥିବା ଦୁଇ ଜଣ ବ୍ୟକ୍ତି ଏଭଳି କାଣ୍ଡ କରିଥିବା କୁହାଯାଉଛି । ଘଟଣା ପରେ ୩ ସହରରେ ହାଇଆଲାର୍ଟ ଜାରି କରାଯାଇଛି ଓ ବନ୍ଧିବିଚକୁ ନଆସିବା ଲାଗି ଲୋକଙ୍କୁ ଅନୁରୋଧ କରାଯାଇଛି ।

## ଶୀତରେ...

ଶୀତ ଫେରିବ । ପଶ୍ଚିମ ଝଡ଼ ପ୍ରଭାବରେ ଆକାଶ ମେଘୁଆ ରହିଛି । ସେଥିପାଇଁ ଉପକୂଳ ଓ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ସାମାନ୍ୟ ବଢ଼ିଛି । ତେଣୁ ସେଠାରେ ଶୀତର ପ୍ରକୋପ ନକମିଲେ ମଧ୍ୟ ପ୍ରବଳ ଶୀତ ଅନୁଭୂତ ହେବନି । ଆଭ୍ୟନ୍ତରୀଣରେ ଶୀତର ପ୍ରଭାବ କମିବନି ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି ।

## ନୀତିନ ନବୀନ...

ନୀତିନ ବିହାର ସରକାରରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କ ପିତା ନବୀନ କିଶୋର ପ୍ରସାଦ ସିହ୍ନା ଜଣେ ବରିଷ୍ଠ ବିଜେପି ନେତା ଏବଂ ପାଟଣା ୱେଷ୍ଟରୁ ୩ଥର ବିଧାୟକ ହୋଇଥିଲେ । ଏହି ଅଞ୍ଚଳକୁ ବିଜେପିର ଗଡ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସେ ଗ୍ରହଣ କରିବେ ।

## ମାମଲାର...

ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଦେଶର ବିଭିନ୍ନ ଅଦାଲତରେ ମାମଲାର ବୋଝକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ତେବେ ଏହି ମାମଲାର ବୋଝକୁ କିପରି ହ୍ରାସ କରାଯାଇ ପାରିବ ସେ ଦିଗରେ ସେ କେତେକ ପରାମର୍ଶ ଦେଇଥିଲେ । ବିଚାର ବ୍ୟବସ୍ଥାରେ ଡକେଟ୍ ମ୍ୟାନେଜମେଣ୍ଟ ଆବଶ୍ୟକତା ରହିଛି ।

ଅର୍ଥାତ ମାମଲା ରୁଜୁ ବିଚାର ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ସଠିକ୍ ନିର୍ଣ୍ଣୟ ନିଆଯିବା ଦରକାର । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ମେଡିଏସନ୍ । କୌଣସି ମାମଲା ରୁଜୁ ପୂର୍ବରୁ ତାହାକୁ ସମାଧାନ କରିପାରିଲେ ମାମଲାର ବୋଝ ବହୁତ ଫଙ୍ଖାରେ କମିଯିବ । ମେଡିଏସନ୍ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ । ମେଡିଏସନ୍‌କୁ ଆଇନଜୀବୀମାନେ ପ୍ରାଧାନ୍ୟ ଦେବା ଆବଶ୍ୟକ । ବର୍ତ୍ତମାନ ବିଦେଶରେ ମେଡିଏସନ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏ ଦିଗରେ ଆଇନଜୀବୀମାନେ ଆଗେଇ ଆସିବା ଉଚିତ୍ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଥିଲେ। ସେହିପରି ବର୍ତ୍ତମାନ ସମୟରେ ଆଇନଜୀବୀମାନେ ବୈଷୟିକ ଜ୍ଞାନକୌଶଳକୁ ଆପଣାଇବା ଦରକାର । କରୋନା ସମୟରେ ଯେତେବେଳେ ସମଗ୍ର ବିଶ୍ୱ ଠପ୍ ହୋଇଯାଇଥିଲା ସେତେବେଳେ ଭାରତର ବିଚାର ବ୍ୟବସ୍ଥା ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ପଛରେ ପଡ଼ିନଥିଲା । ଏଥିପାଇଁ ସେମାନେ ଶ୍ରେୟ ବୈଷୟିକ ଜ୍ଞାନକୁ ଯିବ । ତେଣୁ ବର୍ତ୍ତମାନ ସମୟରେ ସମସ୍ତ ଆଇନଜୀବୀମାନେ ଏହି ବୈଷୟିକ ଜ୍ଞାନକୌଶଳକୁ ଅଙ୍ଗୀକାର କରିବା ଆବଶ୍ୟକ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଗୁରୁତ୍ୱାରୋପ କରିଥିଲେ । ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ବିଚାର ବ୍ୟବସ୍ଥାରେ ଭିତ୍ତିଭୂମିର ବିକାଶ । ଯଦି ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବ ତାହେଲେ ଜଣେ ଆଇନଜୀବୀ କିପରି କାମ କରିବ । ତେଣୁ ପ୍ରତ୍ୟେକ ହାଇକୋର୍ଟର ମୁଖ୍ୟ ବିଚାରପତିମାନେ ଭିତ୍ତିଭୂମିର ଉନ୍ନତି ପାଇଁ ସେମାନଙ୍କ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ କହିବା ଉଚିତ୍ । ମାମଲା ଦ୍ରୁତରେ ଯଦି ଉଭୟ ବ୍ୟବସ୍ଥାପିକା ଏବଂ ନ୍ୟାୟପାଳିକା ମିଳିତ ଭାବେ କାର୍ଯ୍ୟ କରନ୍ତି ତାହେଲେ ଅନେକ ସମସ୍ୟାର ସହଜରେ ସମାଧାନ ହୋଇପାରନ୍ତା ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ପ୍ରକାଶ କରିଥିଲେ ।

ଏହି ଅବସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ମଧ୍ୟ ମାମଲାର ବୋଝ ସଂକ୍ରାନ୍ତ ପ୍ରସଙ୍ଗ ଉଠାଇଥିଲେ । ସେ ଏଥିପାଇଁ ସରକାରୀ ବ୍ୟବସ୍ଥାକୁ ଦାୟୀ କହିଥିଲେ । ବିଭିନ୍ନ ଅଧିକାରୀଙ୍କ ନିକଟକୁ ଯେଉଁସବୁ ସ୍ମାରକପତ୍ର ଆସୁଛି ସେ ସବୁର ସମାଧାନ କରା ନ ଯିବା ଫଳରେ ଅଦାଲତରେ ମାମଲାର ବୋଝ ବଢୁଛି । ତେଣୁ ସରକାରୀ ସ୍ତରରେ ଯଦି ସ୍ମାରକପତ୍ର ଉପରେ ଉଚିତ୍ ପଦକ୍ଷେପ ନିଆଯାଇ ପାରନ୍ତା ତାହେଲେ ଅନେକ ମାମଲା ଅଦାଲତକୁ ଆଉ ଆସନ୍ତା ନାହିଁ । ମାମଲାର ବୋଝ ହ୍ରାସ ପାଇଁ ଜଷ୍ଟିସ୍ ଟଣ୍ଡନ କେତେକ ପରାମର୍ଶ ଦେଇଥିଲେ, ଯେମିତିକି ଶୁଣାଣି ସମୟରେ ଓକିଲ ଗରହାଜର ରହିଲେ, ଜଣେ ସରକାରୀ ଆଇନଜୀବୀ ଯେଉଁ ମାମଲା ପରିଚାଳନା କରୁଥିବେ ପରବର୍ତ୍ତୀ ଶୁଣାଣିରେ ମଧ୍ୟ ସେହି ଆଇନଜୀବୀଙ୍କୁ ସେହି ମାମଲା ଦେବା, ଯେଉଁ ବିଚାରପତିଙ୍କର ଯେଉଁ ମାମଲା ପରିଚାଳନାରେ ଦକ୍ଷତା ଥିବା ସେହି ମାମଲା ସମ୍ପୃକ୍ତ ବିଚାରପତିଙ୍କୁ ଦେବା, ମାମଲା ରୁଜୁ ହେବା ପୂର୍ବରୁ ବ୍ୟବସ୍ଥାପିକା ପ୍ରି - ଲିଟିଗେସନ୍ ହିସାବରେ ମାମଲାର ସମାଧାନ ପାଇଁ ପଦକ୍ଷେପ ନେଇପାରିଲେ ମାମଲାର ବୋଝ ହ୍ରାସ ଘଟନ୍ତା ବୋଲି ଜଷ୍ଟିସ୍ ଟଣ୍ଡନ ଆଶାବ୍ୟକ୍ତ କରିଥିଲେ ।

ଏଥିରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସାଙ୍ଗ୍ରାମ ମୋହନ ଦ୍ୱିବେଦୀ ଏବଂ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମଧ୍ୟ ବକ୍ତବ୍ୟ ରଖିଥିଲେ । ହାଇକୋର୍ଟ ବାର୍ ଆସୋସିଏସନ୍‌ର ସମ୍ପାଦକ ଅଭିଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପ ସଭାପତି ସିଦ୍ଧାର୍ଥ ଦାଶ ଧନ୍ୟବାଦ ଦେଇଥିଲେ ।

ଏହି ଅବସରରେ ହାଇକୋର୍ଟ ବାର୍ ଆସୋସିଏସନ୍‌ର ୫୦ବର୍ଷରୁ ଅଧିକ ସମୟ ଧରି ପ୍ରାକ୍ଟିସ୍ କରିଥିବା ୩୪ଜଣ ବରିଷ୍ଠ ଆଇନଜୀବୀଙ୍କୁ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ ସର୍ବ ଭାରତୀୟ ଜଜ୍‌ସେ ବ୍ୟାଡ଼ମିଣ୍ଟନ ଚାମ୍ପିଅନ୍‌ସିପ୍ ଟୁର୍ଣ୍ଣାମେଣ୍ଟରେ ବିଜେତା ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ବି. ନରସିଂହ ଏବଂ ଏହି ପ୍ରତିଯୋଗୀତାରେ ଭାଗ ନେଇଥିବା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ, ଜଷ୍ଟିସ୍ ଶିବ ଶଙ୍କର ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କଳା କ୍ଷେତ୍ରରେ ଅବଦାନ ପାଇଁ ଆଇନଜୀବୀ ସଞ୍ଜୟ କୁମାର ମହାପାତ୍ର ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ ।

## ସତ୍ୟ-ଅସତ୍ୟ...

କୌଣସି ପଦକ୍ଷେପ ନେବେ ନାହିଁ । ଏହା ସତ୍ୟ ଓ ଅସତ୍ୟର ଲଢ଼େଇ । ସାଂସଦ ପ୍ରିୟଙ୍କା ଗାନ୍ଧି କହିଥିଲେ ଯେ ନିର୍ବାଚନ କମିଶନରଙ୍କ ସମେତ ଦୁଇ ନିର୍ବାଚନ କମିଶନର ଲୋକଙ୍କ ଭୋଟ୍ ଅଧିକାର ଛଡାଇ ନେବାକୁ ଷଡଯନ୍ତ୍ର କରୁଛନ୍ତି । ବିଜେପିକୁ ଆହ୍ୱାନ କରୁଛି ବାଲାଟ ପେପରରେ ନିର୍ବାଚନ ହେଉ । ସେମାନେ କଦାପି ଜିତି ପାରିବେ ନାହିଁ । ବିହାର ନିର୍ବାଚନ ହାରିବା ପରେ ଆମେ ଭାଙ୍ଗି ପଡି ନାହୁଁ । ସମଗ୍ର ଦେଶ ଜାଣିଛି ଭୋଟ୍ ଚୋରି କରି ବିଜେପି ଜିତିଛି । ସରକାରଙ୍କ ସମ୍ମୁଖରେ ସବୁ ସଂସ୍ଥା ନତମସ୍ତକ ହୋଇଯାଉଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ କହିଥିଲେ ଯେ ଭୋଟ୍ ଚୋରି କରୁଥିବା ବ୍ୟକ୍ତିଙ୍କୁ କ୍ଷମତାର ବାହାର କରିବାର ଆବଶ୍ୟକତା ରହିଛି । ସମ୍ବିଧାନ ଆମକୁ ଭୋଟ୍ ଅଧିକାର ଦେଇଛି । ଆରଏସଏସର ଆଦର୍ଶ ଦେଶକୁ ଧ୍ୱଂସ କରିବା ପାଇଁ । ଏହି କାର୍ଯ୍ୟକ୍ରମରେ ସୋନିଆ ଗାନ୍ଧିଙ୍କ ସମେତ କଂଗ୍ରେସ ନେତା ସଚିନ ପାଇଲଟ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବ କୁମାର, ହିମାଚଳ ମୁଖ୍ୟମନ୍ତ୍ରୀ ସୁଖବୀରନ୍ଦର ସିଂ ସୁଖୁ, ଟିଏମ୍ ସିଂଦେଓଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ ।

## ୧୯ରେ...

ଗିରଫ କରିଛି । ହଜାର ହଜାର ଚାଷୀ ଏଯାଏଁ ତାଙ୍କର ପ୍ରଥମ ଟୋକନ୍ ପାଇନାହାଁନ୍ତି । ଗୋଟିଏ ମାସ ବିଳମ୍ବରେ ମଣ୍ଡି ଖୋଲିବା, ଟୋକନ୍ ଅବ୍ୟବସ୍ଥା, କଟନି ଛଟନି ଲାଗି ରହିଛି । ଛତିଶଗଡ଼ ଓ ଓଡ଼ିଶାରେ ଗୋଟିଏ ଦଳର ସରକାର ରହିଛି । ଛତିଶଗଡ଼ରେ ମଣ୍ଡି ବ୍ୟବସ୍ଥା ସୁରୁଖୁରୁରେ ଚାଲିଥିବା ବେଳେ ଓଡ଼ିଶାରେ ଏକ ଅଚଳାବସ୍ଥା ଲାଗି ରହିଛି । ଏଭଳି ସ୍ଥଳେ ଆସନ୍ତା ୧୯ ତାରିଖରେ ସମ୍ବଲପୁର ସହର ବନ୍ଦ ଡାକରା ଦେଇଛି । ସେହିପରି ଆସନ୍ତା ୧୬ରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଅଭିନବ ପ୍ରତିବାଦ କରିବ । ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ ଅଫିସକୁ ଧାନ ବିକ୍ରି କରିବାକୁ ଯିବ ବୋଲି ଚାଷୀ ମାନେ ନିଷ୍ପତ୍ତି ନେଇଛନ୍ତି । ଏହାର ସଫଳ ରୂପାୟନ ଲାଗି ସମସ୍ତ ସହରବାସୀ, ଶ୍ରମିକ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ପରିବହନ ସହ ଜଡ଼ିତ ସମସ୍ତ ଅନୁଷ୍ଠାନ, ସାମାଜିକ- ସାଂସ୍କୃତିକ ସଂଗଠନଙ୍କୁ ଅନୁରୋଧ କରାଯାଇଛି । ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶା ସଂଗଠନ ସମନ୍ୱୟ ସମିତି ତରଫରୁ ଏଇ ଚାଷୀ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନିଷ୍ପତି ନିଆଯାଇଛି । ଏଥିରେ ଜିଲ୍ଲା ସଂଗଠନର ସଭାପତି ବ୍ୟୋମକେଶ ଠାକୁରଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ପଶ୍ଚିମ ଓଡ଼ିଶା ସଂଗଠନ ସମନ୍ୱୟ ସମିତିର ଆବାହକ ଆଶୋକ ପ୍ରଧାନ, ପ୍ରବକ୍ତା ସରୋଜ, ଶୁସାନ୍ତ ପଣ୍ଡା, ତରଣୀସେନ ଭୋଇ, ବୋଲଗୋବିନ୍ଦ ନାୟକ, ରମେଶ ମିଶ୍ର, ଭୈରବ ପ୍ରଧାନ, ଦିଲୀପ ସାହୁ, ବିପିନ ଭୋଏ, ସଂଜୀବ ବାରିକ, ଜୟନାରାୟଣ ସାହୁ, ଦିଲ୍ଲୀପ ମହପାତ୍ର, ନନ୍ଦଲାଲ ତ୍ରିପାଠି, କାଶୀ ବିଶ୍ୱନାଥ, ସରୋଜ ମହାପାତ୍ର, ଅଶ୍ୱିନୀ ହୋତା, ଅଶ୍ୱିନୀ ମହାପାତ୍ର, ଦାମୋଦର ପ୍ରଧାନ, ଯୋଗେଶ ଭୋଇ, ସୀତାକାନ୍ତ ପଣ୍ଡା, ସନ୍ତୋଷ ପ୍ରଧାନଙ୍କ ସହ ଶତାଧିକ ଚାଷୀ ଯୋଗ ଦେଇଥିଲେ ।

## ବାଣପୁର...

ସେମାନେ ଘରେ କେହି ନଥବା ବେଳେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଉଠାଇ ଆଣିଥିବା ତାଙ୍କ ସ୍ତ୍ରୀ କହିଛନ୍ତି । ମୃତ ଛବିନ୍ଦ୍ରଙ୍କ ପୁଅ କହିଛନ୍ତି ଯେ ତାଙ୍କ ବାପା ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ରାତିରେ ଥାନାରେ ଏମିତି କଣ ଘଟିଲା ଯେ ତାଙ୍କ ବାପାର ମୃତ୍ୟୁ ହେଲା । ତେଣୁ ଘଟଣାରେ ହାଜତର ସିସିଟିଭି ଯାଞ୍ଚ ସାଙ୍ଗକୁ ଏହାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ଉଠିଛି । ପ୍ରଶ୍ନ ଉଠୁଛି କାହାକୁ ଥାନା ହାଜତରେ ରାତି ସାରା ଅଟକ ରଖିବା ନିୟମ ଅଛି କି ? ଯଦି ଥାନା ହାଜତରେ ଅଟକ ରଖାଗଲା ତା ହେଲେ ସଂପୃକ୍ତ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ହୋଇଥିଲା କି ? ଛବିନ୍ଦ୍ରଙ୍କ ସଂଦେହଜନକ ମୃତ୍ୟୁ ଏମିତି ଅନେକ ପ୍ରଶ୍ନ ସୃଷ୍ଟି କରୁଛି ।

# ବଳି ଦେବାକୁ ଉଦ୍ୟମ କରୁଥିଲା ମା'

## ଉଦ୍ଧାର କଲେ ସାହି ଲୋକେ

କୋରାପୁଟ,୧୫ା୧୨,(ସବ୍ୟୁ) :କୋରାପୁଟ ଜିଲ୍ଲା ଜୟପୁର ଇରିଗେସନ କଲୋଣୀରେ ଜଣେ ମାନସିକ ବିକାରଗ୍ରସ୍ତ ମାଆ ନିଜ ନାବାଳିକା ଝିଅକୁ ବଳି ଦେବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି । ତେବେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଝିଅର ଜୀବନ ଉଦ୍ଧାର ହୋଇଛି । ଏହି ବିଧବା ମହିଳା ଇରିଗେସନ କଲୋନିସ୍ଥିତ ଏକ ବସ୍ତି ଅଞ୍ଚଳରେ ନିଜର ୨ ପୁଅ ଓ ଝିଅକୁ ନେଇ ରହୁଥିଲେ । କିଛିଦିନ ହେଲା ସେ ନିଜ ଘରେ ତନ୍ତ୍ର ସାଧନ କରୁଥିଲେ । ସ୍ଥାନୀୟ ଲୋକେ ତାକୁ ବିରୋଧ କଲେ ମଧ୍ୟ ସେ ଶୁଣି ନଥିଲେ । ତାଙ୍କ ଆଚରଣ ଅନେକ ସମୟରେ ଅସ୍ୱାଭାବିକ ରହୁଥିବା ଯୋଗୁଁ ସାହି ଲୋକେ ମଧ୍ୟ ତାଙ୍କୁ କିଛି କହିବାକୁ ଡରୁଥିଲେ ।

ତେବେ ମାଆ କାଳୀ ସାଧନା କରୁଥିବାରୁ ମା ତାକୁ ବିରୋଧ କରୁଥିଲା । ଅପରାହ୍ନ ୪ଟା ସମୟରେ ହଠାତ ଝିଅ ଚିତ୍କାର କରିବାରୁ ସାହିବାସିନ୍ଦା ଶୁଣିବା ପରେ ଘଟଣା ସ୍ଥଳରେ ପହଁଞ୍ଚିଥିଲେ । ସେଠାରେ ଝିଅ ଅଚେତ ଥିବା ସହ ତାଙ୍କ ଗୋଡହାତ ମଧ୍ୟ ମୋଡି ହୋଇ ରହିଥିବା ଦେଖିଥିଲେ । ପରେ ସ୍ଥାନୀୟ ଲୋକେ ପୁଲିସକୁ ଫୋନ କରି ଝିଅକୁ ହସ୍ତାନ୍ତର କରିଥିଲେ । ଏହି ତନ୍ତ୍ର ମନ୍ତ୍ର କରୁଥିବା ମହିଳା ଜଣକ ଅନ୍ୟ କାହାର ପିଲାମାନଙ୍କୁ ନେଇ ବଳି ଦେଇଦେଇ ପାରେ ବୋଲି ଏହିପରି ମହିଳାଙ୍କୁ ସେଠାରେ ରଖିବା ଠିକ ନୁହେଁ । ଏହି ଅଞ୍ଚଳରୁ ତାକୁ ବିଦାୟ କରିବା ଉଚିତ ବୋଲି ସାହି ବାସିନ୍ଦା ଦାବି କରିଛନ୍ତି । ବଳି ଉଦ୍ୟମ ପଛରେ କାରଣ ଅସ୍ପଷ୍ଟ ଥିବା ବେଳେ ପୁଲିସ ଏଥିପ୍ରତି ସଚେତନ ହେବା ସହ ଘଟଣାର ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

# ନକଲି ସିମ୍‌କାର୍ଡ ବିକ୍ରି:୨ଜଣଙ୍କୁ ଉଠାଇ ନେଲା ଦିଲ୍ଲୀ ପୋଲିସ୍

ଭଦ୍ରକ/ଆଗରପଡ଼ା,(ସବ୍ୟୁ) :ମଞ୍ଜୁରୀରୋଡ ବଜାରରେ ମୋବାଇଲ ଦୋକାନ ସହ ନକଲି ସିମ୍ ବିକ୍ରୟ କରୁଥିବା ଦୋକାନୀ ସନ୍ତୋଷ ଖଣ୍ଡାଇକୁ ଦିଲ୍ଲୀ ପୁଲିସ ଗିରଫ କରିଥିବା ଜଣାଯାଇଛି । ସ୍ଥାନୀୟ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ସନ୍ତୋଷକୁ ଥାନାକୁ ଆଣି ପଚରାଉଚୁରା କରିଥିଲା । ସେହିପରି ନକଲି ସିମ୍ ବିକ୍ରୟ ଲିଙ୍କରେ ବନ୍ତ ଥାନା ଗଭିଗଡ଼ିଆ ଗ୍ରାମର ଅଜୟ ଓରଫ ମହେଶ୍ୱର ପୁଷ୍ଟିଆକୁ ଦିଲ୍ଲୀ ପୁଲିସ ମଧ୍ୟ ଗିରଫ କରିବାରେ ସଫଳ ହୋଇଥିଲା । ଉଭୟଙ୍କୁ ଭଦ୍ରକ କୋର୍ଟର ଟ୍ରାଞ୍ଜିଟ୍ ରିମାଣ୍ଡ ଅନୁମତିରେ ଦିଲ୍ଲୀ ନିଆଯାଇଥିବା ଜଣାଯାଇଛି ଓ ଉଭୟ ମିଳିତ ଭାବେ ନୂତନ ସିମ କାର୍ଡ କ୍ରୟ କରିବାକୁ ଆସୁଥିବା ଗ୍ରାହକଙ୍କ ଆଧାର କାର୍ଡ ଉପଯୋଗ କରି ଗ୍ରାହକଙ୍କ ଅଜାଣତରେ ଏକକାଳୀନ ବହୁ ସିମ୍‌କାର୍ଡ ଆକଫିଭ କରୁଥିଲେ । ମାତ୍ର ଗ୍ରାହକର ଆବଶ୍ୟକ ଥିବା ଗୋଟିଏ ସିମ କାର୍ଡ ମୂଳ ଗ୍ରାହକକୁ ଦେଉଥିଲେ । ଆକଫିଭ ହୋଇଥିବା ଅନ୍ୟ ସିମ୍ କାର୍ଡକୁ ଉଚ୍ଚ ଦାମରେ ବେନାମୀ ଲୋକଙ୍କୁ ବିକ୍ରୟ କରାଯାଉଥିଲା । ଏପରି ବିକ୍ରୀ ହୋଇଥିବା ବେନାମୀ ସିମକାର୍ଡ ଅପରାଧିକ କାର୍ଯ୍ୟରେ ଉପଯୋଗ ହେଉଥିବା ନେଇ ବିଶେଷ ସୂତ୍ରରୁ ଜଣାପଡ଼ିଛି । ଦିଲ୍ଲୀ ସାହିନବାଗ ଥାନାରେ ରୁଜୁ ହୋଇଥିବା ୪୦୩/୨୫ନଂ ମାମଲାରେ ଅଭିଯୁକ୍ତ ସନ୍ତୋଷ ବିକ୍ରୟ କରିଥୁବା ବେଆଇନ ସିମକାର୍ଡ ଜବତ ହେବା ପରେ ପୁଲିସ ସ୍କାନରକୁ ଆସିଥିଲା । ସାହିନବାଗ ଥାନାର ହୋଇଥିବା ସମ୍ପୃକ୍ତ ମାମଲାରେ ୨ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି ।

# କାନ୍ତକବି ଜୟନ୍ତୀ ସମାରୋହ

ଧାମନଗର,(ସବ୍ୟୁ): ବନ୍ଦେ ଉତ୍କଳ ଜନନୀର ରଚୟିତାଭଦ୍ରକ ମାଟିର ବରପୁତ୍ର କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ତମ ଜୟନ୍ତୀ ଓ ଧାମନଗର କାନ୍ତ ସାହିତ୍ୟ ପରିଷଦର ୬୦ତମ ବାର୍ଷିକ ଉତ୍ସବ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବିଶିଷ୍ଟ କବି ହରପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ କବୟିତ୍ରୀ ଡଃ.ଆରତି କର ମୁଖ୍ୟବକ୍ତା,କବି ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି,ସାମ୍ବାଦିକ ବାସୁଦେବ ତ୍ରିପାଠୀ,କବି ଦୟାନିଧି ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ କାନ୍ତକବିଙ୍କ ରଚନା ଓ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ମନୋଜ କୁମାର ସିଂହ ଅତିଥି ମାନଙ୍କୁ ମଂଚ ଆବାହନ କରିଥିବାବେଳେ ଅଭିମନ୍ୟୁ ମଲ୍ଲିକ ଅତିଥି ପରିଚୟ ପ୍ରଦାନ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ଦେବାଶିଷ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।।ପରିଷଦର ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭା କାଯ୍ୟ ଆରମ୍ଭ ହୋଇଥିଲା । ଡଃ.ମମତା ସାହୁ ଓ କବି କିଶୋର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ସ୍ୱ-ଲିଖିତ କବିତା ଆବୃତ୍ତି କରିଥିଲେ । କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର,ସମ୍ପାଦକ ଶଚିକାନ୍ତ ପଣ୍ଡା,କବି ରୁତୁରାଜ ଅକ୍ଷୟ,ସାରଥି ପଣ୍ଡା, ପୁରୁଷୋତ୍ତମ ଧଳ,ଜଗନ୍ନାଥ ନାୟକ,ହରିଶ୍ଚନ୍ଦ୍ର ଜେନା ପ୍ରମୁଖ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିବାବେଳେ ଉପସ୍ଥିତ ସମସ୍ତ କବିମାନଙ୍କୁ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ରସାନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ ତରାଟ ଫୁଲର ଗାଁ ମୁଖ୍ୟଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । ପରିଷଦର ବରିଷ୍ଠ ସଦସ୍ୟ ଅନିଲ କୁମାର ବାରିକ,ପ୍ରଦୀପ କୁମାର ମହାପାତ୍ର,ରଜତ କୁମାର ପଣ୍ଡା,ସନ୍ତୋଷ କୁମାର ପାଢୀ,ହୃଦାନନ୍ଦ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କୁଳମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା: ୭୫ ବିଭାଗରେ ଭାଗ ନେଲେ ୪୪୨ ପ୍ରତିଯୋଗୀ




ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତରେ ଜିଲ୍ଲାର ୭ଟି ବ୍ଲକ ସ୍ତରରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ବିଦ୍ୟାଳୟ,ମହାବିଦ୍ୟାଳୟ ଏବଂ କ୍ଲବ୍‌ସ୍ତରର ୧୪,୧୬,୧୮,୨୦,୨୩ ବର୍ଷରୁ କମ୍ ବର୍ଗର ବାଳକ ବାଳିକା ଉଭୟ ଜୁନିଅର୍ ଓ ସିନିୟର୍ ବିଭାଗରେ ମିଶି ମୋଟ ୪୪୨ଜଣ ପ୍ରତିଯୋଗୀ ୭୫ଗୋଟି ବିଭାଗରେ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାକୁ ଭଦ୍ରକ ଜିଲ୍ଲାପାଳ ତଥା ଆଥ୍‌ଲେଟିକ୍ ଆସୋସିଏସନ୍‌ର ସଭାପତି ଦିଲୀପ ରାଉତରାଏ ଉଦଘାଟନ କରିଥିଲେ । ଉଦଘାଟନୀ ଉତ୍ସବରେ ଆସୋସିଏସନର ସମ୍ପାଦକ ଧୀରେନ ପଲାଇ,ବରେଣ୍ୟ ଅତିଥି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସ,କ୍ରୀଡ଼ା ସ୍ୱତନ୍ତ୍ର ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଆସୋସିଏସନ୍‌ର ସହସମ୍ପାଦକ ଅତିସ୍ କୁମାର ବେହେରା, କୋଷାଧକ୍ଷ ବ୍ୟୋମକେଶ ସେନାପତି,ସଦସ୍ୟ ଭବତୋଷ ଦାସ,ରବିନାରାୟଣ ପାଣିଗ୍ରାହୀ,ବେଦ ପ୍ରକାଶ ଗୁପ୍ତା,ସଞ୍ଜିବ ଦାସ,ରବିନାରାୟଣ ଓଝା,ମନୋଜ ସାହୁ,ସୁଶିଲ ପଟ୍ଟନାୟକ, ବାଇଧର ମହାକୁଡ଼,ଲକ୍ଷ୍ମଣ ବାରିକ,ଯଦ୍‌ବୀର ପ୍ରତାପରାୟ ପ୍ରମୁଖ ଯୋଗ ଦେଇଥିଲେ । ଅତିସ୍ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲର ବରିଷ୍ଠ ପର୍ବତାରୋହୀ ବିଜୟ କୁମାର ଗୁପ୍ତା,ବକ୍ସର କମଳାକାନ୍ତ ସାହୁ,ରେସ୍‌ଲର୍ ଶିବପ୍ରସାଦ ରାୟ,ଜାତୀୟ ସ୍ତରର ଫୁଟ୍‌ବଲ ଖେଳାଳୀ ଇପ୍‌ସିତା ରାଉତ,ଜାତୀୟ ସ୍ତରର ଆଥ୍‌ଲେଟିକ୍ ହରିଶଙ୍କର ପାଣିଗ୍ରାହୀ,ଜାତୀୟସ୍ତରର ସାଇକ୍ଲିଷ୍ଟ ସସ୍ମିତା ପଣ୍ଡା,ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟ ହର୍ଷିତ୍ ନାୟକ,ସତ୍ୟଜିତ୍ ଘୋଚ୍ଛାୟତ,ସଚିନ ଜେନା,ଅନୁସୟା ନନ୍ଦୀ,ସୂର୍ଯ୍ୟକାନ୍ତ ରାଉଳଙ୍କୁ ସମ୍ମାନିତ କରାଯାଇଥିଲା ।

# ବରଗଡ଼ ଧନୁଯାତ୍ରା ଯିବେ ମା ତାରିଣୀ ନୃତ୍ୟଶିଳ୍ପୀ



ଢେଙ୍କିକୋଟ, (ସବ୍ୟୁ): ବିଶ୍ୱପ୍ରସିଦ୍ଧ ବରଗ ଧନୁଯାତ୍ରାର ୭୮ ତମ ମହୋତ୍ସବ ଅବସରରେ ଘଟଗାଁ ମା ତାରିଣୀ ନୃତ୍ୟଶିକ୍ଷା ଅନୁଷ୍ଠାନର ନୃତ୍ୟ ଶିଳ୍ପୀ ମାନଙ୍କୁ ନିମନ୍ତ୍ରିତ କରାଯାଇଛି । ତେଣୁ ବରଗଡ଼ ଧନୁଯାତ୍ରାରେ କଂସ ଓ କୃଷ୍ଣ ଙ୍କ ଦରବାରରେ ମା ତାରିଣୀ ନୃତ୍ୟଶିକ୍ଷାର କଳାକାର ନୃତ୍ୟ ପରିବେଷଣ କରିବେ । ଉକ୍ତ ନୃତ୍ୟଶିକ୍ଷା କେନ୍ଦ୍ରର ଗୁରୁ ସଞ୍ଜୟ କୁମାର ଦାସ ଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ ମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ନୃତ୍ୟଶିଳ୍ପୀମାନଙ୍କ ଭିତରେ ଖୁସି ଓ ଉନ୍ମାଦନା ଦେଖିବାକୁ ମିଳିଛି ।ସବୁ ବର୍ଗର ଲୋକମାନଙ୍କ ଠାରୁ ଶୁଭେଚ୍ଛା ଓ ଅଭିନନ୍ଦନ ମିଳୁଛି । ତେବେ ଏଠାରେ ସୂଚନାଯୋଗ୍ୟ ଯେ ମା ତାରିଣୀ ପିଠ ଘଟଗାଁରୁ ଜନ୍ମ ନେଇଥିବା ମା ତାରିଣୀ ନୃତ୍ୟଶିକ୍ଷାର କଳାକାରମାନେ ସେମାନଙ୍କର ଅନନ୍ୟ ପ୍ରତିଭା ଓ ଚିତାକର୍ଷକ କାର୍ଯ୍ୟକ୍ରମ ପାଇଁ ଆଜି ସାରା ରାଜ୍ୟରେ ପୁରରୁ ପଲ୍ଲୀ ପର୍ଯ୍ୟନ୍ତ ସୁନାମ ଅର୍ଜନ କରୁଛନ୍ତି । ଗୁରୁ ବିକ୍ରମ ସାମଲ ମଧ୍ୟ ସଭିଙ୍କର ସଫଳତା ପାଇଁ ଆର୍ସିବାଦ କରିଛନ୍ତି ।

# ବୃଦ୍ଧ ବାପାଙ୍କୁ ମାରି ଦେବାକୁ ବଡ଼ପୁଅର ଧମକ

ଆଗରପଡ଼ା,(ସବ୍ୟ): ବନ୍ତ ଥାନା ଅନ୍ତର୍ଗତ ଗଭରପୁର ଗ୍ରାମର ବଡ଼ପୁଅ ଘର ଭାଙ୍ଗିବା ସହିତ ମାରି ଦେବାକୁ ଧମକ ଦେବା ଘଟଣାକୁ ନେଇ ଥାନାରେ ଏତଲା ଦେଇଛନ୍ତି ୮୩ ବର୍ଷୀୟ ବୃଦ୍ଧ ବାପା ବନମାଳି ନାୟକ । ବନମାଳୀଙ୍କ ଦୁଇଟି ପୁଅ ଓ ୪ଟି ଝିଅଙ୍କର ବିବାହ କରାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇ ସାରିବା ପରେ ସେମାନେ ବାପାମାଆଙ୍କର କୌଣସି ଦାୟୀତ୍ୱ ନେଇ ନ ଥିଲେ । ବଡ଼ପୁଅ ମଧୁସୂଦନ , ପୈତୃକ ଜମିବାଡ଼ିକୁ ସାନଭାଇକୁ ନ ଦେଇ ସବୁ ଜମିବାଡ଼ି ନେବା ପାଇଁ ବାପାମାଆଙ୍କୁ ବାରମ୍ବାର ଧମକଚମକ ଦେବା,ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମଧ୍ୟ ମାରୁ ଥିବାର ଅଭିଯୋଗ ହୋଇଛି । ଏଥି ସହିତ ସେ ମଧ୍ୟ ଘରର କାନ୍ଥ, ଛାତକୁ ହାତୁଡ଼ି ଓ ଶାବଳରେ ପିଟି ଭାଙ୍ଗି ଦେଇଛନ୍ତି ବୋଲି ବନ୍ତ ଥାନାରେ ଦେଇଥିବା ଏତଲାରେ ସେ ଦର୍ଶାଇଛନ୍ତି ।

# ବାରିକପୁର ଡିଗ୍ରୀ କଲେଜରେ ଶ୍ରୀଶ୍ରୀ ମଙ୍ଗଳମୂର୍ତ୍ତି ବିଗ୍ରହ ପ୍ରତିଷ୍ଠା

ଭଣ୍ଡାରିପୋଖରୀ,ତା(ସବୁ୍ୟ):ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ବିଘ୍ନବିନାଶକ ଶ୍ରୀ ଶ୍ରୀ ମଙ୍ଗଳମୂର୍ତ୍ତି ବିଗ୍ରହ ପ୍ରତିଷ୍ଠା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେଉରିଆଙ୍କ ପୌରହିତ୍ୟରେ ଓ ବରିଷ୍ଠ ଅଧ୍ୟାପକ ମନୋଜ କୁମାର ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବର କର୍ତ୍ତା ଭାବେ ଅଧ୍ୟାପକ ସରୋଜ କୁମାର ରାଉତ ଓ ପତ୍ନୀ ତନୁଶ୍ରୀ ରାଉତ ସଙ୍କଳ୍ପ କରିଥିଲେ । ଅଧ୍ୟାପିକା ରିତାଞ୍ଜଳୀ ପାରିମାଣିକଙ୍କ ଦ୍ୱାରା ପ୍ରଦତ୍ତ ଏହି ବିଗ୍ରହ ପ୍ରତିଷ୍ଠା ପଣ୍ଡିତ ଦେବେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ, ତନ୍ମୟ ଭଟ୍ଟାଚାର୍ଯ୍ୟ, ଶାନ୍ତନୁ ପଣ୍ଡା ଓ ଭିକାରିକାନ୍ତ ପାଢୀ ବିଧିମତେ ପ୍ରତିଷ୍ଠା କରିଥିଲେ । ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ଅନୁପମା ତ୍ରିପାଠୀ, ଗୌରାଙ୍ଗ ଚରଣ ନାଥ, କଳିଙ୍ଗ ପ୍ରଧାନ, ନାରାୟଣ ଚନ୍ଦ୍ର ସେଠୀ, ସନ୍ତୋଷ କୁମାର ଲେଙ୍କା, ଉମାକାନ୍ତ ମହାଳିକ, ସୁରେଶ ତ୍ରିପାଠୀ, ଆକାଶ ଦାସ, ନୀଳମଣୀ ବେହେରା, ସ୍ମିତା ସାଗରିକା ଓ ଶ୍ରଦ୍ଧାଞ୍ଜଳୀ ସୂତାର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଶିକ୍ଷାକର୍ମଚାରୀ ହିମାଂଶୁ ସାମଲ, ମମତା ନାୟକ, ଗିରିଧାରୀ ପାଲ, ଅଭିମନ୍ୟୁ ଘଡାଇ, ସନ୍ତୋଷ ଜେନା, ପ୍ରମୋଦ ଦାସ, ଅନୁପ୍ରଭା ଗୋଚ୍ଛାୟତ ପ୍ରମୁଖ ପରିଚାଳନା କରିଥିଲେ ।

## କଂଗ୍ରେସର ସାଙ୍ଗଠନିକ ବୈଠକ ଓ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,ତା(ସବୁ୍ୟ):ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସାଙ୍ଗଠନିକ ବୈଠକ ସଭାପତି ରଜନୀକାନ୍ତ ଚନ୍ଦଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବରିଷ୍ଠ ନେତା ଗୋଲକ ଚନ୍ଦ୍ର ବେହେରା, ଅଜୟ କୁମାର ସାହୁ, ଅକ୍ଷୟ କୁମାର ତ୍ରିପାଠୀ, ବିଜୟ ଶଙ୍କର ମହାନ୍ତି, ଧରିତ୍ରୀ ଯେନା, ନାରାୟଣ ବେହେରା ପ୍ରମୁଖ ଯୋଗଦେଇ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଚାର ବିମର୍ଶ କରିଥିଲେ । ଏହ ବୈଠକରେ ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ଯୋଗଦେଇ ସାଙ୍ଗଠନିକ ପରାମର୍ଶ ଦେଇଥିଲେ । ବୈଠକରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ଛାମୁଆଁ ନେତା ଓ କର୍ମୀମାନେ ଯୋଗଦେଇଥିଲେ ।

# ଡି.ଏନ. ହାଇସ୍କୁଲ ୧୯୭୬ ବ୍ୟାଚ ଛାତ୍ରଙ୍କର ସୁବର୍ଣ୍ଣ ଜୟନ୍ତୀ ସମାରୋହ



କେନ୍ଦୁଝର,(ସବୁ୍ୟ): କେନ୍ଦୁଝରର ପ୍ରସିଦ୍ଧ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୭୬ ବ୍ୟାଚ ପୁରାତନ ଛାତ୍ରଙ୍କର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଡି.ଏନ ହାଇସ୍କୁଲ ଅଡିଟୋରିୟମରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ପୃଷ୍ଟି, ନାରାୟଣ ମିଶ୍ର,ସୁବାସ ଚନ୍ଦ୍ର ବଳ,ବାବାଜୀ ଚରଣ ସାହୁ,ଶଶଧର ବେହେରା ଅତିଥି ଭାବରେ ମଞ୍ଚାସୀନ ଥିବାବେଳେ ଡି.ଏନ. ହାଇସ୍କୁଲର ବରିଷ୍ଠ ଶିକ୍ଷକ ଉଦୟନାଥ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ନିଜର ପ୍ରିୟ ଓ ପୂଜ୍ୟ ଶିକ୍ଷକମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନୀତ କରିବା ଓ ପୂଜ୍ୟ ଗୁରୁମାନଙ୍କଠାରୁ ଆଶୀର୍ବାଦ ଲାଭ କରିବାର ମୂହୁର୍ତ୍ତ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ସଭାରେ ଉପସ୍ଥିତ ପୁରାତନ ଛାତ୍ରମାନେ ସେମାନଙ୍କର ଅତୀତ ଛାତ୍ରଜୀବନର ସ୍ମୃତିକୁ ତାଜା କରିଥିଲେ । ଉକ୍ତ ସଭାରେ ଓମ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ ଚନ୍ଦ୍ର ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ ଏବଂ ପ୍ରଦୀପ୍ତ ମୋହନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦୀନବନ୍ଧୁ ସାହୁ , ବିଜୟ କୁମାର ଦୀକ୍ଷିତ, ବସନ୍ତ ସାହୁ, ପାର୍ଥସାରଥି ସାହୁ, ଜଗନ୍ନାଥ ଦାସ, ଅକ୍ଷୟ ପ୍ରସାଦ ଦାସ, ପଞ୍ଚାନନ ମହାପାତ୍ର, ଗୌରଙ୍ଗ ସାହୁ,କମଲେଶ ଚୌହାନ, କାର୍ତ୍ତିକ ଚନ୍ଦ୍ର ଦଣ୍ଡସେନା, ନିମାଇଁ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ୩୫ତମ ଦକ୍ଷିଣ ଏସିୟ ମୈତ୍ରୀ ଉତ୍ସବ

## ଡ଼କ୍ଟର ଚିତ୍ତରଞ୍ଜନଙ୍କ ନୃତ୍ୟରେ ଦର୍ଶକ ବିଭୋର

ଭୁବନେଶ୍ୱର (ସବ୍ୟୁ): ଗଞ୍ଜାମ ଗୋପାଳପୁରସ୍ଥିତ ସମୁଦ୍ର ବେଳାଭୂମିରେ ତିନିଦିନବ୍ୟାପି ଦକ୍ଷିଣ ଏସିୟ ରାଷ୍ଟ୍ର ସମୂହର ୩୫ତମ ରାଷ୍ଟ୍ରୀୟ ସମ୍ମିଳନୀ ମହାସମାରୋହରେ ଉଦଯାପିତ ହୋଇଛି। ଭାରତର ୧୮ଟି ରାଜ୍ୟର ଦୁଇ ସହରୁ ଅଧିକ ପ୍ରତିନିଧି ଯୋଗଦେଇ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ଓଡିଶାରୁ ନୃତ୍ୟଶାଳା, ସଂସ୍କୃତିକେନ୍ଦ୍ର କଟକର ପ୍ରତିଷ୍ଠାତା ଅଧକ୍ଷ ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଅଧ୍ୟାପକ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀଙ୍କ ଆଧ୍ୟାତ୍ମିକ ଭରା ରାମାୟଣ ଓ ମହାଭାରତର କଥାବସ୍ତୁ ସମ୍ବଳିତ ଓଡ଼ିଶୀ ନୃତ୍ୟରେ ବେଳାଭୂମି ପରିସରସ୍ଥ ଶତାଧିକ ଗୋପାଳପୁର ବାସିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସାଂସଦ ଡ଼କ୍ଟର ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଡ଼କ୍ଟର ଗୀତାଞ୍ଜଳି ଦାସ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ସଭାପତି ଦୀପକ ମାଳବ୍ୟ ସମ୍ପାଦକ ରବିନାରାୟଣ ମହାନ୍ତି ଓ ସମାଜର ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଭୂୟସୀ ପ୍ରଶଂସା କରିଛନ୍ତି।



## ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଭୁବନେଶ୍ୱରକୁ ଆଗମନ

ଭୁବନେଶ୍ୱର(ସବ୍ୟୁ): ଶ୍ରୀସତ୍ୟସାଇ ବାବାଙ୍କର ଅହେତୁକ କୃପାରୁ ଗତ ସାଢେ ତିନି ବର୍ଷ ଧରି ଦିବ୍ୟ ରଥ ସମଗ୍ର ଓଡ଼ିଶାର ୩୪ଟି ସାଇ ଜିଲ୍ଲା ଏବଂ ୧୦,୫୦୦ ଗ୍ରାମକୁ କୃପାଧନ୍ୟ କରି ରବିବାର ଭୁବନେଶ୍ୱର ସାଇ ଜିଲ୍ଲାର ସାଇ ଜନନୀ ପ୍ରାଙ୍ଗଣରେ ପଦାର୍ପଣ କରିଛନ୍ତି । ଏକ ବିଶାଳ ଶୋଭାଯାତ୍ରାରେ ପ୍ରଦର୍ଶନୀ ପଡିଆ ଠାରୁ ସାଇ ଜନନୀ ପରିସର ପର୍ଯ୍ୟନ୍ତ ଏକ ଭକ୍ତିପୂର୍ଣ୍ଣ ପରିବେଶରେ ପ୍ରଭୁଙ୍କର ଭବ୍ୟ ସ୍ୱାଗତ କରାଯାଇଥିଲା । ଦିବ୍ୟ ପାଦୁକା ରଥାରୂଢ ହୋଇ ଆସନ୍ତା ଜାନୁଆରୀ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ପରିଭ୍ରମଣ କରି ପ୍ରତ୍ୟେକଙ୍କୁ ଦିବ୍ୟ ଦର୍ଶନ ଏବଂ ସ୍ପର୍ଶ ମାଧ୍ୟମରେ ଆଶୀର୍ବାଦ କରିବେ । ଜାନୁଆରୀ ୧୮ ତାରିଖ ଦିନ କଟକ ବାଲିଯାତ୍ରା ପଡିଆରେ ଶ୍ରୀ ସତ୍ୟସାଇ ପାଦୁକା ଯାତ୍ରାର ସମାବର୍ତ୍ତନ ଉତ୍ସବ ତତସହିତ ୫୦ ତମ ରାଜ୍ୟ ସମ୍ମିଳନୀ ଏବଂ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ୧୦୦ ତମ ଜନ୍ମଦିନକୁ ରାଜ୍ୟସ୍ତରରେ ପାଳନ କରାଯିବ । ଏହାପରେ ଦିବ୍ୟ ପାଦୁକା ପୁନର୍ବାର ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରି ସାଇ ଜନନୀ ଠାରେ ପ୍ରତିଷ୍ଠିତ ହେବେ । ଆଜିର କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ସାଇ ଜିଲ୍ଲାର ଅନେକ ସାଇ ଆଶ୍ରିତ ଯୋଗଦାନ କରିଥିଲେ ।

## ବାରରେ ଚଢାଉ ବେଳେ ଅବକାରୀ ଟିମ୍‌କୁ ଆକ୍ରମଣ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶନିବାର ବିଳମ୍ବିତ ରାତିରେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ବାର୍ ଉପରେ ଅବକାରୀ ଚଢାଉ କରିଥିଲା । ଚନ୍ଦ୍ରଶେଖରପୁର ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିବା ଏକ ବାର୍‌ରେ ଅବକାରୀ ଟିମ୍ ଚଢାଉ କରି ଫେରୁଥିବା ବେଳେ ତାଙ୍କୁ ଦଳେ ନିଶାଡି ଆକ୍ରମଣ କରିବା ସହ ବିଅର ବୋତଲ ମାଡ କରିଥିଲେ । ଏପରିକି ଗାଡିକୁ ଭଙ୍ଗାରୁଜା କରିବାକୁ ଉଦ୍ୟମ କରି କଟୂ ଭାଷାରେ ଗାଳିଗୁଲଜ କରିଥିଲେ । ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ଅବକାରୀ ସବ୍‌ଇନ୍ସପେକଟର ପ୍ରଫୁଲ୍ଲ କୁମାର ଗୁରୁଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ଗଣ୍ଡଗୋଳ ସମୟରେ ମଧ୍ୟ ପୋଲିସ ପହଞ୍ଚିବାରୁ କେତେକ ଆକ୍ରମଣକାରୀ ଖସିଯାଇଥିବା ବେଳେ କେତେଜଣଙ୍କୁ ପୋଲିସ ଥାନାକୁ ଆଣିଥିଲା । ଚନ୍ଦ୍ରଶେଖରପୁରରେ ଥିବା ରୋମିଓ ଲେନ୍ ରେଷ୍ଟୁରାଣ୍ଟରେ ଅବକାରୀ ଟିମ୍ ଚଢାଉ କରି ବାହାରକୁ ଆସୁଥିବା ବେଳେ ଅଭିଯୁକ୍ତମାନେ ଅବକାରୀ ଅଧିକାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହା ଦେଖି ନିଶାଶକ୍ତ ଯୁବକମାନେ ଅବକାରୀ ଅଫିସରଙ୍କୁ ଆକ୍ରମଣ କରିବା ସହ ତାଙ୍କ ଗାଡିକୁ ଗୋଇଠା ମାରି ଭଙ୍ଗାରୁଜା କରିବାକୁ ଉଦ୍ୟମ କରିଥିଲେ । ଏପରିକି ଅଭିଯୁକ୍ତ ଯୁବକମାନେ ତାଙ୍କ ଉପରକୁ ବିଅର ବୋତଲ ଫିଙ୍ଗିଥିଲେ । କୌଣସି ସ୍ଥାନରେ ଅଭିଯୋଗ କଲେ ଭୟଙ୍କର ପରିସ୍ଥିତି ହେବ ବୋଲି ଅବକାରୀ ଅଧିକାରୀଙ୍କୁ ଧମକ ଦେଇଥିଲେ ।

ପୋଲିସ ଖବର ପାଇବା ପରେ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ପରେ ଜାଣିବାକୁ ପାଇଥିଲା ଯେ, ଅବକାରୀ ଅଫିସରଙ୍କୁ ସରକାରୀ କାର୍ଯ୍ୟ କରିବାରେ ନିଶାଶକ୍ତ ଯୁବକମାନେ ବାଧା ସୃଷ୍ଟି କରିବା ସହ ଆକ୍ରମଣ କରିଥିଲେ । ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ଅମିତ କୁମାର ଦାସ (୨୬), ସମ୍ବିତ ପରିଡା (୨୬), ସବ୍ୟସାଚୀ ପାଢୀ (୨୧), ସନ୍ଦିପ ସାମନ୍ତ (୨୫) । ଅମିତ ଘର ବ୍ରହ୍ମପୁରରେ ହୋଇଥିବା ବେଳେ ସମ୍ବିତ ଘର ଭଦ୍ରକରେ । ସେହିପରି ସବ୍ୟସାଚୀ ପାଢୀ ଘର ଯାଜପୁର ଜିଲ୍ଲାରେ ହୋଇଥିବା ବେଳେ ସନ୍ଦିପ ଘର କଟକ ଜିଲ୍ଲା ବାଙ୍କି ଥାନା ଅଞ୍ଚଳରେ ବୋଲି ପୋଲିସ କହିଛି । ଗିରଫ ୪ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଗୁରୁତର ଆହତ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଜରକା ଛକ ନିକଟରେ ରବିବାର ଅପରାହ୍ଣ ସମୟରେ ଦୁଇ ବାଇକ ମଧ୍ୟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଗୁରୁତର । ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧୀନ ଭୁଡୁରୁବଣି ଗ୍ରାମର ତ୍ରୀନାଥ ବେହେରାଙ୍କ ପୁଅ ଡମ୍ବୁରୁଧର ବେହେରା(୨୩) ଓ କାର୍ତ୍ତିକ ମହାକୁଡ଼ଙ୍କ ପୁଅ କୁନ୍ଦୁଲ ମହାକୁଡ଼ (୨୮) ଦୁହେଁ ଏକ ବାଇକ ଯୋଗେ ଘରୁ ବାହାରି ବୈଶିଙ୍ଗା ବଜାର ଅଭିମୂଖେ ଯାଉଥିବା ସମୟରେ ବୈଶିଙ୍ଗା ବଜାର ପଟୁ ନିରୁଆପଦା ଗ୍ରାମର ସନାତନ ବିନ୍ଧାଣୀ ଙ୍କ ପୁଅ ବବୁଲୁ ବିନ୍ଧାଣୀ ଅପରପାର୍ଶ୍ୱରୁ ଆସି ଏକ ବାଇକ ଯୋଗେ ଆସି ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ସମସ୍ତ ଆରୋହୀ ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ପଡ଼ି ରହିଥିଲେ । ବୈଶିଙ୍ଗା ଥାନା ଏଏସଆଇ ସୁକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରିବା ସହ ସ୍ଥାନୀୟ ଲୋକଙ୍କ ସହଯୋଗରେ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତିନି ଜଣଙ୍କୁ ବାଲେଶ୍ୱର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଏ ନେଇ ଏକ ମାମଲା ରୁଜୁ କରି ବୈଶିଙ୍ଗା ପୁଲିସ ତଦନ୍ତ ଜାରି ଜାରି ରଖିଛି ।

## ବରିଷ୍ଠ ନାଗରିକଙ୍କ ବୈଠକ

ଫୁଲନଖରା,(ସବ୍ୟୁ) : କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକ ୩୩ ନଂ ଜିଲ୍ଲା ପରିଷଦ ଜୋନର ବରିଷ୍ଠ ନାଗରିକମାନଙ୍କର ଏକ ବୈଠକ ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବ୍ରାହ୍ମଣଝରିଲୋ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତି ପଞ୍ଚାୟତର ଉପସଭାପତି ଓ ସମ୍ପାଦକମାନଙ୍କୁ ନେଇ ଏକ ବୈଠକ କରାଯାଇ ବରିଷ୍ଠ ନାଗରିକମାନଙ୍କୁ ସଭ୍ୟ ଭାବେ ସାମିଲ କରାଯିବ ବୋଲି ନିଷ୍ପତି ନିଆଯାଇଛି । ଆସନ୍ତା ମାସ ୨୦୨୬ ନୂତନ ବର୍ଷରେ ଏକ ବୈଠକ ଅନୁଷ୍ଠିତ କରାଯିବ ।ଏଥିରେ କମିଶନରେଟ ପୋଲିସ କଟକ ସଦର ଥାନା ଆଇ.ଆଇ.ସି, ଏ.ସି.ପି ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରିବେ ବୋଲି ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ପ୍ରକାଶ କରିଛନ୍ତି ।

## ଜେଡ୍ ୱାନ୍ ଭ୍ୟୋମ୍ ରେ ଶୀତ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଜେଡ୍ ୱାନ୍ ଭ୍ୟୋମ୍ ଆପାର୍ଟମେଣ୍ଟରେ ଶୀତ ଉତ୍ସବର ତୃତୀୟ ସଂସ୍କରଣ ସଫଳତା ସହିତ ଶେଷ ହୋଇଛି। ଜେଡ୍ ୱାନ୍ ଆଖପାଖ ପଡ଼ୋଶୀ ତଥା ଭୁବନେଶ୍ୱର ଏବଂ କଟକରୁ ୩୫୦୦ ରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ। ତୃତୀୟ ସଂସ୍କରଣରେ ଶୀତଉତ୍ସବ ଏକ ସ୍ୱତନ୍ତ୍ର ମହୋତ୍ସବ ଭାବରେ ଉଭା ହୋଇଛି ଯାହା ଓଡ଼ିଶାର ବିକଶିତ ସହରାଞ୍ଚଳ ସଂସ୍କୃତିକୁ ପ୍ରତିଫଳିତ କରେ। ଉତ୍ସବର ଯାତ୍ରା ଛଅ ସପ୍ତାହ ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଥିଲା। ଉତ୍ସବ ଗୁଡିକ ଡିସେମ୍ବର ୧୪ ସନ୍ଧ୍ୟାରେ ଏକ ସ୍ପନ୍ଦନଶୀଳ କାର୍ନିଭାଲ ସହିତ ସେମାନଙ୍କର ଶୀର୍ଷରେ ପହଞ୍ଚିଥିଲା ଯାହା ଚମକଦାର ତାରା ତଳେ ବହୁ ପ୍ରତୀକ୍ଷିତ 'ଡିସ୍କୋ ଡାଜଲ୍' ସହିତ ଶେଷ ହୋଇଥିଲା। ସନ୍ଧ୍ୟାରେ ଲାଇଭ୍ ବ୍ୟାଣ୍ଡ ପ୍ରଦର୍ଶନ, ଆକର୍ଷଣୀୟ ଖେଳ,




କ୍ୟୁରେଟେଡ୍ ଖାଦ୍ୟ ଷ୍ଟଲ୍ ଏବଂ କଳାକାରଙ୍କ ଦ୍ୱାର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇଥିଲା, ଯାହା ପରିବାର, ଯୁବପିଢ଼ି ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସୁସ୍ଥ ଉତ୍ସବ ଅଭିଜ୍ଞତା ପ୍ରଦାନ କରିଥିଲା। ଏହି ସନ୍ଧ୍ୟାରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରରେ ସେ କହିଥିଲେ ଯେ ଶୀତକାଳୀନ ଉତ୍ସବରେ ସମସ୍ତେ ଏଠାରେ ଏକତ୍ରିତ ହୋଇଛନ୍ତି। ଭାଇଚାରର ନିର୍ଦ୍ଦଶନ ଦେଖିବାକୁ ମିଳୁଛି। ୱିଣ୍ଟରଫେଷ୍ଟ ଭଳି କାର୍ଯ୍ୟକ୍ରମ ଏକ ସମ୍ପ୍ରଦାୟର ପ୍ରକୃତ ନୀତିକୁ ପ୍ରତିଫଳିତ କରେ ଯାହା ଏକତା, ପାରସ୍ପରିକ ସମ୍ମାନ ଏବଂ ସୁସ୍ଥ ଏବଂ ପ୍ରଗତିଶୀଳ ସହରାଞ୍ଚଳ ଜୀବନଯାପନ ପାଇଁ ଅତ୍ୟାବଶ୍ୟକ ନିଜର ଭାବନାକୁ ପ୍ରୋତ୍ସାହିତ କରେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଲେ ଯେ ଜେଡ୍ ୧ ସୋସାଇଟି ଏହା ହେଉଛି ନିଆରା ଉତ୍ସବ। ଏହି ଫେଷ୍ଟିଭାଲରେ ସମସ୍ତେ ମଜା ନେଉଛନ୍ତି। ଜଷ୍ଟିସ୍ ଶତୃଘନ ପୂଜାରୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଜେଡ଼ ଓ୍ୱାନ ଭ୍ୟୋମ୍ ର ସମ୍ପାଦିକା ସୁନିତା ଶତପଥୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସାଇ କିଡ୍ସ ପ୍ଲେ ସ୍କୁଲ

## ଡେ କେୟାରର ବାର୍ଷିକ ଉତ୍ସବ ୨୦୨୫ ପାଳିତ

ଭୁବନେଶ୍ୱର (ସବ୍ୟୁ): ରବି ଟକିଜ ସ୍ଥିତ ସାଇ କିଡ୍ସ ପ୍ଲେ ସ୍କୁଲ ଓ ଡେ କେୟାର ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ୨୦୨୫ ଭଞ୍ଜକଳା ମଣ୍ଡପରେ



ଆନନ୍ଦ ଘନ ମାହୋଲରେ ପାଳିତ ହୋଇଛି । ଶିଶୁ ମାନଙ୍କ ପ୍ରତିଭା ପ୍ରଦର୍ଶନ ଓ ଶିକ୍ଷା ସଂସ୍କୃତିର ସୁନ୍ଦର ସମନ୍ୱୟ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା । ବାର୍ଷିକ ଉତ୍ସବର ବିଶେଷ ଆକର୍ଷଣ ଥିଲା "ସାଇ ସ୍ମୃତି ସମ୍ମାନ"-୨୦୨୫ ,ଯେଉଁଠାରେ ବିଭିନ୍ନ କ୍ଷେତ୍ରରେ ଦକ୍ଷ ଓ ପ୍ରତିଭା ଶାଳୀଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଉଦଘାଟକ ଭାବେ ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ,ମୁଖ୍ୟ ଅତିଥି ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ବାବୁ ସିଂ , ମୁଖ୍ୟ ବକ୍ତା ଭାବେ ମେୟର ସୁଲୋଚନା ଦାସ ଓ ଓଡିଶା ଗୋସେବାର ଅଧ୍ୟକ୍ଷ ପ୍ରଦୀପ୍ତ ତ୍ରିପାଠୀ ,ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ଓ ବିରଞ୍ଚି ନାରାୟଣ ମହାସୁପକର ସହିତେ ଅନେକ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଶୋଭାୟମାନ କରିଥିଲେ କାର୍ଯ୍ୟକ୍ରମର ଅଂଶ ଭାବେ ଆୟୋଜିତ ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନୀ ,ନୃତ୍ୟ , ସଙ୍ଗୀତ ଓ ପ୍ରତିଯୋଗିତା ଶିଶୁ ମାନଙ୍କ ସୃଜନ ଶୀଳତାକୁ କେନ୍ଦ୍ରସ୍ଥାନ ଦେଇଥିଲା । ସ୍କୁଲ ର ନିର୍ଦ୍ଦେଶକ ରବି ନାରାୟଣ ମହାରଣା ସମସ୍ତଙ୍କୁ କୃତଜ୍ଞତା ଜଣାଇ ମତ ପ୍ରଦାନ କରିଥିଲେ ଯେ ପିଲା ମାନଙ୍କ ମାନସିକ,ବୌଦ୍ଧିକ ଓ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ .ଏହି ଉତ୍ସବକୁ ପରିଚାଳନା କରିଥିଲେ ସ୍କୁଲର ଅଧ୍ୟକ୍ଷ ଶ୍ରୀମତି ସ୍ମୃତିସୁଧା ପଟ୍ଟନାୟକ , ଶିକ୍ଷୟିତ୍ରୀ ଅଞ୍ଜଳି ଦାସ, ଦିପ୍ତିଶିଖା ମହାନ୍ତି, ଲାଡଲି ପଣ୍ଡା ,ରଶ୍ମିତା ସେନାପତି , ଜ୍ୟୋତ୍ସ୍ନା ଆଚାର୍ଯ୍ୟ,ସୋମ ଗୋସ୍ୱାମୀ. ଶିକ୍ଷୟିତ୍ରୀ ମଧୁସ୍ମିତା ମହାକୁଡ ସ୍ୱାଗତ ଭାଷଣ ପ୍ରତିପାଦନ କରିଥିଲେ ଏବଂ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ ସର୍ବଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରି ଉତ୍ସବର ଶୁଭ ସମାପନ କରିଥିଲେ ।

## କାନାରା ବ୍ୟାଙ୍କ ପକ୍ଷରୁ ଜାତୀୟ-ସ୍ତରୀୟ ବ୍ୟବସାୟ କୌଶଳ ବୈଠକ

ଭୁବନେଶ୍ୱର (ସବ୍ୟୁ): କାନାରା ବ୍ୟାଙ୍କ ଦ୍ୱାରା ପବିତ୍ର କ୍ଷେତ୍ର ପୁରୀରେ ୧୨ ଡିସେମ୍ବର ଠାରୁ ୧୪ ଡିସେମ୍ବର ପର୍ଯ୍ୟନ୍ତ ଜାତୀୟ-ସ୍ତରୀୟ ବ୍ୟବସାୟ କୌଶଳ ବୈଠକ (ନ୍ୟାସନାଲ୍ ଲେଭେଲ୍ ବିଜନେସ୍ ଷ୍ଟ୍ରାଟେଜି ମିଟ୍) ଆୟୋଜିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ମ୍ୟାନେଜିଂ ଡିରେକ୍ଟର ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. ସତ୍ୟନାରାୟଣ ରାଜୁଙ୍କ ସହିତ ବ୍ୟାଙ୍କର ସମସ୍ତ ଚାରିଜଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୨୫୦ ଜଣ ବରିଷ୍ଠ ଅଧିକାରୀ ଏହି ବୈଠକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଏମ୍‌ଡି ଓ ସିଇଓ ସହିତ ଶୀର୍ଷ ଅଧିକାରୀମାନେ ପୁରୀ ଶ୍ରୀମନ୍ଦିରରେ ପବିତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ବ୍ୟାଙ୍କର କର୍ପୋରେଟ୍ ସୋସିଆଲ୍ ରେସ୍ପନ୍ସିବିଲିଟି (ଉଝଜ) ପଦକ୍ଷେପର ଅଂଶ ସ୍ୱରୂପ, ଏମ୍‌ଡି ଓ ସିଇଓ କେ. ସତ୍ୟନାରାୟଣ ରାଜୁ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଏକ ବୃହତ୍ ଏଲ୍‌ଇଡି ଡିସପ୍ଲେ ବୋର୍ଡ ଦାନ କରିଛନ୍ତି। ଏହି ଏଲ୍‌ଇଡି ଡିସପ୍ଲେ ମାଧ୍ୟମରେ ପୂଜା ସମୟସୂଚୀ, ଉତ୍ସବ ସମ୍ବନ୍ଧୀୟ ସୂଚନା ଓ ଭକ୍ତମାନଙ୍କ ପାଇଁ ଆବଶ୍ୟକୀୟ ତଥ୍ୟ ପ୍ରଦର୍ଶିତ ହେବ, ଯାହା ଭକ୍ତମାନଙ୍କ ସୁବିଧାରେ ଉପକୃତ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଏସଡି ହେମନ୍ତ ପାହୀ ,ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ବେହେରା କାନାରା ବ୍ୟାଙ୍କର ଏହି ସେବାର ପ୍ରଶଂସା କରିଥିଲେ । ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀ ରାଜୁ ବ୍ୟାଙ୍କ ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାରେ ଏହାର ଶାଖା ନେଟୱାର୍କ୍ ମାଧ୍ୟମରେ ସେବା ପ୍ରଦାନ କରି ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ନିଜକୁ ସାମିଲ କରିପାରିଛି ବୋଲି କହିଥିଲେ । ଏହି ଜାତୀୟ-ସ୍ତରୀୟ କାର୍ଯ୍ୟକ୍ରମ ମାଧ୍ୟମରେ କାନରା ବ୍ୟାଙ୍କ ଆଗାମୀ ବ୍ୟବସାୟ ଯୋଜନା, ସେବା ଗୁଣାତ୍ମକତା ବୃଦ୍ଧି ଏବଂ ଗ୍ରାହକ କେନ୍ଦ୍ରିକ ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବାର ଲକ୍ଷ୍ୟ ନିର୍ଦ୍ଧାରଣ କରିଛି।

### ରୋଟାରୀ କ୍ଲବ କଟକ ମିଲେନିୟମ ପକ୍ଷରୁ

## ରୋଟାରୀ ଜିଲ୍ଲା ୩୨୬୨ର ସିଏସଆର ସେମିନାର

କଟକ, (ସ୍ୱପ୍ର): ରୋଟାରୀ କ୍ଲବ କଟକ ମିଲେନିୟମ ପକ୍ଷରୁ ରୋଟାରୀ ଜିଲ୍ଲା ୩୨୬୨ର ସିଏସଆର ସେମିନାର ମାନବତା ଭୁବନେଶ୍ୱର ସ୍ଥିତ ରେଲୱେ ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନାଲକୋର ପୂର୍ବତନ ନିର୍ଦ୍ଦେଶକ ଓ ବେଦାନ୍ତ ଲିମିଟେଡ଼ର ସଭାପତି ତପନ କୁମାର ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ହୋଷ୍ଟ କ୍ଲବ୍ ରୋଟାରୀ କ୍ଲବ ଅଫ କଟକ ମିଲେନିୟମର ସଭାପତି ସୁ ଧୀର କୁମାର ରଥ, ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ମନୋଜ ତ୍ରିପାଠୀ ସିଏସଆର୍ ଗ୍ରାଣ୍ଟ ଓ ରୋଟାରୀ ସେବା କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ । ଜିଲ୍ଲା ୩୨୬୨ର ସିଏସଆର୍ ଚେୟାର ସୌରଭ ବେହେରା, ସେମିନାରର ଉଦ୍ଦେଶ୍ୟ ଓ ରୋଟାରୀ କ୍ଲବ୍‌ର ଭୂମିକା ବିଷୟରେ ମନ୍ତବ୍ୟ ରଖିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ବିଧାୟକ ସୁଶାନ୍ତ ରାଉତ ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଲିମିଟେଡର ସଭାପତି ସିଏସଆର୍ ପ୍ରଶାନ୍ତ କୁମାର



ହୋତା, ଓଏଚପିସିର ଏଚଆର୍ ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ଅଂଶ ଗ୍ରହଣକାରୀ ସମସ୍ତ କର୍ପୋରେଟ ମାନଙ୍କୁ ଜିଲ୍ଲା ୩୨୬୨ ତରଫରୁ ସମ୍ମାନିତ ଓ ମାନପତ୍ର ପ୍ରଦାନ କରା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କୁମାର ମହାନ୍ତି, ପ୍ରଥମା ପ୍ରିୟଦର୍ଶନ ମହାପାତ୍ର, ତନୟ ମହାନ୍ତି ଓ ତ୍ରିନାଥ ଲେଙ୍କା ସିଏସଆର୍ ଫଣ୍ଡିଂର ବିଭିନ୍ନ ଦିଗ ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ରୋଟାରିଆନ ସମ୍ବିତ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ୩୨୬୨ ର ସେକ୍ରେଟାରୀ ଜେନେରାଲ ରୋଟାରିଆନ ସୁରେଶ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ହୋଷ୍ଟ କ୍ଲବ୍ ରୋଟାରୀ କ୍ଲବ ଅଫ କଟକ ମିଲେନିୟମର ସଭାପତି ସୁଧୀର କୁମାର ରଥଙ୍କ ଦ୍ୱାରା ସଭା ସମାପନ କରାଯାଇଥିଲା । ରୋଟାରିଆନ ଶୁଭ୍ରା ପାତ୍ରୋ ସଭା ପରିଚାଳନା କରିଥିଲେ ।

### ବିସିଏସି ଓ ଏମସିଏଲ ପକ୍ଷରୁ

## ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଆୟୋଜିତ

ପୁରୀ, (ସବ୍ୟୁ): ପ୍ରତିବର୍ଷ ପରି ଚଳିତ ବର୍ଷ ଭୁବନେଶ୍ୱର ସାଇକେଲିଂ ଏବଂ ଆଡଭେଞ୍ଚର କ୍ଲବ (ବିସିଏସି) ପକ୍ଷରୁ ରବିବାର ସକାଳେ ମଙ୍ଗଳା ନଦୀ ଶାମୁକା ବିଚ୍ ନିକଟରେ ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଏମସିଏଲ ସହଯୋଗରେ ଆୟୋଜିତ ହୋଇଛି। ଏଥି ମାରାଥନ ଦୌଡ଼ ପ୍ରତିଯୋଗୀତାରେ ପୁରୁଷ ଓ ମହିଳା ମିଶି ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଦୌଡ଼ଳୀ ଭାଗ ନେଇ ଥିଲେ। ପୁରୀ ବିଚ୍ ମାରାଥନ୍ ୨୦୨୫ କୁ ମଙ୍ଗଳା ନଦୀ ସମୁଦ୍ର ମୁହାଣରେ ଥିବା ଶାମୁକା ବେଳାଭୂମିରୁ ଅତିରିକ୍ତ ପୁଲିସ ଡ଼ିଜି ତଥା ବିସିଏସି ସଭାପତି ସଞ୍ଜୀବ କୁମାର ପଣ୍ଡା , ଲଳିତ ଦାସ, (ଅବସରପ୍ରାପ୍ତ ଆଇପିଏସ) , ପୁରୀ ଜିଲ୍ଲା ଏସପି ପ୍ରତୀକ ସିଂହ, ଅଜୟ କୁମାର ନନ୍ଦ, ସଚିବ ବିସିଏସି ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରି ଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଏବଂ ଆମେରିକା ଏବଂ ୟୁଏସ୍‌ଏରୁ କିଛି ପ୍ରସିଦ୍ଧ ଧାବକ ଏବଂ ଉଦୀୟମାନ ଖେଳାଳି ମାନଙ୍କ ଏକ ବିଶାଳ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଧାବକମାନେ ହୋଲ୍ଡିଂ-ଅପ୍ ଅଞ୍ଚଳରେ ଆରମ୍ଭ ସମୟ ପୂର୍ବରୁ ରିପୋର୍ଟ କରିଥିଲେ ଏବଂ ଜୁମ୍ବା ସହିତ ପ୍ରାକ୍ ବ୍ୟାୟାମ କରିଥିଲେ।

ପୁରୀ ବିଚ୍ ମାରାଥନରେ




ଦୁଇ ପ୍ରକାରର ଦୌଡ଼ ପାଠ୍ୟକ୍ରମ ଥିଲା। ହାଫ୍-ମାରାଥନ୍ ପାଠ୍ୟକ୍ରମ ମଙ୍ଗଳା ନଦୀ ସମୁଦ୍ର ମୁହଁର ଶାମୁକା ବେଳାଭୂମିରୁ ବାଲି ହାରଚଣ୍ଡି ବିଚ୍ ଏବଂ ଫେରିବା ପର୍ଯ୍ୟନ୍ତ ୧୦ . ୫୫ କିଲୋମିଟରର ଫେରିବା ରୁଟ୍ ଭାବରେ ଡିଜାଇନ୍ କରାଯାଇଥିଲା। ୭ କିଲୋମିଟର ମଜାଦାର ଦୌଡ଼ ଅଂଶଗ୍ରହଣକାରୀମାନେ ସମାନ ଆରମ୍ଭ ବିନ୍ଦୁରୁ ଆରମ୍ଭ କରି ବାଲିହରଚଣ୍ଡି ଆଡ଼କୁ ୩.୫ କିଲୋମିଟର ଦୂରତା ଅତିକ୍ରମ କରିଥିଲେ ଏବଂ ଏକ ୟୁ-ଟର୍ଣ୍ଣ ନେବା ପରେ ସମାନ ଆରମ୍ଭ ବିନ୍ଦୁକୁ ଫେରିଥିଲେ। ବ୍ୟାଣ୍ଡ ଏବଂ ଦର୍ଶକଙ୍କ ପ୍ରଶଂସାର ସ୍ୱରରେ, ଧାବକମାନେ ଖାଲି ପାଦରେ ଏବଂ ସ୍ନିକର୍ସ ମାଧ୍ୟମରେ ସେମାନଙ୍କର ପସନ୍ଦର ପଥ ସମାପ୍ତ କରିଥିଲେ। ବିସିଏସି ପ୍ରତି ୩. ୫ କିଲୋମିଟରରେ ରୁଟରେ ପାଣି ଏବଂ ସହାୟତା ଷ୍ଟେସନର ବ୍ୟବସ୍ଥା କରିଛି ଏବଂ ଧାବକମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱେଚ୍ଛାସେବକମାନେ ଉପସ୍ଥିତ ଥିଲେ। ବିସିଏସି ବିଜେତା ଏବଂ ପୋଡିୟମ ଫିନିସରମାନଙ୍କ ପାଇଁ ନଗଦ ପୁରସ୍କାର ପାଇଁ ମଧ୍ୟ ବ୍ୟବସ୍ଥା କରିଛି। ପୁରସ୍କାର ବ୍ୟତୀତ, ଅଂଶଗ୍ରହଣକାରୀ ମାନେ ସଫଳତାର ସହ ସମାପ୍ତି ପରେ ଏକ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଫିନିସର ପଦକ, ଇଭେଣ୍ଟ ଟି-ସାର୍ଟ ଏବଂ ଡିଜିଟାଲ୍ ପ୍ରମାଣପତ୍ର ପାଇଥିଲେ।

ବିଭିନ୍ନ ବର୍ଗର ବିଜେତାମାନେ ମୋଟ ୨.୨ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। ୨୧ କିଲୋମିଟର ହାଫ୍ ମାରାଥନ୍ ପାଇଁ ୫୦ ହଜାର ଟଙ୍କା ପ୍ରଥମ ପୁରସ୍କାର ଓଡ଼ିଶାର ଅଶୋକ ଦଣ୍ଡସେନାଙ୍କୁ ପ୍ରଦାନ କରାଯାଇଥିଲା - ଯିଏ ୦୧ ଘଣ୍ଟା ୧୬ ମିନିଟ୍ ୨୫ ସେକେଣ୍ଡ ସମୟ ସହିତ ଶେଷ କରିଥିଲେ। ସେହିପରି ଦ୍ୱିତୀୟ ପୁରସ୍କାର ୩୦ ହଜାର ଟଙ୍କା ପଶ୍ଚିମ ବଙ୍ଗର ଅନୁପମ ମହତା ସମୟ ୦୧ ଘଣ୍ଟା ୧୬ ମିନିଟ୍ ୨୮ ସେକେଣ୍ଡ ଓ ତୃତୀୟ ପୁରସ୍କାର ୨୦ ହଜାର ଟଙ୍କା ଫୁଲଧର ନେତାମ ଛତିଶଗଡ଼ର ୦୧ ଘଣ୍ଟା ୧୭ ମିନିଟ୍ ୦୬ ସେକେଣ୍ଡରେ ବିଜୟୀ ହୋଇ ଥିଲେ। ରାଜେଶ ପାଟିଲ, ସଚିବ ସମବାୟ, ଓଡ଼ିଶା ସରକାରଙ୍କ ସହିତ ସଞ୍ଜିବ ପଣ୍ଡା, ଅତିରିକ୍ତ ଡିଜି ଅଫ୍ ପୋଲିସ ତଥା ଅଧ୍ୟକ୍ଷ ବିସିଏସି, ଲଳିତ ଦାସ, ଅବସରପ୍ରାପ୍ତ , ଉପାଧ୍ୟକ୍ଷ , ଅଜୟ ନନ୍ଦ, ସଚିବ, ଶ୍ରୀ ଶିବାସିସ୍ ମହାନ୍ତି, କୋଷାଧ୍ୟକ୍ଷ, ଶ୍ରୀ ସୁଶାନ୍ତ ତ୍ରିପାଠି, ଏମସିଏଲ ଅଧିକାରୀ ଓ ସୌମ୍ୟ ଜୈନ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିସିଏସିର ସଭାପତି ସଞ୍ଜିବ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଜଣାଇ ଥିଲେ।

### ମୋ କଟକ ସୁରକ୍ଷା ମଞ୍ଚର ଷଷ୍ଠ ସ୍ୱନକ୍ଷତ୍ର

## ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ବାରବାଟୀ ସମ୍ମାନ

କଟକ, (ସ୍ୱପ୍ର): ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ମୋ କଟକ ସୁରକ୍ଷା ମଞ୍ଚ 'ର ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ଯୋବ୍ରା ସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ



ପରିସରରେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ରୂପେ ମେୟର ସୁବାସ ସିଂହ, ସମ୍ମାନିତ ଅତିଥିରୂପେ ବିଧାୟକ ସାରଦା ପ୍ରସାଦ ପ୍ରଧାନ, ସୌଭିକ୍ ବିଶ୍ୱାଳ, ପ୍ରାକ୍ତନ ବିଧାୟକ ଇଂ ମହମ୍ମଦ ମୋକିମ୍, ବିଜେପି ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ, ଓଡିଶା ସୂଚନାଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଯୁବ ସମାଜସେବୀ ଇଂ ପ୍ରଦୀପ ବେହେରା, ବ୍ରଜ ନନ୍ଦ, ବିଜେଡି କଟକଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ମଞ୍ଚ ଉପଦେଷ୍ଟା ଅଶୋକ କୁମାର ମହାନ୍ତି, କ୍ଷୀରୋଦ କୁମାର ସାହୁ, ଯୁବସମାଜସେବୀ ଦେବକୁମାର ନାଥ, ସମାଜସେବୀ ଭଗବାନ ବିଶ୍ୱାଳ, ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁ, କର୍ପୋରେଟର ଲିଜାରାଣୀ ରାଉତ, ସନ୍ତୋଷ ଭୋଳ, ସସ୍ମିତା ଦାସ୍, ଡ.ଅଭୟ ରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ସୂର୍ଯ୍ୟବଂଶୀ ପ୍ରମୁଖ ଯୋଗ ଦେଇଥିଲେ । କୁନି ନୃତ୍ୟଶିଳ୍ପୀ ସାନଭିକା ମହାରଣାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଅତିଥିଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହ କଣ୍ଠଶିଳ୍ପୀ କୁମାର ଜାନୁଙ୍କ ସୁମଧୁର କଣ୍ଠରେ ଗୀତ ପରିବେଷଣ କରାଯାଇଥିଲା । ଏଥିରେ କୃତି ଛାତ୍ରଛାତ୍ରୀ, ସାମାଜିକ ସଙ୍ଗଠନ, ସୂଚନାଅଧିକାର କର୍ମୀ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, କର୍ପୋରେଟର, ସାହି ମୁରବୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ସମାଜସେବୀ ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ଅନୁଷ୍ଠାନ ପକ୍ଷରୁ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ କୁନିପ୍ରତିଭା ଜ୍ୟୋତିକ୍ଷା ସାହୁ, ବିଶ୍ୱଜିତ ରାୟ, ହେମନ୍ତ ନାୟକ, ପ୍ରିୟଦର୍ଶିନୀ ପ୍ରଧାନ, ବିସ୍ମିତା ରାୟ, ରଶ୍ମିତା ସାହୁ, ମୁକୁଳିତା ମହାରଣା, ନର୍ମଦା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମଞ୍ଚ ସଭାପତି ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଙ୍ଗୋପସାଗରରେ ୨୫୨୦ କିମି ଅଞ୍ଚଳକୁ ସିଲ୍ କଲା ଭାରତ

ନୂଆଦିଲ୍ଲୀ ୧୪।୧୨: ରଣନୈତିକ ରୂପେ ଗୁରୁତ୍ୱପୂର୍ଣ୍ଣ ବଙ୍ଗୋପସାଗରରେ ଭାରତ ଏକ ବ୍ୟାପକ କ୍ଷେତ୍ରରେ ନୋ ଫ୍ଲାଏ ଓ ନୋ-ସିପ୍ ଜୋନ ଘୋଷଣା କରିଛି। ଏ ନେଇ ପାଖାପାଖି ୨୫୨୦ କିଲୋମିଟର କ୍ଷେତ୍ର ଉପରେ ନୋଟିସ୍ ଟୁ ଏୟାରମେନ (ଏନଓଟିଏମ) ଜାରି ହୋଇଛି। ଏହାର ଅର୍ଥ ହେଉଛି ଧାର୍ଯ୍ୟ ତାରିଖ ଓ ସମୟ କାଳରେ ଏହି ଅଞ୍ଚଳରେ ନା ତ କୌଣସି ସିଭିଲ ଅଥବା ବ୍ୟବସାୟିକ ବିମାନ ଉଡାଣ କରିବ ନା କୌଣସି ପାଣି ଜାହାଜ ଯିବା ଆସିବେ କରିବେ।



ଏହି ପଦକ୍ଷେପର ଉଦ୍ଦେଶ୍ୟ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ଓ କୌଣସି ପ୍ରକାରର ସମ୍ଭାବିତ ବିପଦକୁ ଏଡାଇବା। ସୁରକ୍ଷା ଏଜେନ୍ସୀଙ୍କ ଅନୁସାରେ ଏହି ନୋଟିସ୍ ୧୭ରୁ ୨୦ ଡିସେମ୍ବର ପ୍ରଭାବୀ ରହିବ ଓ ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଘୋଷଣା ଏକ ଏପରି ସମୟରେ କରାଯାଇଛି ଯେତେବେଳେ ପଡୋଶୀ ପାକିସ୍ତାନ ଓ ବାଂଲାଦେଶ ପରିସ୍ଥିତି ସମ୍ବେଦନଶୀଳ ରହିଛି। ନିକଟରେ ବାଂଲାଦେଶରେ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରେ ନିଆଁ ଲଗାଇ ଦିଆଯାଇଥିବାର ସୂଚନା ମିଳିଛି। ଅନ୍ୟ ପଟେ ପାକିସ୍ତାନରେ ଗୁଇନ୍ଦା ଏଜେନ୍ସୀ ଆଇଏସଆଇର ପୂର୍ବତନ ମୁଖ୍ୟଙ୍କୁ କୋର୍ଟ ମାର୍ଶଲ କରାଯାଇଛି।

ସୂତ୍ର ଅନୁସାରେ ଏହି ନୋ ଫ୍ଲାଇ ଓ ନୋ ସିପ୍ ଜୋନ ଘୋଷଣାର ମୁଖ୍ୟ କାରଣ ହେଉଛି ଡିଆରଡିଓ ଦ୍ୱାରା ପ୍ରସ୍ତାବିତ ମିଜାଇଲ ପରୀକ୍ଷଣ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁସାରେ ଏହି ପରୀକ୍ଷଣ କେ-୪ବୁଡାଜାହାଜରୁ ଏକ ବାଲିଷ୍ଟିକ୍ ମିଜାଇଲର ହୋଇପାରେ। କେ-୪ ଏକ ଆଧୁନିକ କଠିନ ଇନ୍ଧନ ଆଧାରିତ କ୍ଷେପଣାସ୍ତ୍ର। ଏହାକୁ ଅଗ୍ନି-୩ଟେକନିକରେ ବିକଶିତ କରାଯାଇଛି। ଏହାର ଉଦ୍ଦେଶ୍ୟ ଭାରତକୁ ପରମାଣୁ ତ୍ରିକୋଣ ଜଳ, ସ୍ଥଳ ଓ ବାୟୁ କୁ ଅଧିକ ମଜଭୁତ କରିବା।

ଆଇଏନଏସ ଏରିହନ୍ତ ଓ ଆଇଏନଏସ ଅରିଘାତ ଭଳି ପରମାଣୁ ବୁଡାଜାହଜରେ ପ୍ରତ୍ୟେକ ୪ଟି ଲେଖାଏଁ କେ-୪ ମିଜାଇଲ ମୁତୟନ ରହିଛି। ଆଗାମୀ ସମୟରେ ଏସ-୪ ଶ୍ରେଣୀର ଏହାର ସଂଖ୍ୟା ବଢାଇ ୮ କରିବାକୁ ଯୋଜନା ରହିଛି। କେ-୪ ମିଜାଇଲର ମାରକ କ୍ଷମତା କେ-୧୫ର ୭୫୦ କିଲୋମିଟର ରେଞ୍ଜଠାରୁ ଅନେକ ଗୁଣା ଅଧିକ। ଏଣୁ ଭାରତର ରଣନୈତିକ ଓ ପରମାଣୁ ପ୍ରତିରୋଧକ କ୍ଷମତାକୁ ଦୃଢତା ମିଳୁଛି। ଆଗାମୀ ପରୀକ୍ଷଣ ସଫଳ ହେଲେ ଡିଆରଡିଓ ଦ୍ୱାରା କେ-୪ ମିଜାଇଲକୁ ୟୁଜର ଟ୍ରାୟଲ ଓ ଏହାର ଅପରେସନାଲ କ୍ଷମତାକୁ ଚୂଡ଼ାନ୍ତ ପ୍ରମାଣିତ କରାଯିବ।

# ଦିଲ୍ଲୀ ପୋଲିସର କର୍ମଚାରୀଙ୍କୁ ଅବସର ଦିନ ମିଳିବ ସମ୍ମାନଜନକ ପଦବି

ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସର ହଜାରହଜାର ସରକାରୀ କର୍ମଚାରୀ ଏବଂ ଅଧିକାରୀଙ୍କ ପାଇଁ ଖୁସି ଖବର। ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭି.କେ. ସକ୍ସେନା କନଷ୍ଟେବଲରୁ ସବ-ଇନସ୍ପେକ୍ଟର ପର୍ଯ୍ୟନ୍ତ ପୁଲିସ କର୍ମଚାରୀଙ୍କୁ ଅବସର ଦିନରେ ସମ୍ମାନଜନକ ପଦବି ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ୮୮,୦୦୦ ରୁ ଅଧିକ ଦିଲ୍ଲୀ ପୁଲିସ କର୍ମଚାରୀ ଉପକୃତ ହେବେ ବୋଲି ଆଶା ରଖାଯାଇଛି।

୨୦୨୫ ମଇରେ ଗୃହ ମନ୍ତ୍ରାଳୟ ସିଏପିଏଫ ଏବଂ ଆସାମ ରାଇଫଲ୍ସ ପାଇଁ ସମାନ ସମ୍ମାନଜନକ ପଦବୀ ମଞ୍ଜୁର କରିଥିଲା। ଏହି ପ୍ରସ୍ତାବ ପରେ ଦିଲ୍ଲୀ ପୁଲିସ ମଧ୍ୟ ସମାନ ପ୍ରସ୍ତାବ ଦାଖଲ କରିଥିଲା। ଯାହାକୁ ବର୍ତ୍ତମାନ ମଞ୍ଜୁରୀ ମିଳିଯାଇଛି। ସୂଚନାଯୋଗ୍ୟ, ଏହି ପଦୋନ୍ନତି ନାମମାତ୍ର କିନ୍ତୁ ଏହା ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠା ବହନ କରିବ। ସବ-ଇନସ୍ପେକ୍ଟରମାନେ ସମ୍ମାନଜନକ ଇନ୍ସପେକ୍ଟର ହେବେ। ସେହିପରି ଏଏସଆଇମାନେ ସବ-ଇନସ୍ପେକ୍ଟର, ହେଡ୍ କନଷ୍ଟେବଲମାନେ ଏଏସଆଇ, କନେଷ୍ଟବଲମାନେ ହେଡ୍ କନେଷ୍ଟବଲ ଭାବେ ମାନ୍ୟତା ପାଇବେ। ଏହି ସମ୍ମାନଜନକ ମାନ୍ୟତା କେବଳ ଅବସର ଦିନ ପ୍ରଦାନ କରାଯିବ, ଯାହା ଦ୍ୱାରା କର୍ମଚାରୀମାନେ ଗର୍ବର ସହିତ ଘରକୁ ଫେରିପାରିବେ।

ଆବେଦନ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ଆବଶ୍ୟକତା ସର୍ତ୍ତ ରହିଛି। ଅବସର ନେଉଥିବା ପଦବୀରେ ଅତି କମରେ ଦୁଇ ବର୍ଷ କାର୍ଯ୍ୟ କରିଥିବେ। ଗତ ପାଞ୍ଚ ବର୍ଷ ମଧ୍ୟରେ ଏକ ଭଲ କାର୍ଯ୍ୟଦକ୍ଷତା ରିପୋର୍ଟ ଥିବା ସହିତ ଚାକିରି ସମୟରେ କୌଣସି ବଡ଼ ଦଣ୍ଡ ମିଳି ନଥିବା ଆବଶ୍ୟକ। ଏହି ମାନଦଣ୍ଡ ପୂରଣ କରୁଥିବା ବ୍ୟକ୍ତିମାନେ ହିଁ ଏହି ସମ୍ମାନଜନକ ପଦବି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।

ଦିଲ୍ଲୀ ପୁଲିସରେ ମୋଟ ୮୮,୦୦୦ରୁ ଅଧିକ କର୍ମଚାରୀ ଅଛନ୍ତି ଏବଂ ଏହି ନିଷ୍ପତ୍ତି କନଷ୍ଟେବଲଙ୍କଠାରୁ ସବ-ଇନ୍ସପେକ୍ଟର ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ଏହାର ଅର୍ଥ ହେଉଛି ଅଧିକାଂଶ କନଷ୍ଟେବଲ ଏବଂ ତଳସ୍ତରର ଅଧିକାରୀମାନେ ଅବସର ପରେ ଏହି ସମ୍ମାନ ପାଇବେ। କୌଣସି ଆର୍ଥିକ ଲାଭ ନମିଳିଲେ ବି କର୍ମଚାରୀଙ୍କ ମନୋବଳକୁ ଦୃଢ଼ କରିବ ବୋଲି ଆଶା ରଖାଯାଇଛି।

# ନେପାଳରେ ହଟିବ ଭାରତୀୟ ମୁଦ୍ରା କଟକଣା

କାଠମାଣ୍ଡୁ : ନେପାଳ ରାଜନୀତିରେ ପରିବର୍ତ୍ତନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିଷ୍ପତ୍ତି ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କେ.ପି.ଶର୍ମା ଓଲି କ୍ଷମତାରୁ ହଟିବା ପରେ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଲା କାର୍କୀ ସରକାର ଭାରତୀୟ କରେନ୍ସୀକୁ ନେଇ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ନେପାଳ ଏବେ ୧୦୦ ଟଙ୍କାରୁ ଅଧିକମୂଲ୍ୟର ଭାରତୀୟ ନୋଟ୍ ଉପରେ ଜାରି କଟକଣା ହଟାଇବା ଦିଗରେ ଆଗକୁ ବଢୁଛି। କାଠମାଂଡୁରୁ ଆସୁଥିବା ସୂଚନା ଅନୁସାରେ ନେପାଳ ରାଷ୍ଟ୍ରୀୟ ବ୍ୟାଙ୍କ (ଏନଆରବି) ଖୁବ୍ ଶୀଘ୍ର ଏ ନେଇ ଅଧିକାରୀକ ନୋଟିସ୍ ଜାରି କରିପାରନ୍ତି। ଏହି ନୋଟିସ୍ ଜାରି ହେବା ପୂର୍ବରୁ ଏହାକୁ ନେପାଳ ଗେଜେଟରେ ପ୍ରକାଶିତ କରାଯିବ। ଏହା ପରେ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଙ୍କୁ ସର୍କୁଲାର ଜାରି କରାଯିବ। ଉଲ୍ଲେଖଯୋଗ୍ୟ ଯେ ଭାରତରେ ୨୦୧୬ ମସିହାରେ ନୋଟ ବନ୍ଦୀ ପରେ ନକଲୀ କରେନ୍ସୀ ଓ ସୁରକ୍ଷା ରିସ୍କକୁ ନଜରରେ ରଖି ନେପାଳ ସରକାର ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ଭାରତୀୟ ମୁଦ୍ରା ଉପରେ କଟକଣା ଜାରି କରିଥିଲେ।

ନେପାଳ ସରକାରଙ୍କର ଏହି ନିଷ୍ପତ୍ତି ସେତେବେଳେ ଭାରତ-ନେପାଳ ସୀମାପାର ଯାତାୟାତ, ପର୍ଯ୍ୟଟନ ଓ ବାଣିଜ୍ୟ ଉପରେ ପଡିଥିଲା। ଭାରତୀୟ ପର୍ଯ୍ୟଟକ ଓ ନେପାଳୀ ଶ୍ରମିକଙ୍କୁ ଅଳ୍ପ ମୂଲ୍ୟର ନୋଟ ବଣ୍ଡଲ ନେଇ ଯାତ୍ରା କରିବାକୁ ପଡୁଛି। ଏଣୁ ଅଜାଣତରେ ଅନେକ ଥର ନିୟମ ଉଲ୍ଲଂଘନ ହେଉଥିବା ବେଳେ ଗିରଫ ଓ ଜରିମନାର ସାମ୍ନା କରିବାକୁ ପଡୁଛି। ନେପାଳ ନ୍ୟାସନାଲ ବ୍ୟାଙ୍କ ମୁଖପାତ୍ର ଗୁରୁପ୍ରସାଦ ପୌଡେଲ କହିଛନ୍ତି ଯେ ଏହି ପ୍ରକ୍ରିୟା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି ଓ ଖୁବ୍ ଶୀଘ୍ର ଏହାକୁ ଲାଗୁ କରାଯିବ। ଏହି ପରିବର୍ତ୍ତନର ଏକ ବଡ଼ କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କର ଏକ ନିଷ୍ପତ୍ତି ଯୋଗୁ ହେବାକୁ ଯାଉଛି। ଆରବିଆଇ ନଭେମ୍ବର ୨୦୨୫ରେ ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ରେଗୁଲେସନରେ ସଂଶୋଧନ କରି ୧୦୦ରୁ ଅଧିକ ମୂଲ୍ୟର ୨୫ ହଜାର ଟଙ୍କାର ନୋଟ ସୀମାପାର ନେଇଯିବାକୁ ମଞ୍ଜୁରୀ ଦେଇଛନ୍ତି। ଏଣୁ ଆରବିଆଇଙ୍କ ଏହି ନିଷ୍ପତ୍ତି ଯୋଗୁ ନେପାଳ ଅର୍ଥ ବ୍ୟବସ୍ଥାକୁ ଲାଭ ମିଳିବ ବୋଲି ଆଶା କରାଯାଉଛି। ଖାସ କରି ପର୍ଯ୍ୟଟନ, ହୋଟେଲ ଇଣ୍ଡଷ୍ଟ୍ରି, ସୀମା ବ୍ୟାପାର ଓ କ୍ୟାସିନୋ ସେକ୍ଟରକୁ ଲାଭ ମିଳିବ। ଏହା ବ୍ୟତୀତ ଭାରତରେ କାମ କରୁଥିବା ୨୦ଲକ୍ଷରୁ ଅଧିକ ନେପାଳୀ ଶ୍ରମିକ ଓ କର୍ମଜୀବୀଏହି ନିଷ୍ପତ୍ତି ଆଶ୍ୱସ୍ତ କରିବ।ମୋଟ ଉପରେ ଓଲି ସରକାରଙ୍କ ପରେ ନେପାଳର ଏହି ପଦକ୍ଷେପ ଭାରତ-ନେପାଳ ସମ୍ପର୍କରେ ନୂଆ ଭରସା ଓ ବ୍ୟବହାରିକ ସହଯୋଗ ଦିଗକୁ ଇସାରା କରୁଛି।

# ଜଳବାୟୁ ପରିବର୍ତ୍ତନ : ଲୋପ ପାଇଯିବେ ୮ ହଜାର ପ୍ରଜାତି

ନୂଆଦିଲ୍ଲୀ: ଅଧିକ ଗରମ ଓ ଭୂମି ଉପଯୋଗରେ ପରିବର୍ତ୍ତନ ଯୋଗୁ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ସାରା ଦୁନିଆର ପ୍ରାୟ ୮ ହଜାର ପ୍ରଜାତିଙ୍କ ଉପରେ ବିଲୁପ୍ତ ହୋଇପାରନ୍ତି । ଏହି ତଥ୍ୟ ଏକ ଅଧ୍ୟୟନରେ ସାମନାକୁ ଆସିଛି । ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ନେତୃତ୍ୱରେ ଏକ ଅନ୍ତର୍ଜାତୀୟ ଟିମ୍ ଉଭୟଚର, ପକ୍ଷୀ, ସ୍ତନ୍ୟପାୟୀ ଓ ସରୀସୃପର ପ୍ରାୟ ୩୦,୦୦୦ ପ୍ରଜାତିଙ୍କ ଉପରେ ଅଧ୍ୟୟନ କରାଯାଇଥିଲା । ଗ୍ଲୋବାଲ୍ ଚେଞ୍ଜ ବାୟୋଲୋଜି ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ କୁହାଯାଇଛି ଯେ ୨୧୦୦ ସୁଦ୍ଧା, ଅତ୍ୟଧିକ ଗରମ ଏବଂ ଭୂମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ୭,୮୯୫ ମେରୁଦଣ୍ଡୀ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ରହିଛି । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟୟନ ଲେଖକ ରୁଟ୍ ଭାର୍ଡି କହିଛନ୍ତି, "ଆମର ଅଧ୍ୟୟନ ଏକାଧିକ ବିପଦର ସମ୍ଭାବ୍ୟ ପ୍ରଭାବକୁ ଏକକାଳୀନ ବିଚାର କରି ସେମାନଙ୍କର ସମ୍ଭାବ୍ୟ ପ୍ରଭାବକୁ ଭଲ ଭାବରେ ଆକଳନ କରିଛି । ଏହା ବିଶ୍ୱବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ଜୈବ ବିବିଧତା କ୍ଷତିକୁ ରୋକିବା ପାଇଁ



ବିଭିନ୍ନ ପ୍ରକାରର କାର୍ଯ୍ୟର ଆବଶ୍ୟକତାକୁ ଆହୁରି ଗୁରୁତ୍ୱାରୋପ କରେ ।" ଅଧ୍ୟୟନରେ ଚାରୋଟି ସ୍ଥିତି ଉପରେ ବିଚାର କରାଯାଇଥିଲା । ସବୁଠାରୁ ଖରାପ ସ୍ଥିତିରେ, ପ୍ରଜାତି ଏହାର ପରିସରର ୫୨ ପ୍ରତିଶତରେ ଅବନତିର ସମ୍ମୁଖୀନ ହୋଇପାରେ । ଭଲ ସ୍ଥିତିରେ କେବଳ ୧୦ ପ୍ରତିଶତ ପ୍ରଜାତି ପ୍ରଭାବିତ ହେବେ । ଜଳବାୟୁ ଏବଂ ଭୂମି ବ୍ୟବହାର ପରିବର୍ତ୍ତନର ମିଳିତ ପ୍ରଭାବ ସାହେଲ (ଯଥା, ସୁଦାନ, ଚାଦ୍ ଏବଂ ନାଇଜର), ମଧ୍ୟପ୍ରାଚ୍ୟ ଏବଂ ବ୍ରାଜିଲ ଭଳି ଅଞ୍ଚଳରେ ବିଶେଷ ଭାବରେ ଗୁରୁତର ହେବ ବୋଲି ଆକଳନ କରାଯାଇଛି । ଗବେଷକମାନେ ଉଲ୍ଲେଖ କରିଛନ୍ତି ଯେ ଏହି ଫଳାଫଳଗୁଡ଼ିକ ପୂର୍ବ ଅଧ୍ୟୟନ ସହିତ ସମାନ ରହିଛି । ଏହା ଦର୍ଶାଉଛି ଯେ ଭୂମି ବ୍ୟବହାର ଭବିଷ୍ୟତରେ ସର୍ବବୃହତ ପରିବର୍ତ୍ତନର ସମ୍ମୁଖୀନ ହେବ । ଯାହା ଜଳବାୟୁ ପରିବର୍ତ୍ତନକୁ ହ୍ରାସ ଏବଂ ଅନୁକୂଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିବ । ଗବେଷକମାନେ କହିଛନ୍ତି ଯେ ଏହି ଅଧ୍ୟୟନ ଭବିଷ୍ୟତର ଜୈବ ବିବିଧତାକୁ କିପରି ଗଭୀର ଭାବରେ ପରିବର୍ତ୍ତନ କରିପାରିବ ତାହା ଉପରେ ଆଲୋକପାତ କରି ନୀତି ନିର୍ଦ୍ଧାରଣ କରିପାରିବ । ଏହା ପାରସ୍ପରିକ ବିପଦଗୁଡ଼ିକୁ ଚିହ୍ନଟ ଏବଂ ହ୍ରାସ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରେ ।

# ପାର୍ଟି ଗଢିବେ ଲଟେରୀ କିଂଗ

ପୁଡୁଚେରୀ୧୪।୧୨: ଭାରତୀୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଂକେତ ମିଳୁଛି। ପୁଡୁଚେରୀରେ ଏକ ନୂଆ ରାଜନୈତିକ ପାର୍ଟି ଘୋଷଣା ହେବାକୁ ଯାଉଛି। ଏମିତିରେ ଭାରତରେ ରାଜନୈତିକ ଦଳମାନଙ୍କର ଉଦୟ ହୁଏ ଓ ଅଦିନରେ ହଜି ଯାଆନ୍ତି। ସ୍ୱାଧୀନତା ପରଠାରୁ କଂଗ୍ରେସ ଓ ବିଜେପି ଅଦଳବଦଳରେ ଦେଶରେ ଶାସନ ଚାଲିଛି। ଏହାର ଅସଲ କାରଣ ହେଉଛି ବଡ଼ ବ୍ୟବସାୟୀମାନଙ୍କ ସମର୍ଥନ। ସାଧାରଣତଃ ଛୋଟପାର୍ଟିମାନେ ପାଣ୍ଠି ଅଭାବରୁ ବେଶି ଦିନ ଚାଲି ପାରୁ ନାହାନ୍ତି। କାରଣ ଅଧିକାଂଶ ହାଇପ୍ରୋଫାଇଲ ବିଜନେସ୍ ମ୍ୟାନ ବଡ଼ ରାଜନୈତିକ ଦଳମାନଙ୍କୁ ପାଣ୍ଠି ଦେଉଛନ୍ତି।

ନୂଆ ପାର୍ଟି ଯୋଗୁ ଦେଶର ରାଜନୀତିରେ ବଡ଼ ପରିବର୍ତ୍ତନର ଆଶଙ୍କା ଏଥି ପାଇଁ କରାଯାଉଛି କାରଣ ଏହାକୁ ଲଟେରି କିଙ୍ଗ ଭାବେ ଜଣାଶୁଣା ସାଣ୍ଟିଆଗୋ ମାର୍ଟିନ ଲଞ୍ଚ କରିବାକୁ ଯାଉଛନ୍ତି। ଏହି ସେହି ମାର୍ଟିନ ଯିଏ ଗତବର୍ଷ ସବୁଠୁ ଅଧିକ ନିର୍ବାଚନୀ ବଣ୍ଡ କିଣିବା ଲାଗି ଚର୍ଚ୍ଚାକୁ ଆସିଥିଲେ। ସାଣ୍ଟିଆଗୋ ମାର୍ଟିନ ତାଙ୍କ ପୁଅ ଜୋସ୍ ଚାର୍ଲସ୍ ମାର୍ଟିନଙ୍କ ଲାଗି ଏକ ନୂଆ ରାଜନୈତିକ ପାର୍ଟି ଗଢିବାକୁ ଯାଉଛନ୍ତି। ପାର୍ଟିର ପର୍ଯ୍ୟାପ୍ତ ଫଣ୍ଡ ଯୋଗୁ ଆଗାମୀ କିଛି ସମୟରେ ଭାରତୀୟ ରାଜନୀତି ପ୍ରଭାବିତ ନ ହେବ ବୋଲି କୁହାଯାଇ ନ ପାରେ। ଫଣ୍ଡିଂ



ପାଇଁ ପାର୍ଟି ଆମ୍ ନିର୍ଭର ରହିବା ଯୋଗୁ ଦେଶର କୌଣସି ନିର୍ବାଚନକୁ ବି ପ୍ରଭାବିତ କରିପାରେ। ଉଲ୍ଲେଖଯୋଗ୍ୟ ଯେ ୧ ଏପ୍ରିଲ ୨୦୧୯ରୁ ୧୫ ଫେବୃଆରୀ ୨୦୨୪ ମଧ୍ୟରେ କେତେକ କମ୍ପାନୀ ୧୨,୧୫୫ କୋଟିରୁ ଅଧିକ ମୂଲ୍ୟର ନିର୍ବାଚନୀ ବଣ୍ଡ କିଣିଥିଲେ। ଏଥିରେ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ, କ୍ୱିକ୍ ସପ୍ଲାଇ ଚେନ ପ୍ରାଇଭେଟ ଲିମିଟେଡ, ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ, ହଲଦିଆ ଏନାର୍ଜୀ, ଧରିବାଲ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ ସମେତ କମ୍ପାନୀମାନଙ୍କ ନାମ ସାମ୍ନାକୁ ଆସିଥିଲା। ଏଥିରେ ସାଣ୍ଟିଆଗୋ ମାର୍ଟିନ ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ ପ୍ରାଇଭେଟ ଲିମିଟେଡର ମାଲିକ ଅଟନ୍ତି। ରିପୋର୍ଟ ଅନୁସାରେ ମାର୍ଟିନ ୨୦୧୯ ଜାନୁୟାରୀ ୨୦୨୪ ମଧ୍ୟରେ ୧ଶହ ୬୮ ହଜାର କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ କିଣିଥିଲେ। ସୂଚନା ଅନୁସାରେ ମାର୍ଟିନଙ୍କ କମ୍ପାନୀ ସବୁଠୁ ଅଧିକ ତୃଣମୂଳ କଂଗ୍ରେସ (ଟିଏମସି)କୁ ୫୪୨ କୋଟି ଟଙ୍କା ଚାନ୍ଦା ଦେଇଥିଲା। ଏହା ମୋଟ ବଣ୍ଡର ପାଖାପାଖି ୩୯.୭% ଥିଲା। ଏହା ପରେ ମାର୍ଟିନଙ୍କ କମ୍ପାନୀ ଡିଏମକେକୁ ୫୦୩ କୋଟି ଟଙ୍କା ଚାନ୍ଦା ଦେଇଛି। ପରେ ୱାଇଏସଆର କଂଗ୍ରେସ ପାର୍ଟିକୁ ୧୫୪ କୋଟି ଓ ବିଜେପିକୁ ୧୦୦ କୋଟି ଟଙ୍କା ଚାନ୍ଦା ଦେଇଥିବାର ସୂଚନା ରହିଛି। ଏଣୁ ଏବେ ମାର୍ଟିନ ନିଜର ରାଜନୈତିକ ଦଳ ଗଢୁଥିବାରୁ ଏବେ ଏହି ସବୁ ପାର୍ଟିଙ୍କୁ ସିଧାସଳଖ କ୍ଷତି ହେବ।

### ସାଣ୍ଟିଆଗୋ ମାର୍ଟିନ କିଏ?

ସୂଚନା ଅନୁସାରେ ମାର୍ଟିନଙ୍କ ଜନ୍ମ ୧୯୬୧ ମସିହାରେ ଭାରତର ପୂର୍ବୋପକୂଳରେ ଆଣ୍ଡାମାନ ଦ୍ୱୀପ ସମୂହରେ ହୋଇଥିଲା। ଅଳ୍ପ ବୟସରୁ ସେ ମ୍ୟାଁମାରରେ ଦିନମଜୁରିଆ ଭାବେ କାମ କରିବା ଆରମ୍ଭ କରିଥିଲେ। ୧୯୮୦ ଦଶକରେ ମାର୍ଟିନ ଭାରତ ଫେରି ଆସିଥିଲେ। ଏଠାରେ ସେ ତାମିଲନାଡୁର ଏକ ଚା ଦୋକାନରେ କାମ କରିବାକୁ ଲାଗିଥିଲେ। ତାମିଲନାଡୁରେ ବିଶେଷ କରି ଗରିବଙ୍କ ମଧ୍ୟରେ ଲଟେରିକୁ ନେଇ ବେଶ୍ ଉତ୍ସୁକତା ରହିଛି। ଏହାକୁ ନଜରରେ ରଖି ମାର୍ଟିନଙ୍କ ମନକୁ ଲଟେରି ବେପାର ଆସିଥିଲା। ମାର୍ଟିନ କୋୟେମ୍ବାଟୁରରେ ପ୍ରଥମ ଦୋକାନ ଖୋଲିଥିଲେ। ମାତ୍ର କିଛି ବର୍ଷରେ ମାର୍ଟିନ ତାମିଲନାଡୁରେ ଲଟେରୀ ଟିକେଟ ବିକ୍ରେତାମାନଙ୍କୁ ପଛରେ ପକାଇ ସବୁଠୁ ବଡ଼ ବିକ୍ରେତା ପାଲଟି ଯାଇଥିଲେ।

# ୯୦ଦଶକର ଜେଲ ଯନ୍ତ୍ରଣା ଭୁଲିପାରୁନି ମସୁଦ

ନୂଆଦିଲ୍ଲୀ: ଭାରତୀୟ ଜେଲକୁ ମସୁଦ ଅଜହରର ଭୟ। ଭୁଲିପାରିନି ୯୦ ଦଶକର ଯନ୍ତ୍ରଣା। କଳାପାଣି ପରି ଦଣ୍ଡ। ମାଡ଼ କଥା ମନେପଡ଼ିଲେ ଦେହ ଥରୁଛି.... ଲୁହ ଗଡ଼ାଉଛି ଭାରତର ସବୁଠୁ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମସୁଦ ଅଜହର। ସୋସିଆଲ ମିଡିଆରେ ଭାଇରାଲ ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ମୁଖ୍ୟ ମସୁଦ ଅଜହରର ଏକ ଅଡିଓ କ୍ଲିପ୍ ଭାଇରାଲ ହୋଇଥିବା ଦାବି କରାଯାଇଛି। ଭାରତରେ କୁଖ୍ୟାତ ଆତଙ୍କୀଙ୍କୁ କିପରି କଳାପାଣି ଦଣ୍ଡ ଦିଆଯାଉଥିଲା, ଅଡିଓରେ ପ୍ରଥମ ଥର ପାଇଁ ସ୍ୱୀକାର କରିଛି ମସୁଦ। ଅଡିଓରେ ଅଜହର ଭାବପ୍ରବଣ ଏବଂ ଭୟଭୀତ ସ୍ୱରରେ ପୂରା କାହାଣୀ କହିଛି। 1990 ଦଶକରେ ମସୁଦ ଏବଂ ତାର ସାଥୀ କଏଦୀମାନେ ଜମ୍ମୁର ଉଚ୍ଚ ସୁରକ୍ଷାଯୁକ୍ତ ଭାଲୱାଲ ଜେଲରୁ ଖସିଯିବାକୁ ପ୍ଲାନ କରିଥିଲେ। ଏଥିପାଇଁ ସେମାନେ ଜେଲ ଭିତରେ ଧାରୁଆ ପଦାର୍ଥ ସଂଗ୍ରହ କରିଥିଲେ। କିଛି ସପ୍ତାହ ଧରି କଠିନ ପରିଶ୍ରମ କରିବା ପରେ ଏକ ସୁଡ଼ଙ୍ଗ ଖୋଳିଥିଲେ। ସୁଡ଼ଙ୍ଗ ପ୍ରାୟ ସମ୍ପୂର୍ଣ୍ଣ ହୋଇଯାଇଥିଲା। ଖସିଯିବାର ତାରିଖ ସ୍ଥିର ହୋଇସାରିଥିଲା, କିନ୍ତୁ ସେହି ଦିନ ଜେଲ ଅଧିକାରୀମାନେ ଏ ପ୍ଲାନ୍ ବିଷୟରେ ଜାଣିଦେଇଥିଲେ। ଯୋଜନା ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଗଲା। ସମସ୍ତଙ୍କୁ ବନ୍ଦୀ କରାଯାଇଥିଲା।

ବନ୍ଦୀ ହେବା ପରେ ଅଜହର ଏବଂ ତାଙ୍କ ସାଥୀମାନଙ୍କୁ ଦିଆଯିଇଥିଲା ଯମ ଦଣ୍ଡ। ଅଜହର ଏବଂ ତା ସାଥୀମାନଙ୍କୁ ପ୍ରବଳ ମାଡ଼ ମରାଯାଇଥିଲା ଏପରିକି ସେମାନଙ୍କ ସମଗ୍ର ଶରୀର ରକ୍ତରେ ଆଚ୍ଛାଦିତ ହୋଇଯାଇଥିଲା। ଦେହର ପ୍ରାୟ ଅଂଶ ରୁଟି ପରି ଫୁଲି ଯାଇଥିଲା। ସେମାନଙ୍କୁ ଖାଦ୍ୟ ଦେବାରୁ ବଞ୍ଚିତ କରାଯାଇଥିଲା। ଟଏଲେଟ୍ ଯିବାକୁ ଦିଆଗଲା ନାହିଁ। ଚବିଶ ଘଣ୍ଟା ସେମାନଙ୍କୁ ଶିକୁଳିରେ ବାନ୍ଧି ରଖାଯାଇଥିଲା। ଜେଲର ଦଣ୍ଡ ଏତେ କଠୋର ଥିଲା ଯେ ଦୈନନ୍ଦିନ ଜୀବନ ଅତ୍ୟନ୍ତ କଷ୍ଟକର ହୋଇପଡୁଥିଲା। ପଚରାଉଚରା ସମୟରେ ତାଙ୍କୁ ଶିକୁଳିରେ ବାନ୍ଧି ନିରନ୍ତର ନିର୍ଯାତନା ଦିଆଯାଇଥିଲା। ଅଧିକାରୀ ସେମାନଙ୍କୁ ବାରମ୍ବାର ଖୋଳିବା ଉପକରଣ ଏବଂ ସେଗୁଡ଼ିକ କେଉଁଠାରୁ ଆସିଲା ସେ ବିଷୟରେ ପଚାରିଥିଲେ। ଅଜହର କହିଛି ଏହି ଘଟଣାର ଭୟ ଏବଂ ମାନସିକ ଆଘାତ ଏବେ ବି ତାଙ୍କ ସହିତ ରହିଛି। ଏହି ସ୍ମୃତିଗୁଡ଼ିକୁ ବର୍ଣ୍ଣନା କରି ସେ ଭାଙ୍ଗି ପଡ଼ିଥିବା କହିଛି। କହିଛି ଯେ ଜେଲ ଅଧିକାରୀଙ୍କ ଭୟ ଏବେ ବି ତାଙ୍କୁ ଘାରି ରହିଛି।

# ମିଜୋରାମରେ ରେଳ ପରିବହନ ଅର୍ଥନୀତିକୁ ସୁଦୃଢ଼ କରିବ

ଆଇଜଲ : ପ୍ରଥମ ଥର ପାଇଁ ଏକ ସିଧାସଳଖ ଅଟୋମୋବାଇଲ ରେକ୍ ମିଜୋରାମର ସାଇରଙ୍ଗ ରେଳ ଷ୍ଟେସନରେ ପହଞ୍ଚିଛି । ଗୁଆହାଟୀର ଚାଙ୍ଗସାରିରୁ ଆସିଥିବା ଏହି ରେକରେ ୧୧୯ ଟି ମାରୁତି କାର ଥିଲା ।

ଏହି ଐତିହାସିକ ପଦକ୍ଷେପ ଆଇଜଲରେ ଯାନବାହାନ ଉପଲବ୍ଧତା ବୃଦ୍ଧି କରିବ, ଲମ୍ବା ସଡ଼କ ପରିବହନ ଉପରେ ନିର୍ଭରଶୀଳତା ହ୍ରାସ କରି ଏବଂ ଡିଲର୍, ସେବା ପ୍ରଦାନକାରୀ ଏବଂ ଗ୍ରାହକମାନଙ୍କ ସମେତ ମିଜୋରାମର ଅଟୋମୋବାଇଲ୍ କ୍ଷେତ୍ରକୁ ଲାଭ ଦେବ । ଏହାକୁ ରାଜ୍ୟର ଭିତ୍ତିଭୂମି ଏବଂ ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି । ଏହି ସଫଳତା ସଂଯୋଗ ବୃଦ୍ଧି, ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସାରା ଦେଶରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ।

ବୈରାବି-ସାଇରଙ୍ଗ ରେଳ ଲାଇନ ମିଜୋରାମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ମାଇଲଖୁଣ୍ଟ । ବିପଦପୂର୍ଣ୍ଣ ଭୂମିରେ ଅତ୍ୟନ୍ତ ସତର୍କତାର ସହ ନିର୍ମିତ ଏହି ଲାଇନ ୫୧.୩୮ କିଲୋମିଟର ଲମ୍ବ ଏବଂ ୪୫ଟି ସୁଡ଼ଙ୍ଗ ଦେଇ ଗତି କରେ। ଏହି ରେଳ ଲାଇନ ଦେଶର ଅନ୍ୟାନ୍ୟ ଅଂଶ ସହିତ ଏହି ଅଞ୍ଚଳର ରଣନୈତିକ ସଂଯୋଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩, ୨୦୨୫ରେ ଏହି ରେଳ ଲାଇନର ଉଦଘାଟନ କରିଥିଲେ। ଏହି ଅବସରରେ, ସେ ଆଇଜଲ (ସାଇରଙ୍ଗ) ଓ ଦିଲ୍ଲୀ (ଆନନ୍ଦ ବିହାର ଟର୍ମିନାଲ) ମଧ୍ୟରେ ରାଜଧାନୀ ଏକ୍ସପ୍ରେସ, ଆଇଜଲ (ସାଇରଙ୍ଗ) ଓ ଗୌହାଟି ମଧ୍ୟରେ ମିଜୋରାମ ଏକ୍ସପ୍ରେସ ତଥା ଆଇଜଲ (ସାଇରଙ୍ଗ) ଏବଂ କୋଲକାତା ମଧ୍ୟରେ ଏକ ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ଭାରତର ଜାତୀୟ ରେଳ ନେଟୱାର୍କରେ ମିଜୋରାମର ସଂପୂର୍ଣ୍ଣ ସଂଯୋଗୀକରଣକୁ ଦର୍ଶାଏ ।

ଏହି ନୂତନ ରେଳ ସେବା ପ୍ରତି ଯାତ୍ରୀମାନଙ୍କ ପ୍ରତିକ୍ରିୟା ଅତ୍ୟନ୍ତ ଉତ୍ସାହଜନକ ରହଛି । ତିନୋଟିଯାକ ଟ୍ରେନ ଯାତ୍ରୀଙ୍କ ପୂର୍ଣ୍ଣ ଉପସ୍ଥିତି ସହ ଚାଲୁଛି । ସାଇରଙ୍ଗ-ଆନନ୍ଦ ବିହାର ଟର୍ମିନାଲ ରାଜଧାନୀ ଏକ୍ସପ୍ରେସ ୧୪୭ ପ୍ରତିଶତ ଉପସ୍ଥିତି ସହ ଚାଲୁଥିବାବେଳେ ସାଇରଙ୍ଗ-ଗୌହାଟି ମିଜୋରାମ ଏକ୍ସପ୍ରେସ ୧୧୫ ପ୍ରତିଶତ ଏବଂ ସାଇରଙ୍ଗ-କୋଲକାତା ଏକ୍ସପ୍ରେସ ୧୩୯ ପ୍ରତିଶତ ଉପସ୍ଥିତିରେ ଚାଲୁଛି। ଏହି ଟ୍ରେନଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ, ମିତବ୍ୟୟୀ ଏବଂ ସମୟ ସଞ୍ଚୟକାରୀ ସାବ୍ୟସ୍ତ ହୋଇଛି। ରେଳ ସଂଯୋଗ ପ୍ରମୁଖ ସହର ଏବଂ ଆର୍ଥିକ କେନ୍ଦ୍ରଗୁଡ଼ିକୁ ଯାତ୍ରାକୁ ସହଜ କରିଛି, ଏବଂ ଆଖପାଖ ରାଜ୍ୟଗୁଡ଼ିକରେ ଶିକ୍ଷା ଏବଂ ଚିକିତ୍ସା ସୁବିଧାରେ ମଧ୍ୟ ଉନ୍ନତି ଆଣିଛି।

ଉଦଘାଟନ ପରେ ପରେ ହିଁ ବୈରାବି-ସାଇରଙ୍ଗ ଲାଇନରେ ମାଲ ପରିବହନ ଆରମ୍ଭ ହୋଇଯାଇଥିଲା। ଆସାମରୁ ଆଇଜଲକୁ ୨୧ଟି ସିମେଣ୍ଟ ୱାଗନ ବହନ




କରୁଥିବା ପ୍ରଥମ ମାଲ ପରିବହନ ଟ୍ରେନ ୧୪ ସେପ୍ଟେମ୍ବର, ୨୦୨୫ ରେ ଚାଲିଥିଲା। ସେବେଠାରୁ, ଏହି ରୁଟରେ ସିମେଣ୍ଟ, ନିର୍ମାଣ ସାମଗ୍ରୀ, ଯାନବାହାନ, ବାଲି ଏବଂ ପଥର ଖଣ୍ଡ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ କରାଯାଉଛି।

ସାଇରଙ୍ଗରୁ ପ୍ରଥମ ପାର୍ସଲ ମଧ୍ୟ ୧୯ ସେପ୍ଟେମ୍ବର, ୨୦୨୫ ରେ ବୁକ କରାଯାଇଥିଲା । ଏହା ମାଧ୍ୟମରେ ଆନ୍ଥୁରିୟମ୍ ଫୁଲକୁ ପାର୍ସଲ ଭ୍ୟାନ୍ (ସାଇରଙ୍ଗ-ଆନନ୍ଦ ବିହାର ଟର୍ମିନାଲ ରାଜଧାନୀ ଏକ୍ସପ୍ରେସ) ମାଧ୍ୟମରେ ଆନନ୍ଦ ବିହାର ଟର୍ମିନାଲକୁ ପରିବହନ କରାଯାଇଥିଲା।

ସେପ୍ଟେମ୍ବର ୧୭ରୁ ଡିସେମ୍ବର ୧୨, ୨୦୨୫ ମଧ୍ୟରେ ମୋଟ ୧୭ଟି ରେକ୍ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟକଳାପ ଦର୍ଶାଉଛି ଯେ ଏହି ଲାଇନ ଏକ ନିର୍ଭରଯୋଗ୍ୟ ଲଜିଷ୍ଟିକ୍ସ କରିଡରରେ ପରିଣତ ହେଉଛି, ପରିବହନ ଖର୍ଚ୍ଚ ହ୍ରାସ କରୁଛି ଏବଂ ମିଜୋରାମର ଅର୍ଥନୈତିକ ଏବଂ ଭିତ୍ତିଭୂମି ବିକାଶକୁ ସମର୍ଥନ କରୁଛି।

# ଜିଦ୍ ଛାଡିଲେ ଜେଲେନସ୍କି
## ରଖିଲେ ନୂଆ ସର୍ତ୍ତ

କିଭ୍ : ଋଷିଆ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା ପକ୍ଷରୁ ହେଉଥିବା ଉଦ୍ୟମରେ ଭୋଲଦେମୀର ଜେଲେନସ୍କି ଏକ ବଡ଼ ବୟାନ ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ନାଟୋ ସଦସ୍ୟତା ପାଇଁ ତାଙ୍କ ଜିଦ୍ ଛାଡିବାକୁ ରାଜି ହୋଇଛନ୍ତି। ଏଣୁ ଏବେ ଋଷିଆ-ୟୁକ୍ରେନ ମଧ୍ୟରେ ଶାନ୍ତି ବୁଝାମଣା ଆଗକୁ ବଢିବାର ଆଶା ଦୃଢ ହୋଇଛି। ଜେଲେନସ୍କିଙ୍କ ବୟାନ ଏକ ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପଙ୍କ ବିଶେଷ ଦୂତ ଋଷିଆ-ୟୁକ୍ରେନ ଶାନ୍ତି ଆଲୋଚନା ନେଇ ବାର୍ତ୍ତା ଲାଗି ବର୍ଲିନରେ ପହଞ୍ଚିଛନ୍ତି। 'ଫାଇନାନ୍ସିଆଲ ଟାଇମ୍ସ' ଅନୁସାରେ ଭୋଲୋଡେମୀର ଜେଲେନସ୍କି କହିଛନ୍ତି ଯେ ୟୁକ୍ରେନ ନାଟୋ ସଦସ୍ୟତା ଦାବି ଛାଡିବାକୁ ପ୍ରସ୍ତୁତ। ତେବେ ଏହା ବଦଳେ ଆମେରିକା ଓ ୟୁରୋପରୁ ସୁରକ୍ଷା ଗ୍ୟାରେଣ୍ଟି ମିଳୁ। ଜେଲେନସ୍କି ରବିବାର କହିଛନ୍ତି ଯେ ଆମେ କୌଣସି ବି ଯୋଜନା ବୁଝାମଣାରେ ସାମିଲ ହେବାକୁ ପ୍ରସ୍ତୁତ। ନାଟୋରେ ମଧ୍ୟ ଆମେ କଥା ମାନିବୁ କିନ୍ତୁ ୟୁକ୍ରେନକୁ ମଧ୍ୟ ଆମେରିକା ଓ ୟୁରୋପରୁ ସୁରକ୍ଷା ଗ୍ୟାରେଣ୍ଟି ଆବଶ୍ୟକ। ଜେଲେନସ୍କି କହିଛନ୍ତି ଯେ ଆମେ ୟୁକ୍ରେନ ଓ ଆମେରିକା ମଧ୍ୟରେ ଦ୍ୱିପକ୍ଷୀୟ ସୁରକ୍ଷା ଗ୍ୟାରେଣ୍ଟି ସମ୍ପର୍କରେ କହୁଛୁ। ଏହି ଗ୍ୟାରେଣ୍ଟି ନାଟୋର ଅନୁଚ୍ଛେଦ-୫ ଭଳି ହେବ, ଯାହା ଆକ୍ରମଣ ସ୍ଥିତିରେ କୌଣସି ସଦସ୍ୟ ଦେଶଙ୍କ ପାରସ୍ପରିକ ସୁରକ୍ଷାର ପ୍ରାବଧାନ କରିଥାଏ। ଅନ୍ୟପଟେ ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ଭିଟକଫ ଓ ଜେରେଡ କୁଶନର ୟୁକ୍ରେନ ଉପରେ ଋଷିଆକୁ ଫ୍ରଣ୍ଟ ଲାଇନ ଅଞ୍ଚଳ ଛାଡିବାକୁ ଚାପ ସୃଷ୍ଟି କରୁଛନ୍ତି। ଋଷିଆ କହିଛି ଯେ ସେ ୟୁକ୍ରେନ ଓ ୟୁରୋପର ସବୁ ପ୍ରସ୍ତାବକୁ ଅସ୍ୱୀକାର କରିଦେବ। ଏଣୁ ଏଥିରୁ ପ୍ରଶ୍ନ ଉଠୁଛି ଦୀର୍ଘ ୪ ବର୍ଷ ହେଲା ଜାରି ଯୁଦ୍ଧକୁ ଟ୍ରମ୍ପ ସମାପ୍ତ କରିପାରିବେତ? ଜେଲେନସ୍କି କହିଛନ୍ତି ଚଳିତ ସପ୍ତାହ ଆରମ୍ଭରେ ୟୁରୋପୀୟ ନେତାଙ୍କ ସହିତ ପରାମର୍ଶ ପରେ ପଠାଯାଇଥିବା ସଂଶୋଧିତ ପ୍ରସ୍ତାବ ଉପରେ ୱାସିଂଟନରୁ ଏ ପର୍ଯ୍ୟନ୍ତ କୌଣସି ଉତ୍ତର ମିଳି ନାହିଁ।

# ମମତାଙ୍କୁ ଗିରଫ କରାଯାଉ : ହିମନ୍ତ ବିଶ୍ୱଶର୍ମା

କୋଲକାତା : ଷ୍ଟାର ଫୁଟବଲର ଲିଓନେଲ ମେସିଙ୍କ ଭାରତ ଗସ୍ତକୁ ନେଇ ଚର୍ଚ୍ଚା ଜୋର । କୋଲକାତାରେ ତାଙ୍କୁ ଦେଖିବା ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା । ସଲ୍ଟ ଲେକ୍ ଷ୍ଟାଡିୟମକୁ ମେସି ଆସିଥିଲେ ବି ତାଙ୍କୁ ଦେଖିପାରିନଥିଲେ ଫ୍ୟାନ୍ସ । ମେସିଙ୍କ ଚାରିପାଖେ ନେତା ମନ୍ତ୍ରୀ ରହିଥିଲେ । ଫଳରେ ହଜାର ହଜାର ଟଙ୍କା ଦେଇ ଟିକେଟ୍ କାଟିଥିବା ଫ୍ୟାନ୍ସ ପ୍ରବଳ ପାଟିତୁଣ୍ଡ କରିବା ସହ ଷ୍ଟାଡିୟମରେ ଭଙ୍ଗାରୁଜା ମଧ୍ୟ କରିଥିଲେ ।

ତେବେ ଘଟଣାକୁ ନେଇ ବିବାଦରେ ଫସିଛନ୍ତି ମମତା ବାନାର୍ଜୀ । ଇଭେଣ୍ଟ୍ ମ୍ୟାନେଜିଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହାସହ ଟିକେଟ୍ କାଟିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ ନେଇ ଘୋଷଣା କରାଯାଇଛି । ତଥାପି ଅନିୟମିତତାକୁ ନେଇ ବ୍ୟାକଫୁଟରେ ମମତା ବାନାର୍ଜୀ । ଏପରିକିଦିଦିଙ୍କୁ ଗିରଫ କରାଯାଉ ବୋଲି ଆସାମ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ହିମନ୍ତବିଶ୍ୱଶର୍ମା କହିଛନ୍ତି । ହିମନ୍ତ କହିଛନ୍ତି ଯେ, ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ମେସିଙ୍କ କାର୍ଯ୍ୟକ୍ରମରେ ଭୁଶୁଡି ପଡିଥିଲା । ଭିଆଇପି କଲଚର



ପାଇଁ ସାଧାରଣ ଲୋକେ ନାନା ହଇରାଣ ହରକତ ହେଲେ । ଏଥିପାଇଁ ରାଜ୍ୟର ଗୃହମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାୟୀ । ମମତାଙ୍କ ସହ କୋଲକାତା ପୋଲିସ କମିଶନର ଗିରଫ ହେବା ଦରକାର । ପ୍ରଥମେ ମୁଖ୍ୟମନ୍ତ୍ରୀ ମମତାଙ୍କ ଉପରେ ଆକ୍ସନ୍ ନିଆଯିବା ଉଚିତ୍ । ସେ ଆହୁରି କହିଛନ୍ତି ଯେ, ଜୁବିନ ଗର୍ଗଙ୍କ ମୃତ୍ୟୁରେ ଆସାମ ରାସ୍ତାରେ ଲକ୍ଷ ଲକ୍ଷ ଲୋକେ ଏକାଠି ହୋଇଥିଲେ । କିନ୍ତୁ କୌଣସି ଅଘଟଣ ଘଟିନଥିଲା । ଆହୁରି ଅନେକ କାର୍ଯ୍ୟକ୍ରମରେ ହଜାର ହଜାର ଲୋକେ ସାମିଲ ହୋଇଛନ୍ତି । ରାଜ୍ୟରେ କିଛି ଅଘଟଣ ଘଟିନି । ମହାରାଷ୍ଟ୍ରରେ ମହିଳା ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା । ସେଠାରେ ମଧ୍ୟ ଶାନ୍ତିଶୃଙ୍ଖଳାରେ ସମସ୍ତ କାର୍ଯ୍ୟକ୍ରମ ସରିଥିଲା । କିନ୍ତୁ ପଶ୍ଚିମବଙ୍ଗ ଭଳି ରାଜ୍ୟରେ କିଛି କହିହେବ ନାହିଁ । ମମତା ଏଥିପାଇଁ ନିଜକୁ ଦାୟୀ କରିବା ଦରକାର ବୋଲି ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଇନୋଭାରେ କପ୍

# ଇନୋଭାରେ କ୍ଲାଉଡ୍ସ ଚାମ୍ପିଅନ



ଭୁବନେଶ୍ୱର, ୧୪।୧୨(ସବ୍ୟୁ) : ଇନୋଭାରେ କପ୍ ୨୦୨୫ ମେଗା କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇନୋଭାରେ କ୍ଲାଉଡ୍ସର ଚାମ୍ପିଅନ ହୋଇଛି। ରବିବାର ସିଭିରମଣ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଇନୋଭାରେ କ୍ଲାଉଡ୍ସର ଏବଂ ଏସଥ୍ରୀସି ଭେଟାଭେଟି ହୋଇଥିଲେ। ଏହି ମ୍ୟାଚରେ ଇନୋଭାରେ ୯୭ ରନରେ ବିଜୟଲାଭ କରିଛି। ଏହି ମ୍ୟାଚରେ ଇନୋଭାରେ କ୍ଲାଉଡ୍ସର ୨୦ ଓଭରରେ ୫ ୱିକେଟ୍ ହରାଇ ୧୯୨ ରନ୍ କରିଥିଲା। ଶୁଭ୍ରାଂଶୁ ୪୮ ରନ୍, ରାଜେଶ ୪୪ ରନ୍ ଏବଂ ହିମାଂଶୁ ୩୪ ରନ୍ କରିଥିଲେ। ଜବାବ୍‌ରେ ଏସଥ୍ରୀସି ୧୨.୪ ଓଭରରେ ୯୫ ରନ୍ କରି ଅଲଆଉଟ୍ ହୋଇଥିଲା। ଅଭିନାଶ ଭୂୟାଁ ସର୍ବାଧିକ ୧୭ ରନ୍ କରିଥିଲେ। ୩୪ ରନ୍ ସାଙ୍ଗକୁ ୨ ୱିକେଟ୍ ଅକ୍ତିଆର କରିଥିବା ହିମାଂଶୁ ପତିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ସେହିଭଳି ଇନୋଭାରେ କ୍ଲାଉଡ୍ସର ଅସ୍ମିତ ରାଉତଙ୍କୁ ଇମ୍ପ୍ୟାକ୍ଟ ପ୍ଲେୟାର ଓ ଶ୍ରେଷ୍ଠ ବୋଲର, ଟିସିଏସ୍‌ର ଜୟରାମ ରଥଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ୍ ଦ ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡିଶା କ୍ରିକେଟ୍ ଆସୋସିଏସନ୍ କୋଚ୍ କ୍ଷୀରୋଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରଣଜୀ କ୍ରିକେଟର ଅନୁରାଗ ଷଡଙ୍ଗୀ, ଭିପି ସୌରଭ ଦାଶ, ସିଟିଓ ମୋହର ମିଶ୍ର ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଧର୍ମଶାଳାରେ ବିଜୟ ଧ୍ୱଜା

## ଭାରତ ୨ - ୧ ଦ. ଆଫ୍ରିକା

ଧର୍ମଶାଳା, ୧୪।୧୨(ସବ୍ୟୁ) : ଟି -୨୦ ଶୃଙ୍ଖଳାର ତୃତୀୟ ମ୍ୟାଚରେ ଭାରତ ସବୁ ବର୍ଗରେ ପରାକ୍ରମ ଦେଖାଇଛି। ପ୍ରଥମେ ବୋଲର ଘାଣ୍ଟିଲେ, ପରେ ବ୍ୟାଟର ଅଭିଶେକ ଶର୍ମା, ଶୁଭମନ୍ ଗିଲ୍, ତିଲକ ବର୍ମା ଓ ଶିବମ୍ ଦୁବେ ଆକର୍ଷଣୀୟ ସଟ୍ ଖେଳି ଭ୍ରମଣକାରୀ ଦ.ଆଫ୍ରିକାକୁ ଧରାସାୟୀ କରିଛନ୍ତି। ତୃତୀୟ ମ୍ୟାଚରେ ଭାରତ ୭ ୱିକେଟ୍‌ରେ ବିଜୟ ଲାଭ କରି ଧର୍ମଶାଳାରେ ବିଜୟ ଧ୍ୱଜା ଉଡାଇଛି। ଏହି ମ୍ୟାଚରେ ଟସ୍ ହାରି ଦ.ଆଫ୍ରିକା ବ୍ୟାଟିଂ କରି ୨୦ ଓଭରରେ ୧୧୭ ରନ୍ କରି ଅଲଆଉଟ୍ ହୋଇଥିଲା। ଜବାବ୍‌ରେ ଭାରତ ୧୫.୫ ଓଭରରେ ୧୨୦/୩ ରନ୍ କରି ସହଜ ବିଜୟ ହାସଲ କରିଛି।

ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଏହି ଶୃଙ୍ଖଳାରେ ଦ୍ୱିତୀୟ ଥର ଟସ୍ ଜିତିଛନ୍ତି। ଧର୍ମଶାଳା ମ୍ୟାଚରେ ଟସ୍ ଜିତି ସୂର୍ଯ୍ୟ ଭ୍ରମଣକାରୀ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଆରମ୍ଭରୁ ଅର୍ଶଦୀପ ସିଂ ଓ ହର୍ଷିତ ରାଣା ୩୦ ରନ୍ ମଧ୍ୟରେ ୪ ୱିକେଟ୍ ଝଡାଇ ଦ.ଆଫ୍ରିକାକୁ ବ୍ୟାକଫୁଟକୁ ଠେଲି ନେଇଥିଲେ। କ୍ୱିଣ୍ଟନ ଡି କକ୍ ୧ ଅଧିନାୟକ ଆଦିନ ମାର୍କାମ୍ ୬୧, ଡୋନୋଭାନ୍ ଫେରେଇରା ୨୦ ଓ ଅନରିଚ ନୋର୍ଟେଜ୍ ୧୨ ରନ୍ କରିଥିଲେ। କେବଳ ୩ ଜଣ ଖେଳାଳି ଦୁଇ ଅଙ୍କ ଛୁଇଁଥିଲେ। ଅନ୍ୟମାନଙ୍କ ପ୍ରଦର୍ଶନ ଖୁବ୍ ନିରାଶଜନକ ଥିଲା। ତେଣୁ ଦ.ଆଫ୍ରିକା ୧୧୭ ରନ୍‌ରେ ସୀମିତ ରହିଛି। ଭାରତର ଅର୍ଶଦୀପ ସିଂ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ ଦୁଇଟି ଲେଖାଏଁ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ୍ ଦୁବେ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଛନ୍ତି। ପାଣ୍ଡ୍ୟା ଟି -୨୦ରେ ୧୦୦ ୱିକେଟ୍ ନେବାର ଗୌରବ ଅର୍ଜନ କରିଛନ୍ତି।




୧୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ଭଲ ଆରମ୍ଭ ପାଇଥିଲା। ଅଭିଶେକ ଶର୍ମା ଓ ଶୁଭମନ୍ ଗିଲ୍ ପ୍ରଥମ ୱିକେଟ୍ ପାଇଁ ୫.୨ ଓଭରରେ ୬୦ ରନ୍ ସଂଗ୍ରହ କରିଥିଲେ। ଅଭିଶେକ ୩୫ ଓ ଶୁଭମନ୍ ଗିଲ୍ ୨୮ ରନ୍ କରି ଆଉଟ୍ ହୋଇଥିଲେ। ତିଲକ ବର୍ମା ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୨୬ ରନ୍ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୨ ରନ୍ ଓ ଶିବମ୍ ଦୁବେ ୧୦ ରନ କରିଥିଲେ। ଏହି ବିଜୟ ସହ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨-୧ରେ ଅଗ୍ରଣୀ ହାସଲ କରିଛି।

## ସତ୍ୟବ୍ରତ - ତପନ ମେମୋରିଆଲ ଫୁଟବଲ

# ୟୁନିଟ୍ ୬ ଚାମ୍ପିଅନ

ଭୁବନେଶ୍ୱର, ୧୪।୧୨(ସବ୍ୟୁ) : କ୍ଲବ ୭୩ ଆନୁକୁଲ୍ୟରେ ୟୁନିଟ୍ ୧ ସ୍ଥିତ ଭୁବନେଶ୍ୱର ଫୁଟବଲ୍ ଏକାଡେମୀ ପଡିଆରେ ସତ୍ୟବ୍ରତ- ତପନ ମେମୋରିଆଲ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୟୁନିଟ୍ ୬ ଦଳ ୬-୫ ସଡନ୍ ଡେଥ୍ ଗୋଲରେ ଫାଓକୁ ପରାଜିତ କରି ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ଗୋଲ ଶୂନ୍ୟ ରହିଥିଲା। ତେଣୁ ଫଳାଫଳ ନିର୍ଣ୍ଣୟ ପାଇଁ ଟାଇପ୍ ରେକର୍ଡର ସହାୟତା ନିଆଯାଇଥିଲା। ଏହା ମଧ୍ୟ ବରାବର ହେବାରୁ ସଡନ୍ ଡେଥ୍‌ରେ ୟୁନିଟ୍ ୬ ଚାମ୍ପିଅନ ହେବା ସହ ବିଜେତା ଟ୍ରଫି ଓ ୨ ଲକ୍ଷ ଟଙ୍କା ପୁରସ୍କାର ଗ୍ରହଣ କରିଛି। ଫାଓ ଦଳ ଉପବିଜେତା ଟ୍ରଫି ସହ ୧ ଲକ୍ଷ ଟଙ୍କା, ସେମିଫାଇନାଲ ଦଳ ସମ୍ବଲପୁର ଏକାଡେମୀ ଓ ସନ୍‌ରାଇଜ୍‌କୁ ୨୫ ହଜାର ଟଙ୍କା,




ଆଶିଷ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦ ଟୁର୍ଣ୍ଣାମେଣ୍ଟ, ୨୦ ହଜାର ଟଙ୍କା, କାର୍ତ୍ତିକ ହନ୍ତାଳଙ୍କୁ ଶ୍ରେଷ୍ଠ ଫରୱାଡ ପୁରସ୍କାର ୧୦ ହଜାର ଟଙ୍କା, ଗୌରଭ ନେଗିଙ୍କୁ ଶ୍ରେଷ୍ଠ ମିଡ୍ ଫିଲଡର ପୁରସ୍କାର ୧୦ ହଜାର ଟଙ୍କା, ଅଭିନାଶ ମୁଦୁଲିଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ୧୦ ହଜାର ଟଙ୍କା, ଅଙ୍କିତ ଭୂୟାଁଙ୍କୁ ଶ୍ରେଷ୍ଠ ଗୋଲ କିପର ପୁରସ୍କାର ୧୦ ହଜାର ଟଙ୍କା, ଆଶିଷ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ୫ ହଜାର ଟଙ୍କା ଏବଂ ବିଜେତା ଦଳର କୋଚ୍ ଏ ଏ ଦାସଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଜେପି ବିଧାୟକ ଜୟନାରାୟଣ ମିଶ୍ର, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି , ୟୁନି ଲାଇଟ୍ ଏମଡି ବିଶ୍ୱଜିତ୍ ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଏବଂ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, କ୍ଲବ ୭୩ର ଅଧ୍ୟକ୍ଷ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# କିଟ୍ - କିସ୍‌ରେ

## ଭଲିବଲ୍ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୪/୧୨ (ସବ୍ୟୁ) : ଓଡ଼ିଶାରେ କିଟ୍ ଓ କିସ୍ ସହଯୋଗରେ ୨୦୨୬ରୁ ଲଗାତାର ୩ବର୍ଷ ଏଫ୍‌ଆଇଭିବି ବିଚ୍ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫଆଇଭିବି) ସଭାପତି ଫାବିଓ ଆଜେଭେଦୋ ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। କିଟ୍ ଓ କିସ୍‌ରେ ବ୍ୟାପକ ସୁବିଧା ଓ ଓଡ଼ିଶାର ମନୋରମ ପରିବେଶ ପାଇଁ ଆସନ୍ତା ୨୦୨୬, ୨୦୨୭ ଓ ୨୦୨୮ ବର୍ଷରେ କିଟ୍ ଓ କିସ୍ ସହଯୋଗରେ ଓଡ଼ିଶାରେ ଏଫ୍‌ଆଇଭିବି ବିଚ୍ ଭଲିବଲ୍ ଆୟୋଜିତ ହେବ ବୋଲି ଫାବିଓ ଘୋଷଣା କରିଥିଲେ। ଏଫଆଇଭିବି ସହଯୋଗରେ କିଟ୍ ଓ କିସ୍ ରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭଲିବଲ ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଓଡ଼ିଶା ଆସିଥିବା ଫାବିଓ କହିଲେ, ଭାରତ ତଥା ଓଡ଼ିଶାରେ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶ ଓ ମହିଳା ସଶକ୍ତିକରଣ ନିମନ୍ତେ ଏହି ମହାକୁମ୍ଭ ଆୟୋଜନ କରାଯାଇଛି। ୨୦୩୨ ସୁଦ୍ଧା ଭଲିବଲ୍ ମାଧ୍ୟମରେ ବିଶ୍ୱର ୧.୨ ବିଲିୟନ୍ ଲୋକଙ୍କୁ ଯୋଡ଼ିବା ଏଫ୍‌ଆଇଭିବି ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। କ୍ରୀଡ଼ା ବିଶେଷ କରି ଭଲିବଲ୍‌ର ଶକ୍ତି ମାଧ୍ୟମରେ ଲୋକଙ୍କୁ ଏକାଠି କରିବା ଓ ସେମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବଜାୟ ରଖିବା ଏଫ୍‌ଆଇଭିବିର ଉଦ୍ଦେଶ୍ୟ।ଏହି ସାମ୍ବାଦିକ ସମ୍ମିଳନୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଏଫଆଇଭିବି ସହିତ ଆମର ସହଭାଗିତା ଯୋଗୁଁ ଓଡ଼ିଶାକୁ ଏଭଳି କାର୍ମଶାଳା ଜରିଆରେ ବିଶ୍ୱସ୍ତରୀୟ ଦକ୍ଷତା ଅଣାଯାଇପାରିଛି। ଏଥିରେ ହଜାର ହଜାର ବାଳିକା ଓ ମହିଳାଙ୍କୁ ଭଲିବଲ୍‌ର ପରିବର୍ତ୍ତନକାରୀ ଶକ୍ତି ଅନୁଭବ କରିବାର ସୁଯୋଗ ସୃଷ୍ଟି କରିବ। କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ମହିଳା ସଶକ୍ତିକରଣ ଏବଂ ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ୍ ମହାକୁମ୍ଭର ଲକ୍ଷ୍ୟ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି ଅବସରରେ କିଟ୍, କିସ୍ ଓ ଏଫ୍‌ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଫାବିଓଙ୍କ ଦ୍ୱାରା ଏଫ୍‌ଆଇଭିବି- କିଟ୍, କିସ୍ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା। ଏହା ସହ ଶ୍ରୀ ସାମନ୍ତଙ୍କ ଉପସ୍ଥିତିରେ ଫାବିଓଙ୍କ ଦ୍ୱାରା ଏକ ସ୍ପୋର୍ଟ୍‌ସ ଜୋନ୍ ଉଦ୍‌ଘାଟିତ ହୋଇଥିଲା।ସୂଚନାଯୋଗ୍ୟ, ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ୪୦ ହଜାର ଛାତ୍ରଛାତ୍ରୀ ଦର୍ଶକଙ୍କ ଉପସ୍ଥିତିରେ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଭଲିବଲ୍ ମହାକୁମ୍ଭର ବିଭିନ୍ନ ଦିନରେ କିଟ୍ ଓ କିସ୍‌ର କନ୍ୟା




କିରଣ ପଦକ୍ଷେପର ଏକ ଅଂଶ ଭାବରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ମହିଳା ଭଲିବଲ୍ କୋଚଙ୍କୁ କର୍ମଶାଳା ଜରିଆରେ ପ୍ରଶିକ୍ଷଣ ସହ ସଶକ୍ତିକରଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦୦ ଅଂଶଗ୍ରହଣକାରୀଙ୍କ ବ୍ୟତୀତ ଭାରତ ସମେତ ବିଶ୍ୱର ୨୦୦ରୁ ଅଧିକ ଭଲିବଲ୍ ପ୍ରଶିକ୍ଷକ, ଖେଳାଳି ଏବଂ ବିଶେଷଜ୍ଞ ଏଥିରେ ଯୋଗ ଦେଇଥିଲେ। ସେମାନେ ଏଠାରୁ ତାଲିମ ପାଇ ନିଜ ଅଞ୍ଚଳରେ ଭଲିବଲ ଖେଳାଳିଙ୍କୁ ତାଲିମ ପ୍ରଦାନ କରିବେ। ଫଳରେ ଏହା ଦ୍ୱାରା ୫୦ ହଜାରରୁ ଊର୍ଦ୍ଧ୍ୱ ଭଲିବଲ ଖେଳାଳି ଉପକୃତ ହେବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ ପ୍ରଶିକ୍ଷକ ଜନ୍ କେସେଲ୍ ଏବଂ ଜାନା କୁଲାନ୍ ପ୍ରମୁଖ ୪ଟି ଇନ୍‌ଡୋର ଓ ୪୦ରୁ ଊର୍ଦ୍ଧ୍ୱ ଆଉଟଡୋର କୋର୍ଟରେ ଗତିଶୀଳ ଅନ-କୋର୍ଟ ତାଲିମ, ଉନ୍ନତ କୌଶଳ ଅଧିବେଶନ, ପ୍ରଶିକ୍ଷକ-ବିକାଶ ପ୍ରୟୋଗଶାଳା ଓ ଗଣ ଅଂଶଗ୍ରହଣ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ଏହି ଅବସରରେ ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ଯୁବ କଲ୍ୟାଣରେ ଭଲିବଲର ଭୂମିକା, ଭଲିବଲ୍ ଜରିଆରେ ତୃଣମୂଳସ୍ତରରେ ପରିବର୍ତ୍ତନ ଏବଂ ଭଲିବଲ୍ ମାଧ୍ୟମରେ ମହିଳା ସଶକ୍ତିକରଣ, ସମାନତା ଏବଂ ବିଶ୍ୱ ସଶକ୍ତିକରଣକୁ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଫାବିଓ ଆଜେଭେଡୋ, ଅଚ୍ୟୁତ ସାମନ୍ତ, ଅଭିଜିତ ବି, ଅଭିନବ ବିନ୍ଦ୍ରା, ଜନ୍ କେସେଲ୍ ଓ ଜାନା କୁଲାନ୍ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ।

## ନାଲକୋ ଓପନ୍ ଟେନିସ୍

# କବୀର, ସାଜଫା, ଶାଶ୍ୱତଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୧୪।୧୨(ସବ୍ୟୁ) : କବୀର ହଂସ, ଏସ୍‌କେ ସାଜଫା ଏବଂ ଶାଶ୍ୱତ ଜେନା ୨୪ତମ ନାଲକୋ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟର ଅଧିକାରୀ ହୋଇଛନ୍ତି। ରବିବାର କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ପକ୍ଷରୁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପୁରୁଷ ସିଙ୍ଗଲ୍ସ ଫାଇନାଲରେ କବୀର ୬-୪, ୬-୩ ସିଧାସଳଖ ସେଟ୍‌ରେ ପ୍ରତ୍ୟୁଷ ମହାନ୍ତିଙ୍କୁ ପରାଜିତ କରି ଚାମ୍ପିଅନ ହୋଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ କବୀର ଓ ତାଙ୍କ ସାଥି ଆଦିତ୍ୟ ସତପଥି ୪-୬, ୬-୩, ୧୦-୬ ସେଟ୍‌ରେ ଦେବାଶିଷ ସାହୁ ଓ ପ୍ରତ୍ୟୁଷ ମହାନ୍ତିଙ୍କୁ ଧରାସାୟୀ କରିବା ପରେ ଟାଇଟଲ ଜିତିଛନ୍ତି। ମହିଳା ସିଙ୍ଗଲ୍ସରେ ଏସକେ ସାଜଫା ଚାମ୍ପିଅନ ହୋଇଛନ୍ତି। ସେ ଉଭୟ ମହିଳା ସିଙ୍ଗଲ୍ସ ଓ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଏହି ସଫଳତା ପାଇଛନ୍ତି। ସେହିଭଳି ଶାଶ୍ୱତ ଜେନା ଓ ବିବେକ ତିୱେରିୱାଲ୍ ଭେଟେରାଲ୍ ୪୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଚାମ୍ପିଅନ ହୋଇଛନ୍ତି। ୫୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ଶାଶ୍ୱତ ଓ ଦୟାଳ ଗଙ୍ଗୱତ ଟ୍ରଫି ଜିତିଛନ୍ତି। ଅନ୍ୟ ସିଙ୍ଗଲ୍ସ ମୁକାବିଲା ଗୁଡିକରେ




ଆହନ ମିଶ୍ର, ସୁୟାସ ପଟ୍ଟନାୟକ ଓ ଏସକେ ସାଜଫା ଟ୍ରଫି ହାତେଇଛନ୍ତି। ପ୍ରତିଯୋଗିତାର ବିଜେତା ଓ ଉପବିଜେତା, ସେମିଫାଇନାଲ, କ୍ୱାର୍ଟର ଫାଇନାଲ ବର୍ଗ ପାଇଁ ୧୮ ହଜାର , ୧୨ ହଜାର , ୧୦ ହଜାର ଓ ୮ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ନାଲକୋ ସିଏମଡି ବିପି ସିଂ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଓଏମ୍‌ସି , ଡାଇରେକ୍ଟର ଏଚ୍‌ଆର୍ ଆଲୋକ କୁମାର ପାଲ, ବିଡିଟିଏ ସଭାପତି ସୁରେଶ ମହାପାତ୍ର ଓ ସମ୍ପାଦକ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।

# ଜାନୁଆରୀ ୪ ରୁ ପିପିଏଲ୍

ଭୁବନେଶ୍ୱର, ୧୪।୧୨(ସବ୍ୟୁ) : ରାଜ୍ୟର ଆଗ ଧାଡ଼ିର ଅର୍ଥ ବିଶେଷଜ୍ଞ ମାନେ ଏବଂ ବଡ଼ ବଡ଼ କମ୍ପାନୀ କାର୍ଯ୍ୟରତ ଅର୍ଥବିତ୍ ବୁଦ୍ଧିଜୀବୀମାନେ ମିଳିତ ଭାବେ ଏକ ବିଶିଷ୍ଟ ଧରଣର କ୍ରିକେଟ ଲିଗର ଆୟୋଜନ କରିବାକୁ ଯାଉଛନ୍ତି। ଏହି ଆୟୋଜିତ ଲିଗ୍ ହେଉଛି ପ୍ରଫେସନାଲ୍ ପ୍ରିମିୟର ଲିଗ୍ (ପିପିଏଲ୍)। ସେ ଏହାର ତୃତୀୟ ସଂସ୍କରଣର ଘୋଷଣା କରିଚନ୍ତି ଯାହା ଜାନୁଆରୀ ମାସ ୪ତାରିଖରୁ ଆରମ୍ଭ ହୋଇ ୧୦ତାରିଖ ମ୍ୟାଚ୍ର ଫାଇନାଲ ଖେଳ ହେବାର ସ୍ଥିର କରାଯାଇଛି। ଯାହାକୁ ଘୋଷଣା କମିଟି ସଦସ୍ୟ ରାଜ୍ୟର ଅର୍ଥବିତ୍ ମାନଙ୍କୁ ଆହ୍ୱାନ କରିବା ସହ ବହୁତ ଖୁସି ବ୍ୟକ୍ତ କରିଛନ୍ତି। ଏହା ଏକ ଉତ୍ସାହଜନକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାହା କେବଳ ଅର୍ଥବିତ୍ ଆକାଉଣ୍ଟାଣ୍ଟସ୍ (ସିଏ), କମ୍ପାନୀ ସେକ୍ରେଟାରୀସ୍ (ସିଏ ଏସ୍), ଏବଂ କଷ୍ଟ ଆଣ୍ଡ ୱାର୍କସ୍ ଆକାଉଣ୍ଟାଣ୍ଟସ୍ (ସିଡବ୍ଲୁଏଏସ୍) ପାଇଁ ଡିଜାଇନ୍ କରାଯାଇଛି। ଏହି ସିଜିନ୍ ଅବିଶ୍ୱସନୀୟ ଉତ୍ସାହ ଏବଂ ସମ୍ପୃକ୍ତ ସମସ୍ତଙ୍କ ଉତ୍ସାହୀ ଅଂଶଗ୍ରହଣରେ ପ୍ରଜ୍ୱଳିତ ହୋଇଛି।

ଏହି ବର୍ଷ ପ୍ରତିଯୋଗିତାରେ ପାଞ୍ଚଟି ଦଳ ଭାଗ ନେଇଛନ୍ତି। ମାର୍କେଟ୍ ମିଷ୍ଟର୍ସ, କ୍ୟାପିଟାଲ୍ ଚ୍ୟାଲେଞ୍ଜର୍ସ, ଆକାଉଣ୍ଟସ୍ ଆର୍ମି, ଟ୍ୟାକ୍ସ ଟାଇଟାନ୍ସ ଏବଂ ଫାଇନାନ୍ସ ଗ୍ଲାଡିଏଟର୍ସ ନାମରେ ଖେଳ ଆରମ୍ଭ ହେବ। ପ୍ରତ୍ୟେକ ଦଳ ନିଜ ନିଜ କ୍ଷେତ୍ରରେ ନିଜର ଅନନ୍ୟ ଦକ୍ଷ ଖେଳାଳି, ଯାହା ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଏବଂ ସୌହାର୍ଦ୍ଦ୍ୟରେ ପରିପୂର୍ଣ୍ଣ ଏକ ପରିବେଶ ସୃଷ୍ଟି କରିଥାଏ। ରନ ଏବଂ ୱିକେଟର ଉତ୍ସାହ ବ୍ୟତୀତ, ପିପିଏଲ୍ କ୍ରିକେଟର ମୂଳ ଲକ୍ଷ୍ୟକୁ ପୂରା କରିବାର ଆଶା ରଖିଛି। ବୃତ୍ତିଗତମାନଙ୍କ ମଧ୍ୟରେ କ୍ରୀଡାଭାବ, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ପାରସ୍ପରିକ ସମ୍ମାନକୁ ପୋଷଣ କରିବ। ମ୍ୟାଚ୍ ଗୁଡ଼ିକ ଜାନୁଆରି ମାସର ୪, ୯, ୧୦ ଏବଂ ୧୧ରେ ଜଟଣୀ ରେଳବାଇ କ୍ରିକେଟ୍ ଗ୍ରାଉଣ୍ଡରେ ହେବ, ଯାହା ଏହି ରୋମାଞ୍ଚକର ପ୍ରତିଯୋଗିତା ପାଇଁ ଏକ ଉତ୍ତମ ସ୍ଥାନ। ପ୍ରଥମ ଦୁଇଟି ସଂସ୍କରଣର ସଫଳତା ଉପରେ ଆଧାରିତ, ପ୍ରଫେସନାଲ୍ ପ୍ରିମିୟର ଲିଗ୍ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ଭାବରେ ବିକଶିତ ହେବାରେ ଲାଗିଛି ଯାହା ବୃତ୍ତିଗତ ସମ୍ପର୍କ, ଫିଟନେସ୍ ଏବଂ ନିରପେକ୍ଷ ଖେଳକୁ ସୁଗମ ଭାବରେ ଦର୍ଶାଏ। ଏହି ପ୍ରତିଯୋଗିତାରେ ଜିତିବା ଟିମ୍‌କୁ ୫୦,୦୦୦ଟାଙ୍କର ପୁରସ୍କାର ରାଶି ପ୍ରଦାନ ସହ ଦ୍ୱିତୀୟ ସ୍ଥାନରେ ଥିବା ଟିମ୍‌କୁ ୨୫,୦୦୦ର ପୁରସ୍କାର ରାଶି ପ୍ରଦାନ ହେବା। ସମସ୍ତ ଦଳର ସଦସ୍ୟ ପାରମ୍ପରିକ ଭାବେ ଅକ୍ସନ ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଛନ୍ତି। ଯାହା ପ୍ରଥମ ଥର ପାଇଁ ଏହି ସଂସ୍କରଣରେ ଆରମ୍ଭ ହୋଇଛି।

## ଉଦଘାଟିତ ହେଲା ସର୍ବ ଭାରତୀୟ

# ଗଣ୍ଡରପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ବାରଙ୍ଗ, ୧୪ ।୧୨(ସବ୍ୟୁ) : ରବିବାର ଦିନ ଉଦ୍‌ଘାଟିତ ହୋଇଯାଇଛି ସର୍ବ ଭାରତୀୟ ଗଣ୍ଡରପୁରକପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ। ଗଣ୍ଡରପୁର ନଦିପଠାରେ ଥିବା ବିଜୁପଟ୍ଟନାୟକ ମିନିଷ୍ଟାଡିୟମ୍ ରେ ୨୩ତମ ସର୍ବଭାରତୀୟ ଗଣ୍ଡରପୁରକପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟିତ କରିବା ସହ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଗୋଲେଖ ମହାପାତ୍ର,ଡ଼ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଗ୍ରାମାଞ୍ଚଳ ବିଭାଗର ଏ ଡିଭିଜନର ମ୍ୟାଚ୍ ଘାଟିକିଆ ଓ ସିଜିୟୁ ମଧ୍ୟରେ ହୋଇଥିଲା। ଏଥିରେ ଘାଟିକିଆ ବିଜୟ ଲାଭ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଉଷୁମା-ଜୟପୁରକୁ ପରାସ୍ତ କରିଥିଲା।

ଗ୍ରାମାଞ୍ଚଳ ବିଭାଗର ବି ଡିଭିଜନରେ ବାରଙ୍ଗ ବାୟା-ନଟିଏଇଟକୁ ଏବଂ ତଣ୍ଡିକଣା-ଗାଡ଼କଣକୁ ପରାସ୍ତ କରିଥିଲା। ଆୟୋଜକ ଜ୍ଞାନରଞ୍ଜନ ରାଉତ(ହିରୋ), ଟୁର୍ଣ୍ଣାମେଣ୍ଟ ସମ୍ପାଦକ ମାନସ ରଞ୍ଜନ ପଡ଼ିହାରି,କାଶୀନାଥ ରାଉତ , ସୁକାନ୍ତ ରାଉତ, ବିଷ୍ଣୁ ପଡ଼ିହାରୀ ,ଅଚ୍ୟୁତ ରାଉତ ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିବା ବେଳେ ରଙ୍କନିଧି ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ।




## ସର୍ବ ଭାରତୀୟ ସଦାଶିବ ସ୍ମୃତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚରେ ଭୁବନେଶ୍ୱର ଠାରୁ ହାରିଲା ୟୁପି

ଭାପୁର ,୧୪।୧୨(ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମର ନାଳିସାଗର ଖେଳ ପଡିଆରେ ସର୍ବ ଭାରତୀୟ ୭ମ ସଦାଶିବ ସ୍ମୃତି ସ୍ମାରକୀ କ୍ରିକେଟ ମ୍ୟାଚ ସଭାପତି ବେଣୁଧର ପ୍ରଧାନଙ୍କ ଅଧ୍ୟକ୍ଷତା ରେ ରବିବାର ଦିନ ଠାରୁ ଆରମ୍ଭ ହୋଇଛି ।ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ସାଇ ଇଲେଭେନ, ଭୁବନେଶ୍ୱର ସହିତ ପ୍ରୟାଗରାଜ ଉତ୍ତରପ୍ରଦେଶ ଟିମ ପରସ୍ପର କୁ ଭେଟିଥିଲେ । ଟସ ଜିତି ପ୍ରଥମେ ଉତ୍ତର ପ୍ରଦେଶ ପ୍ରୟାଗରାଜ ଟିମ ବୋଲିଂ ର ନିଷ୍ପତି ନେଇଥିଲା ଏଂ ନିର୍ଦ୍ଧାରିତ ୨୦ ଓଭରରେ ସାଇ ଇଲେଭେନ, ଭୁବନେଶ୍ୱର ସମସ୍ତ ୱାଇକେଟ ହରେଇ ୧୮୪ ରନ ସଂଗ୍ରହ କରିଥିଲା । ଜବାବରେ,ଉତ୍ତରପ୍ରଦେଶ ର ପ୍ରୟାଗରାଜ ଟିମ ସମସ୍ତ ୱିକେଟ ହରେଇ ମାତ୍ର ୩୮ ରନରେ ସୀମିତ ରହିଥିଲା ଏବଂ ଭୁବନେଶ୍ୱର ଟିମ ୧୪୬ ରନରେ ଜିତି ସେମିଫାଇନାଲରେ ପ୍ରବେଶ କରିଛି । ସୋମବାର ଦିନ ଦିତୀୟ କ୍ୱାର୍ଟର ଫାଇନାଲ ଏମ.ଏମ. ସି.ସି ସମ୍ବଲପୁର ସହିତ ଏ ଆଣ୍ଡ ଏସ କୋଲକାତା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।ବିଜେତା ଦଳର ଅମର ଦାସ ୩ ଗୋଟି ଓ୍ୱାଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଏହି ମ୍ୟାଚରେ ଡିୟୁଜ ବଲ ବୋଲିଂ, ଏଲ.ଇ.ଡି ସ୍କୋର ବୋର୍ଡ, ତୃତୀୟ ଆମ୍ପେୟାର ରିଭିୟୁ, ଚିୟର ଗାର୍ଲର ଆକର୍ଷଣ ସାଜିଥିଲା । ମ୍ୟାଚରେ ଅମ୍ପିୟାର ରୂପେ ଆଶୁତୋଷ ପାଣି, ଦୁର୍ଗାପ୍ରସାଦ ପଟ୍ଟନାୟକ, ପବିତ୍ର ମୋହନ ସାହୁ, ଭାଷ୍ୟକାର ରୂପେ ବୁବୁ ସିହ୍ନା, ଜନ୍ମେଜୟ ଦଳେଇ, ସରୋଜ ସାହୁ ଏବଂ ସ୍କୋରର ରୂପେ ବିଭୁତି ଭୂଷଣ ସାହୁ, ପବିତ୍ର କୁମାର ସାହୁ, ଇତିପ୍ରକାଶ ସେନାପତି ଯୋଗଦେଇଥିବାବେଳେ ମୁଖ୍ୟ ଅତିଥି ରୂପେ ଓଡିଶା ରଞ୍ଜି ଖେଳାଳି ବସନ୍ତ ମହାନ୍ତିଙ୍କ ସହିତ ସମାଜସେବୀ ଲୋକନାଥ ଆଚାର୍ଯ୍ୟ,ଶିବ ପ୍ରସାଦ ଷଡ଼ଙ୍ଗୀ,ବୈକୁଣ୍ଠ ନାଥ ସାହୁ, ବସନ୍ତ କୁମାର ମାଝୀ,ରବୀନ୍ଦ୍ର କୁମାର ସାହୁ ଆଦି ଯୋଗଦେଇଥିଲେ ।

## ଓଡିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ଉଦଯାପିତ

# ମହିଳାରେ ଉନ୍ନତି , ପୁରୁଷରେ କିରଣ ଚାମ୍ପିଅନ

ଭୁବନେଶ୍ୱର / କଟକ, ୧୪।୧୨(ସବ୍ୟୁ) : ସ୍ଥିତ ଜବାହର ଲାଲ ନେହେରୁ ଇଣ୍ଡୋର ଷ୍ଟେଡ଼ିଅମ ଠାରେ ଅନ୍ତର୍ଜାତୀୟ ବେଡ଼ମୀଣ୍ଟନ ପ୍ରତିଯୋଗିତା "ଓଡିଶା ମାଷ୍ଟର୍ସ ୨୦୨୫" ଉଦଯାପିତ ହୋଇଯାଇଛି। ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଅନ୍ତର୍ଜାତିକ ପ୍ରତିଯୋଗିତା ର ପ୍ରତ୍ୟେକ ବର୍ଗ ର ଫାଇନାଲ ଖେଳ ମଧ୍ୟାହ୍ନ ୧ ଘଣ୍ଟା ରେ ଆରମ୍ଭ ହୋଇଥିଲା। ମହିଳା ସିଙ୍ଗଲସ,ପୁରୁଷ ସିଙ୍ଗଲସ, ମହିଳା ଡବଲସ, ପୁରୁଷ ଡବଲସ ଏବଂଡ ମିକ୍ସଡ଼ ଡବଲସ ଏ ସମସ୍ତ ବିଭାଗ ର ଫାଇନାଲ ଖେଳ ଆଜି ଅନୁଷ୍ଠିତ ହୋଇ ଚମ୍ପିୟାନ ଓ ରନର୍ସ ଅପ ଖେଳାଳୀଙ୍କୁ ଟ୍ରଫି, ପୁରସ୍କାର ରାଶି ତଥା ଉପହାର ପ୍ରଦାନ କରାଯାଇଥିଲା । ଖେଳାଯାଇ ଥିବା ପୁରୁଷ ଫାଇନାଲ ବେଷ ଚିତ୍ତାକର୍ଷକ ତଥା ସଂଘର୍ଷ ପୂର୍ଣ୍ଣ ଥିଲା। ଏହି ଫାନାଲ ଖେଳ ରେ ଭାରତ ର କିରଣ ଜର୍ଜ ଇଣ୍ଡୋନେସିଆ ଖେଳାଳୀ ମହମ୍ମଦ ୟୁସୁଫ ଙ୍କୁ ୨୧,-୧୪,୧୩-୨୧ ଓ ୨୧-୧୬ ପଏଣ୍ଟର ସଂଘର୍ଷ ପୂର୍ଣ୍ଣ ତିନୋଟି ଗେମରେ ହରାଇ ଚାମ୍ପିୟନ ହୋଇଛନ୍ତି । ମହିଳା ଫାଇନାଲରେ ଟପ ସିଡ ଭାରତୀୟ ଖେଳାଳୀ ଉନ୍ନତି ହୁଡ୍ଡା ନିଜ ଦେଶର ଇସାରାଣୀ ବରୁଆଙ୍କୁ ସିଧାସଳଖ ୨୧-୧୭,୨୧-୧୦ ପଏଣ୍ଟର ଦୁଇଟି ଗେମ ରେ ହରାଇ ଚମ୍ପିୟାନ ହୋଇଛନ୍ତି । ମିକ୍ସଡ଼ ଡବଲସ ଫାଇନାଲ ରେ ଇଣ୍ଡୋନେସିଆ ଯୋଡି ମାରୱାନ ଫାଜ୍ଜା ଓ ସାଥି ଆସ୍ୟାହ ପୂର୍ତ୍ତି ପ୍ରଣତା ନିଜ ଦେଶର ଡି. ଫେର୍ଡିନେନସି ଓ ବି. ୱାର୍ଡନାଙ୍କୁ ୨୧-୧୫,ଓ ୨୧-୧୦ ପଏଣ୍ଟ ର ସିଧାସଳଖ ଦୁଇଟି ଗେମ ରେ ହରାଇ ଚମ୍ପିୟାନ ହୋଇଛନ୍ତି। ମହିଳା ଡବଲସ ବିଭାଗ




ଫାଇନାଲ ମେଚ ରେ ଟପ ସିଡ ବୁଲଗେରିଆ ଯୋଡି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଏବଂ ମାଲେସିଆ ଯୋଡି ଅଙ୍ଗ ଜିନ ୟୀ ଓ ସାଥି କାର୍ମେନ ଟିଙ୍ଗ ଙ୍କ ମଧ ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବୁଲାଗେରିଆ ଯୋଡ଼ି ମାଲେସିଆ ଯୋଡ଼ିଙ୍କୁ ୨୧-୧୯,୨୧-୧୪ ପଏଣ୍ଟ ଦୁଇଟି ଗେମରେ ହରାଇ ଚାମ୍ପିୟନ ହୋଇଛନ୍ତି । ପୁରୁଷ ଡବଲସ ଫାଇନାଲ ରେ ମାଲେସିଆ ଯୋଡି କଂଗ ଖାଇ ଜିଙ୍ଗ ଓ ସାଥି ଏରୋନ ତାଇ ଇଣ୍ଡୋନେସିଆ ର ଅଲି ରେହନ ଓ ଦେଭିନ ଅର୍ଥା ୱାହୁଡିଙ୍କ ମଧ ରେ ବେଷ ସଂଘର୍ଷ ପୂର୍ଣ୍ଣ ଥିଲା । ଏଥିରେ ଇଣ୍ଡୋନେସିଆ ଯୋଡି ମାଲେସିଆ ଯୋଡିଙ୍କୁ ୧୫-୨୧,୨୧-୧୨ ଓ ୨୧-୧୬ ପଏଣ୍ଟର ତିନୋଟି ଗେମରେ ହରାଇ ଚମ୍ପିୟାନ ହୋଇଛନ୍ତି । ଛଅ ଦିନ ବ୍ୟାପି ଚାଲିଥିବା ଆନ୍ତର୍ଜାତିକ ବେଡ଼ମୀଣ୍ଟନ ପ୍ରତିଯୋଗିତା ଓଡିଶା ମାଷ୍ଟର୍ସ ର ପରିଚାଳନା ପାଇଁ ଏକ ସାତ ଜଣିଆ ଅଫିସିଆଲ ଦଳରେ ଟୁର୍ଣ୍ଣାମେଣ୍ଟ ଡାଇରେକଟର ଭାବେ ମାଲେସିଆର ବେଣୁ ଗୋପାଳ ମହାଲିଙ୍ଗମ, ରେଫରୀ ଭାବେ ସ୍ୱିଜରଲାଣ୍ଡ ମାନିକ ବସ୍ତିଏନ, ଡେପୁଟି ରେଫରୀ ଭାବେ ଇସ୍ତୋନିଆର ଅରତୁଲ ଯାଲୁଜ଼ନୋଇ,ଲୋକାଲ ଡେପୁଟି ରେଫରୀ ଭାବେ ଭାରତର ମଞ୍ଜୁଷା ସହସ୍ରବୁଧେ, ମେଚ କଣ୍ଟ୍ରୋଲ ଭାବେ ଭାରତର ମିହିର ରତଞ୍ଜୀଙ୍କର ନିଯୁକ୍ତ ହୋଇଥିଲେ ପୁରସ୍କାର ବିତରଣସମୟ ରେ କ୍ରୀଡାସଚିବ ସଚିନ ଆର.ଯାଦବ, କ୍ରୀଡା ନିର୍ଦ୍ଦେଶକ ଡ଼. ବିଜୟ ଯେଦୁଲ୍ଲା,ଓସବା ସଭାପତି ରାଜେଶ ପ୍ରଭାକର ପାଟିଲ, ଶିଳ୍ପ ବିଭାଗ ନିର୍ଦ୍ଦେଶକ ସୁନୀଲ ଆବୋଲି ନର୍ବାଣେ,ଭାରତୀୟ ବ୍ୟାଡମିଣ୍ଟନ ସଙ୍ଘ ସାଧାରଣ ସମ୍ପାଦକ ସଞ୍ଜୟ ମିଶ୍ର ଓସବା ସମ୍ପାଦକ ନିଳିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି